# ଧରିତ୍ରୀ
DHARITRI

51 Years

ଭୁବନେଶ୍ୱର, ସୋମବାର, ଫେବୃଆରୀ ୧୦/୨୦୨୫ (୧୪ ପୃଷ୍ଠା) | Bhubaneswar, Monday, February 10/2025 | Page 14 | ₹ 7.00 | SAMBALPUR

୫୧ଶ ଭାଗ ୭୮ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 78 | ମୂଲ୍ୟ₹୭/-





**ମହାକୁମ୍ଭ ଯିବାକୁ ଡରୁଛନ୍ତି ଭାରତୀ**

ଅତ୍ୟଧିକ ଭିଡ଼ ଯୋଗୁ ପରିବାର ସହ ମହାକୁମ୍ଭ ମେଳାକୁ ଯିବା ପାଇଁ ଡରୁଛନ୍ତି ବୋଲି ଅଭିନେତ୍ରୀ ଭାରତୀ ସିଂ ଏକ ସାକ୍ଷାତ୍କାରରେ କହିଛନ୍ତି। **୧୦**

**୧୪** **ମାନସଙ୍କୁ ପ୍ରଥମ ଟାଇଟଲ**

ଟ୍ୟୁନିସିଆରେ ତାଙ୍କର ପ୍ରଥମ ଆଇଟିଏଫ୍ ସିଙ୍ଗଲ୍ସ ଟାଇଟଲ ହାସଲ କରିଛନ୍ତି ମାନସ ଧାମନେ ।




# ୩୧ ମାଓବାଦୀ ନିହତ

**ବିଜାପୁର(ପିଟି)/ଭୋପାଳ(ରଏଟର୍ସ)/ମାଲକାନଗିରି(ଦୁର୍ଯ୍ୟୋଧନ ପାତ୍ର), ୯।୨**

ଛତିଶଗଡ଼ର ବିଜାପୁର ଜିଲାରେ ସୁରକ୍ଷା ବଳର ଏନ୍‌କାଉଣ୍ଟରରେ ୩୧ ମାଓବାଦୀ ନିହତ ହୋଇଛନ୍ତି। ଗୁଳି ବିନିମୟ ବେଳେ ୨ ଜଣ ଯବାନଙ୍କ ମୃତ୍ୟୁ ଘଟିଥିବା ରବିବାର ରାଜ୍ୟ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଏହାକୁ ରାଜ୍ୟରେ ଚଳିତ ବର୍ଷର ସବୁଠୁ ବଡ଼ ଏନ୍‌କାଉଣ୍ଟର ବୋଲି କୁହାଯାଉଛି। ସଦ୍ୟ ଏନ୍‌କାଉଣ୍ଟରର ମୃତ୍ୟୁସଂଖ୍ୟା ସହ ୨୦୨୫ରେ ମୋଟ ୮୧ ମାଓବାଦୀ ନିହତ ହୋଇଥିବା ଛତିଶଗଡ଼ ସରକାର ଦାବି କରିଛନ୍ତି। ୨୦୨୬ ମାର୍ଚ୍ଚ ସୁଦ୍ଧା ଦେଶରେ ମାଓବାଦୀଙ୍କୁ ମୂଳପୋଛ କରିବା ପାଇଁ କେନ୍ଦ୍ର ସରକାର ଲକ୍ଷ୍ୟ ରଖିଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ନେତୃତ୍ୱରେ ଏହି ଟାର୍ଗେଟ ନିଶ୍ଚିତ ଭାବେ ପୂରଣ ହେବ ବୋଲି ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଇ କହିଛନ୍ତି। ଏହା ପୂର୍ବରୁ ମଧ୍ୟ ଏକାଧିକ ଥର ଏନ୍‌କାଉଣ୍ଟରରେ ଅନେକ ମାଓବାଦୀ ନିହତ ହୋଇଥିବା ଛତିଶଗଡ଼ ପୋଲିସ ଦାବି କରିଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ନିହତ ବ୍ୟକ୍ତିମାନେ ମାଓବାଦୀ ନୁହନ୍ତି, ବରଂ ନିରୀହ ଗ୍ରାମବାସୀ ବୋଲି ଗାଁ ଲୋକେ କହିଥିଲେ।

ଛତିଶଗଡ଼ ବିଜାପୁର ଜିଲାରେ ଗତ ଜାନୁଆରୀ ୩୧ରେ ସୁରକ୍ଷା ବଳର ଏନ୍‌କାଉଣ୍ଟରରେ ୮ ମାଓବାଦୀ ନିହତ ହୋଇଥିଲେ। ଏହାର ସପ୍ତାହେ ପରେ ଏହି ଜିଲା ଅନ୍ତର୍ଗତ ନ୍ୟାଶନାଲ ପାର୍କ ଅଞ୍ଚଳରେ ସୁରକ୍ଷା ବଳ ପୁଣି ମିଳିତ ଭାବେ ମାଓବାଦୀ ଦମନ ଅଭିଯାନ ଚଳାଇଛି। ଏଥିରେ ୩୧ ମାଓବାଦୀ ନିହତ ହୋଇଥିବା ବସ୍ତର ପୋଲିସ ଆଇଜି ପି. ସୁନ୍ଦରରାଜ ସୂଚନା ଦେଇଛନ୍ତି। ସେ କହିଛନ୍ତି, ମାଓବାଦୀଙ୍କ ସହ ଗୁଳି ବିନିମୟ ବେଳେ ୨ ଜଣ ଯବାନ ମଧ୍ୟ ପ୍ରାଣ ହରାଇଛନ୍ତି। ଜଣେ ଜିଲା ରିଜର୍ଭ ଗାର୍ଡ (ଡିଆର୍‌ଜି)ର ହୋଇଥିବାବେଳେ ଅନ୍ୟ ଜଣେ ଯବାନ ରାଜ୍ୟ ପୋଲିସ ସ୍ପେଶାଲ ଟାସ୍କଫୋର୍ସ (ଏସ୍‌ଟିଏଫ୍)ରେ କାର୍ଯ୍ୟରତ ଥିଲେ। ଶୁକ୍ରବାର ସମ୍ପୃକ୍ତ ଅଞ୍ଚଳରେ ୱେଷ୍ଟ୍ ବସ୍ତର ଡିଭିଜନ୍‌ର କ୍ୟାଡର ମାଓବାଦୀଙ୍କ ଉପସ୍ଥିତି ନେଇ ଗୋଇନ୍ଦା ସୂଚନା ମିଳିବା ପରେ ଡିଆର୍‌ଜି, ଏସ୍‌ଟିଏଫ୍, କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ (ସିଆର୍‌ପିଏଫ୍) ଏବଂ ଏହାର ଏଲିଟ୍ ୟୁନିଟ୍ କୋବ୍ରା (କମାଣ୍ଡୋ ବାଟାଲିୟନ୍ ଫର୍ ରିଜୋଲ୍ୟୁଟ୍ ଆକ୍ସନ) ଯବାନମାନେ ମିଳିତ ଅପରେଶନ୍ ଚଳାଇଥିଲେ।

ଗତ ଜାନୁଆରୀ ୬ରେ ବିଜାପୁର ଜିଲା ବେଡ୍ରେ-କୁଟ୍ରୁ ରାସ୍ତାରେ ମାଓବାଦୀଙ୍କ ଆଇଇଡି ବିସ୍ଫୋରଣରେ ୮ ଡିଆର୍‌ଜି ଯବାନ ଓ ଜଣେ ଡ୍ରାଇଭରଙ୍କ ମୃତ୍ୟୁ ଘଟିବା ପରେ ୨୦୨୬ ସୁଦ୍ଧା ଦେଶରୁ ମାଓବାଦୀକୁ ଶେଷ କରିଦିଆଯିବ ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଦୋହରାଇଥିଲେ। ଡିଆର୍‌ଜି ଯବାନଙ୍କ ବଳିଦାନ ବେକାର ଯିବ ନାହିଁ ବୋଲି ସେ କହିଥିଲେ। ଶାହାଙ୍କ କହିବା ଅନୁଯାୟୀ ସୁରକ୍ଷା ବଳ ମାଓବାଦୀ ଦମନ ଅଭିଯାନରେ ନିୟୋଜିତ ହୋଇଥିବା ବସ୍ତର ଆଇଜି ସ୍ପଷ୍ଟ କହିଛନ୍ତି। ସୁନ୍ଦରରାଜ ଆହୁରି କହିଛନ୍ତି, ଅଦ୍ୟାବଧି ୩୧ ୟୁନିଫର୍ମ ପରିହିତ ମାଓବାଦୀଙ୍କ ମୃତଦେହ ଠାବ ହୋଇଛି। ଏନ୍‌କାଉଣ୍ଟରସ୍ଥଳରୁ ଏକେ-୪୭, ଇନ୍‌ସାସ୍, ଏସ୍‌ଏଲ୍‌ଆର୍, .୩୦୩ ରାଇଫଲ୍ସ ଏବଂ ବ୍ୟାରେଲ ଗ୍ରେନେଡ୍ ଲଞ୍ଚର (ବିଜିଏଲ୍) ସହ ସମେତ ବିପୁଳ ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ଜବତ ହୋଇଛି। ଗୁଳିମାଡ଼ରେ ୨ ଯବାନଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୨ ଜଣ ଯବାନ ଆହତ ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା ପାଇଁ ଏୟାରଲିଫ୍ଟ କରାଯାଇଛି। ସମ୍ପୃକ୍ତ ଅଞ୍ଚଳକୁ ଅଧିକ ଯବାନଙ୍କୁ ପଠାଯାଇଛି। ଏବେ ମଧ୍ୟ ତଲାସି ଅଭିଯାନ ଜାରି ରହିଥିବା ସେ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ☞ପୃଷ୍ଠା-୪

### ଛତିଶଗଡ଼ରେ ପୁଣି ଏନ୍‌କାଉଣ୍ଟର, ୨ ଯବାନ ମୃତ



ବିଜାପୁର ନ୍ୟାଶନାଲ ପାର୍କରେ ସୁରକ୍ଷାକର୍ମୀମାନେ ପଇଁତରା ମାରୁଛନ୍ତି।





ଛକା ମାରିବା ଅବସରରେ ଭାରତୀୟ ଦଳର ଅଧିନାୟକ ରୋହିତ ଶର୍ମା ।

# ବାରବାଟୀରେ ଭାରତର ବିଜୟ

## ୨-୦ରେ ଇଂଲଣ୍ଡକୁ ହରାଇ ସିରିଜ ଜିତିଲା

**କଟକ, ୯।୨ (ତପନ ସ୍ୱାଇଁ)**

ଅଧିନାୟକ ରୋହିତ ଶର୍ମାଙ୍କ ଶତକ ଓ ଶୁବମନ ଗିଲ୍‌ଙ୍କ ଅର୍ଦ୍ଧଶତକ ସହାୟତାରେ ଭାରତ ବାରବାଟୀ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ଦିନିକିଆ କ୍ରିକେଟ ମ୍ୟାଚରେ ଇଂଲଣ୍ଡକୁ ୪ ଉଇକେଟରେ ପରାସ୍ତ କରିଛି। ଇଂଲଣ୍ଡ ୪୯.୫ ଓଭରରେ ୩୦୪ ରନକରି ଅଲ୍‌ଆଉଟ ହୋଇଥିଲା। ୩୦୫ ରନ ବିଜୟ ଲକ୍ଷ୍ୟରେ ଭାରତ ୪୪.୩ ଓଭରରେ ୬ ଉଇକେଟ ହରାଇ ୩୦୮ ରନ ସଂଗ୍ରହ କରି ନେଇଥିଲା। ବାରବାଟୀରେ ବିଜୟ ଫଳରେ ଭାରତ ୩ ମ୍ୟାଚ ବିଶିଷ୍ଟ ସିରିଜରେ ୨-୦ରେ ଆଗୁଆ ରହିଛି। ନାଗପୁରଠାରେ ଖେଳାଯାଇଥିବା ପ୍ରଥମ ଦିନିକିଆରେ ଭାରତ ବିଜୟୀ ହୋଇଥିଲା। ବାରବାଟୀରେ ଭାରତର ଏହା କ୍ରମାଗତ ୮ମ ଦିନିକିଆ ବିଜୟ। ଅର୍ଥାତ୍ ୨୦୦୭ ପରଠାରୁ ଏଠାରେ ଟିମ୍ ଇଣ୍ଡିଆ କୌଣସି ଏକଦିବସୀୟରେ ପରାଜିତ ହୋଇନାହିଁ।

କ୍ୟାରିୟରର ସଙ୍କଟ ସମୟରେ ରୋହିତ ଶର୍ମାଙ୍କ ପାଇଁ ଲକି ସାବ୍ୟସ୍ତ ହୋଇଛି ବାରବାଟୀ। ନିକଟ ଅତୀତରେ ଖରାପ ପ୍ରଦର୍ଶନ ଯୋଗୁ ସମାଲୋଚିତ ହୋଇଥିବା ହିଟ୍‌ମ୍ୟାନ ରୋହିତ ଏଠାରେ ୫୮ତମ ଦିନିକିଆ ଅର୍ଦ୍ଧଶତକ ହାସଲ କରି ଫର୍ମକୁ ଫେରିଛନ୍ତି। କେବଳ ସେତିକି ନୁହେଁ ସେ ମାତ୍ର ୩୦ଟି ବଲ୍‌ର ସହାୟତା ନେଇ କ୍ୟାରିୟରର ଯୁଗ୍ମ ତୃତୀୟ ଦ୍ରୁତତମ ଏକଦିବସୀୟ ଅର୍ଦ୍ଧଶତକ ପୂରଣ କରିଛନ୍ତି। ୨୦୨୨ରେ ସେ ମୀରପୁରଠାରେ ବାଂଲାଦେଶ ବିପକ୍ଷରେ ୨୭, ୨୦୨୪ରେ କଲମ୍ବୋଠାରେ ଶ୍ରୀଲଙ୍କା ବିପକ୍ଷରେ ୨୯ ଓ ୨୦୨୩ରେ ଦିଲ୍ଲୀରେ ଆଫଗାନିସ୍ତାନ ବିପକ୍ଷରେ ୩୦ ବଲ୍‌ରୁ ଅର୍ଦ୍ଧଶତକ ପୂରଣ କରିଥିଲେ। ଏଠାରେ ସେ ସମାନ ବଲ୍‌ର ସମ୍ମୁଖୀନ ହୋଇ ୫୦ ରନ ପୂରଣ କରିଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷ ୩ ଟେଷ୍ଟରେ ଯଥାକ୍ରମେ ☞ପୃଷ୍ଠା-୪

### ଜଳିଲାନି ଫ୍ଲଡ୍ ଲାଇଟ୍, ଖେଳ ବାଧାପ୍ରାପ୍ତ

**କଟକ,୯।୨ (କାର୍ତ୍ତିକ ସାହୁ)**

ବାରବାଟୀରେ ଟସ୍ ଜିତି ଇଂଲଣ୍ଡ ପ୍ରଥମେ ବ୍ୟାଟିଂ କରି ଭାରତକୁ ବିଜୟ ପାଇଁ ୩୦୫ ରନ୍‌ର ଟାର୍ଗେଟ୍ ଦେଇଥିଲା। ବିଜୟ ଲକ୍ଷ୍ୟରେ ଭାରତ ବ୍ୟାଟିଂ ଆରମ୍ଭ କରିଥିଲା। ସନ୍ଧ୍ୟା ପ୍ରାୟ ୫ଟା ବେଳେ ଫ୍ଲଡ୍ ଲାଇଟ ଜଳିଥିଲା। ହେଲେ ୬.୧ ଓଭର ଖେଳ ହେବା ପରେ ହଠାତ୍ ଗୋଟିଏ ଫ୍ଲଡ୍ ଲାଇଟ ଜଳି ☞ପୃଷ୍ଠା-୪


**ଆଜିର ସମ୍ପାଦକୀୟ**

ଦିଲ୍ଲୀ ମତ


# ହିଂସାର ୨ ବର୍ଷ ପରେ ଇସ୍ତଫା ଦେଲେ ବୀରେନ୍ ସିଂ



ମଣିପୁର ମୁଖ୍ୟମନ୍ତ୍ରୀ ବୀରେନ୍ ସିଂ ରାଜ୍ୟପାଳ ଅଜୟ କୁମାର ଭାଲାଙ୍କୁ ଇସ୍ତଫାପତ୍ର ପ୍ରଦାନ କରୁଛନ୍ତି।

**ଇମ୍ଫାଲ,୯।୨**

ମଣିପୁରରେ ଜାତିଆଣ ହିଂସା ଆରମ୍ଭ ହେବାର ପ୍ରାୟ ୨ ବର୍ଷ ପରେ ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ରବିବାର ସନ୍ଧ୍ୟାରେ ସେ ଇମ୍ଫାଲସ୍ଥିତ ରାଜଭବନରେ ରାଜ୍ୟପାଳ ଅଜୟ କୁମାର ଭାଲ୍ଲାଙ୍କୁ ନିଜର ଇସ୍ତଫାପତ୍ର ପ୍ରଦାନ କରିଥିବା ଜଣାପଡ଼ିଛି। ତାଙ୍କ ସରକାର ବିରୋଧରେ କଂଗ୍ରେସ ଅନାସ୍ଥା ପ୍ରସ୍ତାବ ଆଣିବା ସମ୍ଭାବନା ଥିବାବେଳେ ଦଳ ଭିତରେ ମଧ୍ୟ ତାଙ୍କ ନେତୃତ୍ୱକୁ ନେଇ ମତଭେଦ ବୃଦ୍ଧି ପାଇଥିଲା। ଏହାକୁ ପ୍ରଶମିତ କରିବା ପାଇଁ ବୀରେନ୍ ଇସ୍ତଫା ଦେଇଥିବା କୁହାଯାଉଛି।

ମଣିପୁରରେ କୁକି ଏବଂ ମୈତେଇ ସମ୍ପ୍ରଦାୟ ମଧ୍ୟରେ ୨୦୨୩ ମେ'ରୁ ଜାତିଆଣ ହିଂସା ଉଗ୍ରରୂପ ନେଇଥିଲା। ସରକାରୀ ତଥ୍ୟ ଅନୁଯାୟୀ, ଏହି ହିଂସାରେ ୨୨୧ ଜଣଙ୍କ ମୃତ୍ୟୁ ଘଟିବା ସହ ୬୦,୦୦୦ରୁ ଊର୍ଦ୍ଧ୍ୱ ଲୋକ ଘରଦ୍ୱାର ହରାଇ ଅନ୍ୟତ୍ର ପଳାଇଥିଲେ। ୧ ହଜାରରୁ ଅଧିକ ଲୋକ ଆହତ ହୋଇଥିବାବେଳେ ୩୨ ଜଣ ☞ପୃଷ୍ଠା-୪




## ଝାରସୁଗୁଡ଼ା ଭାଜପା ଜିଲା ସଭାପତି ପଦ ପାଇଁ ଦୌଡ଼

# ଧର୍ମେନ୍ଦ୍ର ନା ସୁରେଶ କାହା ଶିବିରକୁ ଯିବ

ଝାରସୁଗୁଡା, ୯।୨(ଆଶିଷ ରଞ୍ଜନ ଦାଶ)


ଧର୍ମେନ୍ଦ୍ର ପ୍ରଧାନ


ସୁରେଶ ପୂଜାରୀ


ଟଙ୍କଧର ତ୍ରିପାଠୀ

ନିକଟରେ ଭାରତୀୟ ଜନତା ପାର୍ଟି(ଭାଜପା) ରାଜ୍ୟର ୨୩ଟି ସାଙ୍ଗଠନିକ ଜିଲା ପାଇଁ ସଭାପତି ପଦ ଘୋଷଣା କରିସାରିଛି। ଅଘୋଷିତ ମଧ୍ୟରେ ପଶ୍ଚିମ ଓଡ଼ିଶାର ଅନ୍ୟତମ ରାଜନୈତିକ ସମ୍ବେଦନଶୀଳ ଜିଲା ଝାରସୁଗୁଡ଼ାର ଭାଜପା ସଭାପତି ପଦ ରହିଛି। ଜାଣିବାକୁ ମିଳିଛି ଯେ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ତଥା ବ୍ରଜରାଜନଗର ବିଧାୟକ ସୁରେଶ ପୂଜାରୀ ଓ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ସମର୍ଥକଙ୍କ ମଧ୍ୟରେ ଏ ନେଇ ଛକପଞ୍ଝା ଚାଲିଛି। ଝାରସୁଗୁଡ଼ା ଜିଲା ଭାଜପା କର୍ମୀଙ୍କ ମଧ୍ୟରେ ଆଲୋଚନା ହେଉଛି, ମନ୍ତ୍ରୀ ନା ବିଧାୟକ କାହା ଶିବିର ନେତା ସଭାପତି ପଦ ହାତେଇବେ। ଟଙ୍କଧର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଘନିଷ୍ଠ ହୋଇଥିବା ବେଳେ ସୁରେଶ ପୂଜାରୀଙ୍କ ଦଳ ମଧ୍ୟରେ ପ୍ରଭାବ ରହିଛି। ସେଥିପାଇଁ ସାଧାରଣରେ କୁହାଯାଉଛି, ଝାରସୁଗୁଡ଼ା ଜିଲା ସଭାପତି ଭାଜପା ପଦ ପାଇଁ ଧର୍ମେନ୍ଦ୍ର-ସୁରେଶ ଶିବିର ରଣକୌଶଳରେ ବ୍ୟସ୍ତ।

ଦୁଇଟି ବିଧାନସଭା ଆସନ ଝାରସୁଗୁଡା ଓ ବ୍ରଜରାଜନଗର ବର୍ତ୍ତମାନ ଭାଜପା ଅକ୍ତିଆରରେ ରହିଛି। ବ୍ରଜରାଜନଗର ବିଧାୟକ ତଥା ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଭାଜପାର ଜଣେ ଆଗଧାଡ଼ିର ନେତା। ତାଙ୍କର ଜାତୀୟ ସ୍ତରୀୟ ନେତାଙ୍କ ସହ ସମ୍ପର୍କ ରହିଥିବା ବେଳେ ଅତୀତରେ ଭାଜପା ପାଇଁ ଜାତୀୟସ୍ତରରେ କାମ କରିସାରିଛନ୍ତି। ଅନ୍ୟପକ୍ଷରେ ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ ରାଜ୍ୟ ଭାଜପାର ଜଣେ ଟାଣୁଆ ଯୁବ ନେତା। ଏଥିସହିତ ଟଙ୍କଧରଙ୍କ ମୁଣ୍ଡ ଉପରେ ସର୍ବଦା ଧର୍ମେନ୍ଦ୍ରଙ୍କ ହାତ ରହିଆସିଛି। ଯଦିଓ ଝାରସୁଗୁଡା ଜିଲାର ଦୁଇ ବିଧାନସଭା ନିର୍ବାଚନମଣ୍ଡଳୀରେ ଭାଜପା ବିଜୟଲାଭ କରିଛି, ତଥାପି ଏଠାରେ ମନ୍ତ୍ରୀ ଓ ବିଧାୟକଙ୍କ ଅନୁଗତଙ୍କ ମଧ୍ୟରେ ଟକରାଟକିରି ଚାଲିଛି। ସରକାରୀ କାର୍ଯ୍ୟକ୍ରମକୁ ଛାଡ଼ିଦେଲେ ଦଳୀୟ କାର୍ଯ୍ୟକ୍ରମ ଟଙ୍କଧର କରୁଥିଲେ ସେଠାକୁ ସୁରେଶଙ୍କ ଅନୁଗତ ଯାଉ ନ ଥିବାବେଳେ ଅନୁରୂପ ଭାବେ, ସୁରେଶଙ୍କ ଦଳୀୟ କାର୍ଯ୍ୟକ୍ରମକୁ ଟଙ୍କଧରଙ୍କ ସମର୍ଥକ ଯାଉନାହାନ୍ତି। କିନ୍ତୁ ଏପରି ନେତା ମଧ୍ୟ ଅଛନ୍ତି ଯେଉଁମାନେ ଉଭୟ ନେତାଙ୍କଠାରୁ ସମଦୂରତା ରକ୍ଷାକରି ପ୍ରିୟପାତ୍ର ରୂପେ ପରିଗଣିତ ହେଉଛନ୍ତି। ଭାଜପା ଜିଲା ସଭାପତି ପଦ ପାଇଁ ନୋମିନେଶନ ପକାଇଥିବା ନେତ୍ରୀନେତାଙ୍କ ମଧ୍ୟରେ ରଘୁନନ୍ଦନ ପଣ୍ଡା ଅନ୍ୟତମ ; ଯାହାଙ୍କର ମନ୍ତ୍ରୀ, ଏମ୍‌ପି ଓ ବିଧାୟକଙ୍କଠାରେ ସମ୍ପର୍କ ଭଲ ଥିବାରୁ ସେ ସଭାପତି ପଦ ପାଇଁ ଆଶାରେ ଅଛନ୍ତି। ମନ୍ତ୍ରୀ ଓ ବିଧାୟକଙ୍କ ସହିତ ଭଲ ସମ୍ପର୍କ ରଖିଥିବା ସଞ୍ଜୟ ସିଂ ମଧ୍ୟ ସଭାପତି ଦୌଡ଼ରେ। ଭାଜପାର ଜିଲା ମହିଳା ସଭାପତି ରୀନା ପଟେଲ, ଝାରସୁଗୁଡାର ବ୍ୟବସାୟୀ ନଭାଲ ଅଗ୍ରୱାଲ ଏହି ପଦ ହାସଲ କରିବା ଲାଗି ତତ୍ପର। ଛାତ୍ର ଜୀବନରୁ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ(ଆର୍‌ଏସ୍‌ଏସ୍)ର ସଦସ୍ୟ ହେବା ସହିତ ନିଜକୁ ବିଭିନ୍ନ ଜଣକଲ୍ୟାଣକାରୀ କାର୍ଯ୍ୟରେ ନିୟୋଜିତ କରିଥିବା ସୁଧାଂଶୁ ଦୋରା ମଧ୍ୟ ଆଶାବାଦୀ। ସଙ୍ଗଠନକୁ ଦେଖି ଦାୟିତ୍ୱ ଦେଉଥିବା ଭାଜପାର ବଡ଼ ନେତୃତ୍ୱ ଆସନ୍ତା ପଞ୍ଚାୟତ ଓ ପୌର ନିର୍ବାଚନକୁ ଆଖି ଆଗରେ ରଖି ଜଣେ ସୁସଙ୍ଗଠନକାରୀ ତଥା ନିଷ୍ଠାପର କର୍ମୀଙ୍କୁ ସଭାପତି ପଦ ଦେଇପାରେ ବୋଲି ଦଳୀୟ କର୍ମୀମାନେ ଆକଳନ କରୁଛନ୍ତି। ଜିଲା ସଭାପତି କିଏ ହେବେ ତାହା ଯେତିକି ବଡ଼ କଥା ନୁହେଁ, କାହା ଶିବିରରୁ ହେବେ ତାହା ଝାରସୁଗୁଡ଼ା ଜିଲାବାସୀ ତଥା ଭାଜପା କର୍ମୀ ଉତ୍ସୁକତାର ସହ ଚାହିଁ ରହିଛନ୍ତି। କାରଣ ଏହା ମନ୍ତ୍ରୀ ଓ ବିଧାୟକଙ୍କ ସମ୍ମାନଠାରୁ ଊର୍ଦ୍ଧ୍ୱକୁ ଯାଇ କେନ୍ଦ୍ରମନ୍ତ୍ରୀଙ୍କ ଯାଏ ଲମ୍ବିଛି।

ସୁରେଶ ପୂଜାରୀ ସବୁବେଳେ ଚୁପ୍ ରହି ଖେଳ କରୁଥିବା ନେତାଙ୍କ ମଧ୍ୟରେ ଅନ୍ୟତମ ବୋଲି କୁହାଯାଏ। ସେ ଜିଲାରେ ନିଜ ପ୍ରାଧାନ୍ୟ ବିସ୍ତାର ପାଇଁ କିପରି ନିଜ ଶିବିରରୁ ଜଣକୁ ସଭାପତି କରାଇବେ ସେଥିପାଇଁ ନିଶ୍ଚିତ ଭାବରେ ଚିନ୍ତା କରୁଥିବେ। ଧର୍ମେନ୍ଦ୍ରଙ୍କ ଅଭୟବର ପାଇ ଉଚିତ ସମୟରେ ଠିକ୍ ଅସ୍ତ୍ର ପ୍ରୟୋଗ କରିବା ଲକ୍ଷ୍ୟରେ ଥିବା ଟଙ୍କଧର ଜିଲା ସଭାପତି ପଦ ପାଇଁ କେଉଁ ରଣକୌଶଳ ଆପଣାଇବେ ତାହା ଉପରେ ସମସ୍ତଙ୍କ ଲକ୍ଷ୍ୟ।

# ବିଡିଓ-ବିଜେଡି ନେତା ମୁହାଁମୁହିଁ

## ଥାନାରେ ଅଭିଯୋଗ

ଭଣ୍ଡାରିପୋଖରୀ,୯।୨(ରାଜେନ୍ଦ୍ର ଶତପଥୀ)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ କାର୍ଯ୍ୟାଳୟ ପରିସରରେ ଗତ ୫ ତାରିଖରେ ଅନୁଷ୍ଠିତ ‘ବିକଶିତ ଗାଁ ବିକଶିତ ଓଡ଼ିଶା’ କାର୍ଯ୍ୟକ୍ରମରେ ଭାଜପାର ନେତାଙ୍କୁ ଦାୟିତ୍ୱ ଦିଆଯିବା ଘଟଣାକୁ ନେଇ ବିଡିଓ ଓ ବିଜେଡି ନେତାଙ୍କ ମଧ୍ୟରେ ଆରୋପ ପ୍ରତ୍ୟାରୋପ ଲାଗିରହିଛି। ଏପରିକି ମୁହାଁମୁହିଁ ସ୍ଥିତି ସୃଷ୍ଟି ହୋଇଛି। ଏହାକୁ କେନ୍ଦ୍ରକରି ତାଙ୍କୁ ଘେରିବା ଘଟଣାରେ ବିଡିଓ ଦେବଦତ୍ତ ଦାଶ ବିଜେଡି ନେତାମାନଙ୍କ ବିରୋଧରେ ଭଣ୍ଡାରିପୋଖରୀ ଥାନାରେ ଅଭିଯୋଗ କରିଛନ୍ତି। ଅପରପକ୍ଷେ ବିଜେଡି ପକ୍ଷରୁ ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁମତୀ ସେଠୀ ବିଡିଓଙ୍କ ବିରୋଧରେ ପାଲଟା ଅଭିଯୋଗ କରିଛନ୍ତି।

ଏହି କାର୍ଯ୍ୟକ୍ରମ ପରଦିନ ବିଡିଓଙ୍କ ବିରୋଧରେ ବିଜେଡି ନେତାମାନେ ଜିଲାପାଳଙ୍କ ନିକଟରେ ଫେରାଦ ହୋଇଥିଲେ। ସେହିପରି ବିଜେଡି ନେତା ଓ କର୍ମୀମାନେ ୭ ତାରିଖରେ ବିଡିଓଙ୍କ କାର୍ଯ୍ୟାଳୟରେ ବିଡିଓ ଦାସଙ୍କୁ ଘେରି ନାନା ପ୍ରଶ୍ନ କରିବା ସହ ତାଗିଦ୍ କରିଥିଲେ। ବିଡିଓ ଶୁକ୍ରବାର ଥାନାରେ ବିଜେଡି ନେତା ଓ କର୍ମୀମାନଙ୍କ ନାମରେ ଏତଲା ଦେଇଥିଲେ। ପୂର୍ବତନ ଜିଲା ପରିଷଦ ସଦସ୍ୟଙ୍କ ନେତୃତ୍ୱରେ ୫୦ରୁ ୭୦ଜଣ ବିଜେଡି ନେତା ଓ କର୍ମୀ ତାଙ୍କୁ ଗାଳିଗୁଲଜ କରିବା ସହ ଚୌକିରୁ ଆଣି ଫିଙ୍ଗିଦେବାକୁ କହିଥିଲେ ବୋଲି ବିଡିଓ ଅଭିଯୋଗରେ ଦର୍ଶାଇଛନ୍ତି। ସେହିପରି ପୋଲିସ ଉପସ୍ଥିତିରେ ଅଶୋଭନୀୟ ଆଚରଣ ଦେଖାଇବା ସହ କାର୍ଯ୍ୟରେ ବାଧା ସୃଷ୍ଟି କରିଥିଲେ ବୋଲି ବିଡିଓ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପତ୍ର ସଂଖ୍ୟା ୭୬୭ ଅନୁଯାୟୀ ଥାନାକୁ ଏତଲା ପଠାଇ କାର୍ଯ୍ୟାନୁଷ୍ଠାନ ଲୋଡ଼ିଥିଲେ। ପୋଲିସ ଶନିବାର ମଧ୍ୟାହ୍ନରେ ବିଡିଓଙ୍କ ଅଭିଯୋଗ ଆଧାରରେ ଏକ ମାମଲା (ନଂ. ୬୮/୨୫) ରୁଜୁ କରିଛି। ଅପରପକ୍ଷେ ବିଡିଓଙ୍କ ପକ୍ଷରୁ ଏତଲା ସୂଚନା ପାଇ ବିଜେଡି ପକ୍ଷରୁ ପଞ୍ଚାୟତ ସମିତି ଅଧ୍ୟକ୍ଷା ସେଠୀ ଶନିବାର ପାଲଟା ଅଭିଯୋଗ କରିଛନ୍ତି। ମାତ୍ର ଅଧ୍ୟକ୍ଷାଙ୍କ ଅଭିଯୋଗ ଆଧାରରେ ଏଯାଏ କୌଣସି ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି।

# ଯାଜପୁର ଜିଲାରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ: ବିଜେଡି


ଖବରଦାତା ସମ୍ମିଳନୀରେ ଯୋଗ ଦେଇଥିବା ବିଜେଡି ନେତାମାନେ।

ଯାଜପୁରରୋଡ୍,୯।୨(ପବିତ୍ର ରଞ୍ଜନ ମହାନ୍ତି)

## ସୁଧାର ନ ଆସିଲେ ଦଳ ରାସ୍ତାକୁ ଓହ୍ଲାଇବ

ଯାଜପୁର ଜିଲାରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଗସ୍ତ ସମୟରେ ଜିଲାରେ ହତ୍ୟାକାଣ୍ଡ, ଡକାୟତି ଓ ଲୁଟ ଘଟଣା ଘଟୁଛି। ରବିବାର ଅପରାହ୍ନରେ ବିଜେଡି ନେତା ମହେଶ ଧଳଙ୍କ ଅଧ୍ୟକ୍ଷତାରେ ବ୍ୟାସନଗରସ୍ଥିତ ଉତ୍ସବ ପ୍ୟାଲେସ୍ କଲ୍ୟାଣମଣ୍ଡପଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଜିଲା ମହିଳା ବିଜେଡି ସଭାନେତ୍ରୀ ସବିତା ରାଉତ ଏହି ଅଭିଯୋଗ କରିଛନ୍ତି। ସେ କହିଛନ୍ତି, ଜିଲାରେ ଆଇନଶୃଙ୍ଖଳା ପରିସ୍ଥିତି ଭୁଶୁଡ଼ିବାରେ ଲାଗିଛି। ବିଶେଷକରି ଯାଜପୁରରୋଡ୍ ସହରର ବିଭିନ୍ନ ସ୍ଥାନରେ ଚୋରି, ଡକାୟତି, ରାହାଜାନି, ଛିନ୍‌ତାଇ ଓ ହତ୍ୟାକାଣ୍ଡ ବୃଦ୍ଧି ପାଉଛି, ଯାହାକୁ ନେଇ ସହରବାସୀ ଭୟ ଓ ଆତଙ୍କିତ ଅବସ୍ଥାରେ ଅଛନ୍ତି। ଶନିବାର ମୁଖ୍ୟମନ୍ତ୍ରୀଙ୍କ ବ୍ୟାସନଗର ଗସ୍ତ ପରେ ଏକ ବୀଭତ୍ସ ହତ୍ୟାକାଣ୍ଡ ଘଟିଛି। ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ଧର୍ମଶାଳା ଗସ୍ତ ସମୟରେ ପାଣିକୋଇଲିଠାରେ ଥିବା ପଣ୍ଡା ଅଳଙ୍କାର ଦୋକାନରୁ ଲୁଟ୍ ହୋଇଥିଲା। ଏଥିସହିତ ଅଭିଯୁକ୍ତଙ୍କ ଗୁଳିମାଡ଼ରେ ୨ ଜୀବନ ଯାଇଥିଲା। ପୋଲିସ ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷାରେ ବ୍ୟସ୍ତ ଥିବାବେଳେ ସହରରେ ଆଇନଶୃଙ୍ଖଳା ନିୟନ୍ତ୍ରଣ କରିବାରେ ବିଫଳ ହୋଇଛି। ଏଭଳି ଭାବରେ ଜିଲାର ଆଇନଶୃଙ୍ଖଳା ପରିସ୍ଥିତି ଦିନକୁ ଦିନ ରସାତଳଗାମୀ ହେଉଛି। ଫଳରେ ପୋଲିସ ଉପରୁ ଜନସାଧାରଣଙ୍କ ଆସ୍ଥା ଓ ବିଶ୍ୱାସ ତୁଟିବାରେ ଲାଗିଛି। ତେବେ ଆଇନଶୃଙ୍ଖଳା ପରିସ୍ଥିତିରେ ଶୀଘ୍ର ସୁଧାର ନ ଆଣିଲେ ଆଗାମୀ ଦିନରେ ବିଜେଡି ରାସ୍ତାକୁ ଓହ୍ଲାଇବ ବୋଲି ସଭାନେତ୍ରୀ ସବିତା ଚେତାବନୀ ଦେଇଛନ୍ତି। ଏହି ଖବରଦାତା ସମ୍ମିଳନୀରେ ବ୍ୟାସନଗର ପୌର ଉପନଗରପାଳ ସୁବାସ ଚନ୍ଦ୍ର ବଳ, ଅମୂଲ୍ୟ ନାୟକ, ଯୁବନେତା ପ୍ରଭାତ ସାହୁ, ବ୍ୟାସନଗର ମହିଳା ସମ୍ପାଦିକା ମଞ୍ଜୁଲତା ପଣ୍ଡା ଓ ଛାତ୍ର ନେତା ରୋମ୍ୟରଞ୍ଜନ ପୁହାଣ ପ୍ରମୁଖ ଉପସ୍ଥିତ ଥିଲେ।

# ଘର ନ ଦେଇ ବିଜେଡି ସରକାର ଲୋକଙ୍କୁ ଠକୁଥିଲେ: ମନ୍ତ୍ରୀ ରବି ନାଏକ

ଭୁବନେଶ୍ୱର,୯।୨(ଅନୁରାଧା ମହାରଣା)

## ଅନ୍ତ୍ୟୋଦୟ ଗୃହ ଯୋଜନା ପ୍ରସଙ୍ଗ

### ୨.୨୫ ଲକ୍ଷ ଲୋକଙ୍କୁ ପକ୍କା ଘର ଯୋଗାଇବେ ଭାଜପା ସରକାର

ପୂର୍ବର ବିଜେଡି ସରକାର ଲୋକଙ୍କୁ ଠକୁଥିଲେ। ଲୋକଙ୍କ ନାଁ ପଞ୍ଜୀକରଣ ହେଉଥିଲା, କିନ୍ତୁ ଘର ପାଉ ନ ଥିଲେ। ଅନ୍ତ୍ୟୋଦୟ ଗୃହ ଯୋଜନା ପ୍ରସଙ୍ଗରେ ପ୍ରତିକ୍ରିୟା ରଖି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ରବିବାର ତତ୍କାଳୀନ ବିଜେଡି ସରକାରଙ୍କ ଉପରେ ବର୍ଷିଛନ୍ତି। ଏଥିସହ ମନ୍ତ୍ରୀ ନାଏକ ଇନ୍ଦିରା ଆବାସ ଯୋଜନା ପ୍ରତି ବିଜେଡିର ମନୋଭାବକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସେ କହିଛନ୍ତି, ଏହି ଯୋଜନା ଅଧୀନରେ ବଣ୍ଟାଯାଇଥିବା ଅନେକ ଘରର ଅବସ୍ଥା ଦୁର୍ବଳ ରହିଛି। ଅପରପକ୍ଷେ ସମସ୍ତଙ୍କ ପାଇଁ ପକ୍କା ଘର ଯୋଗାଇବାର ଆକାଂକ୍ଷା ପୂରଣ କରିବାକୁ ନୂତନ ସରକାର ପଦକ୍ଷେପ ଗ୍ରହଣ କରିବେ ବୋଲି ସେ ଆଶ୍ୱାସନା ଦେଇଛନ୍ତି। ଏଥିପାଇଁ ଯୋଗ୍ୟ ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇଛି ଏବଂ ଆସନ୍ତା ନିର୍ବାଚନ ପୂର୍ବରୁ ଏହି କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ବିଜୁ ପକ୍କା ଘର ଯୋଜନା(ବିପିଜିୱାଇ) ଅଧୀନରେ ନାମ ଫଳକ ଲଗାଇଛନ୍ତି, ମାତ୍ର ପ୍ରତିଶ୍ରୁତି ପାଳନ କରିନାହାନ୍ତି। ଏହାଦ୍ୱାରା ବିଜୁ ବାବୁ ଲିଗାସୀ କ୍ଷତିଗ୍ରସ୍ତ ହୋଇଥିବା ସେ ଅଭିଯୋଗ କରିଛନ୍ତି। ମାତ୍ର ଭାଜପା ନେତୃତ୍ୱାଧୀନ ସରକାର ଲୋକଙ୍କ ବିଷୟରେ ଚିନ୍ତା କରିବା ସହ ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛନ୍ତି। ଅତୀତରେ ଇନ୍ଦିରା ଆବାସ ଯୋଜନାରେ ଯେଉଁମାନେ ୨୨ ହଜାର, ୩୫ ହଜାର, ୪୫ ହଜାର କିମ୍ବା ୭୫ ହଜାର ଟଙ୍କା ପାଇଛନ୍ତି, ସେମାନଙ୍କ ପାଇଁ ଅନ୍ତ୍ୟୋଦୟ ଯୋଜନା ଉଦ୍ଦିଷ୍ଟ। ସେମାନଙ୍କ ଘର ପକ୍କା ଘରରେ ପରିଣତ କରିବା ଆମର ଉଦ୍ଦେଶ୍ୟ ବୋଲି ମନ୍ତ୍ରୀ କହିଛନ୍ତି। ହିତାଧିକାରୀଙ୍କୁ ପୂର୍ବରୁ ଆବଣ୍ଟିତ ହୋଇଥିବା ଅନେକ ପକ୍କା ଘରର ବର୍ତ୍ତମାନ ଅବସ୍ଥା ବିପଦପୂର୍ଣ୍ଣ ରହିଛି। ସେମାନେ ବର୍ତ୍ତମାନ ନୂତନ ଗୃହ ପାଇବାକୁ ଯୋଗ୍ୟ ନ ହେଲେ ମଧ୍ୟ ପକ୍କା ଘରେ ଅନ୍ତର୍ଭୁକ୍ତ କରିବା ପାଇଁ ଯୋଜନା ଚାଲିଛି। ବର୍ତ୍ତମାନର ସରକାର ପ୍ରାୟ ୨.୨୫ ଲକ୍ଷ ଲୋକଙ୍କୁ ପକ୍କା ଘର ଯୋଗାଇବାକୁ ନିଷ୍ପତ୍ତି ନେଇଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି।

ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ
ଭାରତ ସରକାର

ପ୍ରତ୍ୟେକ ଭାରତୀୟଙ୍କ ସଂକଳ୍ପ
ଫାଇଲେରିଆ (ଗୋଦର) ମୁକ୍ତ ଭାରତ



“ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟସେବା ସୁନିଶ୍ଚିତ କରିବା ଆମର ସଂକଳ୍ପ”
– ଶ୍ରୀ ନରେନ୍ଦ୍ର ମୋଦୀ (ପ୍ରଧାନମନ୍ତ୍ରୀ)

ଦେଶର ଫାଇଲେରିଆ ବିରୋଧୀ ଲଢ଼େଇରେ ଫେବୃଆରୀ ୧୦ ଏକ ଗୁରୁତ୍ୱପୂର୍ଣ୍ଣ ଦିବସ ।

ଫାଇଲେରିଆ ମଶା କାମୁଡ଼ା ଦ୍ୱାରା ବ୍ୟାପିଥାଏ; କାମୁଡ଼ାର ୫-୧୫ ବର୍ଷ ପରେ ଏହାର ଲକ୍ଷଣ ଦେଖାଦେଇଥାଏ; ଏହା ଗୋଦର ଏବଂ ଅଣ୍ଡକୋଷ ଫୁଲିବା ସମସ୍ୟାର କାରଣ ସାଜିପାରେ ।

୧୦ ଫେବୃଆରୀ ୨୦୨୫ଠାରୁ ୧୩ଟି ରାଜ୍ୟ (ଆନ୍ଧ୍ରପ୍ରଦେଶ, ଆସାମ, ବିହାର, ଝାଡ଼ଖଣ୍ଡ, ଛତିଶଗଡ଼, ଗୁଜରାଟ, କର୍ଣ୍ଣାଟକ, କେରଳ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଓଡ଼ିଶା, ଉତ୍ତରପ୍ରଦେଶ ଏବଂ ପଶ୍ଚିମବଙ୍ଗ)ର ୧୧୧ଟି ଜିଲ୍ଲାରେ ୨ ସପ୍ତାହବ୍ୟାପୀ ଗଣ ଔଷଧ ସେବନ (ଏମ୍‌ଡିଏ) ଅଭିଯାନ ସଞ୍ଚାଳିତ ହେବ ।

ଏହି ଦିନ ପରଠାରୁ, ସ୍ୱାସ୍ଥ୍ୟକର୍ମୀମାନେ ଆପଣଙ୍କ ଘରକୁ ଆସିବେ ଏବଂ ଆପଣଙ୍କୁ ଫାଇଲେରିଆ ନିରୋଧୀ ଔଷଧ ପ୍ରଦାନ କରିବେ, ଯାହାକୁ ଆପଣ ସେବନ କରିବା ନିହାତି ଜରୁରୀ ।

ଏହି ଔଷଧଗୁଡ଼ିକ ସରକାରଙ୍କ ଦ୍ୱାରା ଆପଣଙ୍କର ନିକଟତମ ଏମ୍‌ଡିଏ ବୁଥ୍‌ରେ ମଧ ବିନା ମୂଲ୍ୟରେ ଉପଲବ୍ଧ ହେବ ।

ଅଧିକ ସୂଚନା ପାଇଁ ଆପଣଙ୍କର ନିକଟତମ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଆଶାଦିଦିଙ୍କ ସହିତ ଯୋଗାଯୋଗ କରନ୍ତୁ

ଆସନ୍ତୁ ସମସ୍ତେ ମିଳିମିଶି ଭାରତକୁ ଫାଇଲେରିଆ ମୁକ୍ତ କରିବା

cbc 17102/13/0029/2425

mohfw.gov.in @MoHFWIndia @MoHFW_INDIA @mohfwindia mohfwindia @mohfw_india @mohfw_india @dohfw.india

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଟୋକା ଟୋକାଳିଆ ବୁଦ୍ଧି;**
**ଆଗ ପଛକୁ ବିଚାର ନାହିଁ,**
**ମଥାରେ ନାଉଛି ମୁଦି ।**

ସାଧାରଣତଃ ଟୋକା ବା ଯୁବ ବୟସ କଞ୍ଚା ବୟସ ହୋଇଥାଏ। ଏ ବୟସରେ ପରିପକ୍ୱତା ଆସି ନ ଥିବା ବେଳେ ସଂସାରର ଭଲମନ୍ଦ ଦିଗପ୍ରତି ସେମାନଙ୍କ ଅଭିଜ୍ଞତା କମ ରହିଥାଏ। ତେଣୁ ଏ ବୟସରେ ବ୍ୟକ୍ତି ଦ୍ୱାରା ନିଆଯାଉଥିବା ବିଚାର ଉପରେ କେବେହେଲେ ଭରସା ପାଇ ନ ଥାଏ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ଟିକି ଟିକି କଣ୍ଟା, ଲୁହାର ବାଡ଼ି,**
**ଏ ନାଆଁ ନ କହିଲେ ଘରୁ ଦିଅ ତଡ଼ି।**

ଏହା ଏକ ନାଆଁ ଦିଆ ପହେଳି। ଦାଆ ଲୁହାରେ ତିଆରି ହୋଇଥିବା ବେଳେ ଏହାର ଧାର ଦନ୍ତୁରିତ ହୋଇଥିବା ଅର୍ଥରେ ଏଭଳି ପ୍ରହେଳିକା ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ


ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

## ଅନ୍ୟାନ୍ୟ ଖବର

# ୧୧ରୁ ଗ୍ଲୋରି ଫେଷ୍ଟ

## ପୁରୀରେ ହେବ ଜାତୀୟସ୍ତରୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ସାଂସ୍କୃତିକ ମହୋତ୍ସବ

ପୁରୀ,୯।୨(ଅଜିତ୍ କୁମାର ମହାନ୍ତି)

ଯୁବ ସାଂସ୍କୃତିକ ଅନୁଷ୍ଠାନ ଜାତୀୟ ଯୁବ ସମନ୍ୱିତ କେନ୍ଦ୍ର ଆନୁକୂଲ୍ୟରେ ଚଳିତ ମାସ ୧୧ରୁ ୧୪ ତାରିଖ ପର୍ଯ୍ୟନ୍ତ ଜାତୀୟସ୍ତରୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ସାଂସ୍କୃତିକ ମହୋତ୍ସବ ୨୮ତମ ଗ୍ଲୋରୀ ଫେଷ୍ଟ-୨୦୨୫ ଅନୁଷ୍ଠିତ ହେବ। ଏ ନେଇ ରବିବାର ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଅଧ୍ୟକ୍ଷ ପ୍ରଫେସର ହରେକୃଷ୍ଣ ଶତପଥୀ, କାର୍ଯ୍ୟକାରୀ ଅଧ୍ୟକ୍ଷ ରାଜେଶ କୁମାର ମହାନ୍ତି, ସାଧାରଣ ସମ୍ପାଦକ ବିଦ୍ରୋହ ସିଂ, ସଙ୍ଗଠନ ସମ୍ପାଦକ ସୌମ୍ୟ ରଞ୍ଜନ ମିଶ୍ର, ଗ୍ଲୋରୀ ଫେଷ୍ଟ ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଏବଂ ପୂର୍ବତନ ନଗରପାଳ ଗୌରହରି ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ୨୮ତମ ଗ୍ଲୋରୀ ଫେଷ୍ଟରେ ୧୫ଟି ବିଭାଗରେ ପ୍ରତିଯୋଗିତା ହେବ। ସେଗୁଡ଼ିକ ମଧ୍ୟରେ ବକ୍ତୃତା, ତର୍କ, ସାଧାରଣ ଜ୍ଞାନ, ଅନ୍ତାକ୍ଷରୀ, ସ୍ପଟ୍ ଷ୍ଟେ ଂ, ରେକର୍ଡ ଡ୍ୟାନ୍ସ, ଲୋକନୃତ୍ୟ, ନୃତ୍ୟ, ନାଟକ, ଯନ୍ତ୍ର ସଙ୍ଗୀତ, ଲଘୁ ସଙ୍ଗୀତ, ଗ୍ଲୋରୀ କୁଇନ ଓ ଗ୍ଲୋରୀ କିଙ୍ଗ ପ୍ରଭୃତି ପ୍ରତିଯୋଗିତା ରହିଛି। ରାଜ୍ୟ ଓ ରାଜ୍ୟ ବାହାରର ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କାୀବେ। ଏହି ମହୋତ୍ସବର ଉଦ୍‌ଯାପନୀ କାର୍ଯ୍ୟକ୍ରମ ଫେବୃଆରୀ ୧୪ରେ ପୁରୀ ପୌରସଦନରେ ହେବ। ଉଦଯାପନୀ କାର୍ଯ୍ୟକ୍ରମରେ ରାତିରେ ବଲିଉଡ ନାଇଟ୍ ଆୟୋଜନ ହେବ। ଆକର୍ଷଣୀୟ ହେବ ଗ୍ଲୋରୀ କୁଇନ ଓ ଗୋରୀ କିଙ୍ଗ ପ୍ରତିଯୋଗିତା। ସର୍ବଶ୍ରେଷ୍ଠ ବିବେଚିତ ଛାତ୍ରୀ ଓ ଛାତ୍ରଙ୍କୁ ଗୌରୀ କୁଇନ ଓ କିଙ୍ଗ ଉପାଧିରେ ଭୂଷିତ କରାଯିବ। ଏଥିସହିତ ଏକ ଜାତୀୟସ୍ତରୀୟ ଆଲୋଚନା ଚକ୍ର ‘ସଂସ୍କୃତ ପାଠ୍ୟରେ ବର୍ଣ୍ଣିତ ପୁରୀ ରଥଯାତ୍ରା’ ଆତ୍ରାଜନ ହେବାର କାର୍ଯ୍ୟକ୍ରମ ରହିଛି ବୋଲି ସୂଚନା ଦିଆଯାଇଛି। ଖବରଦାତା ସମ୍ମିଳନୀରେ କୋଷାଧ୍ୟକ୍ଷ ଦେବେନ୍ଦ୍ର ପ୍ରସାଦ ମହାପାତ୍ର, ଉପାଧ୍ୟକ୍ଷ ରାକେଶ ସାମଲ, ଶ୍ରୀନିବାସ ସାହୁ, ପୂର୍ଣ୍ଣେନ୍ଦୁ ପଟ୍ଟନାୟକ, ଦାମୋଦର ଶତପଥୀ, ଯୁଗ୍ମ ଉପାଧ୍ୟକ୍ଷ ହରପ୍ରସାଦ ବିଶ୍ୱାଳ, ସଂଗ୍ରାମ କେଶରୀ କାନୁନଗୋ, ସାଂସ୍କୃତିକ ସମ୍ପାଦକ ଜିତେନ୍ଦ୍ରନାଥ କର୍ଟିସ, ସୌମିତ୍ର ହରିଚନ୍ଦନ, ସଭ୍ୟ ଶିବଶଙ୍କର ପ୍ରଧାନ, ଜଗମୋହନ ଚୌଧୁରୀ, ସଞ୍ଜୀବ ରଥଶର୍ମା, ଅଶ୍ୱିନୀ ସ୍ୱାଇଁ, ଅଜୟ ରଂଶିଂହ, ଆଲୋକ ବିଶୋଇ, ପ୍ରଦୀପ ପରିଡ଼ା, ସମୀର ଶତପଥୀ, ପ୍ରଭୁପାଦ ମହାପାତ୍ର, ଅଭ୍ୟୁଦୟ ଦାସ, ପ୍ରଜ୍ଞା ପ୍ରିୟଦର୍ଶନ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

# ‘ଧରଣୀଧର ଭେଷଜ ମହାବିଦ୍ୟାଳୟ ରାଜ୍ୟରେ ଏକନମ୍ବର ହେବ’

କେନ୍ଦୁଝର,୯।୨
(ନରେଶ ଚନ୍ଦ୍ର ପଟ୍ଟନାୟକ)




ଖୁବ୍‌ଶୀଘ୍ର କେନ୍ଦୁଝର ଧରଣୀଧର ମେଡିକାଲ କଲେଜ ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବ। ଏହାସହ କେନ୍ଦୁଝର ମେଡିକାଲ କଲେଜ କିପରି ଓଡ଼ିଶାର ଏକନମ୍ବର ମେଡିକାଲ କଲେଜ ହେବ, ଟ୍ରମା ସେଣ୍ଟର ଖୋଲାଯିବା ସହ କଟକ ରେଫର ବନ୍ଦ କରାଯିବ ସେ ନେଇ ସମସ୍ତ ପଦକ୍ଷେପ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଧରଣୀଧର ମେଡିକାଲ କଲେଜ ଅଡିଟୋରିୟମରେ ଇଣ୍ଡିଆନ ମେଡିକାଲ ଆସୋସିଏଶନର ଦୁଇଦିନିଆ ୭୪ତମ ରାଜ୍ୟ ବାର୍ଷିକ ସମ୍ମିଳନୀକୁ ଉଦ୍‌ଘାଟନ କରି ମତପ୍ରକାଶ କରିଛନ୍ତି।

ପ୍ରକାଶ ଯେ, ମୁଖ୍ୟମନ୍ତ୍ରୀ ଶନିବାର ଯାଜପୁରରୁ ସଡ଼କ ପଥରେ ଆସି କେନ୍ଦୁଝରରେ ପହଞ୍ଚିଥିଲେ। ରବିବାର ପୂର୍ବାହ୍ନ ୧୧ଟାରେ ଧରଣୀଧର ମେଡିକାଲ କଲେଜରେ ପହଞ୍ଚି ଧରଣୀଧରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଅଡିଟୋରିୟମରେ ଆୟୋଜିତ ବାର୍ଷିକ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ ପ୍ରଭୁ ଜଗନ୍ନାଥ, ବଳଦେବଜୀଉ ଏବଂ ତାରିଣୀଙ୍କ ନାମନେଇ ବକ୍ତବ୍ୟ ଆରମ୍ଭ କରିଥିଲେ। ଡାକ୍ତରମାନେ ଜୀବନ ରକ୍ଷକ ହୋଇଥିବାରୁ ଲୋକମାନେ ସେମାନଙ୍କୁ ଦ୍ୱିତୀୟ ଭଗବାନ ବୋଲି ଭାବିଥାନ୍ତି। ଭଲ ସ୍ୱାସ୍ଥ୍ୟ ବିନା ଲୋକଙ୍କ ପାଖରେ ଥିବା ଧନସମ୍ପତ୍ତି, ଯୌବନ, ମାନସମ୍ମାନର କୌଣସି ମୂଲ୍ୟନାହିଁ। କେନ୍ଦୁଝର ଜିଲା ଖଣିବହୁଳ ଏବଂ ଅନ୍ୟ ପ୍ରାକୃତିକ ସମ୍ପଦରେ ଭରପୂର ଥିଲେ ମଧ୍ୟ ସ୍ୱାସ୍ଥ୍ୟ କ୍ଷେତ୍ରରେ ପଛୁଆ ଥିଲା। ଖଣିଖାଦାନ ପାଇଁ ଜିଲାରେ ସର୍ବାଧିକ ଦୁର୍ଘଟଣା ସହ ପ୍ରଦୂଷଣ ସର୍ବାଧିକ ଥିବାରୁ ଲୋକମାନେ ରୋଗଗ୍ରସ୍ତ ହୋଇଯାଉଛନ୍ତି। ସେଥିପାଇଁ କେନ୍ଦୁଝରରେ ମେଡିକାଲ କଲେଜ ଥିଲେ ବି ଏହା ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇପାରି ନ ଥିବାରୁ ସେ ଦୁଃଖପ୍ରକାଶ କରିଥିଲେ। ଏହାକୁ ଏକନମ୍ବର ମେଡିକାଲ କଲେଜ କରିବାକୁ ସମସ୍ତଙ୍କ ସହଯୋଗ ଭିକ୍ଷା କରିଥିଲେ। କଟକ ରେଫର ବନ୍ଦ କରିବା ପାଇଁ ଭିତ୍ତିଭୂମିକୁ ସୁଦୃଢ଼ କରିବାକୁ ପଡ଼ିବ। କେନ୍ଦୁଝର ମେଡିକାଲ କଲେଜରେ ଟ୍ରମା କେୟାର ସେଣ୍ଟର ଅଛି କି ନାହିଁ ପଚାରି ବୁଝିଥିଲେ। ସେ ମୁଖ୍ୟମନ୍ତ୍ରୀ ହେବା ପରେ ଟ୍ରମା କେୟାର ସେଣ୍ଟର ଖୋଲିବା ଲାଗି ପଦକ୍ଷେପ ନେବାକୁ ଆଦେଶ ଦେଇଥିଲେ। ମାତ୍ର ପ୍ରଶାସନିକ ସ୍ତରରେ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ସେ ବିରକ୍ତିଭାବ ପ୍ରକାଶ କରିଥିଲେ। କେନ୍ଦୁଝର ଧରଣୀଧର ମେଡିକାଲ କଲେଜ ନିଜସ୍ୱ ଜିଲା ଖଣିଜ ପାଣ୍ଠିରୁ ନିର୍ମିତ ହୋଇଛି। ମାତ୍ର ଆଗକୁ ଯାହା ଉନ୍ନତୀକରଣ ହେବ ସରକାରୀ ଅନୁଦାନରେ ହେବ ବୋଲି ସେ ପ୍ରକାଶ କରିଥିଲେ। ଡିଏମ୍‌ଏଫ୍‌ରୁ ଆଉ ଟଙ୍କାଟିଏ ବି ଖର୍ଚ୍ଚ କରାଯିବ ନାହିଁ, ଖୁବ୍‌ଶୀଘ୍ର କେନ୍ଦୁଝର ଧରଣୀଧର ମେଡିକାଲ କଲେଜ ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବ। ଏହା ସହ କେନ୍ଦୁଝର ମେଡିକାଲ କଲେଜ କିପରି ଓଡ଼ିଶାର ଏକନମ୍ବର ମେଡିକାଲ କଲେଜ ହେବ, ଜିଲାବାସୀ ବିଶ୍ୱସ୍ତରୀୟ ସେବା ପାଇବେ, ସେ ନେଇ ସମସ୍ତ ପଦକ୍ଷେପ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ। ଏଥିସହ ଜିଲାରେ ଶିଳ୍ପ ପ୍ରତିଷ୍ଠା ପାଇଁ ଜେଏସ୍‌ଡବ୍ଲ୍ୟୁ ସହ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହା ବ୍ୟତିତ ଜିଲାରେ ଅନ୍ୟଶିଳ୍ପ ପ୍ରତିଷ୍ଠା ପାଇଁ ମଧ୍ୟ ପଦକ୍ଷେପ ନିଆଯାଉଛି ବୋଲି କହିଥିଲେ।

ପ୍ରାରମ୍ଭରେ ଧରଣୀଧର ମେଡିକାଲ କଲେଜର ଅଧ୍ୟକ୍ଷା ତଥା ଡିନ୍ ଡା. ଚିନ୍ମୟୀ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବରେ ଧରଣୀଧର ବିଶ୍ୱବିଦ୍ୟାଳୟର କୁଳପତି ଡ. ପ୍ରତାପ କୁମାର ମହାନ୍ତି ଯୋଗଦେଇଥିଲେ। ଆଇଏମ୍‌ଏର ରାଜ୍ୟ ସମ୍ପାଦକ ଡା. ମୃତ୍ୟୁଞ୍ଜୟ ମହାପାତ୍ର, ରାଜ୍ୟ ଅର୍ଥ ସମ୍ପାଦକ ଡା. ସମ୍ରାଟ କର, ଅଭ୍ୟର୍ଥନା କମିଟିର ସଭାପତି ଡା. ଅନିଲ କୁମାର ଦାଶ, ଆୟୋଜନ କମିଟିର ସଭାପତି ଡା. ଉମେଶ ଚନ୍ଦ୍ର ସାହୁ, ସଭାପତି ଡା. ପ୍ରଭାତ ପଣ୍ଡା, ନବନିଯୁକ୍ତ ସଭାପତି ଡା. ଜୟନ୍ତ ପଣ୍ଡା ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରିବା ସହିତ ଡାକ୍ତର ହରେକୃଷ୍ଣ ନାୟକଙ୍କ ଦ୍ୱାରା ରଚିତ ସଂଘର ମୁଖପତ୍ର ସ୍ୱାସ୍ଥ୍ୟ ସୁରଭି ପତ୍ରିକା ଓ ଭୁବନେଶ୍ୱର ସଂଘ ତରଫରୁ ଆଇଏମ୍‌ଏ ଭିଜନ ଉନ୍ମୋଚିତ ହୋଇଥିଲା। ଶେଷରେ ସଂଗଠନ ସମ୍ପାଦକ ଡା. ମହେଶ ପ୍ରସାଦ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ମିଳନୀରେ ରାଜ୍ୟର ପ୍ରାୟ ଏକହଜାରରୁ ଊର୍ଦ୍ଧ୍ୱ ଡାକ୍ତର ଯୋଗ ଦେଇଥିଲେ।

**ମୁଖ୍ୟମନ୍ତ୍ରୀଙ୍କ ଦିନିକିଆ କେନ୍ଦୁଝର ଗସ୍ତ**

**ବିଶ୍ୱସ୍ତରୀୟ ଚିକିତ୍ସା ପାଇବେ ଜିଲାବାସୀ**

# ଆଜିଠୁ ବଢ଼ିବ ତାପମାତ୍ରା

ଭୁବନେଶ୍ୱର,୯।୨(ଅନୁରାଧା ମହାରଣା)

ରାଜ୍ୟରେ ଗତ ୩ଦିନ ମଧ୍ୟରେ ୯ ଡିଗ୍ରୀ ଯାଏ ତାପମାତ୍ରା କମିଥିଲା। ତେବେ ସୋମବାରଠାରୁ ପରବର୍ତ୍ତୀ ୩ଦିନ ମଧ୍ୟରେ ତାପମାତ୍ରା ୨ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବ। ଏନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି।

ରାଉରକେଲାରେ ୬ ତାରିଖରେ ସର୍ବନିମ୍ନ ତାପମାତ୍ରା ୧୮ ଡିଗ୍ରୀ ସେଲସିୟସ ଥିବାବେଳେ ରବିବାର ୮.୮ ଡିଗ୍ରୀ ସେଲସିୟସ୍‌କୁ ହ୍ରାସ ପାଇଛି। ଅର୍ଥାତ୍ ୩ଦିନରେ ପ୍ରାୟ ୯.୨ ଡିଗ୍ରୀ ସେଲସିୟସ୍ ତାପମାତ୍ରା କମିଛି। ସେହିପରି ଝାରସୁଗୁଡାରେ ୧୮.୩ ଡିଗ୍ରୀ ସେଲସିୟସ୍‌ରୁ ୯.୭ ଡିଗ୍ରୀ ସେଲସିୟସ୍‌କୁ ଅର୍ଥାତ୍ ପ୍ରାୟ ୮.୬ ଡିଗ୍ରୀ ସେଲସିୟସ୍ ତାପମାତ୍ରା ହ୍ରାସ ପାଇଛି। ଅନ୍ୟପକ୍ଷରେ ରବିବାର ଝାରସୁଗୁଡ଼ାରେ ସର୍ବୋଚ୍ଚ ତାପମାତ୍ରା ୩୪.୪ ଡିଗ୍ରୀ ରେକର୍ଡ ହୋଇଥିଲେ ମଧ୍ୟ ବିଭିନ୍ନ ସ୍ଥାନରେ ଦିନ ତାପମାତ୍ରାରେ ଉଲ୍ଲେଖନୀୟ ହ୍ରାସ ପରିଲକ୍ଷିତ ହୋଇଛି। ଅନୁଗୋଳରେ ଶନିବାର ୩୪.୭ ଡିଗ୍ରୀ ସେଲସିୟସ୍ ତାପମାତ୍ରା ରେକର୍ଡ ହୋଇଥିବାବେଳେ ରବିବାର ଏହା ୩୨.୭ ଡିଗ୍ରୀକୁ ହ୍ରାସ ପାଇଛି।

ଅନ୍ୟପଟେ ରାଜ୍ୟରେ ବିଭିନ୍ନ ସ୍ଥାନରେ କୁହୁଡ଼ି ପ୍ରଭାବ ଦେଖିବାକୁ ମିଳୁଛି। ଆସନ୍ତା ୨ ଦିନ ବିଭିନ୍ନ ସ୍ଥାନରେ କୁହୁଡ଼ିର ଆସ୍ତରଣ ଦେଖିବାକୁ ମିଳିବ। ତେବେ ସୋମବାର କୋରାପୁଟ, ନବରଙ୍ଗପୁର, ଗଜପତି ଓ ଗଞ୍ଜାମ ଆଦି ଜିଲାକୁ ଘନ କୁହୁଡ଼ି ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

# ଇ-କେୱାଇସି ନ କଲେ କଟିବ ରାଶନ କାର୍ଡ: ମନ୍ତ୍ରୀ

ଭୁବନେଶ୍ୱର,୯।୨(ବନ୍ଦନା ସେଠୀ)

■ ୧୫ରେ ସରୁଛି ରାଶନକାର୍ଡ ଇ-କେୱାଇସି
■ ୮ଲକ୍ଷ ଆୟକରଦାତା ରାଶନକାର୍ଡ ହାତେଇଥିଲେ

ରାଶନକାର୍ଡ ଇ-କେୱାଇସି ଆସନ୍ତା ୧୫ ତାରିଖରେ ସରୁଛି। ବର୍ତ୍ତମାନ ସୁଦ୍ଧା ଆହୁରି ୩୭ଲକ୍ଷ ୮୫ହଜାର ୪୯୬ ହିତାଧିକାରୀ ଇ-କେୱାଇସି କରିନାହାନ୍ତି। ତେଣୁ ଏମାନେ ଆସନ୍ତା ୬ଦିନ ଭିତରେ ଇ-କେୱାଇସି କରିବା ପାଇଁ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ରବିବାର ଅପିଲ୍ କରିଛନ୍ତି। ଫେବୃଆରୀ ୧୫ ପରେ ଆଉ ଇ-କେୱାଇସି ଅବଧି ବଢ଼ାଯିବ ନାହିଁ। ତେଣୁ ଯେଉଁମାନେ ଏହି ସମୟ ଭିତରେ କେୱାଇସି ନ କରିବେ, ତାହାକୁ ସରେଣ୍ଡର ଭାବେ ଧରାଯାଇ ସେମାନଙ୍କ ରାଶନକାର୍ଡଗୁଡ଼ିକୁ କାଟି ଦିଆଯିବ। ଏହାସତ୍ତ୍ୱେ ଅଯୋଗ୍ୟମାନେ କାର୍ଡ ନ ଫେରାଇଲେ ସରକାର ସେମାନଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ରାଶନକାର୍ଡରେ ନୂତନ ଲୋକଙ୍କୁ ଯୋଡାଯିବ। ବର୍ତ୍ତମାନ ସୁଦ୍ଧା ୬ଲକ୍ଷ ନୂଆ ହିତାଧିକାରୀ ଏନେଇ ଆବେଦନ କରି ସାରିଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି। ସେହିପରି ପ୍ରାୟ ୮ଲକ୍ଷ ଆୟକର ଦେଉଥିବା ଲୋକ ରାଶନକାର୍ଡ ନେଇଥିଲେ। ସେମାନେ ସ୍ୱାସ୍ଥ୍ୟ କାର୍ଡ ପାଇବା ପାଇଁ ବେଆଇନ ଭାବେ ରାଶନ କାର୍ଡ ହାତେଇଥିବା ରିପୋର୍ଟ ହସ୍ତଗତ ହୋଇଛି। ସେହି କାର୍ଡଗୁଡ଼ିକୁ କଟାଯିବ। ଏଥିଲାଗି ଅଧିକାରୀମାନଙ୍କୁ ସର୍ଭେକରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଅଯୋଗ୍ୟ ହିତାଧିକାରୀ କାର୍ଡ ନେଇଥିବା ନେଇ ଲିଖିତ ଅଭିଯୋଗ ହେଲେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଆକ୍ସନ ନିଆଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

# ଆଜି ଓଡ଼ିଶା ଆସୁଛନ୍ତି ଜାତୀୟ ମହିଳା ଆୟୋଗ ଅଧ୍ୟକ୍ଷ

ଭୁବନେଶ୍ୱର,୯।୨
(ବନ୍ଦନା ସେଠୀ)


ବିଜୟା ରାହତକର

ଜାତୀୟ ମହିଳା କମିଶନ ଅଧ୍ୟକ୍ଷା ବିଜୟା ରାହତକର ସୋମବାରଠାରୁ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଏହି ଗସ୍ତ ସମୟରେ ରାହତକର ଓଡ଼ିଶା ରାଜ୍ୟ ମହିଳା ଆୟୋଗର ପ୍ରତିଷ୍ଠା ଦିବସରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏଥିସହ ମାନବ ଚାଲାଣର ନିରାକରଣ, ଯୌନ ଉତ୍ପୀଡ଼ନ ବିରୋଧ ଆଇନ (ପୋସ୍ ଆକ୍ଟ) ଓ ବାଲ୍ୟବିବାହ ନିରାକରଣରେ ରାଜ୍ୟର ସ୍ଥିତି ସମ୍ପର୍କରେ ସମୀକ୍ଷା କରିବେ ବୋଲି ଜଣାପଡ଼ିଛି।

# ଦାଦନ ଖଟିବାକୁ ତାମିଲନାଡୁ ଯାଇ ବାପପୁଅଙ୍କ ମୃତ୍ୟୁ

ଟିଟିଲାଗଡ଼,୯।୨(ଶରତ ମିଶ୍ର)

ପରିବାର ପ୍ରତିପୋଷଣ ପାଇଁ ସୁଦୂର ତାମିଲନାଡୁକୁ ଦାଦନ ଖଟିବାକୁ ଯାଇ ବଲାଙ୍ଗୀର ଜିଲା ଟିଟିଲାଗଡ଼ ଅଞ୍ଚଳର ଏକ ପରିବାରର ବାପପୁଅଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ତେବେ ସେଠାରେ ଉଭୟଙ୍କୁ ହତ୍ୟା କରାଯାଇଥିବା ପରିବାର ପକ୍ଷରୁ ରବିବାର ସିନ୍ଧେକେଲା ଥାନାରେ ଅଭିଯୋଗ ହୋଇଛି। ଏହି ଖବର ଜଣାପଡ଼ିବା ପରେ ସାଧାରଣରେ ଗଭୀର ଆଲୋଡନ ସୃଷ୍ଟି ହୋଇଛି।

ମିଳିଥିବା ସୂଚନା ମୁତାବକ, ଗତ କିଛି ମାସ ତଳେ ଟିଟିଲାଗଡ଼ ବ୍ଲକ ଅନ୍ତର୍ଗତ କୁଶକେଲା ପଞ୍ଚାୟତ ଡଙ୍ଗରପଡା ଗ୍ରାମର ଅଭିରାମ କଟା (୪୫), ତାଙ୍କ ସ୍ତ୍ରୀ ଓ ପୁତ୍ର ଉତ୍ତମ (୨୦) ଦାଦନ ଖଟିବାକୁ ତାମିଲନାଡୁର ନରେଇପଲ୍ଲୀକୁ ଯାଇଥିଲେ। ସେଠାରେ ଅଭିରାମ ଓ ତାଙ୍କ ପୁଅ ଉତ୍ତମଙ୍କ ମୃତ୍ୟୁ ଘଟିଥିବା ଶନିବାର ପରିବାର ଲୋକେ ଖବର ପାଇଥିଲେ। ଏହି ଖବର ପାଇ ଗାଁରେ ରହୁଥିବା ୧୪ ବର୍ଷର ଝିଅ ଓ ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। କେଉଁ ପରିସ୍ଥିତିରେ ବାପପୁଅଙ୍କ ଏକକାଳୀନ ମୃତ୍ୟୁ ହେଲା ତା’ର ନିରପେକ୍ଷ ତଦନ୍ତ କରାଯାଇ ନ୍ୟାୟ ଦେବାକୁ ପରିବାର ଲୋକେ ପୋଲିସର ଦ୍ୱାରସ୍ଥ ହୋଇ ନିବେଦନ କରିଛନ୍ତି। ଏହାଛଡା ମୃତଦେହ ଗାଁକୁ ଆଣିବାର ବ୍ୟବସ୍ଥା କରିବାକୁ ପରିବାରବର୍ଗ ଓ ରାଜ୍ୟ ସରପଞ୍ଚ ସଂଘ ସଭାପତି ବୀରବର ସାହୁ ପ୍ରଶାସନ ନିକଟରେ ନିବେଦନ କରିଛନ୍ତି।






# ଆଜି କ’ଣ କେଉଁଠି

## ଭୁବନେଶ୍ୱର

- ଓଡ଼ିଶା ରାଜ୍ୟ କୁକୁଡ଼ା ଚାଷୀ ମହାସଂଘ ପକ୍ଷରୁ ଆଲୋଚନା ସଭା, ସ୍ଥାନ: ସେବା ସଦନ, କଂଗ୍ରେସ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମ, ସ୍ଥାନ: ୟୁନିଟ୍-୧ ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୪୫।
- ଅନୁସୁଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ରାଜ୍ୟ ରୋଷେୟା ତଥା ସେବାୟତ ସଂଘର ଖବରଦାତା ସମ୍ମିଳନୀ, ସ୍ଥାନ: ପୁରୁଣା ସିଆଇଟିୟୁ ଅଫିସ, ସମୟ: ଖାରବେଳ ନଗର, ୟୁନିଟ୍-୩, ସମୟ: ମଧ୍ୟାହ୍ନ ୧୨ଟା।
- ଜଗଦ୍‌ଗୁରୁ ଶ୍ରୀଧର ସ୍ୱାମୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ମହୋତ୍ସବର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ଅପରାହ୍ନ ୫ଟା।

## କଟକ

- ମାଣିଆବନ୍ଧ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ, ମହାବିଦ୍ୟାଳୟ ପରିସର, ବଡ଼ମ୍ବା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବଡ଼ମ୍ବା ମୋହନ ସୁବୁଦ୍ଧି ମହାବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ମହାବିଦ୍ୟାଳୟ ପରିସର, ବଡ଼ମ୍ବା, ସମୟ: ପୂର୍ବାହ୍ନ ୧୧ଟା।

## ପୁରୀ

- ବ୍ଲକସ୍ତରୀୟ ନିପୁଣ ଓଡ଼ିଶା ମେଳା, ସ୍ଥାନ: ସତ୍ୟବାଦୀ ହାଇସ୍କୁଲ, ସାକ୍ଷୀଗୋପାଳ ସମୟ: ପୂର୍ବାହ୍ନ ୧୦ଟା।

## ଖୋର୍ଦ୍ଧା

- ଅଷ୍ଟପ୍ରହର ହରିନାମ ଯଜ୍ଞ, ସ୍ଥାନ: ବଡ଼ପଦର, ରାଧାବଲ୍ଲଭ ଦେବଙ୍କ ପୀଠ, ସମୟ: ସକାଳ ୬ଟା।

## ବାଲେଶ୍ୱର

- ରାଧା ମଦନ ମୋହନ ମନ୍ଦିରରେ ନିତ୍ୟାନନ୍ଦ ତ୍ରୟୋଦଶୀ ପାଳନ ଅବସରରେ ନଗର ସଙ୍କୀର୍ତ୍ତନ, ଭଜନ କୀର୍ତ୍ତନ, ଅଭିଷେକ ଏବଂ ହରିକଥା, ସ୍ଥାନ: ମନ୍ଦିର ପରିସର, ବାଲିଆପାଳ, ସମୟ: ସକାଳ ୭ଟା।
- ବିଧାୟକଙ୍କ ଜନ ଅଭିଯୋଗ ଶୁଣାଣି ଶିବିର,ସ୍ଥାନ:କୁରାଡିହା ପଞ୍ଚାୟତ ଅଫିସ ପରିସର, ବାଲେଶ୍ୱର,ସମୟ: ପୂର୍ବାହ୍ନ ୧୦ଟା।
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର,ସ୍ଥାନ: ବ୍ଲକ କାର୍ଯ୍ୟାଳୟ ପରିସର, ଖଇରା, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ କାଉନସେଲିଂ କ୍ୟାମ୍ପ,ସ୍ଥାନ:ବ୍ଲକ କାର୍ଯ୍ୟାଳୟ ପରିସର, ଭୋଗରାଇ, ସମୟ:ପୂର୍ବାହ୍ନ ୧୦ଟା।
- ଓଡ଼ିଶା ଷ୍ଟେଟ୍ ବ୍ରିଗେଡ୍ ସ୍କୁଲର ୧୪ତମ ବାର୍ଷିକ ଉତ୍ସବ, ସ୍ଥାନ:ବିଦ୍ୟାଳୟ ପରିସର, ସାହାଡ଼ା, ବସ୍ତା,ସମୟ:ପୂର୍ବାହ୍ନ ୧୦ଟା।
- ରୌପ୍ୟଜୟନ୍ତୀ ସମାରୋହ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ, ସ୍ଥାନ:ବାଲେଶ୍ୱର ପ୍ରେସ କ୍ଲବ ପରିସର, ବାଲେଶ୍ୱର,ସମୟ:ଅପରାହ୍ନ ୪ଟା।

## ଭଦ୍ରକ

- ଟିଲୋ କପ୍‌ର ୫ମ ମ୍ୟାଚ୍, ସ୍ଥାନ: ଟିଲୋ ହନୁମାନଜୀଉ ମିନିଷ୍ଟାଡିୟମ, ବନ୍ତ, ସମୟ: ସକାଳ ୯ଟା ।
- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ ସମ୍ମିଳନୀ କକ୍ଷ, ଧାମନଗର, ସମୟ: ପୂର୍ବାହ୍ନ ୧୦ଟା।
- ତିହିଡ଼ି ଡିଗ୍ରୀ କଲେଜର ବାର୍ଷିକୋତ୍ସବ, ସ୍ଥାନ: କଲେଜ ପରିସର, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସର୍ବଭାରତୀୟ ରାମଚନ୍ଦ୍ର ଦାଶ ସ୍ମାରକୀ କ୍ରିକେଟ, ସ୍ଥାନ: ଦେହୁଡ଼ି ଆନନ୍ଦପୁର ସ୍କୁଲ ପଡ଼ିଆ, ଧାମନଗର, ସମୟ: ପୂର୍ବାହ୍ନ ୧୧ଟା।
- ଆଖଣ୍ଡଳମଣି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକୋତ୍ସବ, ସ୍ଥାନ: ପାଳସାହି, ଧୁଷୁରୀ, ସମୟ: ପୂର୍ବାହ୍ନ ୧୧ଟା।
- ଟିଲୋ କପ୍‌ର ୬ଷ୍ଠ ମ୍ୟାଚ୍, ସ୍ଥାନ: ଟିଲୋ ହନୁମାନଜୀଉ ମିନିଷ୍ଟାଡିୟମ, ବନ୍ତ, ସମୟ: ଅପରାହ୍ନ ୧ଟା।
- ଜାଗୁଲାଇ ନୋଡାଲ ସ୍କୁଲର ବାର୍ଷିକୋତ୍ସବ, ସ୍ଥାନ: ରାଧାବଲ୍ଲଭପୁର, ଧାମନଗର, ସମୟ: ଅପରାହ୍ନ ୨ଟା ୩୦।
- ବ୍ଲକ୍ ମାନ୍ୟତା ଦାବିରେ ପ୍ରସ୍ତୁତି ବୈଠକ, ସ୍ଥାନ: ଆଗରପଡ଼ା, ସମୟ: ଅପରାହ୍ନ ୪ଟା।
- ଧାମନଗର ଶୀତ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ଆରମ୍ଭ, ସ୍ଥାନ: ଜୟନଗର ପଡ଼ିଆ, ଧାମନଗର, ସମୟ: ଅପରାହ୍ନ ୫ଟା।

## କେନ୍ଦୁଝର

- ଶ୍ରୀଅରବିନ୍ଦଙ୍କ ପବିତ୍ର ଧ୍ୱଂସାବଶେଷ ସ୍ଥାପନା ଦିବସ, ସ୍ଥାନ: କଳିଙ୍ଗନଗର, ବଡ଼ବିଲ, ସମୟ: ସକାଳ ୬ ଟାରୁ ରାତି ୮ଟା।
- ବିଶ୍ୱଶାନ୍ତି ଗୀତାଯଜ୍ଞ, ଘଟୋତ୍ତଳନ, ଗ୍ରାମଦେବୀପୂଜା, ସ୍ଥାନ : ସୋସୋ, ହାଟଡ଼ିହୀ, ସମୟ : ପୂର୍ବାହ୍ନ ୯ ଟା।
- ବନ୍ଧୁମିଳନ ଉତ୍ସବ, ସ୍ଥାନ: ଡ଼ଥାଁର, ହାଟଡ଼ିହୀ, ସମୟ : ପୂର୍ବାହ୍ନ ୧୧ ଟା।

## ମୟୂରଭଞ୍ଜ

- ସ୍କାଉଟ୍ ଓ ଗାଇଡ୍ କାର୍ଯ୍ୟକ୍ରମ, ସ୍ଥାନ: ସରକାରୀ ଉଚ୍ଚ ବିଦ୍ୟାଳୟ, ଶୁଳିଆପଦା, ସମୟ: ସକାଳ ୮ଟା।
- ଶ୍ରୀ ଶ୍ରୀ ଭଗବତଜୀଉ ମନ୍ଦିରର ଏକାଦଶ ବାର୍ଷିକ ଶ୍ରୀମଦ ଭାଗବତ ପୋଥିପାଠ ଉତ୍ସବ, ସ୍ଥାନ:ମାଳିହାଟୀ,ମାଣତ୍ରୀ, ବଡ଼ସାହି,ସମୟ:ସକାଳ ୮ଟା।
- ଚଳଚ୍ଚିତ୍ର ଅଭିନେତା ଉତ୍ତମ ମହାନ୍ତିଙ୍କ ଆଶୁ ଆରୋଗ୍ୟ ପାଇଁ ପୂଜାର୍ଚ୍ଚନା,ସ୍ଥାନ: ଉଦଳା ହନୁମାନ ମନ୍ଦିର,ସମୟ: ସକାଳ ୮ଟା।
- ବିସିଏ ସହିତ ରାଇରଙ୍ଗପୁର କ୍ରିକେଟ ମ୍ୟାଚ,ସ୍ଥାନ: ଷ୍ଟାଡିୟମ ପଡ଼ିଆ, ବାରିପଦା, ସମୟ: ସକାଳ ୯ଟା।
- ଉପଖଣ୍ଡସ୍ତରୀୟ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର,ସ୍ଥାନ: ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ରାଇରଙ୍ଗପୁର, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବଡ଼ସାହି ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର,ସ୍ଥାନ: ବେତନଟୀ ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ୧୩୭ତମ ହରିହାଟ ମହୋତ୍ସବ, ସ୍ଥାନ: ମାଧପୁର ଶାସନ, ବଡ଼ସାହି,ସମୟ: ପୂର୍ବାହ୍ନ ୧୦ଟା।
- ଅନ୍ନଭୋଗ ବିକ୍ରି, ସ୍ଥାନ: ପୂର୍ଣ୍ଣେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣ, କରଞ୍ଜିଆ,ସମୟ: ଅପରାହ୍ନ ୨ଟା।
- ସେବକ ଗୋପାଳ ଦାସଙ୍କ ପ୍ରବଚନ, ସ୍ଥାନ: ମାଳିହାଟୀ, ମାଣତ୍ରୀ, ବଡ଼ସାହି,ସମୟ: ସନ୍ଧ୍ୟା ୭ଟା।
- ପାଲା ପରିବେଷଣ, ସ୍ଥାନ: ମାଧପୁର ଶାସନ, ବଡ଼ସାହି,ସମୟ: ସନ୍ଧ୍ୟା ୭ଟା।

## ଗଞ୍ଜାମ

- ମା’ରାମାୟଣାମ୍ବା ମନ୍ଦିର ବାର୍ଷିକ ଉତ୍ସବ, ସ୍ଥାନ:ଛତ୍ରପୁର ସୌଭାଗ୍ୟ କଲ୍ୟାଣ ମଣ୍ଡପ, ସମୟ : ସକାଳ ୬ଟା।
- ଛତ୍ରପୁର ପଞ୍ଚାୟତ ସମିତି ବୈଠକ, ସ୍ଥାନ: ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ହ୍ୟାଣ୍ଡବଲ୍ ଟୁର୍ନାମେଣ୍ଟ ଉଦ୍‌ଘାଟନ, ସ୍ଥାନ: ଆସିକା ଟାଉନ୍‌ହଲ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମା’ ସରସ୍ୱତୀ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ, ସ୍ଥାନ: ବୁଗୁଡା ମାଣିତରା,ସମୟ: ପୂର୍ବାହ୍ନ ୧୧ଟା।
- ବୁଦ୍ଧଖୋଲ ମହୋତ୍ସବ ଉଦଯାପନୀ, ସ୍ଥାନ: ବୁଗୁଡା ବୁଦ୍ଧଖୋଲ ମହୋତ୍ସବ ପଡିଆ, ସମୟ: ସନ୍ଧ୍ୟା ୭ଟା।

## କେନ୍ଦ୍ରାପଡ଼ା

- ଅନ୍ଧବର ଲୋକମେଳା ଓ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ବଙ୍ଗାରୀ, ଗରଦପୁର, ସମୟ: ସକାଳ ୬ଟା।
- ଦିବ୍ୟ ଜୀବନ ସଂଘ ପକ୍ଷରୁ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଶିବାନନ୍ଦ ଆଶ୍ରମ, ଗରାପୁର, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୬ଟା।
- ମା’ ବନ୍ଧମଙ୍ଗଳାଙ୍କ ଜନ୍ମ ବାର୍ଷିକ ଉତ୍ସବ, ସ୍ଥାନ: ରାମନଗରପାଟଣା, ଗୁଲନଗର, କେନ୍ଦ୍ରାପଡ଼ା, ସମୟ: ସକାଳ ୬ଟା।
- ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ବାର୍ଷିକ ଯଜ୍ଞ ଉତ୍ସବ, ସ୍ଥାନ: ରାମିଆଗଞ୍ଜ, ମାର୍ଶାଘାଇ, ସମୟ: ସକାଳ ୭ଟା।
- ପ୍ରଶାସନିକ ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବନ୍ତଳ ପଞ୍ଚାୟତ କାର୍ଯ୍ୟାଳୟ, ଗରଦପୁର, ସମୟ: ପୂର୍ବାହ୍ନ ୧୦ଟା।
- ମେଗା ରକ୍ତଦାନ ଶିବିର, ସ୍ଥାନ: କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୦ଟା।
- ପାୟଲ ମ୍ୟୁଜିକ ଗ୍ରାମୀଣ ମହୋତ୍ସବ, ସ୍ଥାନ: ପାୟଲ ମ୍ୟୁଜିକ ସ୍କୁଲ, ଇନ୍ଦୁପୁର, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ସପ୍ତାଙ୍ଗ କାର୍ଯ୍ୟକ୍ରମର ୫ମ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ଜଗନ୍ନାଥପ୍ରସାଦ ମହିଷାଷୁରୀ ପୀଠ, ସମୟ: ସକାଳ ୮ଟା।
- ମା’ଭାନୁମତି ମନ୍ଦିରର ପ୍ରତିଷ୍ଠା ବାର୍ଷିକ ଉତ୍ସବର ୨ୟ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ଘଣାଶାଳିଆ, ସମୟ: ସକାଳ ୮ଟା।
- ମା’ମଙ୍ଗଳାଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠାର ୨ୟ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକ କଣ୍ଟିଲୋ କୃଷ୍ଣଚନ୍ଦ୍ରପୁରପାଟଣା ମା’ମଙ୍ଗଳାଙ୍କ ପୀଠ, ସମୟ: ସକାଳ ୮ଟା ୩୦।
- ୮୩ ତମ ବିଶ୍ୱ ଶାନ୍ତି ଶୈବଯଜ୍ଞ ଓ ୩୯ତମ ବାର୍ଷିକ ସପ୍ତଶମ୍ଭୁ ମିଳନ ମହୋତ୍ସବର ୪ର୍ଥ ଦିବସ, ସ୍ଥାନ: ଓଡ଼ଗାଁ ଜାମୁପାଟଣାସ୍ଥ ଶ୍ରୀ ଶ୍ରୀ ଦୂତିକେଶ୍ୱର ମହାଦେବ, ସମୟ:ସକାଳ ୮ଟା ୩୫।
- ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣୀ ଶିବର, ସ୍ଥାନ:ଦଶପଲ୍ଲା ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ମହିଳା ଆତ୍ମ ସୁରକ୍ଷା ଦକ୍ଷତା କର୍ମଶାଳା, ସ୍ଥାନ: କଣ୍ଟିଲା ନୀଳମାଧବ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଏମଜିଏନ୍‌ଆରଇଜିଏସ୍‌ର ସାମାଜିକ ସମୀକ୍ଷା, ସ୍ଥାନ: ଗଣିଆ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ପଠାଣୀ ସାମନ୍ତ ଫୁଟବଲ ଟୁର୍ନାମେଣ୍ଟ ୨ୟ ଦିବସରେ ସ୍ପୋର୍ଟସ ହଷ୍ଟେଲ ନୟାଗଡ ବନାମ ବାଇଗୁଣିଆ ଫୁଟବଲ ଦଳ, ସ୍ଥାନ: ଖଣ୍ଡପଡ଼ା ମଧୁବନ ମିନି ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା୩୦।
- ମାଘମେଳା ମହୋତ୍ସବର ୨ୟ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର କଣ୍ଟିଲୋ ମାଘମେଳା ପଡ଼ିଆ, ସମୟ: ସନ୍ଧ୍ୟା ୭ଟା।
- ବିଶ୍ୱଶାନ୍ତି ମହାଯଜ୍ଞର ୩ୟ ଦିବସରେ ବାଦି ଭାରତ ଲୀଳା, ସ୍ଥାନ: ନୂଆଗାଁ ବ୍ଲକର ଗୁଡୁପାଙ୍ଗି ବଡରାଉଳୀ ପୀଠ, ସମୟ: ସନ୍ଧ୍ୟା ୭ଟା ।

## ରାୟଗଡ଼ା

- ଜାତୀୟ କୀଟନାଶକ ଦିବସ ପାଳନ ଏବଂ ଅଭିଯାନ ଆରମ୍ଭ, ସ୍ଥାନ: ଏସ୍‌ଏସ୍‌ଡି ହାଇସ୍କୁଲ, ହାଟମୁନିଗୁଡା, ବିଷମ କଟକ, ସମୟ: ସକାଳ ୯ଟା ୩୦।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଚନ୍ଦ୍ରପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକ୍‌ସ୍ତରୀୟ ଫାଇଲେରିଆ ନିରାକରଣ କାର୍ଯ୍ୟକ୍ରମ ଉଦ୍‌ଘାଟନ, ସ୍ଥାନ: ମୁନିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସର,ସମୟ:ପୂର୍ବାହ୍ନ ୧୦ଟା।
- ରାମ ଚରିତ ମାନସ ଜ୍ଞାନଯଜ୍ଞ ଅରଣ୍ୟ କାଣ୍ଡ, ସ୍ଥାନ: ମଙ୍ଗଳା ମନ୍ଦିର, ରାୟଗଡା, ସମୟ: ସନ୍ଧ୍ୟା ୭ ଟା।

## ନବରଙ୍ଗପୁର

- ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ପାପଡାହାଣ୍ଡି ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଜାତୀୟ ଡି-ୱର୍ମିଂ - ୨୦୨୫ ର ଜିଲାସ୍ତରୀୟ ଶୁଭାରମ୍ଭ କାର୍ଯ୍ୟକ୍ରମ, ସ୍ଥାନ: ଆରସିଡି ହାଇସ୍କୁଲ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦ ।

ଏମ୍‌ଜିଆର୍‌ଇଜିଏସ୍ ବ୍ଲକସ୍ତରୀୟ ଜନଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ବ୍ଲକ ସମ୍ମିଳନୀ କକ୍ଷ, ଡାବୁଗାଁ, ସମୟ:ପୂର୍ବାହ୍ନ ୧୧ଟା।

## କୋରାପୁଟ

- ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି, ସ୍ଥାନ: ବ୍ଲକ୍ କାର୍ଯ୍ୟାଳୟ, ଦଶମନ୍ତପୁର, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦ୍‌ଯାପନ, ସ୍ଥାନ: ଆରଟିଓ ଅଫିସ ପଡିଆ, କୋରାପୁଟ, ସମୟ: ଅପରାହ୍ନ ୩ ଟା।

## ସମ୍ବଲପୁର

- ପତଞ୍ଜଳି ଯୋଗ ସମିତି ପକ୍ଷରୁ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ସହଯୋଗ ନଗର ସ୍ଥିତ ରାଧାକୃଷ୍ଣ ମନ୍ଦିର ପରସର, ସମୟ : ସକାଳ ୬ଟା।
- ଜିଲା ପ୍ରଶାସନର ମିଳିତି ଜନ ଶୁଣାଣୀ, ସ୍ଥାନ : ବାମରା ବ୍ଲକ କାର୍ଯ୍ୟାଳୟ, ସମୟ : ପୂର୍ବାହ୍ନ ୧୦ଟା।
- ସାଂସଦ କ୍ରୀଡା ମହୋତ୍ସବ, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ମଧ୍ୟାହ୍ନ ୧୨ଟା ୩୦।
- ତୃତୀୟ ବାଜିରାଉତ କପ୍ ଫୁଟବଲ ଟୁର୍ନାମମେଣ୍ଟ, ସ୍ଥାନ : ହାୱା ମଇଦାନ, ସମୟ : ଅପରାହ୍ନ ୨ଟା।
- କୁଚିଣ୍ଡା ବ୍ଲକ ଖଣ୍ଡୋକଟା ଧନୁଯାତ୍ରାର ତୃତୀୟ ଦିବସରେ ନନ୍ଦୋତ୍ସବ, ପୁତନା ବଧ, ମହାରାଜ କଂସଙ୍କ ଦିଗ୍‌ବିଜୟ, ସ୍ଥାନ: ଖଣ୍ଡୋକଟା ଧନୁଯାତ୍ରା ପଡିଆ, ସମୟ: ସନ୍ଧ୍ୟା ୭ଟା।

## ବଲାଙ୍ଗୀର

- ସାମୁହିକ ଔଷଧ ସେବନ କାର୍ଯ୍ୟକ୍ରମ ଓ ଜାତୀୟ କୃମିନାଶ ଦିବସ ପାଳନ, ସ୍ଥାନ: ପୃଥ୍ୱୀରାଜ ହାଇସ୍କୁଲ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ୩୦।

## ରାଉରକେଲା

- ହିନ୍ଦ୍ ମଜଦୁର ସଭା ପକ୍ଷରୁ ବଏଲର ବିଭାଗ ଆଗରେ ଦାବି ଉପସ୍ଥାପନ, ସ୍ଥାନ: ଉଦିତ ନଗର, ସମୟ: ପୂର୍ବାହ୍ନ ୧୦ଟା।
- ତୃତୀୟ ଶହୀଦ ସମ୍ମାନ ସମାରୋହ-୨୦୨୫, ସ୍ଥାନ: ସେକ୍ଟର-୪, ସମୟ: ପୂର୍ବାହ୍ନ ୧୦ଟା।

## ସୁନ୍ଦରଗଡ଼

- ସୁନ୍ଦରଗଡ଼ ସରକାରୀ ମହାଦ୍ୟାଳୟର ୬୮ତମ ବାର୍ଷିକ ଉତ୍ସବ,ସ୍ଥାନ:ମହାବିଦ୍ୟାଳୟ ପରିସର,ସମୟ:ପୂର୍ବାହ୍ନ ୧୦ଟା୩୦।
- ଜିଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନଶୁଣାଣି ଶିବିର,ସ୍ଥାନ:କୋଇଡା ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ,ସମୟ:ପୂର୍ବାହ୍ନ ୧୦ଟା୩୦।
- ତୁଡାଲଗା ପଞ୍ଚାୟତର ବାଇବାଇ ଗ୍ରାମରେ ରାତ୍ରୀକାଳୀନ ରାହାସ ଯାତ୍ରା, ସ୍ଥାନ:ରାହାସ ମଣ୍ଡପ, ସମୟ: ଅପରାହ୍ନ ୩ ଟା।

## ବରଗଡ଼

- ପଞ୍ଚକୁଣ୍ଡିୟ ଶିବଶକ୍ତି ଉପାସନା ମହାଯଜ୍ଞ, ସ୍ଥାନ: ନାଗେନପାଲି, ବରଗଡ଼,ସମୟ: ସକାଳ ୮ଟା।
- ନାକ୍ ପିୟର ଟିମ୍‌ର ପରିଦର୍ଶନ, ସ୍ଥାନ:ପଞ୍ଚାୟତ କଲେଜ, ବରଗଡ଼, ସମୟ:ସକାଳ ୮ଟା ୪୫।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ବସେଇକେଲା, ଭେଡ଼େନ,ସମୟ: ସକାଳ ୯ଟା।
- ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର,ସ୍ଥାନ: ପଞ୍ଚାୟତ ସମିତି ସଭାକକ୍ଷ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ଭରୋସା ଲେପ୍ରୋସି ପ୍ରୋଜେକ୍ଟର ଉଦ୍‌ଘାଟନୀ,ସ୍ଥାନ: ଝାରବେଡ଼ା ଲେପ୍ରୋସି କଲୋନୀ, ଜମୁର୍ଡ଼ା(ବରଗାଁ), ବରଗଡ଼,ସମୟ: ପୂର୍ବାହ୍ନ ୧୦ଟା ୩୦।
- ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ-ଉଡ଼ାନ୍,ସ୍ଥାନ: କଲେଜ ପରିସର, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଭାରତୀୟ ସମ୍ବିଧାନ ଉପରେ ଆଲୋଚନାଚକ୍ର, ସ୍ଥାନ:ଗାନ୍ଧୀ ସ୍ମୃତି ପାଠାଗାର, ବରଗଡ଼,ସମୟ: ସନ୍ଧ୍ୟା ୬ଟା ୩୦।

## କଳାହାଣ୍ଡି

- ଜିଲାପାଳଙ୍କ ଅଭିଯୋଗ ଶୁଣାଣି, ସମାଧାନ ଶିବିର, ସ୍ଥାନ: ଗୋଲାମୁଣ୍ଡା ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଟିପିଡବ୍ଲ୍ୟୁଓଡିଏଲ ପକ୍ଷରୁ ଅଭିଯୋଗ ପ୍ରତିବିଧାନ ମଞ୍ଚ, ସ୍ଥାନ: ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ସେକ୍ସନ ଅଫିସ, ସମୟ: ପୂର୍ବାହ୍ନ ୧୦ଟା।
- ଲାଞ୍ଜିଗଡ ଗ୍ରାମପଞ୍ଚାୟତର ଗ୍ରାମସଭା, ସ୍ଥାନ: ଲାଞ୍ଜିଗଡ ସାପ୍ତାହିକ ହାଟ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜୀବନ ଜୀବିକା ଓ ପ୍ରାକୃତିକ ସମ୍ପଦ ସୁରକ୍ଷା ପାଇଁ ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ, ପ୍ରତିବାଦ ସଭା, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ଅଫିସ ସମ୍ମୁଖ,ସମୟ: ପୂର୍ବାହ୍ନ ୧୧ଟା।

## ବୌଦ୍ଧ

- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଚାରିଛକ, ହରଭଙ୍ଗା, ସମୟ: ପୂର୍ବାହ୍ନ ୧୦ଟା।
- ସପ୍ତମ ପରଗଲପୁର କପ୍ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ଷଷ୍ଠ ଦିବସ, ସ୍ଥାନ: ପରଗଲପୁର ଖେଳପଡିଆ, ହରଭଙ୍ଗା, ସମୟ: ଅପରାହ୍ନ ୩ଟା।
- ଚତୁର୍ଥ ବାଉଁଶୁଣୀ ଲୋକ ମହୋବର ତୃତୀୟ ଦିବସ, ସ୍ଥାନ: ବାଉଁଶୁଣୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ, ବୌଦ୍ଧ, ସମୟ: ଅପରାହ୍ନ ୫ଟା।

## ଦେବଗଡ଼

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ବାରକୋଟ ବ୍ଲକଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଜାତୀୟ କୃମିନାଶକ ଦିବସ, ସ୍ଥାନ: ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଦେବଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ମା’ କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା’ କନକ ଦୁର୍ଗା ମନ୍ଦିର, ଦେବଗଡ଼, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବ୍ଲକ ସଭାଗୃହ,ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ସପ୍ତାହ ପାରାୟଣର ପଞ୍ଚମ ଦିବସ, ସ୍ଥାନ: ଭୁଡିଆପାଲି,ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଗ୍ରାମ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ମହଦା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, ଉଲୁଣ୍ଡା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ମାଘମେଳା ସାରସ୍ୱତ ସମାରୋହର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ଖଲିଆପାଲି ସ୍ଥିତ ଭୀମଭୋଇଙ୍କ ପୀଠ, ସମୟ: ଅପରାହ୍ନ ୪ଟା।
- ରାମାୟଣ ପାରାୟଣ, ସ୍ଥାନ: ଭାଲୁଡୁଙ୍ଗୁରି, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- ଗ୍ରାମ୍ୟ ପରିଚାଳନା କମିଟି ବୈଠକ, ସ୍ଥାନ: ଅମରପାଲି, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।

## ନୂଆପଡ଼ା

- ଗୁରୁକୁଳ ଆଶ୍ରମ ୫୮ତମ ବାର୍ଷିକ ଉତ୍ସବ ଉଦ୍‌ଯାପନୀ, ସ୍ଥାନ: ନୂଆପଡ଼ା ସଦର ବ୍ଲକ ଗୁରୁକୁଳ ଆଶ୍ରମ ଆମସେନା, ସମୟ: ସକାଳ ୯ ଟା।
- ୩ୟ ମା’ ବସ୍ତ୍ରାଣୀ କପ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପନୀ, ସ୍ଥାନ: କୋମନା ବ୍ଲକ ମାନିଗୁଡା ପଞ୍ଚାୟତ ଶିହିନାମୁଣ୍ଡା ତ୍ରିଭୂଜ ଖେଳ ପଡିଆ, ସମୟ: ପୂର୍ବାହ୍ନ ୧୦ ଟା।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସିନାପାଲି, ସମୟ: ପୂର୍ବାହ୍ନ ୧୦ଟା।

## ଝାରସୁଗୁଡ଼ା

- ଚବିଶ ପ୍ରହର ନାମଯଜ୍ଞ, ସ୍ଥାନ: ସାହାପଡ଼ା ନାମ ମଣ୍ଡପ, ସମୟ: ସକାଳ ୭ଟା।
- ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଜନଶୁଣାଣି ଶିବିର, ସ୍ଥାନ: ବ୍ରଜରାଜନଗର ମ୍ୟୁନିସିପାଲିଟି, ସମୟ: ପୂର୍ବାହ୍ନ ୧୦ଟା।
- ଏମ୍‌ସିଏଲ ଠିକା କର୍ମଚାରୀଙ୍କ ଧାରଣା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - ଆଜି ଦ୍ୱିଜା ନକ୍ଷତ୍ର ପୂର୍ବ ଆଲୋଚନା କ୍ରମେ ବନ୍ଧୁଙ୍କ ସହ ଯାତ୍ରା କରି ଖୁସି ମନେଇବେ। ପାରସ୍ପରିକ ଆଲୋଚନା କ୍ରମରେ ଘରର କେତେକ କାମକୁ କରିବା ସକାଶେ ଚିନ୍ତା କରିପାରନ୍ତି। କ୍ରୀଡ଼ା, କଳା, ସାହିତ୍ୟ, ସଙ୍ଗୀତାଦି କ୍ଷେତ୍ରରେ ସଫଳତା ଯୋଗୁ ଆନନ୍ଦିତ ହେବେ। ରଚନାତ୍ମକ କାର୍ଯ୍ୟ, କ୍ରୀଡ଼ା, ସଙ୍ଗୀତାଦି କ୍ଷେତ୍ରରେ ସୁନାମ ଅର୍ଜନ କରିପାରନ୍ତି।

**ବୃଷ** - ରୋହିଣୀ ନକ୍ଷତ୍ର ଉଚ୍ଚପଦସ୍ଥ ବ୍ୟକ୍ତିଙ୍କ ସାହାଯ୍ୟ, ସରକାରୀ ସ୍ତରରୁ, ଜମାଟଙ୍କାରୁ କିମ୍ବା ବନ୍ଧୁଙ୍କ ନିକଟରୁ ଅର୍ଥ ପାଇ ଖୁସି ହେବେ। ପାରିବାରିକ ସ୍ତରରେ ଗୁରୁବର୍ଗଙ୍କ ନିକଟରୁ ପ୍ରେରଣା ପାଇ ଦୁଃସାଧ୍ୟ ସାଧନ କରିବେ। ପ୍ରଶାସନିକ ସ୍ତରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡିପାରେ। ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବ।

**ମିଥୁନ** - କର୍ମାରମ୍ଭରେ କିମ୍ବା ଆନୁଷ୍ଠାନିକ କାମରେ ଉତ୍ସାହିତ ହେବେ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ ଅନ୍ୟଥା ଯାନ୍ତ୍ରିକ ତ୍ରୁଟି ଯାତ୍ରାକୁ ବ୍ୟାହତ କରିବ। ପୁନର୍ବସୁ ମିଥୁନ ବ୍ୟବସାୟୀମାନେ ସମସ୍ୟା ଓ ପ୍ରତିବନ୍ଧକକୁ ଯଥାସାଧ୍ୟ ପ୍ରତିହତ କରିପାରିବେ। ବନ୍ଧୁଙ୍କ ସହ ଆଲୋଚନା କିମ୍ବା ଯାତ୍ରା ତରବରିଆ ଭାବେ କରନ୍ତୁ ନାହିଁ।

**କର୍କଟ** - ଅଶ୍ଳେଷା ନକ୍ଷତ୍ର ସମ୍ପର୍କୀୟଙ୍କ ସାହାଯ୍ୟ ଦ୍ୱାରା କାମ ହାସଲ କରାଇବ। କର୍ମକ୍ଷେତ୍ରରେ ଅସ୍ଥିରତା ଲାଗି ରହିବା ସାଙ୍ଗକୁ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ଉଚ୍ଚବର୍ଗଙ୍କ ପୃଷ୍ଠପୋଷକତାରୁ କାର୍ଯ୍ୟସିଦ୍ଧି କିମ୍ବା ବନ୍ଧୁ ମିଳନରୁ ଉତ୍ସାହିତ ହେବେ। ଗୁପ୍ତ ଶତ୍ରୁମାନଙ୍କର ସକ୍ରିୟତା ବୃଦ୍ଧି ପାଇବା ହେତୁ ସାମୟିକ ବ୍ୟସ୍ତ ରହିପାରନ୍ତି।

**ସିଂହ** - ପୂର୍ବାଫାଲଗୁନୀ ନକ୍ଷତ୍ର ପାରିବାରିକ କ୍ଷେତ୍ରରେ ରହିଥିବା ଆବଶ୍ୟକତାକୁ ପୂରଣ କରିବାରେ ସମର୍ଥ ହେବେ। ନିକଟ ସମ୍ପର୍କୀୟମାନଙ୍କ ସକାଶେ ବ୍ୟୟ କରିବାକୁ ବାଧ୍ୟ ହୋଇପାରନ୍ତି। ବକେୟା ଅର୍ଥ ଆଦାୟ କରିବାରେ ବିଭିନ୍ନ କୌଶଳ ଅବଲମ୍ବନ କରିବାକୁ ପଡିବ। ଅଫିସରେ ଉଚ୍ଚବର୍ଗ ବ୍ୟକ୍ତିଙ୍କ ଦ୍ୱାରା ସହଯୋଗ ପାଇବେ।

**କନ୍ୟା** - ଆଜି ହସ୍ତା ନକ୍ଷତ୍ର ପାରିବାରିକ କ୍ଷେତ୍ରରେ ସମସ୍ୟା ଲାଗି ରହିଥିବା ଯୋଗୁ ଅଶାନ୍ତି ମନକୁ ବିଚଳିତ କରିବ। ପରୋକ୍ଷ ଶତ୍ରୁତା ହେତୁ କର୍ମ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ସମ୍ଭାବନା ରହିଛି। ଆଗାମୀ ମାଙ୍ଗଳିକ କାମ ସକାଶେ ଗୃହ ସଜ୍ଜାରେ ମନୋନିବେଶ କରିବେ। ଅଫିସ୍ କାମରେ ଯେସାକୁ ତେସା ନୀତିରେ କାମ କରି ସମାଲୋଚିତ ହୋଇପାରନ୍ତି।

**ତୁଳା** - ପାରିବାରିକ ଜୀବନରେ କେତେକ ବ୍ୟତିକ୍ରମ ରହିଥିଲେ ମଧ୍ୟ ବିଶେଷ କିଛି ଅସୁବିଧା ହେବ ନାହିଁ। ବ୍ୟବସାୟରେ ଅଭୂତପୂର୍ବ ସଫଳତା ହାସଲ କରି ଋଣମୁକ୍ତ ହୋଇପାରନ୍ତି। ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହନ୍ତୁ ନଚେତ୍ ନୂଆ ସମସ୍ୟା ଆସିପାରେ। ସ୍ୱାତୀ ନକ୍ଷତ୍ର ଆପୋସ ଆଲୋଚନା ଦ୍ୱାରା ବନ୍ଧୁଙ୍କ ସମସ୍ୟାର ସମାଧାନ ହେବ।

**ବିଛା** - ଆଜିର ଯାତ୍ରାରେ ସଫଳତା ଅବଶ୍ୟ ମିଳିବ, କିନ୍ତୁ ଅତ୍ୟଧିକ ଖର୍ଚ୍ଚାନ୍ତ ହେତୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ଶିଳ୍ପ, ବାଣିଜ୍ୟ, ପରିବହନ ତଥା ପ୍ରଶାସନିକ ସ୍ତରରେ ବ୍ୟସ୍ତତା ଦୂର ହୋଇଯିବ। ଈର୍ଷା ପରାୟଣ ପାଖ ଲୋକ ଅପପ୍ରଚାର କରିପାରନ୍ତି। ଜ୍ୟେଷ୍ଠା ନକ୍ଷତ୍ରର କଳା, ସାହିତ୍ୟ, କ୍ରୀଡା କ୍ଷେତ୍ରରେ ସଫଳତା ମିଳିପାରେ।

**ଧନୁ** - ଆଜିର କର୍ମକ୍ଷେତ୍ର ଏବଂ ପାରିବାରିକ ସ୍ଥିତି ମୂଳା ନକ୍ଷତ୍ର ସକାଶେ ବିଗିଡିଯିବ। କେତେକ କ୍ଷେତ୍ରରେ ଅତି ଭଲ ସମ୍ପର୍କ ଥିବା ବ୍ୟକ୍ତିଟି ଭୁଲ୍ ଧାରଣା ପୋଷଣ କରିବାର ସୂଚନା ରହିଛି। ଆଜିର ଦିନଚର୍ଯ୍ୟାରେ ସବୁକଥାକୁ ହାଲୁକା ଭାବେ ନେଲେ କ୍ଷତିରେ ପଡିବେ। ରପ୍ତାନି ବାଣିଜ୍ୟରେ ଉନ୍ନତି ଘଟିବ। ରାଜନୀତିରେ ପ୍ରଶଂସିତ ହେବେ।

**ମକର** - ବିଭିନ୍ନ ପ୍ରକାର ସମସ୍ୟା ବିଜଡିତ ଯୋଗୁ ଆପଣ ମାନସିକ ସନ୍ତୁଳନ ହରାଇପାରନ୍ତି। ଶ୍ରବଣା ନକ୍ଷତ୍ର ଆକସ୍ମିକ ଭାବେ ନିଜ ଲୋକମାନେ ଶତ୍ରୁତା କରି ବସିବେ। ପରିସ୍ଥିତିବଶତଃ ଯୋଜନା ଠିକ୍ ଭାବରେ ବଦଳାଇବା ପାଇଁ କଷ୍ଟକର ହେବାର ସୂଚନା ରହିଛି। ଅନ୍ୟମାନଙ୍କ କଥା ରକ୍ଷା କରିବାକୁ ଯାଇ ବନ୍ଧୁଦ୍ୱାରକୁ ଗମନ କରିପାରନ୍ତି।

**କୁମ୍ଭ** - କର୍ମକ୍ଷେତ୍ରରେ ମତାନ୍ତରଜନିତ କେତେକ ସମସ୍ୟାର ସମ୍ମୁଖୀନ ହେବେ। ଶତଭିଷା ନକ୍ଷତ୍ରର ଆର୍ଥିକ ସ୍ଥିତି ପୂର୍ବପରି ରହିବା କାରଣରୁ ଚିନ୍ତିତ ହେବେ। ପୁତ୍ରକନ୍ୟାଙ୍କ ହେତୁକ କେତେକ ସମସ୍ୟାକୁ ନେଇ ଚିନ୍ତିତ ହେବେ। ବ୍ୟବସାୟ, ବନ୍ଧୁସମ୍ପର୍କ, ଆଲୋଚନା, କ୍ରୟବିକ୍ରୟ କ୍ଷେତ୍ରରେ ସନ୍ତୋଷଜନକ ଫଳ ପାଇବେ।

**ମୀନ** - ଅନ୍ୟମାନଙ୍କୁ ଆପଣାର କରିବା ସକାଶେ ବିଭିନ୍ନ ଉପାୟ ଅବଲମ୍ବନ କରି କୃତକାର୍ଯ୍ୟ ହେବେ। ରେବତୀ ନକ୍ଷତ୍ର କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସଫଳତା ଅର୍ଜନ କରିବେ। ପାରିବାରିକ,ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ମିଳିବ। ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ଭଲ।

ଆଜି ଫେବୃଆରୀ ୧୦ ତାରିଖ, ମାଘ ଶୁକ୍ଳ ତ୍ରୟୋଦଶୀ ସୋମବାର, ରାଶିନକ୍ଷତ୍ର-ପୁନର୍ବସୁ/ମିଥୁନ, ଦିବା ଘ.୧୧।୫୭ ମି. ଗତେ କର୍କଟ ଚନ୍ଦ୍ର, ତ୍ରୟୋଦଶୀରେ ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬।୨୧ ଗତେ, ଘ.୦୭।୪୬ ମଧ୍ୟେ, ଘ.୧୦।୫୩ ଗତେ, ଘ.୦୧।୦୮ ମଧ୍ୟେ ଶୁଦ୍ଧ ଶୁଭ ବେଳା। ସକାଳ ଘ.୦୭।୪୬ ଗତେ, ଘ.୦୯।୧୧ ମଧ୍ୟେ ରାହୁକାଳ।

# ପ୍ରଥମ ପୃଷ୍ଠାରୁ...

## ହିଂସାର ୨ ବର୍ଷ ପରେ ...

ନିଖୋଜ ଥିବା ଜଣାପଡ଼ିଛି। ମନ୍ଦିର ଓ ଚର୍ଚ୍ଚ ସମେତ ୩୮୬ଟି ଧର୍ମୀୟ ସ୍ଥଳ ଭଙ୍ଗାରୁଜା କରାଯାଇଥିଲା ଏବଂ ୪,୭୮୬ଟି ଘର ଜାଳିଦିଆଯାଇଥିଲା। ହିଂସାକାଣ୍ଡ ରୋକିବାରେ ମୁଖ୍ୟମନ୍ତ୍ରୀ ବୀରେନ୍ ସିଂ ବିଫଳ ହୋଇଥିବା ନେଇ ସମାଲୋଚିତ ହୋଇଆସୁଥିଲେ। କିଛିଦିନ ପୂର୍ବରୁ କନ୍‌ରାଡ ସାଙ୍ଗମାଙ୍କ ନ୍ୟାଶନାଲ ପିପୁଲ୍ସ ପାର୍ଟି ବୀରେନ୍‌ଙ୍କ ସରକାରରୁ ସମର୍ଥନ ପ୍ରତ୍ୟାହାର କରିନେଇଥିବାବେଳେ କେତେଜଣ ଭାଜପା ବିଧାୟକ ନେତୃତ୍ୱରେ ପରିବର୍ତ୍ତନ ଦାବି କରିବା ସମ୍ଭାବନା ସୃଷ୍ଟି ହୋଇଥିଲା। ସମ୍ଭାବ୍ୟ ସ୍ଥିତିକୁ ଏଡ଼ାଇବା ପାଇଁ କେନ୍ଦ୍ରୀୟ ନେତୃତ୍ୱଙ୍କ ପରାମର୍ଶକ୍ରମେ ବୀରେନ୍ ଇସ୍ତଫା ଦେଇଥିବା କୁହାଯାଉଛି। ରବିବାର ସକାଳେ ବୀରେନ୍ ଦିଲ୍ଲୀ ଯାଇ ଭାଜପା ଅଧ୍ୟକ୍ଷ ଜେ.ପି. ନଡ୍ଡା ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କୁ ଭେଟିଥିଲେ। ଜାତିଆଣ ହିଂସା ଘଟଣାରେ ନେତୃତ୍ୱ ପରିବର୍ତ୍ତନ ପାଇଁ ୧୨ ଜଣ ଭାଜପା ବିଧାୟକ ଜୋର୍‌ଦାର ଦାବି କରିଆସୁଥିଲାବେଳେ ପ୍ରାୟ ୬ ଜଣ ଦୋଦୁଲ୍ୟମାନ ସ୍ଥିତିରେ ଥିଲେ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ଏଥିସହିତ ବାଚସ୍ପତିଙ୍କର ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ସହ ମତପାର୍ଥକ୍ୟ ରହିଥିବା କୁହାଯାଉଛି। ଏପରିକି କେତେଜଣ ବିଦ୍ରୋହୀ ବିଧାୟକ ଅମିତ୍ ଶାହାଙ୍କୁ ଭେଟି ନେତୃତ୍ୱ ପରିବର୍ତ୍ତନ ପାଇଁ ଦାବି କରିଥିଲେ। ଶନିବାରଠାରୁ ରାଜ୍ୟ ବିଧାନସଭା ଅଧିବେଶନ ଆରମ୍ଭ ହୋଇଥିବାବେଳେ ଅନାସ୍ଥା ପ୍ରସ୍ତାବ ଆଣିବା ପାଇଁ କଂଗ୍ରେସ ଧମକ ଦେଇଥିଲା। ପ୍ରସ୍ତାବ ଉପରେ ଭୋଟଗ୍ରହଣ ହୋଇଥିଲେ ଅସନ୍ତୁଷ୍ଟ ବିଧାୟକମାନେ ଗୃହରେ ଅନୁପସ୍ଥିତ ରହିବା ସମ୍ଭାବନା ଥିଲା ବୋଲି ଏକ ସୂତ୍ରରୁ ଜଣାପଡ଼ିଛି।

ଅନ୍ୟପକ୍ଷରେ ହରିୟାଣା, ମହାରାଷ୍ଟ୍ର ଏବଂ ଦିଲ୍ଲୀ ବିଧାନସଭା ନିର୍ବାଚନରେ ଭାଜପା କ୍ରମାଗତ ସଫଳତା ହାସଲ କରିଥିବାବେଳେ ମଣିପୁରରେ ସଙ୍କଟ ଯୋଗୁ ଦଳ କ୍ଷତିଗ୍ରସ୍ତ ହେବାକୁ କେନ୍ଦ୍ରୀୟ ନେତୃତ୍ୱ ଚାହିଁଲେ ନାହିଁ। ସୂଚନା ଅନୁଯାୟୀ, ବୀରେନ୍ ସିଂ ରାଜ୍ୟରେ ହିଂସାକୁ ଉସୁକାଉଥିବା ଅଭିଯୋଗ ନେଇ କୁକି ସମ୍ପ୍ରଦାୟର ଜଣେ ବ୍ୟକ୍ତି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବା ପରେ ନେତୃତ୍ୱ ପରିବର୍ତ୍ତନ ଦାବି ଜୋର୍ ଧରିଥିଲା। ଲିକ୍ ହୋଇଥିବା ଏକ ଅଡିଓ ଟେପ୍‌କୁ ଆଧାର କରି ବୀରେନ୍‌ଙ୍କ ବିରୋଧରେ ଅଭିଯୋଗ ହୋଇଥିଲା। ଉକ୍ତ ଅଡିଓର ସ୍ୱର ସହ ବୀରେନ୍‌ଙ୍କ ସ୍ୱର ୯୩ ପ୍ରତିଶତ ମେଳ ଖାଉଥିବା ଟ୍ରୁଥ୍ ଲାବ୍ସ ନାମକ ଏକ ଫୋରେନ୍‌ସିକ୍ ଲାବରେଟୋରି ସ୍ପଷ୍ଟ କରିଥିଲାବେଳେ ସର୍ବୋଚ୍ଚ ଅଦାଲତ କେନ୍ଦ୍ରୀୟ ଫୋରେନ୍‌ସିକ୍ ସାଇନ୍ସ ଲାବରେଟୋରିକୁ ରିପୋର୍ଟ ମାଗିଥିଲେ।

## ଜଳିଲାନି ଫ୍ଲଡ୍ ...

ନ ଥିଲା। ଷ୍ଟାଡିୟମରେ ମୋଟ ୮ଟି ଫ୍ଲଡ୍ ଲାଇଟ ମଧ୍ୟରୁ ଗୋଟିଏ ବନ୍ଦ ହୋଇଯିବାରୁ ମ୍ୟାଚ୍‌କୁ ବନ୍ଦ କରିଦିଆଯାଇଥିଲା। ଓପନର ବ୍ୟାଟ୍ସମ୍ୟାନ ରୋହିତ ଶର୍ମା ଏବଂ ଶୁଭମନ ଗିଲ୍ ପାଭିଲିୟନକୁ ଫେରିଥିଲେ। ପ୍ରାୟ ୪୫ ମିନିଟ୍ ଧରି ଖେଳ ହୋଇ ନ ଥିଲା। ଲାଇଟ୍ ଜଳିବା ପରେ ପୁଣି ଖେଳ ଆରମ୍ଭ ହୋଇଥିଲା। ଅନ୍ତର୍ଜାତୀୟ ମ୍ୟାଚରେ ଏଭଳି ତ୍ରୁଟିକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି।

## ୩୧ ମାଓବାଦୀ ...

ଗତବର୍ଷ ଛତିଶଗଡ଼ରେ ଏନ୍‌କାଉଣ୍ଟରରେ ୨୧୯ ମାଓବାଦୀ ନିହତ ହୋଇଥିବା ପୋଲିସ ପକ୍ଷରୁ କୁହାଯାଇଥିଲା। ସେଥିରୁ ସବୁଠୁ ବଡ଼ ଏନ୍‌କାଉଣ୍ଟର ଅକ୍ଟୋବର ୪ରେ ହୋଇଥିଲା। ନାରାୟଣପୁର-ଦାନ୍ତେୱାଡା ଅଞ୍ଚଳର ଅଭୁଜମାଡ ଏରିଆରେ ୩୮ ମାଓବାଦୀ ନିହତ ହୋଇଥିବା ଦାବି କରାଯାଇଥିଲା। ଗତ ଜାନୁଆରୀ ୨୦-୨୧ରେ ରାଏପୁର ଡିଭିଜନ୍‌ର ଗରିଆବନ୍ଦ ଜିଲାରେ ଏନ୍‌କାଉଣ୍ଟର ବେଳେ ୧୬ ମାଓବାଦୀ ନିହତ ହୋଇଥିବା ସୂଚନା ଦିଆଯାଇଥିଲା। କିନ୍ତୁ ମୃତ ବ୍ୟକ୍ତିମାନେ ସମସ୍ତେ ମାଓବାଦୀ ଥିଲେ ବୋଲି କୌଣସି ତୃତୀୟ ପକ୍ଷ ସ୍ପଷ୍ଟ କରି ନ ଥିବାରୁ ଏନ୍‌କାଉଣ୍ଟରକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି।

## ବାରବାଟୀରେ ଭାରତର...

୩, ୬, ୧୦, ୩ ଓ ୯, ଜମ୍ମୁ-କଶ୍ମୀର ବିପକ୍ଷ ରଣଜୀ ଟ୍ରଫିରେ ୩ ଓ ୨୮ ଏବଂ ନାଗପୁରରେ ଇଂଲଣ୍ଡ ବିପକ୍ଷ ପ୍ରଥମ ଦିନିକିଆରେ ୨ ରନ କରିଥିବା ରୋହିତ ଏଠାରେ କିନ୍ତୁ ଖେଳିଥିଲେ ସ୍ମରଣୀୟ ଇନିଂସ। ଅନ୍ୟତମ ଓପନର ଶୁବମନ ଗିଲ୍ ମଧ୍ୟ ଅର୍ଦ୍ଧଶତକ ହାସଲ କରିଥିଲେ। ଦୁହେଁ ଶତକୀୟ ଭାଗୀଦାରି ଗଢ଼ି ଓପନିଂ ଯୋଡ଼ିରେ ୧୦୦ ବଲ୍‌ରୁ ୧୩୬ ରନ ଯୋଗ କରିବାପରେ ଗିଲ୍ ଆଉଟ ହେବା ସହ ପାର୍ଟନରଶିପ୍ ଭାଙ୍ଗିଥିଲା। ଗିଲ୍ ୫୨ ବଲ୍‌ରୁ ୬୦ ରନ କରିବାପରେ ଜେମି ଓଭର୍ଟନଙ୍କ ୟର୍କରରେ କ୍ଲିନ୍ ବୋଲ୍ଡ ହୋଇ ଯାଇଥିଲେ। ନିଜ ଇନିଂସ୍ ମଧ୍ୟରେ ସେ ୯ ଚୌକା ଓ ୧ ଛକା ମାରିଥିଲେ। ପରେ କ୍ରିଜ୍‌କୁ ବିରାଟ କୋହଲି ଆସିବାବେଳେ ଦର୍ଶକଙ୍କ ମଧ୍ୟରେ ଉତ୍ସାହ ଖେଳି ଯାଇଥିଲା। ହେଲେ ସେ ମାତ୍ର ୫ ରନକରି ଆଉଟ ହେବାରୁ ନିରବତା ଛାଇ ଯାଇଥିଲା। ମାତ୍ର ଶତକ ହାସଲ କରି ଦର୍ଶକଙ୍କ ମନୋରଞ୍ଜନ କରିଥିଲେ ରୋହିତ। ୨୬ତମ ଓଭରର ଦ୍ୱିତୀୟ ବଲ୍‌ରେ ଆଦିଲ୍ ରଶିଦଙ୍କୁ ଛକା ମାରି ତିନି ଅଙ୍କ ଛୁଇଁ ଥିଲେ ହିଟମ୍ୟାନ। ଏହାଥିଲା ବାରବାଟୀରେ ରୋହିତଙ୍କ ପ୍ରଥମ ଏବଂ ଓଭରଅଲ୍ ୩୨ତମ ଦିନିକିଆ ଶତକ। ୯୦ଟି ବଲ୍‌ର ସମ୍ମୁଖୀନ ହୋଇ ୧୨ ଚୌକା ଓ ୭ ଛକା ସହାୟତାରେ ୧୧୯ ରନ କରି ଲିଆମ ଲିଭିଂଷ୍ଟୋନଙ୍କ ବଲ୍‌ରେ ରଶିଦଙ୍କୁ କ୍ୟାଚ ଦେଇ ନିଜ ସ୍ମରଣୀୟ ଇନିଂସର ପରିସମାପ୍ତି ଘଟାଇଥିଲେ ରୋହିତ। ଶ୍ରେୟସ ଆୟରଙ୍କ ସହ ତୃତୀୟ ଉଇକେଟ ଯୋଡ଼ିରେ ସେ ମୂଲ୍ୟବାନ ୭୦ ରନ ଯୋଡ଼ିଥିଲେ। ଏହି ଶତକ ତାଙ୍କୁ ଖୁବ୍ ଆଶ୍ୱସ୍ତ କରିଥିଲା। ରୋହିତଙ୍କ ଆଉଟ୍ ପରେ ଆୟର ଓ ଅକ୍ଷର ପଟେଲ ଦଳକୁ ବିଜୟ ପଥରେ ଆଗେଇ ନେଇଥିଲେ। ତେବେ ଆତ୍ମବିଶ୍ୱାସର ସହ ଖେଳିଥିବା ଆୟର ୪୪ ରନ କରିଥିବାବେଳେ ଦୁର୍ଭାଗ୍ୟଜନକ ଭାବେ ରନ୍‌ଆଉଟ ହୋଇ ଯାଇଥିଲେ। ଲୋକେଶ ରାହୁଲ ଓ ହାର୍ଦ୍ଦିକ ପାଣ୍ଡ୍ୟା ୧୦ ରନ ଲେଖାଏ କରି ଆଉଟ ହୋଇଥିବାବେଳେ ଅକ୍ଷର ପଟେଲ ୪୧ ଓ ରବୀନ୍ଦ୍ର ଜାଡେଜା ୧୧ ରନରେ ଅପରାଜିତ ରହି ଭାରତକୁ ଆହୁରି ୩୩ ବଲ ବାକିଥାଇ ବିଜୟୀ କରିଥିଲେ। ଇଂଲଣ୍ଡ ପକ୍ଷରୁ ଜେମି ଓଭର୍ଟନ ୨ଟି ଏବଂ ଗସ ଆଟକିନସନ, ଆଡିଲ ରଶିଦ ଓ ଲିଆମ ଲିଭିଂଷ୍ଟୋନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

### ସୀମାନ୍ତ ଗ୍ରାମରେ ଆନ୍ଧ୍ରର ପାଣିଟାଙ୍କି ନିର୍ମାଣକୁ ବନ୍ଦ କଲା ଓଡ଼ିଶା ପୋଲିସ

# ବ୍ୟାନର ଧରି ପ୍ରତିବାଦ କଲା ଆନ୍ଧ୍ର ଜନ ସଂଗଠନ

**ଜିଲାପାଳଙ୍କୁ ରିପୋର୍ଟ ଦେଲେ ବିଡିଓ, ତହସିଲଦାର**

**ପଟ୍ଟାଙ୍ଗି,୯।୨(ଶରତ କୁମାର ଧଳ)**



ଆଦିବାସୀ ଜନ ସଂଗଠନ ଦଳ ଓ ଗ୍ରାମବାସୀ ବ୍ୟାନର ଧରି ପ୍ରତିବାଦ କରୁଛନ୍ତି।

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ ଅଧିନ କୋଟିଆ ପଞ୍ଚାୟତ ଧୂଳିପଦର ଗ୍ରାମରେ ଆନ୍ଧ୍ର ପକ୍ଷରୁ କରାଯାଉଥିବା ବିଭିନ୍ନ ଉନ୍ନୟନମୂଳକ ଓ ପାଣିଟାଙ୍କି ନିର୍ମାଣ କାର୍ଯ୍ୟକୁ ଶନିବାର ଓଡ଼ିଶା ପୋଲିସ ପ୍ରଶାସନ ବନ୍ଦ କରିଥିଲା। ସ୍ଥାନୀୟ ବିଡିଓ ରାମକୃଷ୍ଣ ନାୟକ ଏବଂ ତହସିଲଦାର ଦେବେନ୍ଦ୍ର ବାହାଦୁର ସିଂ ଧାରୁଆ ସମ୍ପୃକ୍ତ ଗ୍ରାମରେ ପହଞ୍ଚି ନିର୍ମାଣ କାର୍ଯ୍ୟ ବନ୍ଦ କରିବାକୁ ତାଗିଦା କରିଥିବା ବେଳେ ସେଠାରେ କୋଟିଆ ପୋଲିସ ଉପସ୍ଥିତ ଥିଲା। ସେପଟେ ଏହି ବନ୍ଦ ପଦକ୍ଷେପକୁ ୨୪ ଘଣ୍ଟା ନ ପୂରୁଣୁ ରବିବାର ଆନ୍ଧ୍ର ଆଦିବାସୀ ଜନ ସଂଗଠନର ସଦସ୍ୟ ଉକ୍ତ ଗ୍ରାମରେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରି ଓଡ଼ିଶା ପ୍ରଶାସନର ପଦକ୍ଷେପକୁ ନିନ୍ଦା କରିଥିବା ବେଳେ ଏକ ବ୍ୟାନର ଧରି ପ୍ରତିବାଦ କରିଥିଲେ। ଏହା ଉପରେ ଓଡ଼ିଶା ପ୍ରଶାସନିକ ଅଧିକାରୀଙ୍କଠାରୁ ଆରମ୍ଭ କରି ପୋଲିସ ପ୍ରଶାସନ ଦୃଷ୍ଟି ରଖିଥିଲେ ସୁଦ୍ଧା ସୀମାନ୍ତ ଗ୍ରାମବାସୀଙ୍କୁ ହାତ କରି ଆନ୍ଧ୍ରର ଆଦିବାସୀ ଜନ ସଂଗଠନ ଏହାର ପ୍ରତିବାଦ କରିବାରେ ପଛଘୁଞ୍ଚା ଦେଉ ନ ଥିବା ସୂଚନା ମିଳିଛି। ସୀମା ବିବାଦକୁ ନେଇ ସୁପ୍ରିମକୋର୍ଟ ଦେଇଥିବା ରାୟକୁ ଦୁଇ ରାଜ୍ୟର ପ୍ରଶାସନ ପାଳନ କରୁ ନ ଥିବା ବେଳେ ପାନୀୟ ଜଳ ବ୍ୟବସ୍ଥାକୁ ବନ୍ଦ କରିବା କେତେ ଦୂର ଠିକ୍ ହେଉଛି ବୋଲି ପ୍ରଶ୍ନ ଉଠାଇ ଗ୍ରାମବାସୀଙ୍କ ପାଇଁ ପାନୀୟଜଳ ବ୍ୟବସ୍ଥା ଓଡ଼ିଶା ବା ଆନ୍ଧ୍ର ଯିଏବି କରୁ, ଏହା ଲୋକଙ୍କ କାର୍ଯ୍ୟରେ ଲାଗିବ। ଏଥିରେ ଓଡ଼ିଶା ପ୍ରଶାସନ ହସ୍ତକ୍ଷେପ କରି ବନ୍ଦ କରିବା ଠିକ୍ ନୁହେଁ ବୋଲି ଉକ୍ତ ସଂଗଠନକୁ ଗ୍ରାମବାସୀ ସମର୍ଥନ କରି ସ୍ୱର ଉତ୍ତୋଳନ କରିଛନ୍ତି।

ସୂଚନାଯୋଗ୍ୟ, ଓଡ଼ିଶା ସରକାର ଗ୍ରାମବାସୀଙ୍କ ପାଇଁ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରିଥିବା ବେଳେ ଆନ୍ଧ୍ରର ପାର୍ବତୀପୁରମ୍ ମାନ୍ୟାମ୍ ଜିଲା ପ୍ରଶାସନ ଅଧିନ ସାଲୁର ବ୍ଲକ୍ ପ୍ରଶାସନ ପକ୍ଷରୁ ଧୂଳିପଦର ଗ୍ରାମରେ ପାଣିଟାଙ୍କି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା ପଟ୍ଟାଙ୍ଗି ବ୍ଲକ୍ ପ୍ରଶାସନର ଦୃଷ୍ଟିକୁ ଆସିଥିଲା। ଏ ସମ୍ପର୍କରେ ବିଡିଓ ନାୟକଙ୍କୁ ଯୋଗାଯୋଗ କରିବାରୁ ଉପରୋକ୍ତ ଘଟଣା ସମ୍ପର୍କରେ ଖବର ପାଇ ତହସିଲଦାର ଏବଂ ମୁଁ ଘଟଣାସ୍ଥଳକୁ ଯାଇ କାମ ବନ୍ଦ କରିବା ସହ ଏକ ରିପୋର୍ଟ ଜିଲାପାଳଙ୍କୁ ପ୍ରଦାନ କରିଥିବା ସେ କହିଥିଲେ।

ସୂଚନାଯୋଗ୍ୟ, ଆନ୍ଧ୍ରର ଉକ୍ତ ସଙ୍ଗଠନ ଗତ ଶନିବାର ଉପର ସେମ୍ଭି ଓ ତଳ ସେମ୍ଭି ଗ୍ରାମବାସୀଙ୍କୁ ନେଇ ଓଡ଼ିଶାର ଉନ୍ନୟନମୂଳକ କାର୍ଯ୍ୟ ଏବଂ ଏଭଳି ପଦକ୍ଷେପର ପ୍ରତିବାଦ କରିଥିବା ବେଳେ ପୁଣି ଦ୍ୱିତୀୟ ଥର ଅନୁପ୍ରବେଶ କରି ନିଜର କାର୍ଯ୍ୟ ପନ୍ଥାକୁ ଜାରି ରଖିଛି।

# ନିଆଁ ଲାଗି ଜଳିଗଲା ଦୋକାନ: ମହିଳା ଜୀବନ୍ତ ଦଗ୍ଧ

**ବେଆଇନ ଭାବେ ବିକ୍ରି ହେଉଥିଲା ପେଟ୍ରୋଲ**

**ପଟ୍ଟାମୁଣ୍ଡାଇ,୯।୨(କଳ୍ପତରୁ ନାୟକ)**



କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅନ୍ତର୍ଗତ ବକ୍ତାରପୁର ଛକରେ ଥିବା ଏକ ପୂଜା ସାମଗ୍ରୀ ଦୋକାନରେ ରବିବାର ସକାଳେ ନିଆଁ ଲାଗି ସାମଗ୍ରୀ ଜଳିପୋଡ଼ି ପାଉଁଶ ହୋଇଯାଇଥିବାବେଳେ ମାଲିକିଆଣୀ ଜୀବନ୍ତ ଦଗ୍ଧ ହୋଇଛନ୍ତି। ସେ ହେଲେ ସ୍ଥାନୀୟ ବକ୍ତାରପୁର ଗାଁର କମଳା ସାହୁ (୪୭)। କମଳା ସକାଳ ସାଢ଼େ ୮ ବେଳେ ଦୋକାନ ପୂଜା କରି ଧୂପକାଠି ଦେବା ପରେ ତାହାର ନିଆଁ ଝୁଲ ପେଟ୍ରୋଲ ବୋତଲ ଉପରେ ପଡ଼ି ଏହି ଅଗ୍ନିକାଣ୍ଡ ଘଟିଥିବା ସ୍ଥାନୀୟ ଲୋକେ କହିଛନ୍ତି।

ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, କମଳା ଏକ ଛୋଟ ଦୋକାନ କରି ପୂଜା ସାମଗ୍ରୀ ସହ ବେଆଇନ ଭାବେ ପେଟ୍ରୋଲ ବୋତଲରେ ରଖି ବିକ୍ରି କରୁଥିଲେ। ସକାଳେ ଧୂପ ଦେବା ପରେ ଅଚାନକ ପେଟ୍ରୋଲରେ ନିଆଁ ଲାଗିଯାଇଥିଲା। ସେତେବେଳେ କମଳା ଦୋକାନ ବାହାରେ ଥିଲେ। ସେ ହଠାତ ଚିଲାଇ କିଛି ସାମଗ୍ରୀ ଆଣିବାକୁ ଭିତରକୁ ପଶି ଯାଇ ଆଉ ବାହାରି ପାରି ନ ଥିଲେ। ଫଳରେ ଦେଖୁ ଦେଖୁ ସମ୍ପୂର୍ଣ୍ଣ ଦୋକାନ ହୁତୁ ହୁତୁ ହୋଇ ଜଳି ଉଠିଥିଲା। ସ୍ଥାନୀୟ ଲୋକେ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ପରେ ଅଗ୍ନିଶମ ବିଭାଗର କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ହେଲେ ସେତେବେଳକୁ କମଳା ସମ୍ପୂର୍ଣ୍ଣ ଜଳିଯାଇଥିଲେ। ଆଦର୍ଶ ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଦୋକାନରେ ଥିବା ଘିଅ, ରାଶି, ଜଡା ତେଲରେ ନିଆଁ ଲାଗିବାରୁ ବେଶି ଜୋରରେ ଜଳିଥିଲା। ନିଆଁକୁ ଆୟତ୍ତ କରାଯିବାରୁ ଅନ୍ୟ ଦୋକାନ ସବୁ ବର୍ତ୍ତିଗଲା ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଏ ନେଇ ଏଡିଏମ୍ ନିଲୁ ମହାପାତ୍ରଙ୍କୁ ପଚାରିବାରେ ମୃତ ମହିଳାଙ୍କ ପରିବାରକୁ ଭେଟି ସରକାରଙ୍କ ପକ୍ଷରୁ ସହଯୋଗ କାମନା କରିଛି। ଏପରି ବେଆଇନ ପେଟ୍ରୋଲ ବିକ୍ରି ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

# ଶକ୍ତି ଚାହିଦା ପୂରଣ କରିବ ଆଣବିକ ଶକ୍ତି କେନ୍ଦ୍ର: ରେଳମନ୍ତ୍ରୀ

**ଭୁବନେଶ୍ୱର,୯।୨(ଅନୁରାଧା ମହାରଣା)**

ଭାରତୀୟ ରେଳ ପାଇଁ ଶକ୍ତିର ଆବଶ୍ୟକତା ବଢୁଥିବାବେଳେ ସ୍ୱଚ୍ଛ ଏବଂ ନିର୍ଭରଯୋଗ୍ୟ ଆଣବିକ ଶକ୍ତି ଦ୍ୱାରା ଏହି ଚାହିଦା ପୂରଣ ହୋଇପାରିବ। ଏଥିପାଇଁ ଶକ୍ତି ମନ୍ତ୍ରଣାଳୟ ସହିତ ଯୋଗାଯୋଗ କରାଯାଇଛି ବୋଲି ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୂଚନା ଦେଇଛନ୍ତି। ନିକଟରେ ରାଜ୍ୟ ସଭାରେ ଦିଆଯାଇଥିବା ଉତ୍ତରରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି, ଆଣବିକ ଶକ୍ତି ହେଉଛି ଏକ ସ୍ୱଚ୍ଛ ଏବଂ ନିର୍ଭରଯୋଗ୍ୟ ଉତ୍ସ। ଏହା ଜୀବାଶ୍ମ ଇନ୍ଧନ ଉପରେ ନିର୍ଭରଶୀଳତା ହ୍ରାସ କରିବା ସହ ଅଙ୍ଗାରକାମ୍ଳ ନିର୍ଗମନ ମଧ୍ୟ କମ୍ କରିବ। ଭାରତୀୟ ରେଳପଥ ବର୍ତ୍ତମାନର ତଥା ଆଗାମୀ ଆଣବିକ ଶକ୍ତି କେନ୍ଦ୍ରରୁ ବିଦ୍ୟୁତ୍ ସମ୍ଭାବନା ଅନୁସନ୍ଧାନ କରୁଛି। ଏନେଇ ନ୍ୟୁକ୍ଲିୟର ପାୱାର କର୍ପୋରେଶନ ଅଫ୍ ଇଣ୍ଡିଆ ଲିମିଟେଡ୍ (ଏନ୍‌ପିସିଏଲ୍) ଏବଂ ଶକ୍ତି ମନ୍ତ୍ରଣାଳୟ ସହ ରେଳ ମନ୍ତ୍ରଣାଳୟ ଯୋଗାଯୋଗ କରୁଛି।

ଅନ୍ୟପକ୍ଷରେ ଯାତ୍ରୀଙ୍କୁ ଦିଆଯାଇଥିବା ଭଡା ରିହାତି ଉପରେ ମନ୍ତ୍ରୀ କହିଛନ୍ତି, ୨୦୨୨-୨୩ ମସିହାରେ ଭାରତୀୟ ରେଳପଥ ଯାତ୍ରୀଙ୍କୁ ଟିକେଟ ଉପରେ ୫୬,୯୯୩ କୋଟି ଟଙ୍କା ସବ୍‌ସିଡି ଦେଇଛି ଏବଂ ରେଳପଥରେ ଯାତ୍ରା କରୁଥିବା ପ୍ରତ୍ୟେକ ବ୍ୟକ୍ତି ହାରାହାରି ୪୬ ପ୍ରତିଶତ ରିହାତି ପାଉଛନ୍ତି। ଅର୍ଥାତ୍ ୧୦୦ ଟଙ୍କା ମୂଲ୍ୟର ସେବା ଲାଗି ଯାତ୍ରୀଙ୍କୁ ମାତ୍ର ୫୪ ଟଙ୍କା ଦେବାକୁ ପଡୁଛି। ବିଭିନ୍ନ ଶ୍ରେଣୀରେ ଓ ଜୋନାଲ ରେଳପଥରେ ବିଭିନ୍ନ ଟ୍ରେନରେ ଏହି ରିହାତି ମିଳୁଥିବା ଯାତ୍ରୀଙ୍କ ସଂଖ୍ୟା ପ୍ରତିବର୍ଷ ବଦଳିଥାଏ। ୨୦୨୦-୨୧ରୁ ୨୦୨୪-୨୫ ଆର୍ଥିକ ବର୍ଷ ମଧ୍ୟରେ (ଡିସେମ୍ବର ୨୦୨୪ ପର୍ଯ୍ୟନ୍ତ) ସମସ୍ତ ବୟସ ବର୍ଗର ପ୍ରାୟ ୨,୩୫୭.୮ କୋଟି ଯାତ୍ରୀ (ବରିଷ୍ଠ ନାଗରିକଙ୍କ ସମେତ) ଭାରତୀୟ ରେଳପଥରେ ଯାତ୍ରା କରିଥିଲେ। ବୟସ୍କ ଓ ମହିଳାଙ୍କ ପାଇଁ ଯାତ୍ରାକୁ ସହଜ କରିବା ଲାଗି ରେଳପଥ ସ୍ଲିପିଙ୍ଗ୍ ବର୍ଥର ପ୍ରତ୍ୟେକ କୋଚ୍‌ରେ ୬ରୁ ୭ଟି ନିମ୍ନ ବର୍ଥ, ଏସି ୨ ସ୍ତରୀୟ ବର୍ଗର ପ୍ରତ୍ୟେକ କୋଚରେ ୪ରୁ ୫ଟି ନିମ୍ନ ବର୍ଥ (ବୟସ୍କ ବର୍ଗର ମହିଳା ଏବଂ ମହିଳା ଯାତ୍ରୀଙ୍କ ଉପରେ ନିର୍ଭର କରେ) ମିଳିତ ସଂରକ୍ଷଣ କୋଟା ନିର୍ଦ୍ଧାରିତ କରାଯାଇଥିବା ରେଳମନ୍ତ୍ରୀ ସୂଚନା ଦେଇଛନ୍ତି।

# ୧୬ରେ ବିଧାନସଭା ଘେରିବେ ପ୍ରାଥମିକ ଶିକ୍ଷକ

**ଭୁବନେଶ୍ୱର,୯।୨(ସୁଚିସ୍ମିତା ସାହୁ)**

ପ୍ରାଥମିକ ଶିକ୍ଷାରୁ ସ୍କିମାଟିକ ନିଯୁକ୍ତି ଉଚ୍ଛେଦ ଓ ନିଯୁକ୍ତ ପାଇଥିବା ସ୍କିମାଟିକ ଶିକ୍ଷକଙ୍କୁ ତୁରନ୍ତ ନିୟମିତ ଶିକ୍ଷକ କରିବା ଆଦି ତିନି ଦଫା ଦାବି ନେଇ ଆସନ୍ତା ୧୬ ତାରିଖରେ ବିଧାନସଭା ଘେରାଉ କରିବେ ପ୍ରାଥମିକ ଶିକ୍ଷକ। ପ୍ରାଥମିକ ଶିକ୍ଷକ ସମନ୍ୱୟ ସମିତି ପକ୍ଷରୁ ରବିବାର ଶ୍ରମିକ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ସଭାପତି ବ୍ରହ୍ମାନନ୍ଦ ମହାରଣା ଏହି ଚେତାବନୀ ଦେଇଛନ୍ତି। ୮ ଓ ୬ ବର୍ଷର ଶିକ୍ଷା ସହାୟକ/ କନିଷ୍ଠ ଶିକ୍ଷକଙ୍କ କାର୍ଯ୍ୟକାଳକୁ ନୋଶନାଲ ଇନ୍‌କ୍ରିମେଣ୍ଟ ଦେଇ ଗଣନା କରିବା, ଅନ୍ୟରାଜ୍ୟ ଭଳି ପ୍ରାଥମିକ ଶିକ୍ଷକଙ୍କୁ ଅବିକଳ କେନ୍ଦ୍ରୀୟ ହାରରେ ୩୫,୪୦୦ ଦରମା ଦେବା ଓ ଶିକ୍ଷକଙ୍କୁ ପୁରୁଣା ପେନସନ ପ୍ରଦାନ କରିବା ଆଦି ଦାବି ନେଇ ଏହି ଆନ୍ଦୋଳନ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଚାଲିବ। ପ୍ରାଥମିକ ଶିକ୍ଷାକ୍ଷେତ୍ରରେ ଯାହା ପରିସ୍ଥିତି ସୃଷ୍ଟି ହେବ, ସେଥିପାଇଁ ଶିକ୍ଷକମାନେ ନୁହନ୍ତି, ବରଂ ସରକାର ଦାୟୀ ରହିବେ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଏହି ଖବରଦାତା ସମ୍ମିଳନୀରେ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ସାଧାରଣ ସମ୍ପାଦକ ବିଭୁ ପ୍ରସାଦ ସାହୁ, କନିଷ୍ଠ ଶିକ୍ଷକ ସଂଘର ରାଜ୍ୟ ଆବାହକ ଶେଷଦେବ ଯଜ୍ଞକାମ ଦେଓ, ଅଲୋଷ୍ଟା ସଭାପତି ବିକ୍ରମ କୁମାର ଦାଶ, ଗୋପାଳ କିଶୋର ସେନ, ଟୁଲୁ ଦେଇ, ଅଲୋଷ୍ଟା ସାଧାରଣ ସମ୍ପାଦକ ସୁକାନ୍ତ କୁମାର ବେହେରା, ଯୁଧିଷ୍ଠିର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀଙ୍କ ନିଯୁକ୍ତି ପ୍ରବେଶ ପ୍ରଶିକ୍ଷଣ ଆରମ୍ଭ

**ଭୁବନେଶ୍ୱର,୯।୨(ବନ୍ଦନା ସେଠୀ)**

ନବ ନିଯୁକ୍ତ ଓଡ଼ିଶା ପ୍ରଶାସନିକ ସେବା (ପ୍ରତ୍ୟକ୍ଷ ନିଯୁକ୍ତି-୨୦୨୨) ଓ ପଦୋନ୍ନତି ନିଯୁକ୍ତି (୨୦୨୦-୨୪) ବ୍ୟାଚ୍ ପାଇଁ ସେବା ନିଯୁକ୍ତି ପ୍ରବେଶ ପ୍ରଶିକ୍ଷଣ ଗୋପବନ୍ଧୁ ପ୍ରଶାସନ ଏକାଡେମୀଠାରେ ଆରମ୍ଭ ହୋଇଛି। ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଏକାଡେମୀ ମହାନିର୍ଦ୍ଦେଶକ ଜି. ମାଥିଭାଥନନ୍ ଏହାକୁ ଉଦଘାଟନ କରି ଅନ୍ତର୍ଭୁକ୍ତିକରଣ, ନାଗରିକଙ୍କ ପ୍ରତି ସମ୍ବେଦନଶୀଳତା ଏବଂ ସୁଶାସନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଜନସେବାରେ ନୈତିକତା ଓ ସଚ୍ଚୋଟତାର ସର୍ବୋଚ୍ଚ ମାନଦଣ୍ଡ ବଜାୟ ରଖିବା ପାଇଁ ପ୍ରଶିକ୍ଷଣାର୍ଥୀଙ୍କୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମ ଅଧିକାରୀ ପ୍ରଶିକ୍ଷାର୍ଥୀଙ୍କୁ ଗୁରୁତ୍ୱପୂର୍ଣ୍ଣ ପ୍ରଶାସନିକ ଏବଂ ଶାସନ ଦକ୍ଷତା ପ୍ରଦାନ କରିବାରେ ସହାୟକ ହେବ। ଶ୍ରେଣୀଭିତ୍ତିକ ଶୈକ୍ଷିକ ଅଧିବେଶନ ତଥା କ୍ୟାମ୍ପସ୍ ବାହାରେ ଶିକ୍ଷଣ କାର୍ଯ୍ୟକଳାପ ସହିତ ବିଭିନ୍ନ ମଡ୍ୟୁଲ୍‌କୁ ନେଇ ପ୍ରସ୍ତୁତ ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ଏକାଡେମୀର ଉପ ମହାନିର୍ଦ୍ଦେଶକ ଲାଲା ମନୋଜ କୁମାର ରାୟ ଅଧିକାରୀ ପ୍ରଶିକ୍ଷାର୍ଥୀଙ୍କୁ ସ୍ୱାଗତ କରିବା ସହ ଏକାଡେମୀର ବିଭିନ୍ନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ପ୍ରଶିକ୍ଷଣଢାଞ୍ଚା ରୂପରେଖ ସମ୍ପର୍କରେ ଆଲୋକପାତ କରିଥିଲେ। ଜିଏଏର ଅତିରିକ୍ତ ନିର୍ଦ୍ଦେଶିକା ତଥା ଓଏଏସ୍ (ଡିଆର-୨୦୨୨) ବ୍ୟାଚ୍‌ର ପାଠ୍ୟକ୍ରମ ନିର୍ଦ୍ଦେଶିକା ଡ. ମୋନାଲିସା ଲେଙ୍କା ପ୍ରଶିକ୍ଷଣ ପାଠ୍ୟକ୍ରମ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ସେଣ୍ଟର ଫର୍ ଗୁଡ୍ ଗଭର୍ଣ୍ଣାନ୍ସ, ଓଡ଼ିଶା (ସିଜିଜିଓ)ର ନିର୍ଦ୍ଦେଶକ ଡ. ଶଶାଙ୍କ ଗ୍ରହାଚାର୍ଯ୍ୟ ଏକାଡେମିକ୍ ଅଧିବେଶନ ତଥା କ୍ୟାମ୍ପସ୍ ବାହାରେ ଶିକ୍ଷଣ କାର୍ଯ୍ୟକଳାପ ଏବଂ ସେମାନଙ୍କ ଦ୍ୱାରା ମୂଲ୍ୟାୟନ ରଣନୀତି ତଥା ମଡ୍ୟୁଲଭିତ୍ତିକ ମାନଦଣ୍ଡ ବିଷୟରେ ଉଲ୍ଲେଖ କରିଥିଲେ।



**ପୁନିଆଡେରାରେ ହାତୀ ଉପଦ୍ରବ**

ସମ୍ବଲପୁର,(ଭବାନୀ ଶଙ୍କର ଭୋଇ): ଯୁଯୁମୁରା ବ୍ଲକ ଦେଦର ନୂଆପାଲି ନିକଟ ପୁନିଆଡେରାଠାରେ ଶନିବାର ରାତିରେ ହାତୀ ଉପଦ୍ରବ କରି ବ୍ୟାପକ ପରିବା ଚାଷ ନଷ୍ଟ କରିଛନ୍ତି। ଗ୍ରାମବାସୀଙ୍କଠାରୁ ଖବର ପାଇ ବନବିଭାଗ କର୍ମଚାରୀ ହାତୀଙ୍କୁ ଗ୍ରାମରୁ ଘଉଡାଇ ଦେଇଥିଲେ। ନଷ୍ଟ ହୋଇଥିବା ପରିବା ଚାଷ କ୍ଷୟକ୍ଷତି ବାବଦ କ୍ଷତିପୂରଣ ପ୍ରଦାନ କରିବାକୁ ଚାଷୀମାନେ ଦାବି କରିଛନ୍ତି।



# ସମ୍ବିଧାନ ବିନା ଗଣତନ୍ତ୍ର ପରିକଳ୍ପନା ଅସମ୍ଭବ

**ସମ୍ବଲପୁର, ୯।୨ (ଭବାନୀ ଶଙ୍କର ଭୋଇ)**

ସାଂସ୍କୃତିକ ସମାଜ ଭବନଠାରେ ରବିବାର ଭାରତୀୟ ସମ୍ବିଧାନ ଏକ ଜୀବନ୍ତ ଦସ୍ତାବିଜ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ମଣ୍ଡଳ ବୀମା କର୍ମଚାରୀ ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ମୁଖ୍ୟବକ୍ତାଭାବେ ରାଜ୍ୟ ସଭା ଟିଭିର ପୂର୍ବତନ କାର୍ଯ୍ୟକାରୀ ସମ୍ପାଦକ ଉର୍ମିଲେଶ ଯୋଗଦେଇ ସମ୍ବିଧାନର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ସେ କହିଥିଲେ, ସମ୍ବିଧାନ ସଭାରେ ଦୀର୍ଘ ଦୁଇବର୍ଷ ଧରି ହୋଇଥିବା ଆଲୋଚନା ତଥା ଡ. ବିଆର ଆମ୍ବେଡ଼କରଙ୍କ ବିଚକ୍ଷଣ ଦୂରଦୃଷ୍ଟିର ପରିଣାମ ସ୍ୱରୂପ ଭାରତକୁ ବିଶ୍ୱର ସର୍ବବୃହତ ଲିଖିତ ସମ୍ବିଧାନ ମିଳିଥିଲା। ଦେଶର ଜନତାଙ୍କୁ କେନ୍ଦ୍ରରେ ରଖି ଏହା ଦେଶ ପରିଚାଳନାର ମାର୍ଗଦର୍ଶନ କରାଇଥାଏ। ଆଜିର ପରିବର୍ତ୍ତିତ ଆଦର୍ଶ ବିହୀନ ରାଜନୀତିରେ ସମ୍ବିଧାନର ଭୂମିକା ଆହୁରି ପ୍ରାସଙ୍ଗିକ ହୋଇ ପଡିଛି।



ଆଲୋଚନାଚକ୍ରରେ ମୁଖ୍ୟବକ୍ତା ଉର୍ମିଲେଶ ବକ୍ତବ୍ୟ ରଖୁଛନ୍ତି।

ସ୍ୱାଧୀନତା, ସମାନତା ଓ ସାମାଜିକ ନ୍ୟାୟକୁ ସୁନିଶ୍ଚିତ କରିଥିବା ଭାରତୀୟ ସମ୍ବିଧାନ ବିନା ଭାରତରେ ଗଣତନ୍ତ୍ରର ପରିକଳ୍ପନା ଅସମ୍ଭବ। ରାଜନୈତିକ ଆଦର୍ଶ ନିର୍ବିଶେଷରେ ସମ୍ବିଧାନ ହେଉଛି ସର୍ବୋପରି। ସମ୍ବିଧାନ ସମ୍ମତ ବିଧିବ୍ୟବସ୍ଥା କାର୍ଯ୍ୟକାରୀ ନହେଲେ ଦେଶରେ ଅରାଜକତା ଦେଖାଦେବ। ଦେଶର ପ୍ରଗତି ବାଧାପ୍ରାପ୍ତ ହେବା ସହ ଦେଶର ଏକତା ଏବଂ ଅଖଣ୍ଡତା ପ୍ରତି ଆହ୍ୱାନ ସୃଷ୍ଟି ହେବ ବୋଲି ସେ ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭିକ ବକ୍ତବ୍ୟରେ ଇସିଜେଡଆଇଏର ସାଧାରଣ ସମ୍ପାଦକ ତ୍ରିନାଥ ଦୋରା ସମ୍ବିଧାନ ଉପରେ ହେଉଥିବା ଆକ୍ରମଣ ଉପରେ ସଚେତନ

**ଭାରତୀୟ ସମ୍ବିଧାନ ଏକ ଜୀବନ୍ତ ଦସ୍ତାବିଜ ଶୀର୍ଷକ ଆଲୋଚନାଚକ୍ର**

କରାଇଥିଲେ। ସେ କହିଥିଲେ ସମ୍ବିଧାନର ମୁଖବନ୍ଧ ହେଉଛି ସମ୍ବିଧାନର ଆତ୍ମା। ଅସଲ କ୍ଷମତା ଲୋକଙ୍କ ହାତରେ ରହିବା ଦରକାର। କିନ୍ତୁ ଏହା ଏହା କେବଳ କାଗଜ କଲମରେ ସୀମିତ। ବର୍ତ୍ତମାନର ଅଘୋଷିତ ଜରୁରୀକାଳୀନ ପରିସ୍ଥିତି ଫଳରେ ଲୋକଙ୍କ ସାମ୍ବିଧାନିକ ଅଧିକାର ହନନ ହେବାକୁ ନେଇ ସେ ଉଦ୍‌ବେଗ ପ୍ରକାଶ କରିଥିଲେ। ସଂଘ ସଭାପତି ମୀନକେତନ ବିଶି ସଭା ପରିଚାଳନା କରିଥିଲେ। ସାଙ୍ଗଠନିକ ସମ୍ପାଦକ ଆଶିଷ ରଞ୍ଜନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସଙ୍ଗଠନ ସାଧାରଣ ସମ୍ପାଦକ ବୀରକିଶୋର ନାୟକ ଅତିଥି ପରିଚୟ ପ୍ରଦାନ କରିବା ସହ ସଂଗଠନର ଆଭିମୁଖ୍ୟ ସମ୍ପର୍କରେ ଉଲ୍ଲେଖ କରିଥିଲେ।

# ରହସ୍ୟରେ ରହିଲା ଆରଡିସିଙ୍କ ତଦନ୍ତ ରିପୋର୍ଟ

**ସମ୍ବଲପୁର, ୯।୨ (ଭବାନୀ ଶଙ୍କର ଭୋଇ)**

୨୦୧୪ ମସିହା ଫେବୃଆରୀ ୯ ତାରିଖ ଅପରାହ୍ନ ପ୍ରାୟ ୪ଟାରେ ହୀରାକୁଦ ଜଳଭଣ୍ଡାରରେ ଘଟିଥିଲା ଅଭାବନୀୟ ଘଟଣା। ଜଳଭଣ୍ଡାରରେ ଜଳସମାଧି ନେଇଥିଲେ ୩୧ଜଣ। ସାରା ଦେଶକୁ ସ୍ତବ୍ଧ କରି ଦେଇଥିବା ଏହି ସମ୍ବେଦନଶୀଳ ଘଟଣାକୁ ଏଗାର ବର୍ଷ ପୂରିଛି। ଘଟଣାର କାରଣ ଏବଂ ନିରାକରଣ ଖୋଜିବା ପାଇଁ ତତ୍କାଳୀନ ଆରଡିସିଙ୍କୁ ଦାୟିତ୍ୱ ଦିଆଯାଇଥିଲା। ହେଲେ ୧୧ବର୍ଷ ପରେବି ତଦନ୍ତର ରିପୋର୍ଟ ସାର୍ବଜନୀନ ହୋଇପାରିନାହିଁ। ଦୀର୍ଘ ୭୨ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟର ସର୍ଚ୍ଚ

**ହୀରାକୁଦ ଡଙ୍ଗାବୁଡ଼ିକୁ ପୂରିଲା ୧୧ ବର୍ଷ**

ଅପରେଶନ ପରେ ଓଡ୍ରାଫ୍ଟ ଦଳ ୩୧ଟି ମୃତଦେହ ଠାବ କରିଥିଲା। ଏଥିରେ ଛୋଟ ଶିଶୁ ଏବଂ ମହିଳାଙ୍କ ସମେତ ୩୧ ଜଣ ସଲିଳ ସମାଧି ନେଇଥିଲେ। ସମ୍ବଲପୁର ସହରର ରାଜଘାଟରେ ଦୀର୍ଘ ୩ ଦିନ ଧରି ଅବିରତ ଜୁଇ ଜଳିଥିଲା। ଏପରିକି ଗୋଟିଏ ଜୁଇରେ ଏକାଠି ବାପା, ମା'ଙ୍କ ସମେତ ପୁଅର ଚିତା ଜଳିବାର ହୃଦୟ ଫଟା ଦୃଶ୍ୟ ବି ସମ୍ବଲପୁର ଦେଖିଥିଲା। ତତ୍କାଳୀନ ଆରଡିସି ଡ. ପ୍ରମୋଦ ମେହେର୍ଦ୍ଦା ପ୍ରାୟ ୩ ମାସ ମଧ୍ୟରେ ଘଟଣାର ତଦନ୍ତ କରି ତାଙ୍କ ରିପୋର୍ଟ ରାଜ୍ୟ ସରକାରଙ୍କୁ ପ୍ରଦାନ କରିଥିଲେ। ହେଲେ ସେହି ରିପୋର୍ଟ ଆଜି ପର୍ଯ୍ୟନ୍ତ ସାର୍ବଜନୀନ ହୋଇପାରିନାହିଁ। ରମ୍ଭେଲା ବ୍ରିଜ ନିର୍ମାଣ ପରେ ସମ୍ବଲପୁରରୁ ଲଖନପୁର ଅଞ୍ଚଳ ସହ ସିଧାସଳଖ ଯୋଗାଯୋଗ ସମ୍ଭବ ହୋଇପାରିଛି। ତଥାପି ହୀରାକୁଦରେ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ପାଇଁ ଜଳକ୍ରୀଡା ଏବଂ ନୌକା ବିହାର ଭଳି ବିକାଶ ଯୋଜନା କରାଯାଉଥିବାବେଳେ ହୀରାକୁଦ ଜଳଭଣ୍ଡାରର ଡଙ୍ଗା ବୁଡି ରହସ୍ୟ ଉନ୍ମୋଚିତ ହେଲେ ଯୋଜନା ପ୍ରସ୍ତୁତିରେ ଅଧିକ ସହାୟକ ହୋଇପାରନ୍ତା।

# ବୈଷ୍ଣୋ ଦେବୀ ମନ୍ଦିରରେ ବିଶାଳ ଜାଗରଣ

**ସମ୍ବଲପୁର, ୯।୨ (ବି.ଶଙ୍କର)**

ସମ୍ବଲପୁର କ୍ଷେତରାଜପୁରସ୍ଥିତ ମା' ବୈଷ୍ଣୋ ଦେବୀ ମନ୍ଦିର ୩୮ତମ ପ୍ରତିଷ୍ଠା ଦିବସ ଉତ୍ସବ ଉପଲକ୍ଷେ ଦୁଇଦିନ ଧରି ବିବିଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମାଁ ବୈଷ୍ଣୋ ଦେବୀ ମନ୍ଦିର ଟ୍ରଷ୍ଟ ଆୟୋଜିତ ବିଶାଳ ଜାଗରଣ ଉପଲକ୍ଷେ କଳସ ଓ ନିଶାନ ଯାତ୍ରା ସମ୍ବଲପୁର ପରିକ୍ରମା କରିଥିଲା। ସମଲେଇ ମନ୍ଦିର ମହାନଦୀ ଘାଟରୁ ସହସ୍ରାଧିକ ମହିଳା ପୂର୍ଣ୍ଣ କଳସ ନେଇ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ମହାନଗର ନିଗମ ଅନ୍ତର୍ଗତ କ୍ଷେତରାଜପୁର ଅଞ୍ଚଳର ମହିଳା, ପୁରୁଷ, ବାଳିକା, ବାଳକମାନେ ସାମିଲ ହୋଇ ମାଁ ବୈଷ୍ଣୋ ଦେବୀଙ୍କ ଝଣ୍ଡା ଧାରଣ କରି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଦେବୀଙ୍କ ଫଟୋ ଚିତ୍ର ସୁସଜ୍ଜିତ ବିମାନରେ ସ୍ଥାନିତ ହୋଇଥିଲା। ସୁସଜ୍ଜିତ ବିମାନର ସମ୍ମୁଖ ଭାଗରେ ଭକ୍ତମାନେ ଜଳ ସିଞ୍ଚନ କରି ସଫେଇ କରିଥିଲେ। କିର୍ତ୍ତନ, ଘଣ୍ଟ, ଶଙ୍ଖ, ଦୁଲଦୁଲି ବାଜା, ନୃତ୍ୟରେ ଯାତ୍ରାପଥ ପ୍ରକମ୍ପିତ ହୋଇଥିଲା। ଶନିବାର କଳସ ଶୋଭାଯାତ୍ରା ସହର ପରିକ୍ରମା କରି କ୍ଷେତରାଜପୁର ସ୍ଥିତ ମାଁ ବୈଷ୍ଣୋ ଦେବୀ ମନ୍ଦିର ଉତ୍ସବ ସ୍ଥଳରେ ପହଞ୍ଚିଥିଲା। ସେଠାରେ ପଣ୍ଡିତମାନେ ମନ୍ତ୍ରୋଚାରଣ ପୂର୍ବକ ପୂର୍ଣ୍ଣ କଳସ ସ୍ଥାପନ କରିଥିଲେ। ରାତି ୮ଟାରୁ ବିଶାଳ ଜାଗରଣ ଆମ୍ଭ ହୋଇ ମଧ୍ୟ ରାତ୍ରି ପର୍ଯ୍ୟନ୍ତ ଚାଲିଥିଲା।


ବିଶାଳ ଜାଗରଣ ଉପଲକ୍ଷେ ପରିବେଶିତ ନୃତ୍ୟ ନାଟିକା।

**ଭଣ୍ଡାରାରେ ସାମିଲ ହେଲେ ସହସ୍ରାଧିକ ଭକ୍ତ**

ରାତ୍ରୀରେ ପୂଜାର୍ଚ୍ଚନା ଓ ଜାଗରଣ, ଭଜନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଏହି ଜାଗରଣରେ ରାଜ୍ୟ ଏବଂ ପଡୋଶୀ ଛତିଶଗଡରୁ ମଧ୍ୟ ଭକ୍ତମାନଙ୍କ ସମାଗମ ହୋଇଥିଲା। ସେହିପରି ଦିଲ୍ଲିର ଦୀପକ ରାଣା ଏବଂ କାନପୁରର ଶେଫାଳି ଦ୍ୱିବେଦୀ ସଗୀତ ପରିବେଷଣ କରିଥିଲେ। ସେହିପରି ବାରାଣାସୀର କଳାକାରମାନେ ନୃତ୍ୟ ନାଟିକା ପରିବେଷଣ କରିଥିଲେ। ଏଥିସହ ବୈଷ୍ଣୋ ଦେବୀଙ୍କ ପିଣ୍ଡି ଦର୍ଶନ ଆର୍କଶୀୟ ହୋଇଥିଲା। ଶୁକ୍ରବାର ସକାଳେ ଦେବୀଙ୍କ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା। ରାତି ୭ଟା ୩୦ରୁ ବିଶାଳ ଭଣ୍ଡାରା କାର୍ଯ୍ୟକ୍ରମ ହୋଇଥିଲା। ବୈଷ୍ଣୋ ଦେବୀ ମନ୍ଦିର ଟ୍ରଷ୍ଟ କର୍ମକର୍ତ୍ତମାନଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା।

## ବିଂଝାଲ ସମାଜ ଜିଲ୍ଲାସ୍ତରୀୟ ବାର୍ଷିକ ଉତ୍ସବ ଉଦ୍‌ଯାପିତ

**ପାଟଣାଗଡ, ୯।୨ (ସଚ୍ଚିଦାନନ୍ଦ ମହାକୁର)**

ପାଟଣାଗଡ଼ ବ୍ଲକ ଲରମ୍ଭା ବାଗପଡାରେ ସର୍ବଭାରତୀୟ ସ୍ୱାଲାଖ ବିନ୍ଧ୍ୟଗିରିବାସୀ ବିଞ୍ଝାଲ ସମାଜ ବାର୍ଷିକ ଉତ୍ସବ ରବିବାର ଉଦ୍‌ଯାପିତ ହୋଇଛି। କର୍ମକର୍ତ୍ତାମାନେ ପୂର୍ଣ୍ଣ ଜଳ କଳସ ଆଣି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ଜିଲ୍ଲା ସଭାପତି ତଥା ଉପଲାଟ ସଭାପତି ଚନ୍ଦ୍ରଶେଖର ବାଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ସର୍ବଭାରତୀୟ ସ୍ୱାଲାଖ ବିନ୍ଧ୍ୟଗିରିବାସୀ ବିଞ୍ଝାଲ ସହ ଲାଟ ସଭାପତି ଶଙ୍କର ପ୍ରସାଦ ମାଝୀ ଯୋଗ ଦେଇଥିଲେ। ପାଟଣାଗଡ଼ ବ୍ଲକ ସଭାପତି କିଶୋର ଚନ୍ଦ୍ର ବରିହା, ଖପ୍ରାଖୋଲ ବ୍ଲକ ସଭାପତି ଚନ୍ଦ୍ରଶେଖର ବରିହା, ଜିଲ୍ଲା କୋଷାଧ୍ୟକ୍ଷ ଯୁଗଳ କିଶୋର ବରିହା, କୁଶ ବରିହା, ଜିଲ୍ଲା ମିଡ଼ିଆ ସେଲ ସଂଯୋଜକ ଗୋରେଖନାଥ ବରିହା, ବିପିନ ବରିହା, ତୁଳସି ବରିହା, ବାବୁଲାଲ ବରିହା, ମଧୁସୂଦନ ବରିହା, ବନମାଳୀ ବରିହା, ଶାନ୍ତନୁ ବରିହା, ହରିହର ବରିହା, ମଦନ ବରିହା, ଜୟକାନ୍ତ ବରିହା, ଜୀର୍ବଦ୍ଧନ ଡୁଡୁକା, ରସିକ ବରିହା, ସର୍ଗୁଲ ବରିହା ଅତିଥି ଭାବେ ଯୋଗ ଦେଇଥିଲେ। ରାଜ୍ୟସ୍ତରୀୟ ମହିଳା ସଂଘ ସଭାନେତ୍ରୀ ବାୟଶ୍ରୀ ବାଗ, ଉପସଭାପତି କଳାବତୀ ବରିହା, ସମ୍ପାଦକ ପିଙ୍କି ନେଗି, କୋଷାଧ୍ୟକ୍ଷ ସୀତୟା ବାଗ, ଅଲିଭା ବାଗଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାନେତ୍ରୀ ବାଗ ସୁସ୍ଥ ସମାଜ ଗଠନ ହେବା ସହ ଶିକ୍ଷା ହିଁ ଦୁର୍ବଳ ସମାଜିକ ସ୍ଥିତିକୁ ବଦଳାଇ ସୁଦୃଢ କରେ ବୋଲି କହିଥିଲେ।

# କୃଷ୍ଣଜନ୍ମରେ କଂସ ବିବ୍ରତ, ହତ୍ୟା ପାଇଁ ପୁତନା ପ୍ରେରଣ

**କୁଚିଣ୍ଡା, ୯।୨ (ବିରଞ୍ଚି ଦର୍କା)**

ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକର ଖଣ୍ଡୋକଟାରେ ଆରମ୍ଭ ହୋଇଥିବା ୩୨ତମ ଧନୁଯାତ୍ରା ରବିବାର ଦ୍ୱିତୀୟ ସନ୍ଧ୍ୟାରେ ପୌରାଣିକ କଥାବସ୍ତୁ ଉପରେ ଆଧାରିତ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୋପପୁରରେ କୃଷ୍ଣ ଜନ୍ମ ଖବର ଶୁଣି କଂସ ବିବ୍ରତ ହୋଇ ହତ୍ୟା ଷଡଯନ୍ତ୍ର ରଚନା କରିଥିଲେ। ପରେ କୃଷ୍ଣଙ୍କୁ ହତ୍ୟା ପାଇଁ ଗୋପପୁରକୁ ପୁତନା ରାକ୍ଷାସୀଙ୍କୁ ପ୍ରେରଣ କରିବାସହ ଦୁର୍ମିଳା ରାକ୍ଷାସ ବଧ ଆଦି ନାଟ୍ୟ ଅଭିନୟ ହୋଇଥିଲା। କୁଚିଣ୍ଡା ତହସିଲଦାର ମିତାଲି ମଧୁସ୍ମିତା ଦଳେଇ ରାଜ ଅତିଥିଭାବେ ଯୋଗଦେଇ ମଥୁରା ନଗରୀର ତଫସିଲଭୁକ୍ତ ଜନଜାତି ପ୍ରଜାଙ୍କୁ ଜଙ୍ଗଲଜମି ପଟ୍ଟା ଆବେଦନର ପ୍ରକ୍ରିୟା ସମ୍ପର୍କରେ ସୂଚନା ଦେଇଥିଲେ। କୁଚିଣ୍ଡା


ଦରବାରରେ ମହାରାଜ କଂସଙ୍କ ସହ ରାଜ ଅତିଥିମାନେ।

**ଖଣ୍ଡୋକଟା ଧନୁଯାତ୍ରାର ଦ୍ୱିତୀୟ ସନ୍ଧ୍ୟା**

ବିଡିଓ ଜୟନ୍ତ ସାହୁ ଯୋଗଦେଇ କଳା ସଂସ୍କୃତି ବଜାୟ ରଖିବା ଉପରେ ବକ୍ତବ୍ୟ ଦେଇ ସୁଭଦ୍ରା ଯୋଜନାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। କୁଚିଣ୍ଡା ଅତିରିକ୍ତ ତହସିଲଦାର ଅନିମା ସୋରେଙ୍ଗ ଜମିଜମା ସମ୍ପର୍କିତ ଫଇସଲା ଉପରେ ଆଲୋକପାତ କରିଥିଲେ। କିଶୋର କୁମାର ସାହୁ ଏବଂ ଧନୁଯାତ୍ରା କମିଟି ସଭାପତି ପୂର୍ଣ୍ଣଚନ୍ଦ୍ର ପଟେଲ ମଞ୍ଚ ପରିଚାଳନା କରିଥିଲେ। ପରେ କଂସଙ୍କ ଦରବାରେ କେଉଁଝରର ଶାନ୍ତାଳୀ ନୃତ୍ୟ, ଖୋର୍ଦ୍ଧାର ପାଇକ ଆଖଡା, ସମ୍ବଲପୁର ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ସମ୍ବଲପୁରୀ ଗୀତ, ନୃତ୍ୟ ଓ ବାଦ୍ୟ ପରିବେଷଣ କରାଯାଇଥିଲା। ଧନୁଯାତ୍ରାରେ ୧୫ଶହରୁ ଉର୍ଦ୍ଧ୍ୱ ବିଭିନ୍ନ ଦୋକାନ ବଜାର ଲାଗିଥିବା ବେଳେ ମୀନା ବଜାର ଓ ପଲ୍ଲିଶ୍ରୀ ମେଳାରେ ଲାଗିଥିବା ୧୦୦ ଦୋକାନ ମୁଖ୍ୟ ଆକର୍ଷଣ ପାଲଟିଛି।

**GOVERNMENT OF ODISHA** No.A-1033
**OFFICE OF THE SUPERINTENDING ENGINEER**
AUL EMBANKMENT DIVISION, AUL
Dist. : Kendrapara, Odisha - 754219, Tel/Fax : 06729-295188, Mail id : aulembankment@gmail.com
**'e' Procurement Notice No.AED-06 OF 2024-25**

1. No. of the work : **36 no. Flood Control & Road works**. 2. Tender Cost : Varies from ₹ 15,67,027.00 to 79,52,701.00. 3. Bid Document Cost : Rs. 10000.00 & 6000.00. 4. Bid Security : Varies from Rs. 15,700.00 to 79,600.00. 5. Class of Contractor : D, C & B Class. 6. Period of Completion : Four calendar months. 7. Other details are as follows.

| Procurement Officer | Bid Identification No. | Availability of Tender On-line for bidding | | Date of Opening of Technical Bid |
|---|---|---|---|---|
| | | From | To | |
| Superintending Engineer, Aul Embankment Division, Aul | AUL 01 of 2024-25 To AUL 36 of 2024-25 (36 no. work) | **12.02.2025** 10.00 A.M. | **20.02.2025** 5.00 P.M. | **21.02.2025** 11.00 A.M. |

8. e-mail Id : aulembankment@gmail.com
**9. If required Lottery will be held on dtd.11.03.2025 at 11.00 A.M.**
Further detail conditions can be seen from the Govt. website www.tendersodisha.gov.in

**Sd./- Superintending Engineer**
**Aul Embankment Division, Aul**
OIPR-32004/11/0004/2425

# ସ୍ୱାଧୀନତା ସଂଗ୍ରାମୀ ତେଲେଙ୍ଗା ଖଡ଼ିଆଙ୍କ ଜୟନ୍ତୀ

**ସମ୍ବଲପୁର, ୯।୨ (ଭବାନୀ ଶଙ୍କର ଭୋଇ)**

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ହୀରାକୁଦ ଫଟଫଟିପଡାଠାରେ ରବିବାର ଆଦିବାସୀ ସ୍ୱାଧୀନତା ସଂଗ୍ରାମୀ ବୀର ତେଲେଙ୍ଗା ଖଡିଆଙ୍କର ୨୧୯ ତମ ଜୟନ୍ତୀ ପାଳନ କରାଯାଇଥିଲା। କାର୍ଯ୍ୟକ୍ରମରେ ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ଖଡିଆ ସାଂସ୍କୃତିକ ସେବା ସମାଜ ସମ୍ବଲପୁର ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ରାଜୁ ଖଡିଆ, ଯୁବରାଜ ଭୋଇ, ସୁବାସ ମିର୍ଦ୍ଧା, ଲଳିତ ଖଡିଆ, ବସନ୍ତ କୋକବାଗ, ଏତୁଆ ଖଡିଆଙ୍କ ସମେତ ସଭ୍ୟମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ, ବୀର ତେଲେଙ୍ଗା ଖଡିଆ ୧୮୫୦ରୁ ୧୮୮୦ ପର୍ଯ୍ୟନ୍ତ ଇଂରେଜ ମାନଙ୍କ ବିରୋଧରେ ଗରିଲା ଯୁଦ୍ଧ କରିଥିଲେ। ଏଥିପାଇଁ ଇଂରେଜ ମାନେ ତାଙ୍କୁ ୧୮ ବର୍ଷ କାଳ କୋଲକାତା ଜେଲରେ ରଖିଥିଲେ।

# ଦକ୍ଷତାବୃଦ୍ଧି ସହ ଉପାର୍ଜନକ୍ଷମ କରିବ

**ସମ୍ବଲପୁର, ୯।୨ (ପ୍ରମୋଦ ବହିଦାର)**

ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ(ଜିଏମ୍‌ୟୁ)ରେ ଆରମ୍ଭ ହୋଇଛି ଆର୍ଟ ଆଣ୍ଡ କ୍ରାଫ୍ଟ(ହସ୍ତଶିଳ୍ପ କଳା)ର ୬ ମାସିକିଆ ସାର୍ଟିଫିକେଟ୍ ପାଠ୍ୟକ୍ରମ। ବ୍ୟକ୍ତି ବିଶେଷ ବା ଛାତ୍ରୀଛାତ୍ରଙ୍କ ଦକ୍ଷତା ବୃଦ୍ଧିରେ ଏହା ସହାୟକ ହୋଇ ସେମାନଙ୍କୁ ଉପାର୍ଜନକ୍ଷମ କରିପାରିବ। କାରଣ ଏଥିରେ ପ୍ରଶିକ୍ଷଣ ପାଇଁ କୌଣସି ବୟସସୀମା ନାହିଁ। ଜିଏମ୍‌ୟୁରେ ଗତ ଡିସେମ୍ବର ୨୨ରେ ପ୍ରଥମ କରି ଏହି ପାଠ୍ୟକ୍ରମର ଆରମ୍ଭ ହୋଇଛି। ୪୦ ସ୍ଥାନ ବିଶିଷ୍ଟ ନୂତନ କରି ଆରମ୍ଭ ହୋଇଥିବା ଏହି ପାଠ୍ୟକ୍ରମର ପ୍ରଥମ ବ୍ୟାଚରେ ସମସ୍ତ ସ୍ଥାନ ପୂରଣ ହୋଇଛି। ସେମାନଙ୍କ ମଧ୍ୟରେ କେତେକ ଛାତ୍ରୀଛାତ୍ରଙ୍କ ସହିତ ଆଗ୍ରହୀ ବ୍ୟକ୍ତିବିଶେଷ ପ୍ରଶିକ୍ଷଣ ହେଉଛନ୍ତି। କୌଣସି ବୟସ ସୀମା ନ ଥିବାରୁ କେବଳ ଯୁକ୍ତ ୨ ଶିକ୍ଷାଗତ ଯୋଗ୍ୟତା ଥିବା ଆଗ୍ରହୀ ବ୍ୟକ୍ତି, ଛାତ୍ରୀଛାତ୍ର ନାମ ଲେଖାଇ ତାଲିମ ନେଇ ପାରିବେ। ଏଥିରେ ଥିଓରୀ ସହିତ ବର୍ତ୍ତମାନ ଟ୍ରଇବାଲ ଆର୍ଟ, ବଟଲ ଆର୍ଟ, ଲିପନ୍ ଆର୍ଟ, ୱେଷ୍ଟ ମେଟେରିଆଲରେ କଳାକୃତୀ ତିଆରି ପାଇଁ ତାଲିମ ଦିଆଯିବ। ତେବେ ଅଳ୍ପ ସମୟ ମଧ୍ୟରେ ବିଭିନ୍ନ ସାମଗ୍ରୀ ତିଆରି, ମାଟିମୂର୍ତ୍ତି ନିର୍ମାଣ, ଫଟୋଚିତ୍ର ତିଆରି ଆଦିର ତାଲିମ ନେଇ ଶିକ୍ଷାର୍ଥୀମାନେ କିଭଳି ଯଥାଶୀଘ୍ର ରୋଜଗାରକ୍ଷମ ହୋଇ ପାରିବେ ସେଥିପ୍ରତି ବିଶେଷ ଦୃଷ୍ଟି ଦିଆଯାଉଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଏନ୍ ନାଗରାଜୁ କହିଛନ୍ତି, ଗଙ୍ଗାଧର ମେହେର


କାର୍ଯ୍ୟକ୍ରମରେ ନିର୍ମିତ ହସ୍ତଶିଳ୍ପ।

**ଜିଏମ୍‌ୟୁରେ ଆର୍ଟ ଆଣ୍ଡ କ୍ରାଫ୍ଟ ସାର୍ଟିଫିକେଟ୍ ପାଠ୍ୟକ୍ରମ**

ବିଶ୍ୱବିଦ୍ୟାଳୟ ଜଣେ କବିରୂପି କଳାକାରଙ୍କ ନାମରେ ନାମିତ ହୋଇଛି। ତେଣୁ ଏଠାରେ କଳାର ଶିକ୍ଷାଦାନ ପାଇଁ ସ୍ଥାନ ରହିବା ଅନିବାର୍ଯ୍ୟ ବୋଲି ସେ ହୃଦୟଙ୍ଗମ କରି ଏଠାରେ ପ୍ରଥମ ପର୍ଯ୍ୟାୟରେ ହସ୍ତଶିଳ୍ପ ଓ କଳାର ଏକ ୬ ମାସିକିଆ ସାର୍ଟିଫିକେଟ୍ ପାଠ୍ୟକ୍ରମ ଆରମ୍ଭ କରିବାକୁ ପଦକ୍ଷେପ ନେଇଥିଲେ। ସେହିପରି ସମ୍ବଲପୁରରେ ଅନେକ ହସ୍ତଶିଳ୍ପ କଳାରେ ନିପୁଣ କଳାକାର ରହିଛନ୍ତି। ହସ୍ତଶିଳ୍ପ କଳାର ପ୍ରଚାର ପ୍ରସାର ପାଇଁ ଏଭଳି କଳାକାରମାନଙ୍କ ଆଗ୍ରହ ତଥା ଏଦିଗରେ ଶିକ୍ଷା ଗ୍ରହଣ ପାଇଁ ଅନେକ ବ୍ୟକ୍ତି ବିଶେଷ ଓ ଛାତ୍ରୀଛାତ୍ରଙ୍କ ଆଗ୍ରହକୁ ଦୃଷ୍ଟିରେ ରଖି ଜିଏମ୍‌ୟୁରେ ଏହି ପାଠ୍ୟକ୍ରମ ଆରମ୍ଭ କରାଯାଇଛି। ପାଠ୍ୟକ୍ରମର ସଫଳତା ପରେ ଆଗକୁ ଡିପ୍ଲୋମା ଓ ଡିଗ୍ରୀ ପାଠ୍ୟକ୍ରମ ଆରମ୍ଭ କରାଯିବ ବୋଲି ସେ କହିଛନ୍ତି। ଏଠାରୁ ସାର୍ଟିଫିକେଟ୍ ହାସଲ ପରେ ଉଚ୍ଚଶିକ୍ଷା ପାଇଁ ଯେକୌଣସି ଉଚ୍ଚ ଶିକ୍ଷାନୁଷ୍ଠାନରେ ଡିପ୍ଲୋମା ବା ଡିଗ୍ରୀ ପାଠ୍ୟକ୍ରମରେ ନାମ ଲେଖାଇ ହେବ ବୋଲି ସେ କହିଛନ୍ତି।

DSPL-382

**ଜାତୀୟ କୃମିନାଶକ ଦିବସ - ୨୦୨୫**

ଚଳିତ ଫେବୃଆରୀ ୧୦ ତାରିଖରେ ୨୪ଟି ଜିଲ୍ଲା - ଅନୁଗୁଳ, ବୌଦ୍ଧ, ବାଲେଶ୍ୱର, ଭଦ୍ରକ, ବରଗଡ଼, ଦେଓଗଡ଼, ଢେଙ୍କାନାଳ, ଗଞ୍ଜାମ, ଗଜପତି, ଝାରସୁଗୁଡ଼ା, ଯାଜପୁର, ଜଗତସିଂହପୁର, ଖୋର୍ଦ୍ଧା, କେନ୍ଦୁଝର, କୋରାପୁଟ, କେନ୍ଦ୍ରାପଡା, ମାଲ୍‌କାନଗିରି, ମୟୂରଭଞ୍ଜ, ନବରଙ୍ଗପୁର, ନୂଆପଡା, ପୁରୀ, ସମ୍ବଲପୁର, ସୁବର୍ଣ୍ଣପୁର, ସୁନ୍ଦରଗଡ଼ରେ ଜାତୀୟ କୃମିନାଶକ ଦିବସ ପାଳନ କରାଯାଉଅଛି। ଏହି ଜିଲ୍ଲା ଗୁଡିକରେ ୧-୧୯ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ପିଲା ଓ ୨୦-୨୪ ବର୍ଷ ବୟସର ପ୍ରଜନନକ୍ଷମ ମହିଳାମାନଙ୍କୁ କୃମିନାଶକ ଔଷଧ ଖାଇବାକୁ ଦିଆଯିବ। ଏହା ଛଡ଼ା ଅନ୍ୟ ୬ଟି ଜିଲ୍ଲା (ବଲାଙ୍ଗିର, କଟକ, କଳାହାଣ୍ଡି, କନ୍ଧମାଳ, ନୟାଗଡ଼ ଓ ରାୟଗଡ଼ା)ରେ ଲିମ୍ଫାଟିକ୍ ଫାଇଲେରିଆ ସମୂହ ଔଷଧ ସେବନ କାର୍ଯ୍ୟକ୍ରମ ଅନୁସାରେ ୨ ବର୍ଷରୁ ଉର୍ଦ୍ଧ୍ୱ ସମସ୍ତଙ୍କୁ ଡ଼ି.ଇ.ସି. ବଟିକା ସହିତ କୃମିନାଶକ ଔଷଧ ଖାଇବାକୁ ଦିଆଯିବ ଏବଂ ୧-୨ ବର୍ଷର ପିଲାମାନଙ୍କୁ କେବଳ କୃମିନାଶକ ଔଷଧ ଖାଇବାକୁ ଦିଆଯିବ। ୬ଟି ଜିଲ୍ଲାର ଯେଉଁ ବ୍ଲକ୍‌ମାନଙ୍କରେ ଫାଇଲେରିଆ ସମୂହ ଔଷଧ ସେବନ କାର୍ଯ୍ୟକ୍ରମ ହେଉନାହିଁ ସେହି ବ୍ଲକ୍‌ମାନଙ୍କରେ ଜାତୀୟ କୃମିନାଶକ ଦିବସ ପାଳନ କରାଯିବ। ଯେଉଁମାନେ ୧୦ ତାରିଖରେ କୌଣସି କାରଣରୁ ଏହି ଔଷଧ ଖାଇପାରିନଥିବେ ସେମାନେ ଫେବୃଆରୀ ୧୭ ତାରିଖରେ ଏହି ଔଷଧ ଖାଇପାରିବେ। ବିଦ୍ୟାଳୟ ଯାଉଥିବା ସମସ୍ତ ପିଲାମାନଙ୍କୁ ଶିକ୍ଷକମାନେ କୃମିନାଶକ ଔଷଧ ଖାଇବାକୁ ଦେବେ। ବିଦ୍ୟାଳୟ ଯାଉନଥିବା ପିଲାମାନଙ୍କୁ ସେମାନଙ୍କ ଅଞ୍ଚଳରେ ଥିବା ଅଙ୍ଗନୱାଡି କେନ୍ଦ୍ରରେ ଅଙ୍ଗନୱାଡି କର୍ମୀ କିମ୍ବା ଆଶା କର୍ମୀ ଏହି ଔଷଧ ଖାଇବାକୁ ଦେବେ।

ଏହା ସହିତ ଫେବୃଆରୀ ମାସରେ ଅନୁଷ୍ଠିତ ହେଉଥିବା ସମସ୍ତ ଟୀକାକରଣ ଶିବିରରେ ୯ ମାସରୁ ୫ ବର୍ଷ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ଭିଟାମିନ୍ "କ" ଦ୍ରବଣ ଖାଇବାକୁ ଦିଆଯିବ।

OIPR-10003/13/0125/2425

NATIONAL HEALTH MISSION
**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା**

# ଅଭିଯୁକ୍ତ ବଡ଼ଭାଇ କୋର୍ଟ ଚାଲାଣ

## ସାନଭାଇଙ୍କୁ ଗୁଳିକରି ହତ୍ୟା ଘଟଣା

ଲାଞ୍ଜିଗଡ଼,୯।୨(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ଥାନା ଅନ୍ତର୍ଗତ ବେଡ଼ାଗାଁ ପଞ୍ଚାୟତ ଦେହେଡ଼ା ଗାଁରେ ପୂର୍ବ ଶତ୍ରୁତାରୁ ବଡଭାଇ ସାନଭାଇଙ୍କୁ ଶୁକ୍ରବାର ରାତିରେ ଗୁଳିକରି ହତ୍ୟା କରିଥିଲେ। ଏହି ଘଟଣାରେ ଅଭିଯୁକ୍ତ ବଡଭାଇ କୃଷ୍ଣ ମାଝୀକୁ ରବିବାର କୋର୍ଟ ଚାଲାଣ କରିଛି ବିଶ୍ୱନାଥପୁର ପୋଲିସ। ଏହି ହତ୍ୟା ଘଟଣା ଶନିବାର ଲୋକଲୋଚନକୁ ଆସିଥିଲା । ଏ ନେଇ ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁକରି ହତ୍ୟାକାରୀ ବଡ଼ଭାଇଙ୍କୁ ଗିରଫ କରିଥିଲା। ତାଙ୍କଠାରୁ ହତ୍ୟାରେ ବ୍ୟବହୃତ ଏକ ଦେଶୀ ବନ୍ଧୁକ ଜବତ କରାଯାଇଥିଲା। କେସିଙ୍ଗା ଏସ୍‌ଡ଼ିପିଓ ଅଜୟ ଦାସ, ଥାନା ଅଧିକାରୀ ମମତା ହେମ୍ବ୍ରମ, ଏସଆଇ ବୁଧେରାମ ମାଝୀ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ। ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ଥାନା ଅଧିକାରୀ ମମତା ହେମ୍ବ୍ରମ ପ୍ରକାଶ କରିଥିଲେ । ଅଧିକ ତଦନ୍ତ ଚାଲିଛି।

# ଚାଷୀଙ୍କୁ ସମର୍ଥନ ଜଣାଇ ମାରାଥନ



ବିଧାୟକ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

## ୮ କି.ମି. ମାରାଥନରେ ସାମିଲ ହେଲେ ଅନେକ ଧାବିକା, ଧାବକ

ଭବାନୀପାଟଣା,୯।୨(ଉତ୍ତମ କୁମାର ଦାଶ)

ଭବାନୀପାଟଣା ସଦର ବିଧାୟକ ସାଗର ଚରଣ ଦାସ ଚାଷୀ ଓ ଯୁବ ପିଢିଙ୍କୁ ସମର୍ଥନ ଜଣାଇ ରବିବାର ସକାଳେ ଏକ ମାରାଥନ ଆୟୋଜନ କରିଥିଲେ। ଏହି ମାରାଥନ ଉଦେପୁର ସ୍କୁଲରୁ ଭବାନୀପାଟଣା ବିଶ୍ୱବିଦ୍ୟାଳୟ ଖେଳ ପଡିଆ ପର୍ଯ୍ୟନ୍ତ ୮ କିମି ହୋଇଥିଲା। ବିଧାୟକ ଦାସ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଏଥିରେ ଜିଲାର ଅନେକ ଧାବିକା, ଧାବକଙ୍କ ସହ ମଦର୍ ଟେରେସା କଲେଜ ଅଫ ନର୍ସିଂର ଭାରତୀ ମେହେର, ଜୁଲିଏଟ ମଲ୍ଲିକ, ଇଦୋପ୍ତି ଏକାଡେମୀରୁ ମହିମା ଶବର୍, ଇତିଶ୍ରୀ, ଗାୟତ୍ରୀ ଲୋହାର୍, ଶୁଶ୍ରୀ ଖୁସବୁ ରାଉତ, ଲିପ୍ସା ସାହୁ, ପି.ଟି. ଶିକ୍ଷକ ସୁଧୀର କୁମାର୍ ରାଉତ, ନାରାୟଣ ପ୍ରଧାନ, ଜିଲା ଯୁବ କଂଗ୍ରେସ ସଭାପତି ମହମ୍ମଦ ସାହେବ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ମାରାଥନରେ ପଙ୍କଜ ରଣା ୨୬ ମିନିଟରେ ଲକ୍ଷ୍ୟସ୍ଥଳରେ ପହଞ୍ଚି ପ୍ରଥମ ହୋଇଥିବାବେଳେ ନେତ୍ରମଣି ଶବର୍ ୨୮ ମିନିଟରେ ପହଞ୍ଚି ଦ୍ୱିତୀୟ ଓ ଗିରିଧାରୀ ବାଗ ୩୧ ମିନିଟରେ ପହଞ୍ଚି ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେମାନଙ୍କୁ ବିଧାୟକ ଦାସ ମାନପତ୍ର, ଟ୍ରଫି ଦେଇ ପୁରସ୍କୃତ କରିଥିଲେ। ଏହି ସମୟରେ ଜିଲା ଉପସଭାପତି ଧନୁର୍ଦ୍ଧର ଗହୀର ମଧ୍ୟ ଉପସ୍ଥିତ ଥିଲେ।

# ଅନ୍ତର୍ଜାତୀୟ କରାଟେ ଫେଡେରେଶନର ସ୍ୱତନ୍ତ୍ର ବେଲ୍‌ଟ ପ୍ରଦାନ ଉତ୍ସବ

ନୂଆପଡା,୯।୨ (ମକାରୁ ବେମାଲ)

ନୂଆପଡା ଜିଲା ଖରିଆର ରୋଡ ଗଣପତି ପେଲେସଠାରେ ରବିବାର ଅନ୍ତର୍ଜାତୀୟ କରାଟେ ଫେଡେରେଶନ ପକ୍ଷରୁ ୪ର୍ଥ ବର୍ଷ ବେଲ୍‌ଟ ପ୍ରଦାନ ସ୍ୱତନ୍ତ୍ର ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଶିକ୍ଷକ ରେନ୍ସି କାବୁଲି ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ନୂଆପଡା ଜିଲାପାଳ ମଧୁସୁଦନ ଦାସ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପ୍ରଶିକ୍ଷାର୍ଥୀମାନଙ୍କୁ ବେଲ୍‌ଟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୂଆପଡା ପଞ୍ଚାୟତ ସମିତି ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଖରିଆର ରୋଡ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା ସୋନିଆ ଜୈନ, ନୂଆପଡା ବ୍ଲକ ସମିତି ସଭ୍ୟ ସଂଘ ସଭାପତି ନୀଳକମଳ ଚନ୍ଦ୍ରକାର, ଆଇନଜୀବୀ ଧନିରାମ ସାହୁ, ସମିତି ସଭ୍ୟ ଟେକରାମ ମାଝି, ମୁକେଶ କୁମାର ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ଏହି ସ୍ୱତନ୍ତ୍ର ଉତ୍ସବରେ କରାଟେ ପ୍ରଶିକ୍ଷଣ ନେଉଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୨ ଜଣଙ୍କୁ ବ୍ଲାକ ବେଲ୍‌ଟ, ୩ ଜଣଙ୍କୁ ପିଙ୍କ ବେଲ୍‌ଟ, ୫ ଜଣଙ୍କୁ ଅରେଞ୍ଜ ବେଲ୍‌ଟ, ୫ ଜଣଙ୍କୁ ୟେଲୋ ବେଲ୍‌ଟ, ୭ ଜଣଙ୍କୁ ଗ୍ରୀନ ବେଲ୍‌ଟ ପ୍ରଦାନ କରା ଯାଇଥିଲା। ଏହି ଅବସରରେ ଜିଲାପାଳ ସମ୍ବୋଧିତ କରି ସାମ୍ପ୍ରତିକ ପରିସ୍ଥିତିରେ ନିଜସ୍ୱ ଆତ୍ମରକ୍ଷା କୌଶଳ ସବୁ ଛାତ୍ରୀଛାତ୍ର ଶିଖିବା ଆବଶ୍ୟକ ବୋଲି କହିଥିଲେ। ଖରିଆର ରୋଡଠାରେ ଏକ ବିଦ୍ୟାଳୟ ଖୋଲି ଛାତ୍ରୀଛାତ୍ରଙ୍କୁ ଆତ୍ମରକ୍ଷା କୌଶଳ ଶିଖାଉ ଥିବାରୁ ଆୟୋଜକଙ୍କୁ ସାଧୁବାଦ ଜଣାଇ ଥିଲେ।




ଅତିଥିମାନେ ପୁରସ୍କୃତ କରୁଛନ୍ତି।

# ସେଲ୍ଫି ନେବାବେଳେ ଜଳପ୍ରପାତରେ ପଡ଼ି ଯୁବକ ନିଖୋଜ



ଜଳପ୍ରପାତରେ ନିଖୋଜ ଯୁବକଙ୍କୁ ଖୋଜା ଚାଲିଛି।

କୋକସରା,୯।୨ (ଦୁଷ୍ମନ୍ତ କୁମାର ପାଢୀଯୋଷୀ)

କଳାହାଣ୍ଡି ଜିଲାର ପର୍ଯ୍ୟଟନସ୍ଥଳୀ ଗୁଡ଼ହାଣ୍ଡି ଡୋକାରିଚଞ୍ଚରାକୁ ରବିବାର ନବରଙ୍ଗପୁର ଜିଲା କୋଡ଼ିଙ୍ଗା ଥାନା ଅନ୍ତର୍ଗତ ଡୁମରମୁଣ୍ଡା ଗ୍ରାମର ଅଭିନାଶ ପରଜା (୨୧) ନିଜର ଜଣେ ସାଙ୍ଗ ଦିଲେଶ୍ୱର ଭତରା ସହ ଏକ ବାଇକରେ ଡୋକାରିଚଞ୍ଚରା ଜଳପ୍ରପାତ ବୁଲିବାକୁ ଆସିଥିଲେ। ଜଳପ୍ରପାତ ୬୦ ଫୁଟ ଉପରୁ ମୋବାଇଲରେ ସେଲ୍ଫି ଉଠାଉ ଥିବାବେଳେ ଅସାବଧାନତା କାରଣରୁ ଶିଉଳିରେ ଗୋଡ଼ ଖସି ଯିବାରୁ ଡୋକାରିଚଞ୍ଚରା ଜଳପ୍ରପାତର ଗଭୀର ପାଣିରେ ବୁଡି ନିଖୋଜ ହୋଇଯାଇଥିଲେ। ଦୀର୍ଘ ସମୟ ଧରି ପାଣିରେ ତାଙ୍କ ସାଙ୍ଗ ଓ ଅନ୍ୟମାନେ ଖୋଜାଖୋଜି କରିବା ପରେ ମଧ୍ୟ ପତ୍ତା ମିଳିନାହିଁ। ଘଟଣା ପ୍ରଚାରିତ ହେବାପରେ ଏହି ସ୍ଥାନରେ ଭାଜପାର ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସିଥିବା ଧର୍ମଗଡ଼ ବିଧାୟକ ସୁଧୀର କୁମାର ପାଢୀଯୋଶୀ ପହଞ୍ଚି ଉଦ୍ଧାର କାର୍ଯ୍ୟ ପାଇଁ ଦମକଳ ଅଧିକାରୀ ଓ ସ୍ଥାନୀୟ ପୋଲିସକୁ ଜଣାଇ ଶୀଘ୍ର ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ କହିଥିଲେ। ଖବରପାଇ କୋକସରା ଦମକଳ କର୍ମଚାରୀ ଓ ଆମପାଣି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିବା ସୂଚନା ମିଳିଛି। ତେବେ ବର୍ତ୍ତମାନ ସୁଦ୍ଧା ନିଖୋଜ ଯୁବକଙ୍କ କୌଣସି ପତ୍ତା ମିଳିନାହିଁ। ସୋମବାର ସକାଳୁ ପୁଣି ଉଦ୍ଧାର କାର୍ଯ୍ୟ କରାଯିବା ନେଇ ଦମକଳକେନ୍ଦ୍ର ଓଆଇସି ପ୍ରଶାନ୍ତ ବାଘ ସୂଚନା ଦେଇଛନ୍ତି। ପୂର୍ବରୁ ମଧ୍ୟ ଏହି ଜଳପ୍ରପାତରେ ସେଲ୍ଫି ନେବା ସମୟରେ ୨ ଯୁବକ ବୁଡି ନିଖୋଜ ହେବାର ଦୀର୍ଘ ଘଣ୍ଟା ପରେ ମୃତଦେହ ଠାବ ହୋଇଥିଲା।

# ନକଲି ଆଦିବାସୀଙ୍କୁ ଚିହ୍ନଟ କରିବା ଦାବି

## କଳାହାଣ୍ଡି ଜିଲା ଆଦିବାସୀ ସଂଘର ବୈଠକ

ଭବାନୀପାଟଣା ୯।୨(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଆଦିବାସୀ ସଂଘ ପକ୍ଷରୁ ରବିବାର ଭବାନୀପାଟଣା ସହର ସ୍ଥିତ ନକଟିଗୁଡା ଆଦିବାସୀ କର୍ମଚାରୀ ଭବନଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଥମେ ସଂଘର କର୍ମକର୍ତ୍ତାମାନେ ସହିଦ ରେଣ୍ଡୋ ମାଝୀ ଦିବସର ଆୟବ୍ୟୟର ସମୀକ୍ଷା କରିଥିଲେ। ପରେ ଅନୁଷ୍ଠିତ ବୈଠକରେ ନକଲି ଆଦିବାସୀମାନଙ୍କ ଉପରେ ଗୁରୁତ୍ୱ ଦିଆଯାଇଥିଲା। କଳାହାଣ୍ଡି ଜିଲାରେ ଅନେକ ଅଣ ଆଦିବାସୀ ବସବାସ କରି ପ୍ରକୃତ ଆଦିବାସୀଙ୍କ ହକ ଅଧିକାରକୁ ହାତ ମୁଠାକୁ ନେଇ ଚଞ୍ଚକତା କରି ହଡ଼ପ କରୁଛନ୍ତି। ସେଭଳି ନକଲି ଆଦିବାସୀମାନଙ୍କୁ କିଭଳି ଚିହ୍ନଟ କରି ଦକ୍ଷିଣା ଅଞ୍ଚଳ ରାଜସ୍ୱ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ନିଷ୍ପତି ନିଆଯାଇଥିଲା। ସେହିପରି ଆଦିବାସୀ ସମ୍ପର୍କ ସଚେତନ ରଥ କଳାହାଣ୍ଡି ଜିଲାର ପ୍ରତ୍ୟେକ ବ୍ଲକରେ ଥିବା ଗ୍ରାମଗୁଡ଼ିକୁ ଯାଇ ସଚେତନବାର୍ତ୍ତା ଦେବା ପାଇଁ ନିଷ୍ପତି ନିଆଯାଇଥିଲା। ଶିକ୍ଷା ସ୍ୱାସ୍ଥ୍ୟ କୃଷି ନିଯୁକ୍ତି ରୋଜଗାର ଉପରେ ସଚେତନ କରାଇବା ପାଇଁ ମଧ୍ୟ ସଭାରେ ଆଲୋଚନା ହୋଇଥିଲା। ବୈଠକରେ କଳାହାଣ୍ଡି ଜିଲା ଆଦିବାସୀ ସଂଘ ସଭାପତି ପ୍ରକାଶ ମାଝୀ କର୍ମଚାରୀ ସଂଗ୍ରାମ ସମିତିର ସମ୍ପାଦକ କୁରେଶ୍ୱର୍ ମାଝୀ, ନନ୍ଦକିଶୋର ମାଝୀ, ମନପତି ଜାନୀ, ହୃଦାନନ୍ଦ ମାଝୀ, ହରିଶଙ୍କର ମାଝୀ, ଶ୍ୟାମସୁନ୍ଦର ମାଝୀ, ସାଗର ମାଝୀ, ଅଶୋକ କୁମାର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

# ପୂର୍ବତନ ସରପଞ୍ଚ ବାସୁଦେବ ସାହୁଙ୍କ ପରଲୋକ

ଧର୍ମଗଡ, ୯।୨ (ଆକାଶ କୁମାର ଜଗତ)

ଧର୍ମଗଡ଼ ବ୍ଲକ ତରାପୁର ଗ୍ରାମର ପୂର୍ବତନ ସରପଞ୍ଚ ବରିଷ୍ଠ, ସାମାଜିକ କର୍ମୀ ତଥା ଅଞ୍ଚଳର ବିଶିଷ୍ଟ ବ୍ୟକ୍ତିତ୍ୱ ବାସୁଦେବ ସାହୁଙ୍କର ୮୦ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ଦକ୍ଷିଣୀ ଶୌଣ୍ଡିକ ମହାସଂଘ, କଳାହାଣ୍ଡି ଟିଟିଲାଗଡ ସବଡିଭିଜନର ସଭାପତି ଆଇନଜୀବୀ ଥବିର ପ୍ରସାଦ ସାହୁଙ୍କ ବଡ ଭାଇ। ସ୍ୱର୍ଗତ ସାହୁଙ୍କ ଉଦ୍ୟମରେ ତରାପୁର ଠାରେ ପଞ୍ଚାୟତ ହାଇସ୍କୁଲ ସ୍ଥାପିତ ହୋଇଥିଲା। ତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତରାପୁର ଠାରେ ଏକ ଭବ୍ୟ ଶ୍ରୀରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ହୋଇଛି। ଏହାଛଡା ସେ ୧୯୯୦ରେ ତରାପୁର ପଞ୍ଚାୟତର ସରପଞ୍ଚ ରହି ପଞ୍ଚାୟତର ବହୁବିଧ ବିକାଶ କରିଥିଲ। ମଝିଆ ପୁଅ ଇନ୍ଦ୍ରମଣି ସାହୁ ମୁଖାଗ୍ନି ଦେଇଥିଲେ।

# କୋକସରା ବ୍ଲକ ଭାଜପାର ସମାବେଶ

କୋକସରା,୯।୨(ଦୁଷ୍ମନ୍ତ କୁମାର ପାଢୀଯୋଷୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଡୁଡୁକାଠେଙ୍ଗା ପଞ୍ଚାୟତ ସାହାଜଖୋଲ ଜଙ୍ଗଲ ମଧ୍ୟରେ ଥିବା ପର୍ଯ୍ୟଟନସ୍ଥଳୀ ଗୁଡାହାଣ୍ଡି ଡୋକାରିଚଞ୍ଚରାଠାରେ ରବିବାର କୋକସରା ବ୍ଲକ ଭାଜପା ପକ୍ଷରୁ ସମାବେଶ ହୋଇଥିଲା। ନୂତନ ଭାବେ ନିର୍ବାଚିତ ହୋଇଥିବା ଜିଲା ସଭାପତି, ଜିଲା ପ୍ରତିନିଧି ଓ ମଣ୍ଡଳ ସଭାପତିଙ୍କ ଉଦ୍ଦେଶ୍ୟରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଜିଲା ସଭାପତି ଯୁଗଳ କିଶୋର ପୋଢ଼ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପାଢୀଯୋଶୀ ଯୋଗଦେଇ ନୂତନ ନିର୍ବାଚିତ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ସାଧାରଣ ସମ୍ପାଦକ ଜୟଶଙ୍କର ନାଏକ, ଜିଲା ଯୁବମୋର୍ଚ୍ଚା ସଭାପତି ବିଜୟଦେ ସାହୁ, ଜିଲା ଉପ ସଭାପତି ଲକ୍ଷ୍ମୀକାନ୍ତ ବାଗ, ରାଷ୍ଟ୍ରୀୟ ଯୁବମୋର୍ଚ୍ଚା ସଦସ୍ୟ ଦୀପଜ୍ୟୋତି ମୁଣ୍ଡ, ଆମପାଣି ମଣ୍ଡଳ ସଭାପତି ମଧୁବନ ପାତ୍ର, କୋକସରା ମଣ୍ଡଳ ସଭାପତି ବସନ୍ତ ନାଗ, ମୋଟେର ମଣ୍ଡଳ ସଭାପତି ଧର୍ମବ୍ରତ ପଣ୍ଡା, ଜିଲା ପ୍ରତିନିଧି ଦୁର୍ଗା ପ୍ରଧାନୀ, ଚକ୍ରଧର ନାଏକ, ଅର୍ଜୁନ ଭାଟି, ରାଜ୍ୟ ଯୁବମୋର୍ଚ୍ଚା ସଦସ୍ୟ ହିମାଂଶୁ ପଣ୍ଡା,ରାଜ୍ୟ ପରିଷଦ ସଦସ୍ୟ ଅପ୍ରେସ ସ୍ୱାଇଁ, ଘନଶ୍ୟାମ ନାଏକ, ରାଷ୍ଟ୍ରୀୟ ପରିଷଦ ସଦସ୍ୟ ଧନଞ୍ଜୟ ପାତ୍ର, ନାରିନେତ୍ରୀ ପ୍ରତିମା ପୂଝାରି ଓ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ରହି ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଜିଲା ପ୍ରତିନିଧି, ମଣ୍ଡଳ ସଭାପତିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ନେତୃବୃନ୍ଦ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନାକୁ ତୃଣମୂଳସ୍ତରରେ ପହଞ୍ଚାଇବାକୁ ଗୁରୁମନ୍ତ୍ର ଦେଇଥିଲେ। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ କୋକସରା ମଣ୍ଡଳ ସମ୍ପାଦକ ତ୍ରିନାଥ ଶବର ପରିଚାଳନା କରିଥିଲେ।



ଡୋକାରିଚଞ୍ଚରାଠାରେ କୋକସରା ବ୍ଲକ ଭାଜପା ପକ୍ଷରୁ ସମାବେଶରେ ଉପସ୍ଥିତ ନେତା, କର୍ମୀ।

# ଅନୁକୂଳଚନ୍ଦ୍ର ସତ୍‌ସଙ୍ଗ କେନ୍ଦ୍ରର ବାର୍ଷିକ ଉତ୍ସବ



ସତସଙ୍ଗ କେନ୍ଦ୍ରର ବାର୍ଷିକ ଉତ୍ସବରେ ଆଧ୍ୟାତ୍ମିକପ୍ରେମୀ।

ଖଡ଼ିଆଳ, ୯।୨(ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡିଆଳସ୍ଥିତ ଅନୁକୂଳଚନ୍ଦ୍ର ସତସଙ୍ଗ କେନ୍ଦ୍ରର ୮ମ ତମ ବାର୍ଷିକ ଉତ୍ସବ ସାନଦୋହଲସ୍ଥିତ ସତସଙ୍ଗ କେନ୍ଦ୍ରଠାରେ ଆଡମ୍ବରରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସକାଳ ୯ଟାରେ ଖଡିଆଳ ସହର ସମଲେଶ୍ୱରୀ ମନ୍ଦିରଠାରୁ ଏକ ସୁସଜ୍ଜିତ ରଥରେ ଠାକୁର ଅନୁକୂଳଚନ୍ଦ୍ରଙ୍କର ପ୍ରତିମୂର୍ତ୍ତି ରଖି ନଗର କୀର୍ତ୍ତନ ସହର ପରିକ୍ରମା କରିଥିଲା। ତା'ପରେ ସତସଙ୍ଗ କେନ୍ଦ୍ରଠାରେ ଏକ ସତସଙ୍ଗ ହୋଇଥିଲା। ପରେ ପ୍ରସାଦ ସେବନ ହୋଇଥିଲା। ଏହି ସତସଙ୍ଗରେ ନୂଆପଡ଼ାରୁ ଆଗତ ରିତିକ ଦେବ ବିଭୁଦତ୍ତ ଗୁରୁ ସ୍ୱାଗତ ଭାଷଣ ଦେଇ ସତସଙ୍ଗକୁ ପରିଚାଳନା କରିଥିଲେ। ସତସଙ୍ଗ କେନ୍ଦ୍ରର ସଭାପତି ଅରୁଣ କୁମାର ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସତସଙ୍ଗ କେନ୍ଦ୍ରର ସମ୍ପାଦକ ଗୋପାଳ ମେହେର(ଯାଜକ), ରାଜକିଶୋର ନାୟକ (ଆଧ୍ୱର୍ଯ୍ୟ), ବ୍ରଜେଶ ହେର୍ଣ୍ଡା (ଯାଜକ), ତୁକାରା ସାଗରିଆ, ଦେବେନ୍ଦ୍ର ରାଉତ, ସଞ୍ଜୀବ ମହାନ୍ତି, ଶୋଭା ନିଆଲ, ତ୍ରିବିକ୍ରମ ସାହୁ, ମୁନା ପ୍ରଧାନ, କିରଣ ପ୍ରଧାନ, ନବୀନ ହେର୍ଣ୍ଣା, ତାରକେଶ୍ୱର ମହାନ୍ତି , ପ୍ରମୋଦ ନାୟକ, ବିଷ୍ଣୁ ଚରଣ ବିଶାଳ ଏବଂ ଅନ୍ୟାନ୍ୟ ଗୁରୁ ସହଯୋଗ କରିଥିଲେ। ଶତାଧିକ ସତସଙ୍ଗ ଅନୁଗାମୀ ତଥା ଆଧ୍ୟାତ୍ମିକପ୍ରେମୀ ଉପସ୍ଥିତ ରହି ଭଜନ କୀର୍ତ୍ତନ ଉପଭୋଗ କରିଥିଲେ।

# ମହୋତ୍ସବରେ ଥାନା ଅଧିକାରୀ ସମ୍ବର୍ଦ୍ଧିତ

ଖଡ଼ିଆଳ,୯।୨(ସୁଜିତ କୁମାର ପ୍ରଧାନ)

ନୂଆପଡା ଜିଲା ଜୋଙ୍କ ଥାନା ଅଧିକାରୀ ପ୍ରଦୀପ କୁମାର ଧରୁଆଙ୍କୁ ନିଜର ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଖଡ଼ିଆଳ ମହୋତ୍ସବ କମିଟି ସମ୍ବର୍ଦ୍ଧିତ କରିଛି। ଧରୁଆ ଖଡିଆଳ ଥାନା ଅଧିକାରୀ ଭାବେ ୨୦୨୩ରୁ ୧ ବର୍ଷ ୨ ମାସ କାର୍ଯ୍ୟ କରିଛନ୍ତି। ସେ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ଖଡ଼ିଆଳ ଥାନା ଅଧୀନରେ ଥିବା ଅଞ୍ଚଳ ପାଇଁ ଅନେକ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି। ଖଡିଆଳ ମହୋତ୍ସବର ସ୍ୱତନ୍ତ୍ର ଉତ୍ସବରେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ବରିଷ୍ଠ କଂଗ୍ରେସ ନେତା ତାରା ପ୍ରସାଦ ବାହିନୀପତି, ବିଜେଡିର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ପୂର୍ବତନ ମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର ପ୍ରମୁଖ ମାନପତ୍ର ସହ ଉପଢୌକନ ପ୍ରଦାନ କରିଥିଲେ।

# କୃତ୍ରିମ ବୁଦ୍ଧିମତ୍ତା ଉପରେ ଆଲୋଚନାଚକ୍ର

ଭବାନୀପାଟଣା,୯।୨(ଉତ୍ତମ କୁମାର ଦାଶ)

ଭବାନୀପାଟଣାସ୍ଥିତ ମା' ମାଣିକେଶରୀ ବିଶ୍ୱବିଦ୍ୟାଳୟର ବିସିଏ ବିଭାଗରେ ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥଙ୍କ ଅଧ୍ୟକ୍ଷତାରେ ଏଆଇ ଏଣ୍ଡ ଆଇଓଟି ସଷ୍ଟାନେବଲ ଟେକ୍ନୋଲୋଜି ଇନୋଭେସନ ସେପିଂ ଦି ଫ୍ୟୁଚର' ବିଷୟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କୁଳପତି ନାଥ ମାନବ ସମାଜ ପାଇଁ କୃତ୍ରିମ ବୁଦ୍ଧିମତାର ଗୁରୁତ୍ୱ ସମ୍ପର୍କରେ ନିଜର ଅଭିମତ ପ୍ରକାଶ କରିଥିଲେ। ବିଶ୍ୱ ବିଦ୍ୟାଳୟର ଉପକୁଳସଚିବ ମେଜର ଡ. ଜୟଦେବ ସାହୁ ଏହି ଆଲୋଚନାଚକ୍ରର ଆବାହକ ଦାୟିତ୍ୱ ତୁଲାଇ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିବା ସହିତ କୃତ୍ରିମ ବୁଦ୍ଧିମତାର ପ୍ରାୟୋଗିକ ଦିଗ ବିଷୟରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ବିସିଏ ବିଭାଗର ଅଧ୍ୟାପିକା ଶ୍ରାବଣୀ ପ୍ରିୟଦର୍ଶିନୀ ଦାଶ ବକ୍ତାଙ୍କ ପରିଚୟ ପ୍ରଦାନ କରିଥିଲେ। ଏନଆଇଏସ୍‌ଟି ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁରର କମ୍ପ୍ୟୁଟର ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ବିଭାଗ ମୁଖ୍ୟ ପ୍ରଫେସର ଡ. ବ୍ରଜକିଶୋର ମିଶ୍ର ବକ୍ତାରୂପେ ଉପସ୍ଥିତ ହୋଇଥିଲେ। କୃତ୍ରିମ ବୁଦ୍ଧିମତା ଓ ଆଇଓଟି ର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ। କୃତ୍ରିମ ବୁଦ୍ଧିମତାର ଉପକାରିତା ଓ ଅପକାରିତା ତଥା ମାନବ ସମାଜ ପାଇଁ ଏହାର ଭବିଷ୍ୟତ ସମ୍ପର୍କରେ ମାର୍ଗଦର୍ଶନ କରାଇଥିଲେ। କୃତ୍ରିମ ବୁଦ୍ଧିମତା ସମ୍ପର୍କୀତ ପ୍ରକଳ୍ପ ପ୍ରସ୍ତୁତି ବିଷୟରେ ମଧ୍ୟ ବକ୍ତା ଛାତ୍ରୀଛାତ୍ରଙ୍କୁ ଜ୍ଞାନଗର୍ଭକ ତଥ୍ୟ ଓ ତତ୍ତ୍ୱ ପ୍ରଦାନ କରିଥିଲେ। ଏହି ଆଲୋଚନାଚକ୍ରକୁ ଶ୍ରାବଣୀ ପ୍ରିୟଦର୍ଶିନୀ ଦାଶ ସଞ୍ଚାଳନ କରିଥିବାବେଳେ ବିବିଏ ବିଭାଗର ଅଧ୍ୟାପକ ସୁବାଶିଷ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।



ଆଲୋଚନାଚକ୍ରରେ ଉପସ୍ଥିତ ଛାତ୍ରଛାତ୍ରୀ।

# ଲାଞ୍ଜିଗଡ଼ର ପାରିପାର୍ଶ୍ୱିକ ଅଞ୍ଚଳର ବିକାଶ ପାଇଁ ଦାବିପତ୍ର

## ଲାଞ୍ଜିଗଡ଼ରେ କଂଗ୍ରେସର କର୍ମୀ ସମ୍ମିଳନୀ ଓ ବିଶାଳ ଶୋଭାଯାତ୍ରା

ଲାଞ୍ଜିଗଡ,୯।୨(ରମେଶଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ଠାରେ ରବିବାର ଜିଲା କଂଗ୍ରେସ କମିଟିର କର୍ମୀ ସମ୍ମିଳନୀ ସହିତ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଲାଞ୍ଜିଗଡ଼ର ପାରିପାର୍ଶ୍ୱିକ ଅଞ୍ଚଳର ବିକାଶ ପାଇଁ ରାଜ୍ୟପାଳଙ୍କ ଉଦେଶ୍ୟରେ ଏକ ଦାବିପତ୍ର ଲାଞ୍ଜିଗଡ ଥାନା ଅଧିକାରୀଙ୍କ ଜରିଆରେ ପ୍ରଦାନ କରାଯାଇଛି। ଲାଞ୍ଜିଗଡ ବ୍ଲକ ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବାବେଳେ ଶିକ୍ଷା, ସ୍ୱାସ୍ଥ୍ୟ ଗମନାଗମନ ଆଦି କ୍ଷେତ୍ରରେ ଆଜି ବି ରାଜ୍ୟର ପଛୁଆ ଅଞ୍ଚଳ ଭାବେ ରହିଯାଇଛି। ବିଗତ ପଚିଶ ବର୍ଷର ବିଜେଡି ସରକାର ଅଞ୍ଚଳର ବିକାଶ, ଆଦିବାସୀ ଜନଜାତିର ବିକାଶ ପାଇଁ କିଛି କଲେ ନାହିଁ। ବର୍ତ୍ତମାନ କେନ୍ଦ୍ର ଓ ରାଜ୍ୟରେ ଭାଜପାର ଡବଲ ଇଞ୍ଜିନ ସରକାର ଚାଲିଛି। ଆଦିବାସୀଙ୍କ ବିକାଶର ଦ୍ୱାହି ଦେଇ ଆଦିବାସୀ ବ୍ୟକ୍ତିତ୍ୱଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ଆସନରେ ବସାଇ ଦେଲେ ହେବ ନାହିଁ। ରାଜ୍ୟ ଓ ରାଜ୍ୟବାସୀଙ୍କ ବିକାଶ ପାଇଁ ଯଦି ପଦକ୍ଷେପ ନ ନେବେ ତା'ହେଲେ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ ବୋଲି ରବିବାର ଲାଞ୍ଜିଗଡ ଠାରେ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ଯୋଗଦେଇ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଭକ୍ତଚରଣ ଦାସ ଏହା କହିଛନ୍ତି। ପାହାଡିଆ ଅଞ୍ଚଳରେ ବସବାସ କରୁଥିବା ଆଦିବାସୀଙ୍କ ପାଇଁ ପକ୍କା ଘର, ପ୍ରତି ୫୦ଘର ଥିବା ଗାଁକୁ ଗମନାଗମନ ପାଇଁ ରାସ୍ତା, ପ୍ରତି ୫ଶହ ଲୋକସଂଖ୍ୟା ଅଞ୍ଚଳରେ ଗୋଟିଏ ସ୍ୱାସ୍ଥ୍ୟକେନ୍ଦ୍ର, ଉତ୍ତମ ଶିକ୍ଷା ପାଇଁ ସ୍କୁଲ, ଅଞ୍ଚଳରେ ପ୍ରତ୍ୟେକ ଘରକୁ ବିଜୁଳି, ପାନୀୟଜଳ ଯୋଗାଣ ନେଇ ସରକାରଙ୍କୁ ଦାବିପତ୍ରରେ ଜଣାଇଛନ୍ତି। ଜିଲା କଂଗ୍ରେସ କମିଟିର ଆହ୍ୱାନରେ ଲାଞ୍ଜିଗଡ ବ୍ଲକ କଂଗ୍ରେସ କମିଟି ଦ୍ୱାରା ଆୟୋଜିତ ଏହି କର୍ମୀ ସମ୍ମିଳନୀରେ ବହୁସଂଖ୍ୟକ କଂଗ୍ରେସ ନେତା ଓ କର୍ମୀ ଯୋଗଦେଇ ଆରବିକେ କଲୋନୀ ଛକରୁ ଏକ ଶୋଭାଯାତ୍ରାରେ ବାହାରି କାରଖାନାର ମୁଖ୍ୟ ଫାଟକ ସାମ୍ନା ଦେଇ ଲାଞ୍ଜିଗଡ ସହରରେ ପହଞ୍ଚିଥିଲେ। ଏହା ପରେ ଲାଞ୍ଜିଗଡ ଥାନା ଅଧିକାରୀଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ବ୍ଲକ କଂଗ୍ରେସ ସଭାପତି ବିଜୟ ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା କଂଗ୍ରେସ ସଭାପତି ଭାରତ ଭୂଷଣ ବେମାଲ,ବରିଷ୍ଠ କଂଗ୍ରେସ ନେତ୍ରୀ ଦ୍ରୌପଦୀ ମାଝୀ, ବରିଷ୍ଠ କଂଗ୍ରେସ ନେତା ସିଦ୍ଧାର୍ଥ ନାୟକ, ଟି. ପ୍ରଭାକର ରାଓ, ମୁରଲୀଧର ନାଏକ, ଡୋକା ମାଝୀ, ସୁରେନ୍ଦ୍ର ମାଝୀ, ସଦାନନ୍ଦ ନାଏକ, ମହିଳା ସଭାନେତ୍ରୀ ଶାନ୍ତି ହରିଜନ, ମନୋଜ କୁମାର ରାଉତ,କଂଗ୍ରେସ ନେତା ପ୍ରଦୀପ ମାଝୀଙ୍କ ସମେତ ଶତାଧିକ ଦଳୀୟ କର୍ମୀ ସାମିଲ ହୋଇଥିଲେ।



ଲାଞ୍ଜିଗଡ଼ର ପାରିପାର୍ଶ୍ୱିକ ଅଞ୍ଚଳର ବିକାଶ ପାଇଁ କଂଗ୍ରେସ ପକ୍ଷରୁ ଶୋଭାଯାତ୍ରାରେ ସାମିଲ ନେତା, କର୍ମୀ।

# ଟ୍ରାକ୍ଟର ଚାପାରେ ମହିଳାଙ୍କ ମୃତ୍ୟୁ ଘଟଣା, ଅଭିଯୁକ୍ତ ଗିରଫ

ଅତାବିରା, ୯।୨(ହୃଷୀକେଶ ଖମାରୀ)

ଭେଡେନ ଥାନା ରୁକ୍ସୁଡ଼ା ଫାଣ୍ଡି ଦେଶ ପଥର୍ଲା ଗ୍ରାମରେ ଶନିବାର ଟ୍ରାକ୍ଟର ଚାପାରେ ପ୍ରଭାତୀ ଓରଫ୍ ଭାରତୀ ପ୍ରଧାନ(୪୮)ଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣା ଭିନ୍ନ ମୋଡ଼ ନେଇଛି। ଜମି ବିବାଦରୁ ମହିଳାଙ୍କୁ ବିଲ ଭିତରେ ଟ୍ରାକ୍ଟର ମଡ଼ାଇ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ଭେଡ଼େନ ପୋଲିସ ଏକ ହତ୍ୟା ମାମଲା (ନଂ-୩୩/୨୫) ରୁଜୁ କରି ଅଭିଯୁକ୍ତ ବୃଷଭାନୁ ସିଂ(୩୫)ଙ୍କୁ ଗିରଫ କରିଛି। ମୃତା ମହିଳା ଏବଂ ଅଭିଯୁକ୍ତଙ୍କ ମଧ୍ୟରେ ଜମି ବିବାଦ ଲାଗି ରହିଥିଲା। ଶନିବାର ଅଭିଯୁକ୍ତ ବୃଷଭାନୁ ବିବାଦୀୟ ଜମିକୁ ଟ୍ରାକ୍ଟର ଯୋଗେ ହଳ କରୁଥିଲେ। ପ୍ରଭାତୀ ପହଞ୍ଚି ଟ୍ରାକ୍ଟର ସମ୍ମୁଖରେ ରହି ହଳ କରିବାକୁ ବିରୋଧ କରିବାରୁ ସେ ତାଙ୍କ ଉପରକୁ ଟ୍ରାକ୍ଟର ଚଢ଼ାଇ ଦେଇଥିଲେ। ଫଳରେ ପ୍ରଭାତୀ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ସେଠାରୁ ଭୀମସାର୍, ବୁର୍ଲା ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ପ୍ରଭାତୀଙ୍କ ମୃତ୍ୟୁ ହୋଇଥିଲା। ବୁର୍ଲାରେ ପ୍ରଭାତୀଙ୍କ ଶବ ବ୍ୟବଚ୍ଛେଦ ହୋଇଥିଲା। ଅନ୍ୟପଟେ ଘଟଣା ସମ୍ପର୍କରେ ପ୍ରଭାତୀଙ୍କ ସମ୍ପର୍କୀୟ ବସୁଦେବ ପ୍ରଧାନ ଥାନାରେ ଏତଲା ଦେବା ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

# ସାମାଜିକ ଚେତନାରେ ନାଟକର ଭୂମିକା ଅନନ୍ୟ

## ଉତ୍ତାଳଗଡ଼ ନାଟ୍ୟ ମହୋତ୍ସବର ଉଦ୍‌ଘାଟନୀ ସମାରୋହ

ବରଗଡ଼, ୯।୨(ପ୍ରେମାନନ୍ଦ ଖମାରୀ)

ସାମାଜିକ ପରିବର୍ତ୍ତନ ପାଇଁ ନାଟକ ଏକ ପ୍ରମୁଖ ମାଧ୍ୟମ। ସୁସ୍ଥ ସମାଜ ଗଠନରେ ନାଟକ ଚେତନାର ଭୂମିକା ଅନନ୍ୟ। ଫଳରେ ସାମାଜିକ, ରାଜନୈତିକ ବିଦ୍ୱେଷଠାରୁ ଊର୍ଦ୍ଧ୍ୱରେ ରହି ନାଟକ ଚେତନା ସୃଷ୍ଟି କରିବାର ଆବଶ୍ୟକତା ରହିଛି ବୋଲି ଶନିବାର ସନ୍ଧ୍ୟାରେ ବରଗଡ଼ ଜିଲା ବିଜେପୁର ବ୍ଲକ ଅନ୍ତର୍ଗତ ତାଲପଦର ଗ୍ରାମରେ ଆୟୋଜିତ ଉତ୍ତାଳଗଡ଼ ନାଟ୍ୟ ମହୋତ୍ସବର ଉଦ୍‌ଘାଟନୀ ସମାରୋହରେ ଅତିଥିବୃନ୍ଦ ମତବ୍ୟକ୍ତ କରିଛନ୍ତି। ଅନୁଷ୍ଠାନର ଆବାହକ ଅଧ୍ୟାପକ ସୁଶାନ୍ତ ମିଶ୍ରଙ୍କ ପରିଚାଳନା ଏବଂ ସଭାପତି ହୃଦମଣି ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ବିଜେପୁର ବିଧାୟକ ସନତ କୁମାର ଗଡ଼ତିଆ ମୁଖ୍ୟଅତିଥି ଏବଂ ଅତାବିରା ବିଧାୟକ ନୀହାର ରଞ୍ଜନ ମହାନନ୍ଦ ବିଶିଷ୍ଟ ଅତିଥିଭାବେ ଯୋଗଦାନ କରିଥିଲେ। ଅତିଥିବୃନ୍ଦ ମହୋତ୍ସବକୁ ଉଦ୍‌ଘାଟନ ସହିତ ଏହି ଐତିହାସିକ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ପଦ୍ମପୁର ଟାଉନ କ୍ଲବ ସଭାପତି ପ୍ରୀତେଶ ବହିଦାର, ସମ୍ପାଦକ ଅଶୋକ ମିଶ୍ର, ବିଜେପୁର ଜିଲା ପରିଷଦ ସଭ୍ୟ ସୁଶାନ୍ତ ଗଡ଼ତିଆ, ସାମାଜିକ କର୍ମୀ ସୁନୀଲ ମହାପାତ୍ର, ଅଧ୍ୟାପକ ଧନପତି ଦେବତା, ଗଣେଶ କିଶାନ, ସାହିତ୍ୟିକ ମୋହନ ସିଂ କହ୍ନେଇ, ଦିଲୀପ ଦେବତା, ହରିଲାଲ ସାହୁ ପ୍ରମୁଖ ସମ୍ମାନିତ ଅତିଥିଭାବେ ମହୋତ୍ସବର ଉଦ୍‌ଘାଟନୀ ସମାରୋହରେ ଯୋଗଦାନ କରିଥିଲେ। ଉପସଭାପତି ବିବେକାନନ୍ଦ ପ୍ରଧାନ ପ୍ରାକ୍ ସୂଚନା ପ୍ରଦାନ କରିଥିବାବେଳେ ଅନାଦିନନ୍ଦନ ପ୍ରଧାନ ବିବରଣୀ ପାଠ କରିଥିଲେ। ଅଞ୍ଚଳର ଜଣାଶୁଣା ମଞ୍ଚ କଳାକାର ଯଯାତିକେଶରୀ ପ୍ରଧାନଙ୍କୁ ମର୍ଯ୍ୟାଦାଜନକ ଖଗେଶ୍ୱର ସମ୍ମାନ ପ୍ରଦାନ କରାଯାଇଥିଲା। ଏହାପରେ କନ୍ୟାଶ୍ରମ, ପଦ୍ମପୁର ପରିବେଷିତ କୁଠିଶାଳ ଏବଂ ସୁରେନ୍ଦ୍ର ସାହୁଙ୍କ ପରିଚାଳିତ ଟଙ୍କିଆ ସଙ୍ଗୀତ ବିଦ୍ୟାଳୟ, ପଦ୍ମପୁର କଳାକାରଙ୍କ ଦ୍ୱାରା ପରିବେଷିତ ଲୋକନୃତ୍ୟ ନୁନି ନୁ ଭୁଆସେନ୍‌ରେ ଦର୍ଶକ ବିମୋହିତ ହୋଇଥିଲେ।

ପରେ ନାଟ୍ୟକାର ସୁମନ୍ତ ଭୋଇଙ୍କ ରଚିତ ଓ ସମୀର ସାହୁଙ୍କ ନିର୍ଦ୍ଦେଶିତ ଗୋମାତା ସୁରକ୍ଷା ସଂକ୍ରାନ୍ତରେ ନାଟକକୁ ବୀଣାପାଣି କଳା ସାହିତ୍ୟ ସଂସଦର କଳାକାରମାନେ ପରିବେଷଣ କରିଥିଲେ। ସେହିପରି ମୁନ୍‌ସି ପ୍ରେମଚାନ୍ଦଙ୍କ ଅନୁସୃଜନରେ ରଚିତ ଓ ଏନ୍‌ଏସ୍‌ଡି ଛାତ୍ର ଜଗନ୍ନାଥ ସେଠଙ୍କ ନିର୍ଦ୍ଦେଶିତ ନାଟକ ରଙ୍ଗଭୂମିକୁ ପଦ୍ମପୁର ଲୁ ଅନୁଷ୍ଠାନର କଳାକାରମାନେ ପରିବେଷଣ କରିଥିଲେ। ଶେଷରେ ଜନଜାତି, ଅସ୍ମିତା ସୁରକ୍ଷା ପର୍ଯ୍ୟବେସିତ ନାଟକ ସର୍ଗଫୁଲକୁ ସମ୍ବଲପୁର ଶବ୍ଦ ସାଂସ୍କୃତିକ ଅନୁଷ୍ଠାନର କଳାକାରମାନେ ପରିବେଷଣ କରିଥିଲେ। ଏହି ନାଟକକୁ ନାଟ୍ୟକାର ବିରୂପାକ୍ଷ ପ୍ରଧାନ ରଚନା କରିଥିବାବେଳେ ଚନ୍ଦ୍ରକାନ୍ତ ମହାନ୍ତି ନିର୍ଦ୍ଦେଶନା ଦେଇଥିଲେ। ଉତ୍ତାଳଗଡ଼ ନାଟ୍ୟ ସଂସଦ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା, ସଦସ୍ୟବୃନ୍ଦ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।


ନାଟ୍ୟ ମହୋତ୍ସବର ଉଦ୍‌ଘାଟନୀ ସମାରୋହରେ ଅତିଥିବୃନ୍ଦ।

# ଯଦୁମଣି ପ୍ରଧାନ ପ୍ରେକ୍ଷାଳୟ ଉଦ୍‌ଘାଟିତ

ବରଗଡ଼, ୯।୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ କୃଷକ ବଜାର ନିକଟରେ ରବିବାର ପୂର୍ବତନ ବିଧାୟକ, ପୌରାଧ୍ୟକ୍ଷ ତଥା ଅଞ୍ଚଳର ବିଶିଷ୍ଟ ନେତା ଯଦୁମଣି ପ୍ରଧାନଙ୍କ ସ୍ମୃତିଚାରଣ ଏବଂ ସମ୍ମାନ ରକ୍ଷା ପାଇଁ ତାଙ୍କ ନାମରେ ଉତ୍ସର୍ଗୀକୃତ ୫୦୦ଆସନ ବିଶିଷ୍ଟ ଏକ ପ୍ରେକ୍ଷାଳୟ ଉଦ୍‌ଘାଟିତ ହୋଇଛି। ଏଥିରେ ଜିଲାପାଳ ଆଦିତ୍ୟ ଗୋୟଲଙ୍କ ସମେତ ସ୍ଥାନୀୟ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ, ଅତାବିରା ବିଧାୟକ ନୀହାର ରଞ୍ଜନ ମହାନନ୍ଦ, ପୌରାଧ୍ୟକ୍ଷା କଳ୍ପନା ମାଝି, ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁ, ପୂର୍ତ୍ତ ବିଭାଗର ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟର ଅରୁଣ ପାଣ୍ଡେ, ଜିଲା ଓକିଲ ସଂଘର ସଭାପତି ଭୀଷ୍ମଦେବ ସରାଫ, ବରଗଡ଼ ଲୋକ ସଭା ସଦସ୍ୟଙ୍କ ପ୍ରତିନିଧି ସୁରେଶ୍ୱର ଶତପଥୀ ଏବଂ ସ୍ୱର୍ଗତ ବିଧାୟକଙ୍କ ସ୍ତ୍ରୀ ହେମନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶଥାଉକି, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଣ୍ଠିରୁ ୯କୋଟି ୭ଲକ୍ଷ ୧୦ହଜାର ଟଙ୍କା ବ୍ୟୟ ଅଟକଳରେ ଏହି ପ୍ରେକ୍ଷାଳୟ ନିର୍ମିତ ହୋଇଛି। ପ୍ରେକ୍ଷାଳୟର ବାଲକୋନିରେ ୮୮ଆସନ ଥିବାବେଳେ ଗ୍ୟାଲେରିରେ ୪୧୨ଆସନ ରହିଛି। ଏହା ସହିତ ୨ଚେଞ୍ଜିଙ୍ଗ ରୁମ୍, ଗୋଟିଏ ଭିଆଇପି ଲାଉଞ୍ଜ ସହିତ ମହିଳା, ପୁରୁଷଙ୍କ ପାଇଁ ଭିନ୍ନ ଶୌଚାଳୟ ରହିଛି। ସେହିପରି ଅଫିସ ରୁମ୍, ଷ୍ଟୋର ରୁମ୍, ପେଣ୍ଟ୍ରି ରୁମ୍, ୱେଟିଂ ରୁମ୍ ଭଳି ଅତ୍ୟାଧୁନିକ ବ୍ୟବସ୍ଥା ଉକ୍ତ ପ୍ରେକ୍ଷାଳୟରେ ରହିଛି।


ଅତିଥିବୃନ୍ଦ ଯଦୁମଣି ପ୍ରଧାନ ପ୍ରେକ୍ଷାଳୟ ଉଦଘାଟନ କରୁଛନ୍ତି।

# ଆଜିଠୁ ବରଗଡ଼ରୁ ଅଯୋଧ୍ୟାକୁ ଗଡ଼ିବ ବସ୍

ବରଗଡ଼, ୯।୨(ପ୍ରେମାନନ୍ଦ ଖମାରୀ)

ବରଗଡରୁ ଅଯୋଧ୍ୟାକୁ ଏଣିକି ସରକାରୀ ଯାତ୍ରୀବାହୀ ବସ୍ ସେବା ମିଳିବ। ସୋମବାର ଏହାର ଶୁଭାରମ୍ଭ ହେବ। ସୋମବାର ସକାଳ ସାଢ଼େ ୭ଟାରେ ଏହାର ଶୁଭାରମ୍ଭ କାର୍ଯ୍ୟକ୍ରମ ରହିଛି। ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ ଏହାର ଶୁଭାରମ୍ଭ କରିବେ। ବରଗଡ଼ରୁ ବସ୍‌ଟି ସକାଳ ୮ଟାରୁ ଛାଡ଼ିବ। ବରଗଡ଼ରୁ ଏହି ବସ୍ ବାହାରି ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, ରାଉରକେଲା, ବୀରମିତ୍ରପୁର, ବାରଣାସୀ, ପ୍ରୟାଗରାଜ ଦେଇ ଅଯୋଧ୍ୟା ପହଞ୍ଚିବାର କାର୍ଯ୍ୟକ୍ରମ ରହିବ। ସେଠାରୁ ପୁଣି ଏହି ରୁଟ୍ ଗୁଡ଼ିକ ଦେଇ ବରଗଡ଼କୁ ବସ୍ ଆସିବ ବୋଲି ସୂଚନା ମିଳିଛି।

# ମନ୍ଦିର ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ

ବରଗଡ଼, ୯।୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ବ୍ଲକ ବରଡ଼ୋଲ ପଞ୍ଚାୟତ ଅନ୍ତର୍ଗତ ଡାଙ୍ଗ(ପ୍ରଧାନଟିକ୍ରା)ରେ ୫ଦିନ ଧରି ଚାଲିଥିବା ଭୁର୍ଖୁଣ୍ଡି ପାଟ୍ ମନ୍ଦିର, ହନୁମାନ ମନ୍ଦିର, ଶିବଲିଙ୍ଗ ପ୍ରାଣ ପ୍ରତିଷ୍ଠା ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ମଣ୍ଡପ ପୂଜା, ଦେବତାମାନଙ୍କ ପ୍ରାଣ ପ୍ରତିଷ୍ଠା, ଚଣ୍ଡୀପାଠ, ହୋମ, ଦେବାଦେବୀଙ୍କ ଗମ୍ଭୀରା ପ୍ରବେଶ ପରେ ଉତ୍ସବର ପୂର୍ଣ୍ଣାହୁତି ହୋଇଥିଲା। ଏହି ଅବସରରେ ଜଳନ୍ଧର ଦରବାର ଚାଲିଥିଲା। ଏଥିରେ ଜଳନ୍ଧର ଓ ବୃନ୍ଦାବତୀଙ୍କ ବିବାହ ସହିତ ମହିଷାସୁର ବଧ ଦୃଶ୍ୟାଭିନୟ ଅଭିନୀତ ହୋଇଥିଲା। ଏଥିସହିତ ମହିଳା ସଂକୀର୍ତ୍ତନ, ଭଜନ, ଅର୍କେଷ୍ଟ୍ରା ଆଦି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କମିଟିର ସଭାପତି ନାରାୟଣ ପଧାନ, ଉପସଭାପତି ସୁବଳ ପଧାନ, ସମ୍ପାଦକ ସୁବାସ ପଧାନ, କୋଷାଧ୍ୟକ୍ଷ ପ୍ରତାପ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

# ଧର୍ମାନ୍ତରୀକରଣ ଅଭିଯୋଗ, ଉତ୍ତେଜନା

ବରଗଡ଼, ୯।୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଉପାନ୍ତ ଅମ୍ବାଭୋନା ବ୍ଲକ ରୁଚିଦା ନିକଟ ଆମପାଲିରେ ଧର୍ମାନ୍ତରୀକରଣ ଚାଲିଥିବା ଅଭିଯୋଗ ନେଇ ରବିବାର ଉତ୍ତେଜନା ପ୍ରକାଶ ପାଇଥିଲା। ରାଜ୍ୟ ବାହାରୁ ଆସିଥିବା କିଛି ଲୋକେ ସ୍ଥାନୀୟ କେତେକ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ସହାୟତାରେ ଧର୍ମ ପରିବର୍ତ୍ତନ ନେଇ ସେଠାରେ ଲୋକଙ୍କୁ ଉସୁକାଉଥିବା ଖବର ପାଇ ବରଗଡ଼ରୁ ବଜରଙ୍ଗ ଦଳ ଏବଂ ବିଶ୍ୱ ହିନ୍ଦୁ ପରିଷଦର ଏକ ପ୍ରତିନିଧି ଦଳ ସେଠାକୁ ପହଞ୍ଚିଥିଲେ। ଧର୍ମାନ୍ତରୀକରଣକୁ ସେମାନେ ସେଠାରେ ବିରୋଧ କରିଥିଲେ। ଏହାକୁ ନେଇ ସେଠାରେ କିଛି ସମୟ ଧରି ଚାପା ଉତ୍ତେଜନା ଲାଗି ରହିଥିଲା। ଅମ୍ବାଭୋନା ପୋଲିସ ଘଟଣାସ୍ଥଳକୁ ପହଞ୍ଚିଲା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

ସୂଚନା ଅନୁଯାୟୀ, ପଡ଼ୋଶୀ ଛତିଶଗଡ଼ ଅଞ୍ଚଳରୁ କେତେକ ନିର୍ଦ୍ଦିଷ୍ଟ ଲୋକ ନିୟମିତ ବ୍ୟବଧାନରେ ଆମପାଲିକୁ ଆସୁଛନ୍ତି। ସ୍ଥାନୀୟ ଅଳ୍ପ କିଛିଲୋକଙ୍କ ସହାୟତାରେ ଆଖପାଖ ଲୋକଙ୍କୁ ଧର୍ମ ପରିବର୍ତ୍ତନ ନେଇ ପ୍ରବର୍ତ୍ତାଇ ଆସୁଥିବା ଅଭିଯୋଗ ହୋଇଛି। ଏ ନେଇ ସ୍ଥାନୀୟ ଲୋକେ ପୂର୍ବରୁ ପୋଲିସ ସମେତ ବଜରଙ୍ଗ ଦଳ ଏବଂ ବିଶ୍ୱ ହିନ୍ଦୁ ପରିଷଦ କାର୍ଯ୍ୟକର୍ତ୍ତାଙ୍କୁ ଜଣାଇଥିଲେ। ସେଭଳି ଧର୍ମାନ୍ତରୀକରଣରୁ ଓହରି ଯିବା ପାଇଁ ମଧ୍ୟ ସେମାନଙ୍କୁ ପରାମର୍ଶ ଦିଆଯାଇଥିଲା। ଏହାସତ୍ତ୍ୱେ ସମ୍ପୃକ୍ତ ଲୋକେ ସେଠାକୁ ପୁଣି ପହଞ୍ଚି ଶତାଧିକ ଲୋକଙ୍କ ମେଳି କରି ଧର୍ମ ପରିବର୍ତ୍ତନ ନେଇ ପ୍ରବର୍ତ୍ତାଇ ଆସୁଥିବା ଅଭିଯୋଗ ହୋଇଛି।

ରବିବାର ସେଠାରେ ସେଭଳି ମେଳି ଚାଲିଥିବା ଖବର ପାଇ ବଜରଙ୍ଗ ଦଳର ବରଗଡ଼ ଜିଲା ସଂଯୋଜକ ସଞ୍ଜିବ ମେହେର, ନଗର ସଂଯୋଜକ ଶୁକଦେବ ମଲ୍ଲିକ, ସୁନିଲ ମହାପାତ୍ର, ବିଶ୍ୱ ହିନ୍ଦୁ ପରିଷଦର ସମ୍ପାଦକ ପରମାନନ୍ଦ ମିଶ୍ର ପ୍ରମୁଖ ସେଠାକୁ ପହଞ୍ଚିଥିଲେ। ଧର୍ମ ପରିବର୍ତ୍ତନ ନ କରିବା ପାଇଁ ସେଠାରେ ସମବେତ ଲୋକଙ୍କୁ ପରାମର୍ଶ ଦେଇଥିଲେ। ମାତ୍ର ସେଠାରେ ଚାପା ଉତ୍ତେଜନା ଦେଖାଯାଇଥିଲା। ସୂଚନା ପାଇ ଅମ୍ବାଭୋନା ଥାନା ପୋଲିସ ସେଠାକୁ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲା। ଏହାପରେ ଉତ୍ତେଜନା ଥମିଥିଲା।

# ବିଦ୍ୟାଳୟରେ ସମ୍ବର୍ଦ୍ଧନା ସମାରୋହ


ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଉଛି।

ବରଗଡ଼, ୯।୨(ପ୍ରେମାନନ୍ଦ ଖମାରୀ)

- ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ଼ରେ ଅଶୋକ କୁମାର ଭୋଇ
- ୨୨ମିନିଟ୍‌ରେ ଉଭୟ କାନକୁ ୧୬୦୦ରୁ ଊର୍ଦ୍ଧ୍ୱ ଥର ହଲାଇଲେ

ବରଗଡ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟରେ ଶନିବାର ଏକ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମାରୋହରେ କାନହଲା ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର ସହିତ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ଼ରେ ସ୍ଥାନିତ ବରଗଡ଼ ବ୍ଲକ ଅନ୍ତର୍ଗତ ତୁମଗାଁ ନିବାସୀ ଅଶୋକ କୁମାର ଭୋଇଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମେଘନାଦ ସାହୁ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶା ଜନତା ସଂଘର୍ଷ ସମିତି ଜନକଲ୍ୟାଣ ସ୍ୱେଚ୍ଛାସେବୀ ସଂଗଠନ, ବରଗଡ଼ର ସଭାପତି କିଶୋର ଚନ୍ଦ୍ର ସାହୁଙ୍କ ସମେତ କର୍ମଚାରୀ ତ୍ରିଲୋଚନ ସାହୁ, ଆଶାବତୀ କୁମ୍ଭାର, ଏଟିଭର୍ସ ହେଲପିଂ ଫାଉଣ୍ଡେଶନର ସଭାପତି ଦିବାକର ମାଝୀ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ସମ୍ବର୍ଦ୍ଧିତ ପ୍ରତିଭା ଭୋଇ ୨୨ମିନିଟ୍‌ରେ ନିଜର ଉଭୟ କାନକୁ ଏକାଥରକେ ୧୬୦୦ରୁ ଅଧିକ ଥର ହଲାଇ ନିଜ ନାମକୁ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ଼ରେ ସ୍ଥାନିତ କରି ପାରିଛନ୍ତି। ଏହା ସହିତ ଭୁବନେଶ୍ୱରଠାରେ ଆୟୋଜିତ ଏଭଳି ଏକ ନିଆରା ପ୍ରତିଯୋଗିତାରେ ସେ ସ୍ୱର୍ଣ୍ଣପଦକ ହାସଲ କରିଥିଲେ। ସେ ଜଣେ ସ୍ୱତନ୍ତ୍ର ଶିକ୍ଷକ ଏବଂ ସାଂକେତିକ ଅନୁବାଦକ ଅଟନ୍ତି।

# କୁମ୍ଭାରୀ ଚାମ୍ପିୟନ

## ଉମା ମାହେଶ୍ୱରୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ


ଅତିଥିଙ୍କ ଗହଣରେ ଖେଳାଳିମାନେ।

ବରପାଲି, ୯।୨(ଚିତ୍ତରଞ୍ଜନ ସାହୁ)

ବରଗଡ଼ ଜିଲା ବରପାଲି ଉମା ମାହେଶ୍ୱରୀ କ୍ରିକେଟ ଆସୋସିଏଶନ, ମହଦା ଦ୍ୱାରା ଗତ ୫ ତାରିଖରୁ ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ପାଞ୍ଚ ଦିନ ଧରି ଚାଲିଥିବା ଏହି ମ୍ୟାଚ୍‌ରେ ମୋଟ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଏହି ଟୁର୍ଣ୍ଣମେଣ୍ଟର ଫାଇନାଲ ମ୍ୟାଚ କପାସିରା ଓ କୁମ୍ଭାରୀ ଦଳ ମଧ୍ୟରେ ହୋଇଥିବା ବେଳେ କୁମ୍ଭାରୀ ଦଳ ବିଜୟୀ ହୋଇଥିଲେ। ମ୍ୟାଚ୍‌ରେ ମୁଖ୍ୟ ଅତିଥି ଭାବେ ବିଜୁ କୃଷକ ଜନତା ଦଳ ବରଗଡ଼ ଜିଲା ସଭାପତି ଗୌରହରି ମିଶ୍ର, ସମ୍ମାନିତ ଅତିଥି ଭାବେ ଓଡ଼ିଶା ରାଜ୍ୟ ସମବାୟ ୟୁନିୟନ ଉପ ସଭାପତି ବିରୋସନ ସାହୁ, ମହେଶ ଦେବତା, ଉପେନ୍ଦ୍ର ଖେତି, ଶରତ ବିଶି, ଶରତ ଚନ୍ଦ୍ର ଦାଶ, ତ୍ରିଲୋଚନ ସାହୁ ଉପସ୍ଥିତ ରହି ପୁରସ୍କାର ବିତରଣ କରିଥିବା ବେଳେ ରଣଜିତ୍ ସାହୁ ଓ ରଘୁମଣୀ ସାହୁ ଖେଳ ପରିଚାଳନା କରିଥିଲେ।

# ଦିଲ୍ଲୀ ବିଜୟ ପରେ ବୌଦ୍ଧରେ ଉତ୍ସବ ମନାଇଲା ଭାଜପା

ମନମୁଣ୍ଡା/ବୌଦ୍ଧ, ୯।୨(ବେଣୁଧର ପଧାନ/ଅଜିତ କୁମାର ବାରିକ)

ଦୀର୍ଘ ୨୭ ବର୍ଷ ପରେ ଭାଜପା ଦିଲ୍ଲୀ ନିର୍ବାଚନରେ ବିଜୟୀ ହୋଇ ସରକାର ଗଠନ କରିବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ଶନିବାର ଭାଜପା ପକ୍ଷରୁ ବୌଦ୍ଧରେ ବିଜୟ ଉତ୍ସବ ପାଳନ କରାଯାଇଛି। ଏଥିରେ କନ୍ଧମାଳ ବିଧାନସଭା ନିର୍ବାଚନ ମଣ୍ଡଳୀର ମନମୁଣ୍ଡା ଠାରେ କନ୍ଧମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ, ଭାଜପା ଜିଲା ସଭାପତି ପ୍ରେମାନନ୍ଦ ମିଶ୍ରଙ୍କ ସମେତ ମଣ୍ଡଳୀ ସଭାପତି ଓ କର୍ମୀମାନେ ସାମିଲ ହୋଇଥିଲେ। ନେତା ଓ କର୍ମୀମାନେ ବାଣ ଫୁଟାଇ ଓ ମିଠା ବାଣ୍ଟି ବିଜୟ ଉତ୍ସବ ପାଳନ କରିଥିଲେ। ସେହିପରି ବୌଦ୍ଧ ସହରର ଗାନ୍ଧୀଛକଠାରେ ସନ୍ଧ୍ୟାରେ ମଧ୍ୟ ଦଳୀୟ ନେତା ଓ କର୍ମୀମାନେ ବିଜୟ ଉତ୍ସବ ପାଳନ କରିଥିଲେ। ଏହି ସମୟରେ ପୂର୍ବତନ ଜିଲା ଭାଜପା ସଭାପତି ବିପ୍ରଚରଣ ମହାନ୍ତି, ତାପସ କୁମାର ପଟ୍ଟନାୟକ, ବ୍ୟୋମକେଶ ମହାପାତ୍ର, ରାଜକିଶୋର ମେହେର, ଶ୍ୟାମସୁନ୍ଦର ପୁରୋହିତ, ମନୋରଞ୍ଜନ ଦାସ, ନମିତାରାଣୀ ଦାସ, ରାଜୀବ ଦେହୁରୀଙ୍କ ସମେତ ବହୁ ସଂଖ୍ୟାରେ ଦଳୀୟ କର୍ମୀ ଉପସ୍ଥିତ ଥିଲେ।


ମନମୁଣ୍ଡାଠାରେ ଭାଜପା ପକ୍ଷରୁ ବିଜୟ ଉତ୍ସବ ପାଳନ କରାଯାଉଛି।

# ସଂସ୍କୃତି ପରମ୍ପରାକୁ ଉଜ୍ଜୀବିତ କରିବାକୁ ଗାଁମୁହାଁ ଜରୁରୀ

## ସରଣ୍ଡା ବିଦ୍ୟାଳୟର ବାର୍ଷିକୋତ୍ସବ

ସରଣ୍ଡା, ୯।୨(ଯୁଧିଷ୍ଠିର ମହାପାତ୍ର)

ନିଜ ଅଞ୍ଚଳର ସଂସ୍କୃତି ପରମ୍ପରାକୁ ଉଜ୍ଜୀବିତ କରିବା ପାଇଁ ଗାଁମୁହାଁ ଜରୁରୀ ବୋଲି ବରଗଡ଼ ଜିଲା ଅତାବିରା ବ୍ଲକ ସରଣ୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବର ଶନିବାର ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଅତାବିରା ବିଧାୟକ ନୀହାର ରଞ୍ଜନ ମହାନନ୍ଦ ମତ ପ୍ରକାଶ କରିଛନ୍ତି।

ସ୍କୁଲର ଚେୟାରମ୍ୟାନ କୁବେର ପ୍ରଧାନଙ୍କ ସଭାପତିତ୍ୱ ତଥା ସହକାରୀ ଶିକ୍ଷକ ରାଜେଶ୍ୱର ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଜିଲା ପରିଷଦ ସଭ୍ୟ ରଣଜିତ ସାହୁ ମୁଖ୍ୟ ଅତିଥି, ବରଗଡ଼ ମାହେଶ୍ୱରୀ ନର୍ସିଂ କଲେଜର ଚେୟାରମ୍ୟାନ ଫକୀର କର୍ଣ୍ଣ, ଅବସରପ୍ରାପ୍ତ ସୈନିକ ରମେଶ ମେହେର, ଅତାବିରା ଗୋଷ୍ଠୀ ଶିକ୍ଷା କେନ୍ଦ୍ରର ସିଆର୍‌ସିସି ଭକ୍ତ କହ୍ନେଇ, ସରଣ୍ଡା ହାଇସ୍କୁଲର ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ମେହେର, ଚକୁଲି ସରପଞ୍ଚ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସ୍କୁଲର ପ୍ରଧାନ ଶିକ୍ଷକ ପ୍ରଦୀପ ମେହେର ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଶିକ୍ଷୟିତ୍ରୀ ସୁମିତ୍ରା ରାୟ, ଦୀପ୍ତି ରାୟ, ପୁଷ୍ପାଞ୍ଜଳି ଭୁଏ, ଲିପ୍ସା କାଳତା, ଜେମା ନାଏକ, ପରିଚାଳନା କମିଟିର ଚନ୍ଦ୍ରମଣି ମେହେର ସଚ୍ଚିଦାନନ୍ଦ ମିଶ୍ର, ମନୋଜ ମହାପାତ୍ର, ଶାନ୍ତନୁ ସେଠ, ଦଶରଥ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଅତାବିରା ବିଧାୟକ ନୀହାର ରଞ୍ଜନ ମହାନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ୧୪୪ ବର୍ଷର ଏହି ସ୍କୁଲ ଅଭାବନୀୟ ପରିସ୍ଥିତିରେ ରହିଥିବାରୁ ଦୁଃଖ ପ୍ରକାଶ କରିଥିଲେ। ଏହି ସ୍କୁଲ ପାଇଁ ୧୮୮୧ରେ ନିର୍ମାଣ କରିଥିବା ସେହି ମହାନ୍ ବ୍ୟକ୍ତିଙ୍କ ସ୍ମୃତିରେ ଶତବାର୍ଷିକୀ ପାଳନ ପାଇଁ ଯାହା ଆବଶ୍ୟକ ତାହା ପୂରଣ କରିବେ ବୋଲି କହିଥିଲେ। ଏହି ଅବସରରେ ପଞ୍ଚମ ଶ୍ରେଣୀରେ ସ୍କଲାରଶିପ୍ ପାଇଥିବା ସୌରଭ ଭୁଏ ଏବଂ ଚଳିତବର୍ଷର ଶ୍ରେଷ୍ଠ ଛାତ୍ର ପପିନ ସେଠଙ୍କ ସମେତ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଲାଭ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସ୍କୁଲର ଛାତ୍ରୀଛାତ୍ର ୨୨ ପ୍ରକାର ବିଭିନ୍ନ ସାଂସ୍କୃତିକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।


ଉଦ୍‌ଘାଟନୀ ଉତ୍ସବରେ ଜଣେ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

# ଶ୍ରମିକଙ୍କୁ ଅଣଦେଖା କଲେ ଆନ୍ଦୋଳନ: ଆଇଏନ୍‌ଟିୟୁସି



ସମ୍ମିଳନୀରେ ମଞ୍ଚାସୀନ ଆଇଏନଟିୟୁସି ନେତୃବୃନ୍ଦ।

ବରଗଡ଼, ୯।୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ରେ ରବିବାର ରାଷ୍ଟ୍ରୀୟ ମଜଦୁର କଂଗ୍ରେସ(ଆଇଏନଟିୟୁସି)ର ଜିଲା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଆଇଏନଟିୟୁସି ଜିଲା ସଭାପତି ବ୍ରହ୍ମା ମହାକୁଡ଼ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ସମ୍ମିଳନୀରେ ରାଜ୍ୟ ସଭାପତି ରାମଚନ୍ଦ୍ର ଖୁଣ୍ଟିଆ, ରାଜ୍ୟ ସାଧାରଣ ସମ୍ପାଦକ କିଶୋର ଚନ୍ଦ୍ର ଜେନା, ରାଜ୍ୟ ଉପସଭାପତି ମଦନ ମୋହନ ଧଳ, ରାଜ୍ୟ ଯୁଗ୍ମ ସମ୍ପାଦକ ସତ୍ୟବ୍ରତ ନାୟକ, ରାଜ୍ୟ ସମ୍ପାଦକ ଅନନ୍ତ ଶୟନ ପାଢ଼ୀ, ବଲାଙ୍ଗିର ଜିଲା ସଭାପତି କୃଷ୍ଣଚନ୍ଦ୍ର ସାହୁ, ବରଗଡ଼ ଜିଲା ଯୁବ ସଭାପତି ଆଶିଷ ବେହେରା, ବରିଷ୍ଠ ନେତା ସରୋଜ ଷଡ଼ଙ୍ଗୀ, ନିପନ ଦାଶ, କିଶୋର ଦଫାଦାର, ଅଭିଷେକ ସେଟ୍, ମାଧବ ସୁନା ପ୍ରମୁଖ ଯୋଗଦାନ କରିଥିଲେ। କାର୍ଯ୍ୟକାରୀ ସଭାପତି କିଶୋର ସାହୁ ସଭା ସଂଯୋଜନା କରିଥିଲେ।

ଶ୍ରମିକମାନଙ୍କ ପ୍ରତି ଉଭୟ ରାଜ୍ୟ, କେନ୍ଦ୍ର ସରକାର ଅଣଦେଖା ମନୋଭାବ ପୋଷଣ କରୁଥିବା ଅଭିଯୋଗ କରି ସମ୍ମିଳନୀରେ ଉପସ୍ଥିତ ନେତୃବୃନ୍ଦ ଉଦ୍‌ବେଗ ପ୍ରକାଶ କରିଥିଲେ। ବିଭିନ୍ନ ଶିଳ୍ପାନୁଷ୍ଠାନ ଗୁଡ଼ିକରେ ଶ୍ରମିକଙ୍କୁ ସ୍ଥାୟୀ ନିଯୁକ୍ତି ଦେବା ସହିତ ସେମାନଙ୍କୁ ଉଚିତ୍ ପାରିଶ୍ରମିକ ଦେବା ବଦଳରେ ଛଟେଇ କରାଯାଉଥିବା ନେଇ କ୍ଷୋଭ ପ୍ରକାଶ ପାଇଥିଲା। ନିକଟରେ ବରଗଡ଼ ଜିଲା ବାଉଲସିଂହା ଇଥାନଲ ପ୍ଲାଣ୍ଟରେ ଶ୍ରମିକଙ୍କ ପ୍ରତି ପ୍ଲାଣ୍ଟ କର୍ତ୍ତୃପକ୍ଷଙ୍କ ସେଭଳି ଉଦ୍ୟମକୁ ନିନ୍ଦା କରାଯାଇଥିଲା। ସେହିପରି ବରଗଡ଼ ସିମେଣ୍ଟ କାରଖାନା, ଡୁଙ୍ଗୁରି ଚୂନପଥର ଖଣିରେ ଶ୍ରମିକଙ୍କ ପ୍ରତି ଅନ୍ୟାୟ ହେଉଥିବା ଅଭିଯୋଗ ହୋଇଥିଲା।

କେବଳ ସେତିକି ନୁହେଁ, ଜିଲାରେ ଶିଳ୍ପପତିଙ୍କ ଲୋଲୁପଦୃଷ୍ଟି ପଡ଼ିଥିବା ଏବଂ ଏଠାରେ ଗଚ୍ଛିତ ଖଣିଜ ଦ୍ରବ୍ୟ ଲୁଟ୍ ମସୁଧା ଚାଲିଥିବା ନେଇ ଉପସ୍ଥିତ ନେତୃବୃନ୍ଦ ମତବ୍ୟକ୍ତ କରିଥିଲେ। ବରଗଡ଼ ସିମେଣ୍ଟ କାରଖାନାକୁ ଦୃଷ୍ଟାନ୍ତ ଦେଇ ଆଇଏନଟିୟୁସି ନେତୃବୃନ୍ଦ କହିଥିଲେ, ବରଗଡ଼ର ଇଡ଼କଲ ସିମେଣ୍ଟ କାରଖାନାକୁ ପ୍ରଥମେ ଏସିସି ହାତେଇଥିଲା। ଏବେ ଏହି କାରଖାନା ଆଦାନୀ ହାତକୁ ଯାଇଛି। କିନ୍ତୁ ଆଦାନୀ କେବଳ ସିମେଣ୍ଟ କାରଖାନାକୁ ହାତେଇଛି, ତାହା ନୁହେଁ, ଜିଲାରେ ରହିଥିବା ଖଣି ଲୁଟ୍ ପାଇଁ ଉଦ୍ୟମ କରିଛି ବୋଲି ଅଭିଯୋଗ ହୋଇଥିଲା। ଏଭଳି ଭାବେ ଜିଲାରେ ଖଣି ଲୁଟ୍ ଏବଂ ଶ୍ରମିକଙ୍କ ପ୍ରତି ଅଣଦେଖା ମନୋଭାବକୁ ବରଦାସ୍ତ କରାଯିବ ନାହିଁ ଏବଂ ଏହାର ପ୍ରତିବାଦରେ ଆଇଏନଟିୟୁସି ଆନ୍ଦୋଳନକୁ ଓହ୍ଲାଇବ ବୋଲି ସମ୍ମିଳନୀ ତରଫରୁ ଚେତାବନୀ ଦିଆଯାଇଥିଲା।

## ଭାଜପାର ବନ୍ଧୁ ମିଳନ

କୁଆଁରମୁଣ୍ଡା,୯।୨ (ମହେନ୍ଦ୍ର କୁମାର ସାହୁ)

ଦିଲ୍ଲୀରେ ଭାଜପାର ବିପୁଳ ବିଜୟ ପରେ ବୀରମିତ୍ରପୁର ନିର୍ବାଚନ ମଣ୍ଡଳୀରେ ଭାଜପା ପକ୍ଷରୁ ଖୁସିର ମହୋଲ ଆରମ୍ଭ ହୋଇଯାଇଛି। ଏହି କ୍ରମରେ ରବିବାର ବୀରମିତ୍ରପୁରର ପୂର୍ବତନ ବିଧାୟକ ତଥା ବରିଷ୍ଠ ଭାଜପା ନେତା ଶଙ୍କର ଓରାମ ଜୟଡେଗା ପଞ୍ଚାୟତର ପୁରୁଣାପଣିରେ ଏକ ବନ୍ଧୁ ମିଳନର ଆୟୋଜନ କରିଥିଲେ। ଏଥିରେ ଦଳର ବହୁ ବରିଷ୍ଠ ନେତା ଓ କର୍ମୀମାନେ ଅଂଶ ଗ୍ରହଣ କରିଥିଲେ। ଦିଲ୍ଲୀରେ ଭାଜପାର ବିପୁଳ ବିଜୟରେ ସମସ୍ତେ ଆନନ୍ଦିତ ହେବା ସହ ବୀରମିତ୍ରପୁର ନିର୍ବାଚନ ମଣ୍ଡଳୀରେ ଦଳକୁ କିଭଳି ଅଧିକ ମଜଭୁତ କରାଯିବ ସେ ନେଇ ପୂର୍ବତନ ବିଧାୟକ ଓରାମଙ୍କ ନିର୍ଦ୍ଦେଶ ଅନୁଯାୟୀ କର୍ମୀମାନେ ଏବେ ଠାରୁ ପୂର୍ଣ୍ଣ ତତ୍ପର ହେବା ପାଇଁ ନୀତି ନିର୍ଦ୍ଧାରଣ କରିଛନ୍ତି। ଭାଜପା ନେତା ଦୋଳଗୋବିନ୍ଦ ଦାସ, ଅରୁଣ ପାଣିଗ୍ରାହୀ, ସୁନିଲ ତିୱାରୀ, କମଲେଶ ଶାହା, ପ୍ରସନ୍ନ ଦାସ, ରବି ମାଝୀଙ୍କ ସହ ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ।

# ରାଜୀପାଡ଼୍‌ହାର ବିଶାଳ ଶୋଭାଯାତ୍ରା

### ଆଦିବାସୀଙ୍କ ଜମି ଫେରସ୍ତ ସମେତ ୭ଦଫା ଦାବି

ରାଉରକେଲା,୯।୨(ସଙ୍ଗୀତା ଜେନା)

ସୁନ୍ଦରଗଡ଼ ଏକ ଆଦିବାସୀ ବହୁଳ ଜିଲା। ୫ମ ଅନୁସୂଚୀ ଓ ଧାରା ୨୪୪(୧)ରେ ଅନୁଯାୟୀ ଆଦିବାସୀଙ୍କ ଅଧିକାରରେ ସମସ୍ତ ସମ୍ବଳ ରହିଛି। ହେଲେ ୭୭ ବର୍ଷ ଶାସନ ପରେ ଆଦିବାସୀ ନିୟମ ଓ ଅଧିକାର କାଗଜକଲମରେ ସୀମିତ ରହିଛି। ରାଜ୍ୟରେ ଆଦିବାସୀମାନେ ନିଷ୍ପେସିତ ହୋଇଆସୁଛନ୍ତି। ସେମାନଙ୍କ ଜମିକୁ ବିଭିନ୍ନ ଆଳରେ ଛଡାଇ ନିଆଯାଉଛି। ଏହାର ପ୍ରତିବାଦ ସହ ୭ ଦଫା ଦାବିରେ ରାଜୀପାଡ଼୍‌ହା ଭାରତ ପକ୍ଷରୁ ରବିବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ଏକ ବିଶାଳ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଏହି ଶୋଭାଯାତ୍ରା ଉଦିତନଗର ମ୍ୟୁନିସିପାଲଟି କାର୍ଯ୍ୟାଳୟ ସମ୍ମୁଖରୁ ବାହାରି ଏଡିଏମ୍‌ଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ସୁନ୍ଦରଗଡ଼ ଏମ୍‌ପିଙ୍କ ଉଦ୍ଦେଶ୍ୟରେ ରାଉରକେଲା ଅତିରିକ୍ତ ଜିଲାପାଳଙ୍କୁ ୭ ଦଫା ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଆଦିବାସୀଙ୍କଠାରୁ ନିଆଯାଇଥିବା ଜମି ଆଗାମୀ ୩ ମାସରେ ଫେରସ୍ତ, ପ୍ରତ୍ୟେକ ତହସିଲରେ ସ୍ୱତନ୍ତ୍ର ଜମି ଫେରସ୍ତ କାର୍ଯ୍ୟାଳୟ ସ୍ଥାପନ, ସରକାରଙ୍କୁ ଦିଆଯାଇଥିବା ଜମିର ଲିଜ୍ ଖାରଜ, ଜିଲାରେ ପ୍ରତ୍ୟେକ ସରକାରୀ ପଦବୀରେ ଆଦିବସୀଙ୍କ ପାଇଁ ଶତପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା, ସୁନ୍ଦରଗଡ଼ ଜିଲାରେ ଏକ ସ୍ୱୟଂଶାସିତ ଆଦିବାସୀ ବିଶ୍ୱବିଦ୍ୟାଳୟ ସ୍ଥାପନ, ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ସ୍ୱତନ୍ତ୍ର ପୋଲିସ ଥାନା ସ୍ଥାପନ, ଭୁବନେଶ୍ୱରରେ ଏସ୍‌ଟିଏବଂ ଏସ୍‌ସିମାନଙ୍କ ପାଇଁ ଆଦିବାସୀ ଭବନ ନିର୍ମାଣ, ସୁନ୍ଦରଗଡ଼ ଜିଲାର ପ୍ରତ୍ୟେକ ଗ୍ରାମକୁ ଶତପ୍ରତିଶତ ଜଳସେଚନ ବ୍ୟବସ୍ଥା, ପ୍ରତ୍ୟେକ ଗ୍ରାମରେ ୫ଶହ ଶଯ୍ୟା ବିଶିଷ୍ଟ ଆଦିବାସୀ ଭବନ, ଖାଲି ଜମିରେ ଔଷଧୀୟ ଏବଂ ଫଳ ବୃକ୍ଷରୋପଣ କରିବାକୁ ସ୍ମାରକପତ୍ରରେ ଦାବି କରାଯାଇଛି। ରାଜୀପାଡ଼୍‌ହାର ରାଜୀବେଲ ବାଗି ଲାକ୍ରାଙ୍କ ନେତୃତ୍ୱରେ ରାଉରକେଲା, ସୁନ୍ଦରଗଡ଼, ରାଜଗାଙ୍ଗପୁର, ବିରମିତ୍ରପୁର ସମେତ ବିଭିନ୍ନ ସ୍ଥାନରୁ ଶହ ଶହ ଆଦିବାସୀ ମହିଳା ପୁରୁଷ ଏଥିରେ ସାମିଲ ହୋଇଥିଲେ।



ଆଦିବାସୀମାନେ ଶୋଭାଯାତ୍ରାରେ ବାହାରିଛନ୍ତି।

# ୪୨ କର୍ମଚାରୀ ସେଲ୍ ସାବାସ ଯୋଜନାରେ ପୁରସ୍କୃତ


ସାବାସ ଯୋଜନାରେ ପୁରସ୍କୃତ ଆର୍‌ଏସ୍‌ପି କର୍ମଚାରୀ।

ରାଉରକେଲା,୯।୨(ବିପ୍ଲବ ରଞ୍ଜନ ଦାଶ)

ଆର୍‌ଏସ୍‌ପି ସାମଗ୍ରୀ ପରିଚାଳନା ବିଭାଗର ୪୨ଜଣ କର୍ମଚାରୀଙ୍କୁ ଫେବୃଆରୀ ୭ତାରିଖରେ ଜ୍ଞାନାର୍ଜନ ଓ ବିକାଶ ବିଭାଗରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସେଲ୍ ସାବାସ ଯୋଜନାରେ ପୁରସ୍କୃତ କରାଯାଇଛି। ଏଥିରେ ଆରଏସ୍‌ପି କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ ମୁଖ୍ୟଅତିଥି, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନୀଲ କୁମାର ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସାମଗ୍ରୀ ପରିଚାଳନା ବିଭାଗ ସିଜିଏମ୍ ରାଜୀବ ସେହଗଲ, ଏମ୍‌ଏମ୍ ଷ୍ଟୋର୍ସ ବିଭାଗର ଇନ୍‌ଚାର୍ଜ ଏନ. ରାୟ ଚୌଧୁରୀ, ବିଭାଗର ଅନ୍ୟ ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ। ପ୍ରଶାସନିକ ପରିଚାଳନା, ଇନଭେଣ୍ଟୋରୀ ନିୟନ୍ତ୍ରଣ, କ୍ରୟ, ପ୍ରକ୍ରିୟା ଉନ୍ନତି, ମୂଲ୍ୟ ହ୍ରାସ ଏବଂ ଲଜିଷ୍ଟିକ ପରିଚାଳନାରେ ପ୍ରଶଂସନୀୟ ଅବଦାନ ପାଇଁ ଉକ୍ତ କର୍ମଚାରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। କର୍ମଚାରୀମାନଙ୍କ ପ୍ରମୁଖ ସଫଳତା ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଗୁଡିକର ସମୟାନୁବର୍ତ୍ତୀ ସମ୍ପାଦନା, ଦକ୍ଷ ସାମଗ୍ରୀ ପରିଚାଳନା ଏବଂ କ୍ୟୁଆର୍ କୋଡ୍ ସିଷ୍ଟମ ଏବଂ ଏସ୍‌ଏପି ସମନ୍ୱୟ ଭଳି ପ୍ରକ୍ରିୟା ବୃଦ୍ଧିର କାର୍ଯ୍ୟକାରିତା ଅନ୍ତର୍ଭୁକ୍ତ ଥିଲା। ଖର୍ଚ୍ଚ ସଞ୍ଚୟରେ ଉଲ୍ଲେଖନୀୟ ଅବଦାନ ମଧ୍ୟରେ ନନ୍-ମୁଭିଂ ଇନଭେଣ୍ଟୋରୀ ହ୍ରାସ, ୟାର୍ଡ ଷ୍ଟୋରେଜକୁ ବ୍ୟାପ୍ତ କରିବା ଏବଂ ସଞ୍ଚୟ ପାଇଁ ସାମଗ୍ରୀ ଗୁଡିକୁ ପୁନଃ ଉପଯୋଗ କରିବାର ଥିଲା। ପ୍ରାରମ୍ଭରେ ରାୟଚୌଧୁରୀ ସମାବେଶକୁ ସ୍ୱାଗତ କରିଥିବା ବେଳେ ଏମଏମ ବିଭାଗର ଜିଏମ୍ ଅଜୟ ଶୁକ୍ଳା ଧନ୍ୟବାଦ ଅର୍ପଣ କରିଥିଲେ। ଏମ୍‌ଏମ୍ ବିଭାଗର ଡିଜିଏମ୍ ଅନିନ୍ଦିତା ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# କଳା ସଂସ୍କୃତିର ବିକାଶରେ ଦେଶ, ରାଜ୍ୟର ପ୍ରଗତି ନିହିତ

### କଳିକା ଅନୁଷ୍ଠାନର ବାର୍ଷିକ ଉତ୍ସବ

ରାଉରକେଲା, ୯।୧(ସଙ୍ଗୀତା ଜେନା)

ରାଉରକେଲା ପୁରୁଣାପାଣିସ୍ଥିତ କଳିକା ଡ୍ୟାନ୍ସ ଆଣ୍ଡ୍ ମ୍ୟୁଜିକ ଏକାଡେମୀ ଆନୁକୂଲ୍ୟରେ ରବିବାର ପୂର୍ବାହ୍ନ ୧୧ଟାରେ ଦ୍ୱିତୀୟ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସାମାଜିକ ମଙ୍ଗଳ କେନ୍ଦ୍ରରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ଅରୁଣ ପରିଡା ଅଧ୍ୟକ୍ଷତା କରିଥିଲେ। ଏଥିରେ ଶିକ୍ଷାବିତ୍ ଗୋଲାପ ଚନ୍ଦ୍ର ପଟେଲ ମୁଖ୍ୟଅତିଥି, ସରପଞ୍ଚ ନନ୍ଦକୀ କୁଜୁର, ଗୁରୁକୁଳ ଆଶ୍ରମର ପ୍ରତିଷ୍ଠାତା ସୁଦର୍ଶନ ଜେନା, ମିନତୀ ପାଣିଗ୍ରାହୀ, ବନ୍ଦିତା ରାଣୀ ପଟେଲ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। କଳା ଓ ସଂସ୍କୃତି ହେଉଛି ସମାଜର ପ୍ରମୁଖ ଅଙ୍ଗ। ଏହାର ବିକାଶ ନ ଘଟିଲେ ଦେଶ ଓ ରାଜ୍ୟର ପ୍ରଗତି ଅସମ୍ଭବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାଧାରଣ ସମ୍ପାଦକ ଭ୍ରମରବର ମହାକୁଡ଼, ଆଇନଜୀବୀ ଆରତୀ ଚୌଧୁରୀ, ଏକାଡେମୀର ସମ୍ପାଦକ ଅଲେଖ ଚନ୍ଦ୍ର ସାହାଣୀ, ଉପସଭାପତି ମୁରଲୀଧରୀ ଦାସ, ସାମାଜିକ କର୍ମୀ ପ୍ରଭାତ ସାମଲ ପ୍ରମୁଖ ରାଜ୍ୟ, ଜିଲା ତଥା ସ୍ଥାନୀୟ ଅଞ୍ଚଳର ଆଦିବାସୀ କଳା, ସଂସ୍କୃତିର ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଚିତ୍ରାଙ୍କନ, ଓଡ଼ିଶୀ, ସମ୍ବଲପୁରୀ ଓ ଆଦିବାସୀ ନୃତ୍ୟ ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ଅନ୍ୟତମ ସମ୍ପାଦକ ବିଶ୍ୱନାଥ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ କଳାକାର, ଶିକ୍ଷାବିତ୍, ସାମାଜିକ କର୍ମୀ, ଏସ୍‌ଏଚ୍‌ଜି ମହିଳା ଓ ଗଣମାନ୍ୟ ବ୍ୟକ୍ତି ଯୋଗ ଦେଇଥିଲେ।



ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

# ଦ୍ୱାଦଶ ମଣ୍ଡଳସ୍ତରୀୟ ସ୍ୱାସ୍ଥ୍ୟ ସମ୍ମିଳନୀ ଉଦ୍‌ଯାପିତ



ଉଦ୍‌ଯାପନୀ ଦିବସ ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି।

ରାଉରକେଲା,୯।୨(ବିପ୍ଲବ ରନ ଦାଶ)

ରାଉରକେଲା ସେକ୍ଟର-୫ସ୍ଥିତ ଶ୍ରୀ ଅରବିନ୍ଦ ଶିକ୍ଷାକେନ୍ଦ୍ରର ସମ୍ମିଳନୀ ଗୃହରେ ଶ୍ରୀ ଅରବିନ୍ଦ ମେଡିକାଲ ଆସୋସିଏଶନ ସମତା ଜୋନ୍ ଆନୁକୂଲ୍ୟରେ ଚାଲିଥିବା ଦ୍ୱାଦଶ ମଣ୍ଡଳସ୍ତରୀୟ ସ୍ୱାସ୍ଥ୍ୟ ସମ୍ମିଳନୀ-୨୦୨୫ ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସମାରୋହରେ 'ଜୀବନ ଶୈଳୀ ସମ୍ପର୍କିତ ବିକାର ବିରୋଧରେ ବିଜୟ' ଶୀର୍ଷକ କର୍ମଶାଳାରେ ଡ. ସରୋଜ ପାଣିଗ୍ରାହୀ, ଡ. କିଶୋରୀ ଦାଶ, ଡ. ରାଜ୍ୟବର୍ଦ୍ଧନ ପଟ୍ଟନାୟକ, ଡ. ସସ୍ମିତା ଚୌଧୁରୀ ଓ ଡ. ଜୟଶ୍ରୀ ମାନ୍‌କୀ ପ୍ରମୁଖ ଅନ୍ତଃ ଚେତନାକୁ ଔଷଧ ଭାବେ ପ୍ରୟୋଗ କରିବା ଉପରେ ଆଲୋକପାତ କରିବା ସହ ପୂର୍ଣ୍ଣାଙ୍ଗ ବିଦ୍ୟାଳୟ ସ୍ୱାସ୍ଥ୍ୟ ଉପରେ ଦିଗ୍‌ଦର୍ଶନ ପ୍ରଦାନ କରିଥିଲେ। ଦ୍ୱିତୀୟ ଅଧିବେଶନରେ ସରକାରୀ ସ୍ୱାସ୍ଥ୍ୟ ସେବା ସହ ଆମ ବିଦ୍ୟାଳୟ ସ୍ୱାସ୍ଥ୍ୟକୁ ଯୋଡିବା ବ୍ୟବସ୍ଥା ଓ ବୟସ୍କ ମାନଙ୍କ ସ୍ୱାସ୍ଥ୍ୟ ଏବଂ ସଂହତିର ଧାରା ଘରେ ଅବା ବାହାରେ ଶୀର୍ଷକରେ ଡକ୍ଟର ବିଶ୍ୱଜିତ ମହାପାତ୍ରଙ୍କ ସଞ୍ଚାଳନରେ ରାଜେଶ ମହାନ୍ତି, ଅନିତା ପତି, ଜି. ସି. ପତ୍ରୀ, ଡ. ତୋଫାନ ପତି, ପ୍ରଫେସର ଧନେଶ୍ୱର ଜେନା, ଡ. ଶିବ ମହାନ୍ତି ଏବଂ ଡ. ସନ୍ତୋଷ ମହାପାତ୍ର ଆଲୋଚନା କରିଥିଲେ। ସଂହତି-ପ୍ରକୃତି ସହିତ ସମୟର ଆହ୍ୱାନ ଉପରେ ମାନବିକ ଜୀବନଯାପନ ଶୈଳୀ ଓତପ୍ରୋତଃ ଭାବେ ଜଡ଼ିତ। ପ୍ରକୃତି ଯେତେମାତ୍ରାରେ ସବୁଜ ଶସ୍ୟ ଶ୍ୟାମଳା ହେବ ମାନବିକ ଜୀବନଯାପନ କ୍ଷେତ୍ର ମଧ୍ୟ ସେତେ ମାତ୍ରାରେ ସୁରକ୍ଷିତ ହେବ। ଏଥିରେ ବ୍ୟତିକ୍ରମ ହେଲେ ମହାମାରୀ ଓ ମହାବିନାଶ ନିଶ୍ଚିତ ବୋଲି ସେମାନେ ଆଲୋଚନା କରିଥିଲେ। ଏହାପରେ ମୁକ୍ତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ସହ ଉଦ୍‌ଯାପନୀ ଅଧିବେଶନରେ ବିଜ୍ଞାନ ଆଧ୍ୟାତ୍ମିକତା ଓ ସ୍ୱାସ୍ଥ୍ୟ, ଜୀବନ ଶୈଳୀ ଓ ସ୍ୱାସ୍ଥ୍ୟ ଏବଂ ସ୍ୱାସ୍ଥ୍ୟ ପାଇଁ ଆଧ୍ୟାତ୍ମିକତାର ଆବଶ୍ୟକତା ଶୀର୍ଷକ ଆଲୋଚନାଚକ୍ର ବିଶ୍ୱନାଥ ଆଇଚ ଓ ଡକ୍ଟର ପ୍ରଶାନ୍ତ ପାତ୍ରଙ୍କ ସଂଯୋଜନାରେ ହୋଇଥିଲା। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଦର୍ଶିତ ଶ୍ରେଷ୍ଠ ଚିତ୍ରାଙ୍କନକୁ ପୁରସ୍କୃତ କରାଯାଇଥିଲା। ଅଳୀ ଶତପଥି ଧନ୍ୟବାଦ ଅର୍ପଣ କରିଥିଲେ।

# ପୁସ୍ତକ ମେଳାରେ ସାହିତ୍ୟ ସଭା, ନୃତ୍ୟ ପ୍ରତିଯୋଗିତା

ରାଉରକେଲା,୯।୨(ବିପ୍ଲବ ରଞ୍ଜନ ଦାଶ)

ଆଦର୍ଶ ପାଠାଗାର ଆୟୋଜିତ ୩୦ତମ ରାଉରକେଲା ପୁସ୍ତକମେଳାର ରବିବାର ନବମ ସନ୍ଧ୍ୟାରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପାଠାଗାର ସଭାପତି ଚନ୍ଦ୍ରଶେଖର ଶତପଥୀଙ୍କ ସଭାପତିତ୍ୱ ଓ ସମ୍ପାଦକ ଅଶୋକ କୁମାର ବଳଙ୍କ ସଂଯୋଜନାରେ ପ୍ରଥମ ପର୍ଯ୍ୟାୟ କାର୍ଯ୍ୟକ୍ରମକୁ କେଟିଏଚ୍‌ର ନିର୍ଦ୍ଦେଶକ ଡାକ୍ତର ଉତ୍ତମ ଚରଣ ଜେନା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଉଦ୍‌ଘାଟକ ଡା. ଜେନା ପାଠାଗାରର ପୁସ୍ତକମେଳା, ସାହିତ୍ୟ ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ଏହା ଅନ୍ୟମାନଙ୍କ ପାଇଁ ଉଦାହରଣ ବୋଲି ମତ ରଖିଥିଲେ। ଅନ୍ୟତମ ସମ୍ପାଦକ ବିଜୟ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ବସୁଧୈବ କୁଟୁମ୍ବକମ୍ ଆନୁକୂଲ୍ୟରେ ସାହିତ୍ୟ ସଭା ଓ ନୃତ୍ୟ ପ୍ରତିଯୋଗିତା ହୋଇଥିଲା। ବସୁଧୈବ କୁଟୁମ୍ବକମ୍ ସଭାପତି ବିଜୟଲକ୍ଷ୍ମୀ ପଟ୍ଟନାୟକଙ୍କ ସଭାପତିତ୍ୱ ଓ ନିରୁପମା ପତିଙ୍କ ସଂଯୋଜନାରେ ନୃତ୍ୟ ପ୍ରତିଯୋଗିତା କରାଯାଇଥିଲା। ଅତିଥି ଭାବେ ମହେନ୍ଦ୍ର କୁମାର ପଟ୍ଟନାୟକ ଯୋଗ ଦେଇଥିଲେ। ପରେ ପାଠାଗାର ତରଫରୁ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଅଧ୍ୟାପକ ଅନିଲ କୁମାର ରାମ୍‌ଙ୍କ ସଂଯୋଜନାରେ ହୋଇଥିବା ପ୍ରତିଯୋଗିତାରେ ବିଚାରକ ଭାବେ ନୃତ୍ୟଗୁରୁ ପୁଷ୍ପା ମିଶ୍ର ଓ ସୁଜାତା ସାମଲ ଯୋଗ ଦେଇଥିଲେ। ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଆସନ୍ତା ୧୦ ତାରିଖରେ ସମ୍ମାନିତ କରାଯିବ ବୋଲି ସୂଚନା ମିଳିଛି। ଅନ୍ୟମାନଙ୍କ ମଧ୍ୟରେ ପାଠାଗାରର ଡ. ସନାତନ ପ୍ରଧାନ, ପର୍ଶୁରାମ ପଟ୍ଟନାୟକ, କୁଞ୍ଜବିହାରୀ ରାଉତ, କରୁଣାକର ପାଢ଼ଶାଣୀ, ଟୁକଲା ପାଢ଼ୀ, ପ୍ରଦୀପ ପଟ୍ଟନାୟକ, ଅଟମ ରଥ, ବାଉରୀବନ୍ଧୁ ସାହୁ, ସୁକାନ୍ତ ଚନ୍ଦ୍ର ଖୁଣ୍ଟିଆ, ଡ. ଜୟନ୍ତୀ ପାଢ଼ୀ ପ୍ରମୁଖ ସହଯୋଗ କରିଥିଲେ।



ପ୍ରତିଯୋଗିତାରେ ନୃତ୍ୟ ପ୍ରଦର୍ଶନ କରାଯାଉଛି।

# ନିଯୁକ୍ତି ଉତ୍ସବରେ ଭାଗନେଲେ ୨୦୦ ଛାତ୍ରୀ

ରାଉରକେଲା,୯।୨(ବିପ୍ଲବ ରଞ୍ଜନ ଦାଶ)

ରାଉରକେଲା ସେକ୍ଟର-୨ ସ୍ଥିତ ସୁଶୀଳାବତୀ ସରକାରୀ ମହିଳା ମହାବିଦ୍ୟାଳୟ ଏବଂ ନନ୍ଦୀ ଫାଉଣ୍ଡେଶନ ମହିନ୍ଦ୍ରା ପ୍ରାଇଡ୍ କ୍ଲାସରୁମ୍‌ର ମିଳିତ ଉଦ୍ୟମରେ ଶନିବାର କଲେଜରେ ନିଯୁକ୍ତି ଉତ୍ସବ ଅନୁଷ୍ଠିତ ହୋଇଥିଲା। କଲେଜ ଅଧ୍ୟକ୍ଷା ପ୍ରଫେସର ଈପ୍‌ସିତା ଏକ୍କା ଏହାକୁ ଉଦ୍‌ଘାଟନ କରିଥିଲେ। ଏ ନେଇ ଅଧ୍ୟକ୍ଷା କଲେଜ ଛାତ୍ରୀ ତଥା ନିଯୁକ୍ତି ଆଶାୟୀ ପ୍ରାର୍ଥିନୀମାନଙ୍କୁ ନିଜ ଲକ୍ଷ ପ୍ରାପ୍ତି ପାଇଁ କଠିନ ପରିଶ୍ରମୀ ହେବା ସହ ଦୃଢ଼ ସଂକଳ୍ପ ହେବାକୁ ଆହ୍ୱାନ ଦେଇଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ପ୍ରଫେସର ଡ. ମାନସ କୁମାର ବେହେରା, ଡ. ଉଷା ମିଶ୍ର ଏବଂ ନନ୍ଦୀ ଫାଉଣ୍ଡେଶନର ଆଞ୍ଚଳିକ ମୁଖ୍ୟ ଦେବନାଥ ବରାଳ ପ୍ରାର୍ଥିନୀମାନଙ୍କୁ ନିଯୁକ୍ତିମୂଳକ ସାକ୍ଷାତକାରରେ ଅଂଶଗ୍ରହଣ କରିବାକୁ ଉତ୍ସାହିତ କରିଥିଲେ। ଏହି ନିଯୁକ୍ତି ଉତ୍ସବରେ ରାଜ୍ୟର ୪ଟି ପ୍ରତିଷ୍ଠିତ ବେସରକାରୀ ସଂସ୍ଥାର ନିଯୁକ୍ତିଦାତା ଅଂଶଗ୍ରହଣ କରିଥିଲେ। ରାଉରକେଲାସ୍ଥିତ ପାଖାପାଖି ୬ଟି କଲେଜରୁ ୨ଶହରୁ ଅଧିକ ଛାତ୍ରୀ ନିଜ ନିଜ ପସନ୍ଦର କମ୍ପାନୀରେ ନିଯୁକ୍ତି ପାଇଁ ସାକ୍ଷାତକାର ଦେଇଥିଲେ। କଲେଜର ନିଯୁକ୍ତି ସେଲ ଇନ୍‌ଚାର୍ଜ ସହାୟକ ପ୍ରଫେସର ନମ୍ରତା ମିଶ୍ର, ସହାୟକ ପ୍ରଫେସର ପ୍ରକାଶ ସୋରେଙ୍ଗ ଏବଂ ନନ୍ଦୀ ଫାଉଣ୍ଡେଶନର ଅଧିକାରୀ ମୁନମୁନ୍ ସିଂହ, ଗୌରବ ପ୍ରକାଶ, ବିଭୂରଞ୍ଜନ ଦାସ, ପ୍ରଜ୍ଞା ଆନନ୍ଦିତା ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉତ୍ସବରେ କଲେଜର ସମସ୍ତ ଅଧ୍ୟାପିକା ଅଧ୍ୟାପକ ତଥା ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।



ଉତ୍ସବରେ ଛାତ୍ରୀଛାତ୍ରଙ୍କ ସହ କଲେଜ ଓ ଫାଉଣ୍ଡେଶନ କର୍ମକର୍ତ୍ତା।

# ନିଖିଳ ଉତ୍କଳ କୈବର୍ତ୍ତ ସମାଜର ସାଧାରଣ ସଭା

ରାଉରକେଲା,୯।୨ (ବିପ୍ଲବ ରଞ୍ଜନ ଦାଶ)

ସେକ୍ଟର-୧୭ ମଧୁସୂଦନ ବିଦ୍ୟାଳୟରେ ରବିବାର ପୂର୍ବାହ୍ନ ୧୦ଟାରେ ନିଖିଳ ଉତ୍କଳ କୈବର୍ତ୍ତ ସମାଜର ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ସମାଜର ସଭାପତି ଜଗନ୍ନାଥ ବେହେରା ସଭାପତିତ୍ୱ କରିଥିଲେ। ସାଧାରଣ ସମ୍ପାଦକ ଭ୍ରମରବର ବେହେରା ଆଗାମୀ ଚୈତ୍ର ଉତ୍ସବ, ୨୫ତମ ସମ୍ମିଳନୀ ତଥା ରୌପ୍ୟଜୟନ୍ତୀ ଉପରେ ଆଲୋଚନା କରିଥିଲେ। ପୂର୍ବତନ ସଭାପତି ତଥା ଉପଦେଷ୍ଟା ଅର୍ଜୁନ ଚରଣ ସାହୁ ଉତ୍ସବ ପାଳନ ଉପରେ ମତ ଦେଇଥିଲେ। କାର୍ଯ୍ୟକାରୀ ସଭାପତି ନଟବର ବେହେରା, ଉପସଭାପତି ଗୋପବନ୍ଧୁ ତରାଇ, ସଙ୍ଗଠନ ସମ୍ପାଦକ ହରେକୃଷ୍ଣ ବେହେରା, ଯୁଗ୍ମ ସମ୍ପାଦକ ରବୀନ୍ଦ୍ର ନାଥ ବେହେରା, ଅର୍ଜୁନ ଚରଣ ବେହେରା ଓ ବିଜୟ ବେହେରା ବକ୍ତବ୍ୟ ଦେଇଥିଲେ। ସମ୍ପାଦକ ପବିତ୍ର ମୋହନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଆର୍‌ଏସ୍‌ପି କର୍ମଚାରୀଙ୍କ ଜୀବନସାଥୀଙ୍କ କାରଖାନା ଗସ୍ତ କାର୍ଯ୍ୟକ୍ରମ

ରାଉରକେଲା,୯।୨(ବିପ୍ଲବ ରଞ୍ଜନ ଦାଶ)

ଆରଏସ୍‌ପି କର୍ମଚାରୀମାନଙ୍କ ଜୀବନସାଥୀଙ୍କ ପାଇଁ ପ୍ରଗତିର ସାଥୀ କାରଖାନା ପରିଦର୍ଶନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ପ୍ରଭାବଶାଳୀ ପ୍ରଗତିର ସହଯାତ୍ରୀ ହେବା ଲାଗି କାରଖାନାର କାର୍ଯ୍ୟଧାରା ଓ କାର୍ଯ୍ୟ ନିୟମାବଳୀ ବିଷୟରେ ସେମାନଙ୍କୁ ସଚେତନ କରାଇବା ଏହି ଗସ୍ତ କାର୍ଯ୍ୟକ୍ରମ ଲକ୍ଷ୍ୟ ଥିଲା। ଏହି ପ୍ରୟାସ ଅଧୀନ ଫିଲ୍ଡ ମେଶିନାରୀ ମେଣ୍ଟେନାନ୍ସ ବିଭାଗର ୨୦ଜଣ କର୍ମଚାରୀଙ୍କ ସହଧର୍ମିଣୀଙ୍କୁ ଗତ ୫ତାରିଖରେ ଷ୍ଟିଲ ମେଲ୍ଟିଙ୍ଗ ଶପ୍-୨, ଏଫ୍‌ଏମ୍‌ଏମ୍, ଟ୍ରାଫିକ୍ ଓ କଞ୍ଚାମାଲ, ନୂତନ ପ୍ଲେଟ ମିଲ୍ ଓ ହଟ୍ ଷ୍ଟ୍ରିପ୍ ମିଲ-୨ ବିଭାଗ ପରିଦର୍ଶନରେ ନିଆଯାଇଥିଲା। ଏଫ୍‌ଏମ୍‌ଏମ୍ ଓ ଟ୍ରାନ୍ସପୋର୍ଟ ବିଭାଗର ଜିଏମ୍ ଇନଚାର୍ଜ ଅବକାଶ ମଲ୍ଲିକ ଓରିଏଣ୍ଟେଶନ ଓ ମତ ବିନିମୟ ଅଧିବେଶନରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଏଫ୍‌ଏମ୍‌ଏମ୍ ବିଭାଗର ଜିଏମ୍ କେ. ଦାଣ୍ଡିଆ, ମାନବ ସମ୍ବଳ ବିଭାଗ ଏଜିଏମ୍ ଡି. ପଟ୍ଟନାୟକ ତଥା ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଗତ ୮ତାରିଖରେ ଆୟୋଜିତ ଅନୁରୂପ ଗସ୍ତ କାର୍ଯ୍ୟକ୍ରମରେ ଏସ୍‌ଏମ୍‌ଏସ୍-୧ ବିଭାଗର ୧୮ଜଣ କର୍ମଚାରୀଙ୍କ ସହଧର୍ମିଣୀଙ୍କୁ ଷ୍ଟିଲ ମେଲ୍ଟିଙ୍ଗ ଶପ୍-୧, ବ୍ଲାଷ୍ଟ ଫର୍ନେସ-୫, ନୂତନ ପ୍ଲେଟ ମିଲ ଏବଂ ହଟ୍ ଷ୍ଟ୍ରିପ୍ ମିଲ-୨ ପରିଦର୍ଶନରେ ନିଆଯାଇଥିଲା। ଏହାର ସ୍ୱାଗତ, ଓରିଏଣ୍ଟେଶନ ଏବଂ ମତବିନିମୟ ଅଧିବେଶନରେ ଏସ୍‌ଏମ୍‌ଏସ୍-୧ ବିଭାଗର ସିଜିଏମ ସୁନିଲ କାର୍ଥା, ଏସ୍‌ଏମ୍‌ଏସ୍-୧ ବିଭାଗର ଜିଏମ ସି. ତିର୍କି, ନୀଳମଣି ମହାପାତ୍ର, ପ୍ରଦୀପ୍ତ ନାଥ ଏବଂ ମାନବ ସମ୍ବଳ ବିଭାଗର ଡିଜିଏମ ରବୀନ କୁମାର ତଥା ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଓରିଏଣ୍ଟେଶନ କାର୍ଯ୍ୟକ୍ରମରେ ପରିଦର୍ଶକମାନଙ୍କୁ କାରଖାନାର ସାମଗ୍ରିକ ଚିତ୍ର ଏବଂ ସୁରକ୍ଷା ଉପରେ ଭିଡିଓ ଦେଖାଯାଇଥିଲା। ସେମାନଙ୍କ ଜୀବନସାଥୀଙ୍କୁ ସୁରକ୍ଷା ନିୟମ ଏବଂ ମାନକର ଅନୁପାଳନ ପାଇଁ ଉତ୍ସାହିତ କରିବାକୁ ବରିଷ୍ଠ ଅଧିକାରୀଗଣ ସେମାନଙ୍କୁ ଅନୁରୋଧ କରିଥିଲେ। ଏହି ସମୟରେ ଅତିଥିମାନଙ୍କୁ କଞ୍ଚାମାଲ୍‌ଠାରୁ ଆରମ୍ଭ କରି ଚୂଡାନ୍ତ ସାମଗ୍ରୀ ତିଆରି ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଇସ୍ପାତ ଉତ୍ପାଦନ ପ୍ରକ୍ରିୟା ବିଷୟରେ ସଂକ୍ଷିପ୍ତ ସୂଚନା ଦିଆଯାଇଥିଲା। ମାନବ ସମ୍ବଳ ବିଭାଗର ସହାୟକ ପ୍ରବନ୍ଧକ ଦିବ୍ୟା ସାହୁ ଓରିଏଣ୍ଟେଶନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଆରଏସ୍‌ପି କର୍ମଚାରୀଙ୍କ ସହଧର୍ମିଣୀମାନେ କାରଖାନା ଗସ୍ତ କରିଛନ୍ତି।

# ଜିଲାର ବିକାଶ ରାଉରକେଲା ଉପରେ ନିର୍ଭର କରୁଛି

ରାଉରକେଲା,୯।୨(ବିପ୍ଲବ ରଞ୍ଜନ ଦାଶ)

ସୁନ୍ଦରଗଡ଼ ଜିଲାର ବିକାଶ ରାଉରକେଲା ଉପରେ ନିର୍ଭର କରୁଛି। ତେଣୁ ରାଉରକେଲାର ବିଭିନ୍ନ କ୍ଷେତ୍ରରେ ବିକାଶର ଆବଶ୍ୟକତା ରହିଛି। ସ୍ଥାନୀୟ ସିଭିକ୍ ସେଣ୍ଟରରେ ରବିବାର ପୂର୍ବାହ୍ନ ୧୦ଟାରେ ସଚେତନ ନାଗରିକ ମଞ୍ଚ ପକ୍ଷରୁ ଆୟୋଜିତ ୧୧ତମ ବାର୍ଷିକୋତ୍ସବରେ ପ୍ରାକ୍ତନ କେନ୍ଦ୍ର ଇସ୍ପାତ ମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଲୋଚ୍ୟ ବିଷୟ 'ବିକଶିତ ଓଡ଼ିଶାରେ ରାଉରକେଲାର ଭୂମିକା' ଶୀର୍ଷକରେ ଏଭଳି ମତବ୍ୟକ୍ତ କରିଛନ୍ତି।

ମୁଖ୍ୟ ଅତିଥି ତ୍ରିପାଠୀ କହିଥିଲେ, ରାଜ୍ୟର ସାମୂହିକ ବିକାଶ ଯଦି ଜନସାଧାରଣଙ୍କ ପାଖରେ ପହଞ୍ଚି ନ ପାରିଲା ଓ ପ୍ରତ୍ୟେକ ଅଞ୍ଚଳର ବିକାଶକୁ ଅଣଦେଖା କଲେ ଆଞ୍ଚଳିକ ବୈଷମ୍ୟ ଦେଖାଦେବ। ଜିଲା ତଥା ରାଉରକେଲାର ବିକାଶ ପାଇଁ ରାଉରକେଲାରେ ରେଲୱେ ଡିଭିଜନ, ବିମଳାଗଡ ତାଳଚେର ରେଳପଥ, ମେଡିକାଲ କଲେଜ, ବିମାନ ବନ୍ଦରର ସମ୍ପ୍ରସାରଣ ଓ ଉନ୍ନତୀକରଣ, ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା, ଆଇଟି ହବ୍ ଆଦି ପ୍ରତିଷ୍ଠା ହେବା ଦରକାର। ମାଟି ଆମର, ମାଟି ତଳ ଜିନିଷ କେନ୍ଦ୍ର ସରକାରର। ତେଣୁ ଏଠାରେ ବିକାଶ କିପରି ହେବ, ଏଠାକାର ସମ୍ପଦ ଏଠାକାର ଲୋକଙ୍କ ବିକାଶରେ ଲାଗିବା ଦରକାର। ଏଥିପାଇଁ କେନ୍ଦ୍ର ସରକାରଙ୍କ ଦୃଷ୍ଟିଭଙ୍ଗୀ ବଦଳିବା ଆବଶ୍ୟକ। ଦେଶର ବିକାଶରେ ଆଞ୍ଚଳିକ ବୈଷମ୍ୟ ଅନ୍ତରାୟ ସୃଷ୍ଟି କରେ ବୋଲି ମୁଖ୍ୟ ଅତିଥି ମତ ରଖିଥିଲେ। ଏଥିସହ ରାଉରକେଲା ବିମାନବନ୍ଦରର ବିକାଶ ଉପରେ ଗୁରୁତ୍ୱାରୋପ କରିବା ସହ ମଞ୍ଚର କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ପ୍ରାରମ୍ଭରେ ମଞ୍ଚର ସଭାପତି ଇଂ. ବିମଳ କୁମାର ବିଶି ସ୍ୱାଗତ ଭାଷଣ ରଖି କହିଥିଲେ, ରାଜ୍ୟ ଭୁବନେଶ୍ୱର, କଟକ ଆଦି ଅଞ୍ଚଳରେ ବିକାଶ ଯେପରି ହେଉଛି, ରାଉରକେଲା ବା ପଶ୍ଚିମ ଓଡ଼ିଶାର ସେପରି ବିକାଶ ହେଉ ନ ଥିବାରୁ ଆଞ୍ଚଳିକ ବୈଷମ୍ୟ ବଢୁଛି। ଏହା ଆଗାମୀ ଦିନରେ ସମସ୍ୟା ସୃଷ୍ଟି କରିବ ବୋଲି ସେ ମତ ରଖିଥିଲେ। ସାଧାରଣ ସମ୍ପାଦକ ପି. ପି. ରାୟ ତାଙ୍କ ବକ୍ତବ୍ୟରେ ରାଉରକେଲା, ରାଜଗାଙ୍ଗପୁର ଓ ବିରମିତ୍ରପୁରକୁ ନେଇ ଗ୍ରେଟର ରାଉରକେଲା ପ୍ରସ୍ତାବ ରଖିଥିଲେ। କୁଚିଣ୍ଡାର ସମାଜସେବୀ ଯୁଗଳ କିଶୋର ମହାକୁଡ଼ ରାଉରକେଲା ବିମାନ ବନ୍ଦର, ଆବାସିକ ଆଦିବାସୀ ମହିଳାଙ୍କ ପାଇଁ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଓ ଏଠାରୁ ଆଦାୟ ହେଉଥିବା ଅର୍ଥ ପଶ୍ଚିମ ଓଡିଶାର ୧୨ଟି ଜିଲାରେ ଖର୍ଚ୍ଚ ନ କରି ଅନ୍ୟ ସ୍ଥାନରେ ଖର୍ଚ୍ଚ ହେଉଥିବାରୁ ସେ ଏହାକୁ ଦୃଢ଼ ବିରୋଧ କରିଥିଲେ। ଏହି ଅବସରରେ ଉଲ୍ଲେଖନୀୟ ଅବଦାନ ପାଇଁ ଡାକ୍ତର ଗୋପବନ୍ଧୁ ବଳ, ଡାକ୍ତର ଉତ୍ତମ ଚରଣ ଜେନା, ସୁନ୍ଦରଗଡ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଡ. ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ ଓ ଶିକ୍ଷାବିତ୍ ରାମଚନ୍ଦ୍ର ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିକ୍ରମ ଚନ୍ଦ୍ର ଆଚାର୍ଯ୍ୟ ମାନପତ୍ର ପାଠ କରିଥିଲେ। ମୁଖପାତ୍ର କୁଞ୍ଜବିହାରୀ ରାଉତ କାର୍ଯ୍ୟକ୍ରମ ସଞ୍ଚାଳନ ଏବଂ କାର୍ଯ୍ୟକାରୀ ସଭାପତି ଜଗବନ୍ଧୁ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଜଟାଧାରୀ ମାଝୀ, ଡା. ବସନ୍ତ କୁମାର ଦାସ, ଉପେନ୍ଦ୍ର କୁମାର ନାୟକ, ସୁବ୍ରତ ମଲ୍ଲିକ, ରଜନୀକାନ୍ତ ସ୍ୱାଇଁ, ଅକ୍ଷୟ କୁମାର ଦାସ, ଜଗନ୍ନାଥ ରାଉତ, ରମେଶ ଚନ୍ଦ୍ର ସେଠୀ, ବିଷ୍ଣୁ ଚରଣ ସାମଲ ପ୍ରମୁଖ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ପତ୍ରିକା ଉନ୍ମୋଚନ କରାଯାଉଛି।

## ସଂକ୍ଷେପରେ

### ସମ୍ବଲପୁରୀ ବସ୍ତ୍ରାଳୟରୁ ଚୋରି

ରେଢାଖୋଲ,୯।୨(ଅଚ୍ୟୁତାନନ୍ଦ ପୁରୋହିତ)

ରେଢାଖୋଲ ସହର ସମେତ ବ୍ଲକ ଅଞ୍ଚଳରେ ଗତ କିଛିଦିନ ଧରି ଚୋରି ବୃଦ୍ଧି ପାଇଛି। ରେଢାଖୋଲ ଥାନା ଅଧିନ ଲୁହାପଙ୍କ, କୁକୁଡାବାହାଲି, ଡଇଁଚା ଆଦି ପଞ୍ଚାୟତର ବିଭିନ୍ନ ପ୍ରାଥମିକ ବିଦ୍ୟାଳୟରୁ ଟିଭି, ସାଉଣ୍ଡ ସିଷ୍ଟମ ଓ ଚାଉଳ ଗତ କିଛିଦିନ ହେବ ନିୟମିତ ଭାବେ ଚୋରି ହୋଇଥିବା ବେଳେ ସହରର ବିଭିନ୍ନ ଦୋକାନ ଗୁଡିକରୁ ମଧ ଚୋରି ହେଉଛି। ଶନିବାର ରାତି ଖନ୍ଦାଡିପ ଛକରେ ଥିବା ସମ୍ବଲପୁରୀ ବସ୍ତ୍ରାଳୟରୁ ଲକ୍ଷାଧିକ ଟଙ୍କାର ଶାଢୀ ଓ କପଡା ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ତେବେ ଚୋରି ସମ୍ପର୍କରେ ଥାନାରେ ଅଭିଯୋଗ ହେଉଥିବା ବେଳେ ପୋଲିସ ମାମଲା ରୁଜୁକରି ଚୁପ୍ ବସିଥିବା ଅଭିଯୋଗ ହେଉଛି। ସମ୍ବଲପୁରୀ ବସ୍ତ୍ରାଳୟରୁ ଚୋରି ଅଭିଯୋଗ ପରେ ପୋଲିସ କେବଳ ସାଇଣ୍ଟିଫିକ ଟିମ ଓ ସନ୍ଧାନି କୁକୁର ସହାୟତାରେ ତଦନ୍ତ କରିଥିଲେ ହେଁ କୌଣସି ସୁରାକ ପାଇନାହିଁ।

### ବଲାଙ୍ଗୀର ବ୍ଲେସ୍ଡ ଚାମ୍ପିୟନ

**ପଶ୍ଚିମ ଓଡ଼ିଶା ଟେନିସ୍ ବଲ୍ କ୍ରିକେଟ୍**

ସମ୍ବଲପୁର,୯।୨(ପ୍ରମୋଦ ବହିଦାର)

ସାଥୀ ଚାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ସ୍ଥାନୀୟ କମିଶନର କଲୋନୀ ପଡ଼ିଆରେ ବିଗତ ୫ ଦିନ ଧରି ଚାଲିଥିବା ପଶ୍ଚିମ ଓଡ଼ିଶା ଟେନିସ ବଲ କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି। ରବିବାର ଅନୁଷ୍ଠିତ ଫାଇନାଲ ମ୍ୟାଚରେ ବାଲାଙ୍ଗୀର ବ୍ଲେସ୍ଡ ଏକାଦଶ ସମ୍ବଲପୁର ତେଜସ୍ ଏକାଦଶକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ତେଜସ ଏକାଦଶ ପକ୍ଷରୁ ଫାଇନାଲରେ ହାଟ୍ରିକ୍ ଅର୍ଜନକାରୀ ବିଷ୍ଣୁଙ୍କୁ ମ୍ୟାନ ଅଫ ଦି ଫାଇନାଲ ଭାବେ ପୁରସ୍କୃତ କରାଯାଇଛି। ଚାମ୍ପିୟନ ଦଳକୁ ଟ୍ରଫି ସହ ୪୦ ହଜାର ଓ ରନର ଅପ୍ ଦଳଙ୍କୁ ଟ୍ରଫି ସହ ୩୦ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଏହି ପ୍ରତିଯୋଗିତାରେ ପଶ୍ଚିମ ଓଡ଼ିଶାର ମୋଟ ୧୨ ଟି ଦଳ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତା ଶେଷରେ ସାଥୀ ଚାରିଟେବୁଲ ଟ୍ରଷ୍ଟର କାର୍ଯ୍ୟକାରୀ ସଭାପତି ସିଦ୍ଧାର୍ଥ ଶାହାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଶ୍ୱେତ କୁମାର ପ୍ରଧାନ ଓ ସଦାଶିବ ମହାପାତ୍ର ଅତିଥିଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳ ସହିତ କୃତି ପ୍ରତିଯୋଗିମାନଙ୍କୁ ପୁରସ୍କୃତ କରିଥିଲେ। ଏଥିରେ ସମରଜିତ ପଟନାଏକ, ଦିନେଶ ଖାଜରିଆ, ସତ୍ୟନାରାୟଣ ଷଡ଼ଙ୍ଗୀ, ବରିଷ୍ଠ କ୍ରୀଡ଼ାବିତ ରଞ୍ଜିତ ମିଶ୍ର, ଗୌତମ ମିଶ୍ର, ଅନୱାର ଖାନ ପ୍ରମୁଖ ଉପସ୍ଥିତ ଥିଲେ।

### ୧୨୩୭ବୋତଲ କଫସିରପ୍ ଜବତ, ଜଣେ ଗିରଫ

ସମ୍ବଲପୁର,୯।୨(ପ୍ରମୋଦ ବହିଦାର)

ସମ୍ବଲପୁର ସଦର ଥାନା ପୋଲିସ ୧୨୩୭ ବୋତଲ ନିଷିଦ୍ଧ ନିଶା କଫ୍ ସିରପ ଜବତ କରିଛି। ଏ ସଂକ୍ରାନ୍ତରେ ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ହେଲେ ସଦର ଥାନା ଅନ୍ତର୍ଗତ ଠେମରା ଗ୍ରାମର ରୋଶନ ଓରଫ୍ ସତ୍ୟବ୍ରତ ମିଶ୍ର(୩୩)। ସଦର ଥାନା ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଶନିବାର କୁଚିଣ୍ଡା-ସମ୍ବଲପୁର ରୋଡ଼ରେ କଫ୍ ସିରପ ଚାଲାଣ ହେଉଥିବା ପୋଲିସକୁ ଖବର ମିଳିଥିଲା। ଖବର ଅନୁସାରେ ସଦର ଥାନା ପୋଲିସ କୁଦୋପାଲି ଛକ ନିକଟରେ ରାସ୍ତା ବ୍ଲକ କରିଥିଲା। ରାତି ପ୍ରାୟ ୧୦ଟା ବେଳେ ସେହିବାଟ ଦେଇ ଦେଇ ସମ୍ବଲପୁର ଅଭିମୁଖେ ଯାଉଥିବା ଏକ କାର(ଓଡି-୧୫-ଜେଡ୍-୩୮୪୬)କୁ ସନ୍ଦେହରେ ଅଟକାଇ ପୋଲିସ ଯାଞ୍ଚ କରିଥିଲା। ଯାଞ୍ଚ ବେଳେ କାରରୁ ୬ଟି ଧଳା ପ୍ଲାଷ୍ଟିକ ବସ୍ତାରେ ଥିବା ୧୦୦ମିଲିଲିଟର ବିଶିଷ୍ଟ ସିଲ୍ ହୋଇଥିବା ନିଷିଦ୍ଧ ନିଶା କଫସିରପ ବୋତଲ ପୋଲିସ ଜବତ କରିଥିଲା। ଏହାସହ କାର ଚାଳକ ରୋଶନ ଓରଫ୍ ସତ୍ୟବ୍ରତଙ୍କୁ ଥାନାକୁ ଆଣି ପଚରା ଉଚରା ପରେ ସେ କୋଲକାତାରୁ ସମ୍ବଲପୁରକୁ କଫ୍‌ସିରପ୍ ବେଆଇନ୍ ଭାବେ ଚାଲାଣ କରୁଥିଲେ ବୋଲି ସ୍ୱୀକାର କରିଥିଲେ। ଏହାସହିତ ସେ ତାଙ୍କ ସହଯୋଗୀମାନଙ୍କ ସହ ମିଶି ବିଗତ ୩ରୁ ୪ ବର୍ଷ ହେଲା ଏହି କାର୍ଯ୍ୟ କରୁଥିବା ପୋଲିସକୁ କହିଥିଲେ। ଏହାକୁ ନେଇ ସଦର ଥାନାରେ ଏକ ମାମଲା(୪୦/୨୫)ରୁଜୁ କରି ପୋଲିସ ଅଭିଯୁକ୍ତଙ୍କୁ ରବିବାର କୋର୍ଟ ଚାଲଣ କରିଥିଲା। ଜାମିନ ଆବେଦନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି।

# ସଂଘର୍ଷ ନ ଥିଲେ ଜୀବନର ମୂଲ୍ୟ ନାହିଁ

ସମ୍ବଲପୁର,୯।୨(ଭବାନୀ ଶଙ୍କର ଭୋଇ)

**ସମ୍ବଲପୁରୀ ଲେଖକ ମଚାନ କାର୍ଯ୍ୟକ୍ରମ**

ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରାରେ ରବିବାର ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ସମ୍ବଲପୁରୀ ଲେଖକ ମଚାନ ଆୟୋଜନ କରାଯାଇଥିଲା। ଡ. ସ୍ୱୟଂ ପ୍ରକାଶ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସୁଷମା ପ୍ରଧାନ ସଂଯୋଜନା କରିଥିଲେ। ସମ୍ବଲପୁରୀ ଭାଷାର ବରିଷ୍ଠ ଗୀତିକାର ବିଭୂତି ଭୂଷଣ ନାଥ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମା’ ସମଲେଇଙ୍କଠାରେ ପୂଜାର୍ଚ୍ଚନା ପରେ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ସମ୍ବଲପୁର ଭାଷାରେ କବି ଲେଖକଙ୍କ ରହିଥିବା ବିଭିନ୍ନ ସମସ୍ୟା ଉପରେ ପ୍ରଥମେ ଆଲୋଚନା କରାଯାଇଥିଲା। ମୁଖ୍ୟ ଅତିଥି ନାଥ କହିଥିଲେ ଯାହାର ଜୀବନରେ ସଂଘର୍ଷ ନାହିଁ ତା’ ଜୀବନର ମୂଲ୍ୟ ନାହିଁ। କୌଣସି ଭାଷା ସାହିତ୍ୟ ପାଇଁ କବି ଲେଖକଙ୍କ ତ୍ୟାଗ, ବଳିଦାନ ସେହି ସଂସ୍କୃତିକୁ ସୁରକ୍ଷିତ ରଖିଥାଏ ବୋଲି ସେ କହିଥିଲେ। ସମ୍ବଲପୁରୀ ଡେରା କିଭଳି ଅଧିକରୁ ଅଧିକ ସମ୍ବଲପୁରୀ ଭାଷା ସଂସ୍କୃତି ପାଇଁ ବ୍ୟବହାର ହେବ ସେ ନେଇ ପଦକ୍ଷେପ ନେବାକୁ କାର୍ଯ୍ୟକ୍ରମରେ ସଭାପତିତ୍ୱ କରୁଥିବା ଡ. ପଣ୍ଡା ଆହ୍ୱାନ କରିଥିଲେ। ଏହି ଅବସରରେ କବି ପ୍ରସନ୍ନ ପ୍ରୟାସ ଭୁଏ, ପ୍ରଭଞ୍ଜନ ପୁରୋହିତ, ଗଦାଧର ନିଆଲ, ଫକିର ପୃଷ୍ଟି, କଳ୍ପନା ମହାପାତ୍ର, ସୁପ୍ରିୟା ଦାସ, ବିଭୂତି ଭୂଷଣ ମିଶ୍ର, ବଳରାମ ମଟାରୀ, ପ୍ରଦ୍ୟୁମ୍ନ ପାଣିଗ୍ରାହୀ, ଗଙ୍ଗାଧର ନେପାକ, କାହ୍ନୁ କେଶବ ବହିଦାର, ସବ୍ୟସାଚୀ ମିଶ୍ର, ତ୍ରିଲୋଚନ ମିଶ୍ର, ଦବିତା ମିଶ୍ର, ଭବାନୀ ଶଙ୍କର ମେହେର, ଲଳିତ ମୋହନ ବେବର୍ତ୍ତା, ଅନୁପମ ବିଶ୍ୱାଳ, ରାହାସ ବିହାରୀ ନାଥ ସମ୍ବଲପୁରୀ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ରାଜେଶ ସ୍ୱାଇଁ, କିଶୋର ଧରେଇ, ଭୂମିସୂତା ମେହେର, ଲଳିତା ଭୋଇ, ସୁରେନ୍ଦ୍ର ବଗର୍ତ୍ତୀ, ମାନସ ରଞ୍ଜନ ବକ୍ସି ସହଯୋଗ କରିଥିଲେ ।



ସମ୍ବଲପୁରୀ ଲେଖକ ମଚାନରେ ଉପସ୍ଥିତ ଅତିଥି ଓ ଲେଖକ ବୃନ୍ଦ।

# ଭୀମଭୋଇଙ୍କ ସାହିତ୍ୟ ଭକ୍ତି ଯୁଗର ଶ୍ରେଷ୍ଠ କୃତି

ସୋନପୁର,୯।୨(ମୃତ୍ୟୁଞ୍ଜୟ ଶତପଥୀ)

**ଭୀମଭୋଇ ଓ ମହିମା ଧର୍ମ ଉପରେ ଆଲୋଚନାଚକ୍ର**

ମହିମା ଧର୍ମ ଶୂନ୍ୟବାଦର ଦର୍ଶନ ଉପରେ ଆଧାରିତ। ଏହା ଓଡ଼ିଶାରେ ନିର୍ଗୁଣ ଭକ୍ତି ପରମ୍ପରାର ବଳିଷ୍ଠ ଉଦାହରଣ। ମହିମା ଧର୍ମ ଓ ଭୀମଭୋଇଙ୍କ ସାହିତ୍ୟ ଭକ୍ତି ଯୁଗର ଶ୍ରେଷ୍ଠ କୃତି। ଭୀମ ଭୋଇ ଓ ମହିମା ଧର୍ମ ଉପରେ ଆୟୋଜିତ ଏକ ଆଲୋଚନାଚକ୍ର ମାଘମେଳି-୨୦୨୫ରେ ଗବେଷକ, କବି ଓ ବିଶିଷ୍ଟ ବ୍ୟକ୍ତିମାନେ ଏହି ମତ ପ୍ରକାଶ କରିଛନ୍ତି।

ସୁବର୍ଣ୍ଣପୁର ଜିଲା ସଂସ୍କୃତି ଭବନ ପରିସରରେ ମୂଳନିବାସୀ ସାହିତ୍ୟିକ ଆଖଡା ପକ୍ଷରୁ ରବିବାର ଏହି ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ଭୀମଭୋଇଙ୍କ ଭଜନ ଗାନ ଓ ଆରତୀ ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପ୍ରଥମ ଅଧିବେଶନରେ ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱ ବିଦ୍ୟାଳୟ ଭୀମ ଭୋଇ ଚେୟାର ଅଧକ୍ଷ ଡ ପ୍ରଦୀପ କୁମାର ପଣ୍ଡା ଯୋଗଦାନ କରି ମହିମା ଧର୍ମ କେମିତି ଆନୁଷ୍ଠାନିକ ଧର୍ମ କବଳିତ ସେ ସମ୍ପର୍କରେ ଆଲୋଚନା କରିଥିଲେ। ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଭିନ୍ନ ସମୟରେ ଆଲୋଚନାଚକ୍ର ଜରିଆରେ ଭୀମଭୋଇଙ୍କ ଜୀବନ, ଦର୍ଶନ ଓ ସାହିତ୍ୟ ଚର୍ଚ୍ଚା ସମ୍ପର୍କରେ ସୂଚନା ଦେଇଥିଲେ। କବି ତଥା କଥାକାର ମିୟୋଗ ପାତ୍ର ମହିମା ଧର୍ମର ଦର୍ଶନ ତଥା ଶୂନ୍ୟବାଦର ମହତ୍ୱ ଉପରେ ବୁଝାଇଥିଲେ। କବି ଓ ଗବେଷିକା ସୁଜାତା ସାହାଣି ଓଡ଼ିଆ ସାହିତ୍ୟରେ ଭୀମ ଭୋଇ କିଭଳି ପ୍ରଚଳିତ ବ୍ୟବସ୍ଥା ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ ସେ ଉପରେ ବର୍ଣ୍ଣନା କରିଥିଲେ। ମହିମା ଧର୍ମର ଗବେଷକ ରମାକାନ୍ତ ନାଏକ ନିଜ ପରିବାରରେ ମହିମା ଧର୍ମକୁ କିଭଳି ପାଳନ କାରାଯାଏ ଓ ସେ ସମ୍ପର୍କରେ ଲୋକଗୀତକୁ ନେଇ ବିସ୍ତୃତ ଆଲୋଚନା କରିଥିଲେ।

ଦ୍ୱିତୀୟ ଅଧିବେଶନରେ ଐତିହାସିକ ତଥା ଗବେଷକ ଫନିନ୍ଦ୍ରମ ଦେଓ ଭୀମଭୋଇଙ୍କ ଐତିହାସିକ ଉଦୟ ଉପରେ ଅନେକ ତଥ୍ୟ ପ୍ରଦାନ କରିଥିଲେ। ରେଣ୍ଡୋ ମାଝୀଙ୍କ କନ୍ଧ ମେଳି ସହ କନ୍ଧ ଆନ୍ଦୋଳନ ଓ ଭୀମ ଭୋଇଙ୍କ ସମ୍ପର୍କରେ ସେ ଆଲୋଚନା କରିଥିଲେ। କବି ଓ ଗବେଷକ ବାସୁଦେବ ସୁନାନି ଓଡ଼ିଆ ସାହିତ୍ୟରେ ଭୀମଭୋଇଙ୍କ ଭୂମିକା ଓ ପ୍ରାସଙ୍ଗିକତା ଉପରେ ଆଲୋଚନା କରିଥିଲେ। ନବ କିଶୋର ଦୀପ ଭୀମଭୋଇଙ୍କ ଜନ୍ମ ବୃତ୍ତାନ୍ତକୁ ବର୍ଣ୍ଣନା କରିବା ସହ ଅନେକ ଐତିହାସିକ ତଥ୍ୟ ଉପସ୍ଥାପନା କରିଥିଲେ। ଅଧାପକ ସିଦ୍ଧାର୍ଥ ପ୍ରଧାନ ଭୀମଭୋଇ ଏକାଧାରରେ ଜାତିବାଦ ବିରୋଧି, ପୁଞ୍ଜିବାଦ ବିରୋଧୀ, ରାଜତନ୍ତ୍ର ବିରୋଧୀ, ନାରୀବାଦୀ ଓ ପରିବେଶବାଦୀ ଥିଲେ ବୋଲି ତଥ୍ୟ ଉପସ୍ଥାପନା କରିଥିଲେ। ସର୍ବେଶ୍ୱର ବେହେରା ମହିମା ଧର୍ମ ଉପରେ ଏକ ଗୀତ ଗାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୂଳନିବାସୀ ସାହିତ୍ୟ ଆଖଡାର ସଭ୍ୟ ଚନ୍ଦନ ନାଗ, ମୁକେଶ ସୁନା, ଅଶ୍ୱିନୀ ବାଗ, ପ୍ରଜ୍ଞା କୁଅଁର, ସୁବ୍ରତ ବାରିକ୍ ଓ ହେମନ୍ତ ଦଳପତି ସହଯୋଗ କରିଥିଲେ। ଗାଳ୍ପିକ ଆଦିତେଶ୍ୱର ମିଶ୍ର, ନରେନ୍ଦ୍ର ଭୋଇ, ଅବକାଶ ପ୍ରଧାନ, କବି ଆଶିଷ ମିଶ୍ର, ବେଣୁଧର ପ୍ରଧାନ ଓ ରଞ୍ଜିତା ପଣ୍ଡା ସ୍ୱତନ୍ତ୍ର ନିମନ୍ତ୍ରିତ ଭାବେ ଯୋଗଦାନ କରିଥିଲେ।

# ରାଷ୍ଟ୍ର ଗଠନରେ ଅନୁପ୍ରାଣିତ ହେବାକୁ ଆହ୍ୱାନ



କୃତୀ ସ୍ୱେଚ୍ଛାସେବୀମାନଙ୍କୁ ପୁରସ୍କୃତ କରାଯାଉଛି।

କୁଚିଣ୍ଡା,୯।୨(ବିରଞ୍ଚି ଦର୍ବା)

**ଯୁବ ନେତୃତ୍ୱ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ**

ସମ୍ବଲପୁର ଜିଲା ବାମରା ବ୍ଲକ କେଶାଇବାହାଲ ବାସୁଦେବ ଗୋଦାବରୀ କଲେଜରେ ଜାତୀୟ ସେବା ଯୋଜନା ପକ୍ଷରୁ ତିନିଦିନ ଧରି ଚାଲିଥିବା ଆନ୍ତଃ ମହାବିଦ୍ୟାଳୟ ଯୁବ ନେତୃତ୍ୱ ପ୍ରଶିକ୍ଷଣ ଶିବିର ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ସମ୍ବଲପୁର, ଦେବଗଡ଼ ଓ ଝାରସୁଗୁଡା ଜିଲାର ୧୪ଟି କଲେଜର ୧୧୦ଜଣ ସ୍ୱେଚ୍ଛାସେବୀଙ୍କ ସହ ୧୦ ଜଣ କାର୍ଯ୍ୟକ୍ରମ ଅଧିକାରୀ ଯୋଗଦେଇଥିଲେ। କେଶାଇବାହାଲ କଲେଜ ଅଧକ୍ଷ ଦୟାସାଗର ପ୍ରଧାନଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଜୀବ ପ୍ରଯୁକ୍ତି ବିଦ୍ୟା ବିଭାଗ ମୁଖ୍ୟ ପ୍ରଫେସର ଅମିୟ କୁମାର ନାୟକ ମୁଖ୍ୟଅତିଥି, ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ସଂଯୋଜକ ଡ.ବୀରେନ୍ଦ୍ର ବେହେରା, ଜିଲା କାର୍ଯ୍ୟକ୍ରମ ଅଧିକାରୀ ଶାନ୍ତନୁ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଛାତ୍ରୀଛାତ୍ରମାନେ ରାଷ୍ଟ୍ର ଗଠନରେ ଅନୁପ୍ରାଣିତ ହେଲେ ଭାରତର ଉନ୍ନତି ହେବ ବୋଲି ଅତିଥିମାନେ ପରାମର୍ଶ ଦେଇଥିଲେ। ଜାତୀୟ ସେବା ଯୋଜନା ଅଧିକାରୀ ଅଧାପକ ବିନୋଦ ବିହାରୀ ପୃଷେଠ ସଭା ପରିଚାଳନା କରିଥିବା ବେଳେ ଅଧାପକ ହରେଷ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶିବିରରେ ବିଭିନ୍ନ ବିଷୟରେ ୧୦ଟି ବୌଦ୍ଧିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତି ସ୍ୱେଚ୍ଛାସେବୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ କୁଚିଣ୍ଡା କଲେଜର ଦିବ୍ୟାଙ୍ଗ ଛାତ୍ର ସନ୍ୟାସୀ ମେହେରଙ୍କ ସକ୍ରିୟ ଅଂଶଗ୍ରହଣ ପାଇଁ ତାଙ୍କୁ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯାଇଥିଲା। ଏହାଛଡା କୁଚିଣ୍ଡା କଲେଜର ସ୍ୱେଚ୍ଛାସେବୀ ନୂଆଦିଲ୍ଲୀର ସାଧାରଣତନ୍ତ୍ର ଦିବସ ପରେଡରେ ଅଂଶଗ୍ରହଣ କରି କୁଚିଣ୍ଡାର ଗୌରବ ବୃଦ୍ଧି କରିଥିବା ରୂପାଲି ପଣ୍ଡା ଓ ଗତ ବର୍ଷ ଓଡ଼ିଶାକୁ ପ୍ରତିନିଧି କରିଥିବା ଅଧ୍ୟାପିକା ବେଲମତି କୁମୁରାଙ୍କୁ ସମ୍ମାନିତ କରାଯାଇଥିଲା।

# ଫୁଟବଲ ଟୁର୍ନାମେଣ୍ଟ: ସରଳା ଚାମ୍ପିୟନ

ସମ୍ବଲପୁର,୯।୨(ବି.ଶଙ୍କର)

ସମ୍ବଲପୁର ଗେଙ୍ଗୁଟିପାଲି ଓ ଧନକଉଡ଼ା ଫୁଟବଲ କ୍ଲବ ଆୟୋଜିତ ତିନିଦିନିଆ ଫୁଟବଲ ଟୁର୍ନାମେଣ୍ଟ ରବିବାର ସନ୍ଧ୍ୟା ୬ଟାରେ ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଧନକଉଡ଼ା ଫୁଟବଲ ପଡିଆରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥିଭାବେ ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ଜଗନ୍ନାଥ ତ୍ରିପାଠୀ, ରଜନୀକାନ୍ତ ସାହୁ, ବିଜେଡି ଯୁବ ନେତା ହୀରାଲାଲ ବେହେରା, ଅମିତ ନାଥ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସମ୍ବଲପୁର ଜିଲାର ବିଭିନ୍ନ ଅଞ୍ଚଳରୁ ୧୬ଟି ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ ସରଳା ଏବଂ ମିର୍ଗାମୁଣ୍ଡା ଫୁଟବଲ ଟିମ ମଧ୍ୟରେ ହୋଇଥିଲା। ଏଥିରେ ସରଳା ଫୁଟବଲ ଦଳ ୩-୦ ଗୋଲରେ ବିଜୟୀ ହୋଇ ଚାମ୍ପିୟନ ଟ୍ରଫି ହାସଲ କରିଥିଲା। ବିଜୟୀ ଦଳକୁ ଟ୍ରଫି ସହ ୫୦ ହଜାର ଟଙ୍କାର ଚେକ ଏବଂ ଉପବିଜେତା ଦଳକୁ ଟ୍ରଫି ସହ ୩୦ ହଜାର ଟଙ୍କାର ଚେକ ପ୍ରଦାନ କରାଯାଇଥିଲା। ଟୁର୍ନାମେଣ୍ଟ ଆୟୋଜନରେ ଅନିତା ଓରାମ, ବୁଲୁ ସାହୁ, ପପୁ ନାଏକ, ଧରଣୀ ଓରାମ ଓ ଗେଙ୍ଗୁଟିପାଲି ଧନକଉଡ଼ା ଫୁଟବଲ କ୍ଲବର ସଦସ୍ୟମାନେ ସହଯୋଗ କରିଥିଲେ।

# ମିନିଟ୍ରକ୍ ମାଲିକ ସଂଘ ପକ୍ଷରୁ ରକ୍ତଦାନ ଶିବିର



ରକ୍ତଦାତାଙ୍କ ଗହଣରେ ଅତିଥିମାନେ।

ସମ୍ବଲପୁର,୯।୨(ପ୍ରମୋଦ ବହିଦାର)

ସମ୍ବଲପୁର ମିନିଟ୍ରକ୍ ମାଲିକ ସଂଘ ଆନୁକୂଲ୍ୟରେ ରବିବାର ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଲକ୍ଷ୍ମୀଡୁଙ୍ଗୁରି ନିକଟ ଜାତୀୟ ରାଜପଥ(୫୩) ପାର୍ଶ୍ୱସ୍ଥ ପେଟ୍ରୋଲ ପମ୍ପରେ ଆୟୋଜିତ ଶିବିରକୁ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ମୃଦୁଳା ଠାକୁର ପ୍ରଧାନ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବର୍ତ୍ତମାନ ରକ୍ତର ଉତ୍କଟ ଅଭାବ ସମୟରେ ରକ୍ତଦାନ କରି ଅନେକାଂଶରେ ରକ୍ତର ଅଭାବକୁ ଦୂର କରାଯାଇ ପାରିବ। ଯଦ୍ୱାରା ଅମୂଲ୍ୟ ଜୀବନ ରକ୍ଷା କରିବାରେ ରକ୍ତଦାତାମାନେ ସହାୟକ ହୋଇପାରିବେ। ତେଣୁ ନିୟମିତ ଭାବେ ଏଭଳି ରକ୍ତଦାନ ଶିବିର ଆୟୋଜନ ପାଇଁ ଆଗେଇ ଆସିବାକୁ ଯୁବଗୋଷ୍ଠୀଙ୍କୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଶିବିରରେ ୪୫ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ରକ୍ତଦାନ ଶିବିରକୁ ବୁର୍ଲା ଭିମ୍‌ସାର ରକ୍ତ ଭଣ୍ଡାରର ମୁଖ୍ୟ ଡା. ଜୋଶ କୁମାର ସାହୁ, ମଣ୍ଟୁ ପ୍ରଧାନ, ଦେବାଶିଷ ମିଶ୍ରଙ୍କ ସହିତ ଅନ୍ୟ ସ୍ୱାସ୍ଥ୍ୟକର୍ମୀ ପରିଚାଳନା କରିଥିଲେ। ଶିବିରରେ ନିଖିଳ ଓଡ଼ିଶା ମିନିଟ୍ରକ୍ ମାଲିକ ମହାସଂଘ ସଭାପତି ଗଣେଶ ମାହାରୀ, ରାଉରକେଲା ମିନିଟ୍ରକ ମାଲିକ ସଂଘ ସଭାପତି ସନ୍ୟାସୀ ନାୟକ, ସମ୍ବଲପୁର ଟ୍ରକ୍ ମାଲିକ ସଂଘ ସଭାପତି ସୁରେନ୍ଦର ସିଂ ଯୋଗ ଦେଇଥିଲେ। ସମ୍ବଲପୁର ମିନିଟ୍ରକ୍ ମାଲିକ ସଂଘ ସଭାପତି ରୂପେଶ କୁମାର ପାଣିଗ୍ରାହୀ, ଉପସଭାପତି ସୋହନ ଗବନେ, ସାଧାରଣ ସମ୍ପାଦକ ଭାରତ ଗୋଏଲ ଶିବିର ଆୟୋଜନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

# ଜାତିର ସାମୂହିକ ବିକାଶ ସଙ୍ଗଠନର ମୂଳଲକ୍ଷ୍ୟ

କୁଚିଣ୍ଡା,୯।୨(ବିରଞ୍ଚି ଦର୍ବା)

**ଓରାମ ସମାଜର ବାର୍ଷିକ ସମ୍ମିଳନୀ**

ସମ୍ବଲପୁର ଜିଲା ଜମନକିରା ବ୍ଲକ ଭୋଜପୁର ପଞ୍ଚାୟତ ଅନ୍ତର୍ଗତ ଝାରମୁଣ୍ଡା ଗ୍ରାମରେ ଗୁଦୁରାପଡା ପାରିଶ ଓରାମ ସମାଜର ବାର୍ଷିକ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦେବଗଡ ଜିଲା ଲଇମୁରା, ସମ୍ବଲପୁର ଜିଲାର କୁସୁମୀ, ଭୋଜପୁର ଅଞ୍ଚଳର ସହସ୍ରାଧିକ ଓରାମ ସମାଜର ମହିଳାପୁରୁଷ ଯୋଗ ଦେଇଥିଲେ। ଗୁଦୁରାପଡା କୁଡୁଖ ରାଜା ପାତ୍ରାସ ବାର୍ଲାଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ଡିମିରିମୁଣ୍ଡା ପଞ୍ଚାୟତ ସରପଞ୍ଚ ପ୍ରହଲ୍ଲାଦ ଧୂରୁଆ, କୁଡୁଖ ମହାଦେୱାନ ଦୟାକିଶୋର ମିଞ୍ଜ, ଉପଦେଷ୍ଟା ତଥା ସର୍ବ ଭାରତୀୟ କାଥୋଲିକ ୟୁନିୟନ କୋଷାଧ୍ୟକ୍ଷ ଥୋମାସ ମିଞ୍ଜ,ଏଆଇସିୟୁ ଓଡିଶା ଶାଖା ସଭାପତି ଆନ୍ତ୍ରେସ ତିଗ୍ଗା, ଛୋଟା ନାଗପୁର ରିଜିୟନର ଜାତୀୟ ଆଦିବାସୀ କଳା ସଂସ୍କୃତି ସଂଯୋଜକ ଆଞ୍ଜେଲୁସ ଲାକଡା, କୋଷାଧ୍ୟକ୍ଷ ସୁବାସ ମିଞ୍ଜ, ସମ୍ପାଦକ ଜନକାମିଲ ଲାକଡା, ଲୁଇସ ବାର୍ଲା ଅତିଥିଭାବେ ଯୋଗଦେଇଥିଲେ। ସାମାଜିକ ନିୟମ ଅନୁପାଳନ, ଜାତିର ଉନ୍ନତି ସହ ସାମୂହିକ ବିକାଶ ସଙ୍ଗଠନର ମୂଳ ଉଦ୍ଦେଶ୍ୟ ବୋଲି ଅତିଥିମାନେ ତାଙ୍କ ବକ୍ତବ୍ୟରେ କହିଥିଲେ। ପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।




ସମ୍ମିଳନୀରେ ଯୋଗଦେଇଥିବା ଅତିଥିମାନେ।

# ସୁନ୍ଦରଗଡ଼ ଜୟଦୁର୍ଗା ଏଫସି ଚାମ୍ପିୟନ

ରେଢାଖୋଲ,୯।୨(ଅଚ୍ୟୁତାନନ୍ଦ ପୁରୋହିତ)

**ଭୀମ ଭୋଇ ଚ୍ୟାଲେଞ୍ଜର ଟ୍ରଫି ଫୁଟବଲ**

ସମ୍ବଲପୁର ଜିଲା ରେଢାଖୋଲ ମିନିଷ୍ଟାଡିୟମଠାରେ ଗତ ଦୁଇଦିନ ଧରି ଚାଲିଥିବା ୨୦ତମ ରାଜ୍ୟସ୍ତରୀୟ ଭୀମ ଭୋଇ ଚ୍ୟାଲେଞ୍ଜର ଟ୍ରଫି ଫୁଟବଲ ଟୁର୍ନାମେଣ୍ଟ ରବିବାର ସନ୍ଧ୍ୟା ୫ଟା୩୦ରେ ଉଦ୍‌ଯାପିତ ହୋଇଛି। ଟୁର୍ନାମେଣ୍ଟରେ ସୁନ୍ଦରଗଡର ଜୟଦୁର୍ଗା ଫୁଟବଲ କ୍ଲବ ଚାମ୍ପିୟନ ହୋଇଛି। ରେଢାଖୋଲ ଆଥଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଅନୁଷ୍ଠିତ ଟୁର୍ନାମେଣ୍ଟରେ ରାଜ୍ୟର ୮ଟି ଫୁଟବଲ ଟିମ୍ ଯୋଗଦେଇଥିଲେ। ଉଦ୍‌ଘାଟନୀ ଦିବସରେ ୮ଟି ଦଳ ମଧ୍ୟରେ ଲିଗ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ରବିବାର ପ୍ରଥମ ଓ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ହୋଇଥିଲା। ଫୁଲବାଣୀ ସ୍ପୋର୍ଟ ହଷ୍ଟେଲ ଓ ଜୟଦୁର୍ଗା ଏଫସି ସୁନ୍ଦରଗଡ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଫୁଲବାଣୀ ସ୍ପୋର୍ଟ ହଷ୍ଟେଲକୁ ୩-୧ ଗୋଲରେ ପରାସ୍ତ କରି ଜୟଦୁର୍ଗା କ୍ଲବ ସୁନ୍ଦରଗଡ ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ସମାରୋହରେ ବରଗଡର ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ, ଉପଜିଲାପାଳ ରଶ୍ମିରଞ୍ଜନ ମହାନ୍ତ, ବ୍ଲକ ଅଧକ୍ଷ ପ୍ରଦୀପ ପ୍ରଧାନ, ଏନଏସି ଇଓ ବିରଞ୍ଚି ଧରୁଆ, ବିଜେଡି ନେତା ଅରୁଣ ପ୍ରଧାନ, ରଜନୀ ସେଠ ଅତିଥିଭାବେ ଯୋଗଦେଇଥିଲେ। ବିଜେତା ଦଳକୁ ଟ୍ରଫି ସହ ନଗଦ ୩୦ହଜାର ଟଙ୍କା ଓ ଉପବିଜେତା ଫୁଲବାଣୀ ସ୍ପୋର୍ଟ ହଷ୍ଟେଲ ଦଳକୁ ନଗଦ ୨୦ ହଜାର ଟଙ୍କା ପୁରସ୍କୃତ କରାଯାଇଥିଲା। ଆଲୋକ ଦେହୁରୀ, ଦିଲ୍ଲୀପ କୁମାର ରାଉତ, ରୋଶନ ଖାନ, ପପୁନ ବେହେରା ଓ ସୁଶିଲ ବେହେରା ମ୍ୟାଚଗୁଡିକୁ ପରିଚାଳନା କରିଥିଲେ। ରେଢାଖୋଲ ଆଥଲେଟିକ ଆସୋସିଏଶନ ସମ୍ପାଦକ ବିଶ୍ୱଜିତ ପଣ୍ଡା, ସହସମ୍ପାଦକ ପ୍ରଶାନ୍ତ ରାଉତ, ଘାସୀନାଥ ସାହୁ, ରାଜୀବ ଲୋଚନ ପ୍ରଧାନ, ସନ୍ୟାସୀ ନାଏକ, ପୁଲିନ ଗିରି, ରମେଶ ସିଂ ଟୁର୍ନାମେଣ୍ଟ ଆୟୋଜନରେ ସହଯୋଗ କରିଥିଲେ।



ଅତିଥିଙ୍କଠାରୁ ଚାମ୍ପିୟନ ଦଳ ଟ୍ରଫି ଗ୍ରହଣ କରୁଛନ୍ତି।

## ସଂକ୍ଷେପରେ

### ୬ଷ୍ଠ ହନୁମାନ ସ୍ମାରକୀ ଫୁଟବଲ: ଘସିଏନ ଚାମ୍ପିୟନ

ଲୋଇସିଂହା,୯।୨(ସୁଶାନ୍ତ ବାରିକ)

ରବିବାର ବଲାଙ୍ଗୀର ଜିଲା ଲୋଇସିଂହା ଷ୍ଟାଡିୟମରେ ଚାଲିଥିବା ୬ଷ୍ଠ ହନୁମାନ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲରେ ଟ୍ରାଇବ୍ରେକରରେ ୩-୨ ଗୋଲରେ ବିଲାଇସର୍ଡାକୁ ହରାଇ ଘସିଏନ ଚାମ୍ପିୟନ ହୋଇଛି। ଷ୍ଟାଡିୟମ ଫୁଟବଲ ସଂଘ ଆନୁକୂଲ୍ୟରେ ଗତ ୭ ତାରିଖରେ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ରବିବାର ୨ଟି ସେମିଫାଇନାଲ ଓ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ଏ ଗ୍ରୁପରୁ ବିଲାଇସର୍ଡା ଓ ବି ଗ୍ରୁପରୁ ଘସିଏନ ଫାଇନାଲକୁ ଉନ୍ନୀତ ହୋଇଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ଯୁବ ସାମାଜିକ କର୍ମୀ ଏମଡି ଆକବର ଖାନ ମୁଖ୍ୟଅତିଥି , ଷ୍ଟାଡିୟମ ଆଥଲେଟିକ ସମ୍ପାଦକ ଶିବ କୁମାର ଅଗ୍ରୱାଲ, ବିଭୂତି ଭୂଷଣ ସାହାଣୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଜେତା ଦଳକୁ ଟ୍ରଫି ସହ ୧୦ ହଜାର ଟଙ୍କା ଓ ଉପବିଜେତା ଦଳକୁ ଟ୍ରଫି ସହ ୮ ହଜାର ଟଙ୍କା ଦିଆଯାଇ ପୁରସ୍କୃତ କରାଯାଇଥିଲା। ସୁମିତ, ରମେଶ ଉମେଶ , ଦେବ, ରିଙ୍କୁ, ପିଣ୍ଟୁ, ସୁମନ୍ତ ଓ ବିଷ୍ଣୁ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

# ରାଖୀ ବାନ୍ଧି ଗଛ ଲଗାଇବା ପାଇଁ ନେଲେ ଶପଥ

ଦେଓଗାଁ,୯।୨(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)


ଜରାସିଂହା ବୁଢ଼ିଆଇ ମନ୍ଦିର ପ୍ରାଙ୍ଗଣରେ ପଞ୍ଚବଟ ସୁରକ୍ଷା ଅଭିଯାନ କାର୍ଯ୍ୟକ୍ରମ।

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଜରାସିଂହା ବୁଢ଼ିଆଇ ମନ୍ଦିର ପରିସରରେ ବଲାଙ୍ଗୀର ଟାଙ୍ଗିଆଜାମ କମିଟି ଆନୁକୁଲ୍ୟରେ ପଞ୍ଚବଟ ସୁରକ୍ଷା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କମିଟି ଆବାହକ ବରିଷ୍ଠ ଆଇନଜୀବୀ ଗୋପାଳ ହୋତାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଥମେ ଭଉଣୀମାନେ ଭାଇମାନଙ୍କ ହାତରେ ରାଖୀ ବାନ୍ଧି ପ୍ରତ୍ୟେକ ବ୍ୟକ୍ତି ଅତିକମରେ ୩ଟି ଗଛ ଲଗାଇବା ଓ ତାର ଯତ୍ନ ନେବା ପାଇଁ ଶପଥ ନେଇଥିଲେ। ପରେ ଉପସ୍ଥିତ ୱାର୍ଡ ସଭ୍ୟାସଭ୍ୟମାନଙ୍କୁ ସମ୍ମାନିତ କରାଯାଇଥିଲା। ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଜିଲା ଓକିଲ ସଂଘ ସଭାପତି ଅମ୍ବରୀଶ ତ୍ରିପାଠୀ, ମୁଖ୍ୟବକ୍ତା ଭାବେ ପଥରଚେପା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ କ୍ଷମାନିଧି ଝାଙ୍କର ଯୋଗଦେଇ ବୃକ୍ଷ ଲଗାଇବାର ଉପକାରିତା ବିଷୟରେ ଆଲୋକପାତ କରିଥିଲେ । ଏହାଛଡ଼ା ଜଙ୍ଗଲ ନଷ୍ଟ

### ଜରାସିଂହାରେ ପଞ୍ଚବଟ ସୁରକ୍ଷା ଅଭିଯାନ କାର୍ଯ୍ୟକ୍ରମ

ଦ୍ୱାରା ହେଉଥିବା ଜଳବାୟୁ ପରିବର୍ତ୍ତନ ସହ ଆଗକୁ ମାଡି ଆସୁଥିବା ବିପଦ ଉପରେ ସଚେତନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟା ସୁମତି ସେଠ, ସମିତି ସଭ୍ୟ ଅମିତ ତ୍ରିପାଠୀ, ଖବରଦାତା ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଆଇନଜୀବୀ ଭକ୍ତ ଚରଣ ନାଏକ, ଶିକ୍ଷକ ସଂଘ ସଭାପତି ମନୋରଞ୍ଜନ ସାହୁ, ଅବସରପ୍ରାପ୍ତ ଶିକ୍ଷକ ସଂଘ ସଭାପତି କୁମାର ଷାଣ୍ଡ, ବିଏନଏଏ ସଭାପତି କରୁଣାକର ମେହେର, ସାମାଜିକ କର୍ମୀ ଦୟାନିଧି ମେହେର, ଦେବପ୍ରସାଦ ମେହେର ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଟାଙ୍ଗିଆଜାମ କମିଟିର ଆବାହକ ଗୋପାଳ ହୋତା ଗଛଲତା ଓ ପ୍ରକୃତି ସହ ପୌରାଣିକ ସମ୍ପର୍କ ଉପରେ ପ୍ରବଚନ ହେବା ସହ ବୃକ୍ଷ ଦ୍ୱାରା କିଭଳି ଜଳଚକ୍ର, ପବନଚକ୍ର ଓ ଜୀବଚକ୍ର ପରିଚାଳିତ ହେଉଛି ସେ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଜରାସିଂହା ଓ ଦେଓଗାଁ ଅଞ୍ଚଳର ଶତାଧିକ ପ୍ରକୃତିପ୍ରେମୀ ଉପସ୍ଥିତ ଥିଲେ।

# ଛାତ୍ର ଜୀବନରେ ଶୃଙ୍ଖଳା ଜ୍ଞାନର ଆବଶ୍ୟକତା ଜରୁରୀ

ବେଲପଡ଼ା,୯।୨(ମନୋଜ କୁମାର ମିଶ୍ର)

ବେଲପଡ଼ା ବ୍ଲକ କାନୁଟ ସରକାରୀ ହାଇସ୍କୁଲର ବାର୍ଷିକ ଉତ୍ସବ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷୟିତ୍ରୀ ଜ୍ୟୋତି ସାହୁଙ୍କ ପରିଚାଳନା ଓ ପ୍ରଧାନ ଶିକ୍ଷକ ଶ୍ୟାମ କୁମାର କୁଅଁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବରେ ଅଭିନବ ମିଶ୍ର ବ୍ଲକ ଶିକ୍ଷା ଅଧିକାରୀ ବେଲପଡ଼ା, ସ୍ୱତନ୍ତ୍ର ଅତିଥି ଭାବରେ ନବୋଦୟ ବିଦ୍ୟାଳୟର ପ୍ରିନ୍ସିପାଲ ରାଜ ନାରାୟଣ ମେହେର, ମୁଖ୍ୟବକ୍ତା ଭାବରେ ଡି ଆର ମେହେର ହାଇ ସ୍କୁଲର ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ପଣ୍ଡା ଯୋଗ ଦେଇଥିଲେ। ସେହିପରି ସମ୍ମାନିତ ଅତିଥି ଭାବରେ କାନୁଟ ସରପଞ୍ଚ ଅଶୋକ କୁମାର ମହାପାତ୍ର, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଚତୁର୍ଭୁଜ ମିର୍ଦ୍ଧା, ଏବିଇଓ ଜଗବନ୍ଧୁ ମାଝି, କାନୁଟ ସିଆରସିସି ଲୋହିତ କୁମାର ଗଡତିଆ, ମୋ ସ୍କୁଲ ଅଭିଯାନର ସଭାପତି ମନୋଜ କୁମାର ସାହୁ, ପରିଚାଳନା କମିଟି ସଭାପତି ସଚ୍ଚିଦାନନ୍ଦ ନାୟକ ଯୋଗ ଦେଇଥିଲେ। ଶିକ୍ଷକ ବିଜୟ ବେହେରା

### କାନୁଟ ହାଇସ୍କୁଲର ବାର୍ଷିକ ଉତ୍ସବ

ବାର୍ଷିକ ବିବରଣୀ ପାଠ କରିଥିଲେ। ସଭାରେ ଅତିଥିଗଣ ଛାତ୍ରଜୀବନରେ ଶୃଙ୍ଖଳା ଜ୍ଞାନର ଆବଶ୍ୟକତା ସହ ସୁସ୍ଥ ସମାଜ ଗଠନରେ ନୈତିକ ମୂଲ୍ୟଯୁକ୍ତ ଶିକ୍ଷା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଯିଏ ଯେତେ ଶୃଙ୍ଖଳିତ ସେହି ଛାତ୍ରର ଜୀବନପଥ ଭବିଷ୍ୟତ ସେତେ ଉଜ୍ଜ୍ୱଳମୟ ବୋଲି କହି ବିଭିନ୍ନ ହିତୋପଦେଶ ଦେଇଥିଲେ। ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିଗଣ ପୁରସ୍କୃତ କରିଥିଲେ। ଶିକ୍ଷୟିତ୍ରୀ ନିୟତି ମେହେର, ଚିନ୍ମୟୀ ମହାନନ୍ଦ ପୁରସ୍କାର ବିତରଣୀ ଉତ୍ସବ ପରିଚାଳନା କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯକ୍ରମ ପରିବେଷଣ କରିଥିଲେ। ଛାତ୍ରୀମାନଙ୍କ ଦ୍ୱାରା ପରିବେଷିତ ଶିବ ତାଣ୍ଡବ ବେଶ ଉଚ୍ଚକୋଟୀର ହୋଇଥିଲା। ଶେଷରେ ଶିକ୍ଷକ ଏମ କେ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

### ମୁରିବାହାଲ ବ୍ଲକସ୍ତରୀୟ ଧନୁଯାତ୍ରା ମହୋତ୍ସବ ପାଇଁ ଶୁଭଖମ୍ବ ସ୍ଥାପନ



ମୁରିବାହାଲ,୯।୧(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକସ୍ତରୀୟ ଧନୁଯାତ୍ରା ମହୋତ୍ସବ ଆସନ୍ତା ୧୪ ତାରିଖରୁ ପାଳନ କରାଯିବା ପାଇଁ ରବିବାର ଦିନ ଶୁଭଖମ୍ବ ସ୍ଥାପନ କରାଯାଇଛି । ଏହି ଅବସରରେ କର୍ତ୍ତା ଭାବରେ ତରୁଣ ପୋଢ଼ ଓ ତାଙ୍କ ଧର୍ମପତ୍ନୀ ତପସ୍ୱିନୀ ପୋଢ଼ ଓ ପୂଜକ ଭାବରେ କାଶୀନାଥ ଦାଶ ଉପସ୍ଥିତ ଥିଲେ। ଏହାପୂର୍ବରୁ ମୁରିବାହାଲ ରାଧାକୃଷ୍ଣ ଓ ଶିବ ମନ୍ଦିର ନିକଟରୁ ଏକ ଶୋଭାଯାତ୍ରା ବାହାରି ଧନୁଯାତ୍ରା ପଡିଆରେ ପହଞ୍ଚିଥିଲା। ଏହି ଅବସରରେ ବ୍ଲକସ୍ତରୀୟ ଧନୁଯାତ୍ରା ପରିଚାଳନା କମିଟି ସଭାପତି ଶ୍ରୀବତ୍ସ ବେହେରା, ଉପସଭାପତି ସୁବ୍ରତ କୁମାର ମାହାକୁର, ଲକ୍ଷ୍ମୀକାନ୍ତ ଧରୁଆ, ନିରଞ୍ଜନ ସାହୁ, ବିଶ୍ୱବିହାରୀ ଯୋଶୀ, ଶ୍ୟାମ ସୁନ୍ଦର ଝାଙ୍କର, ଦିବ୍ୟ ସୁନ୍ଦର ସାହୁ, କାର୍ଯ୍ୟକାରୀ ସଭାପତି ରମେଶ କୁମାର ନାଗ, ସୁଦାମ ବଘାର, ସହ ସମ୍ପାଦକ ରାମରଞ୍ଜନ ପାତ୍ର, ଜୟଦୀପ ପୁରୋହିତ, ଶମ୍ଭୁ ପ୍ରସାଦ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ ।

# ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ

ପାଟଣାଗଡ,୯।୨(ସଚ୍ଚିଦାନନ୍ଦ ମହାକୁର)


ଖଟରେ ପଡି ଜୀବନ ସହ ସଂଗ୍ରାମ କରୁଛନ୍ତି ସୋମକାର।

ବଲାଙ୍ଗୀର ଜିଲା ପାଟଣାଗଡ ବ୍ଲକ ବାଲିପଟା ଗାଁର ୮ ବର୍ଷର ବାଳକ ସୋମକାର ମେହେର । ଏକ ମାସ ତଳେ ହଠାତ୍ ତାଙ୍କ ଦେହ ଖରାପ ହୋଇ ଯାଇଥିଲା । ପେଟରେ ଭୀଷଣ ଯନ୍ତ୍ରଣା ହେଉଥିବା ନେଇ ସେ ତାଙ୍କ ପରିବାରବର୍ଗଙ୍କୁ ଜଣାଇଥିଲେ। ପରିବାର ଲୋକେ ତାଙ୍କୁ ପ୍ରଥମେ ପାଟଣାଗଡ ଉପଖଣ୍ଡ ଡାକ୍ତରଖାନା ଓ ପରେ ବଲାଙ୍ଗୀରର ଏକ ଘରୋଇ ଡାକ୍ତରଖାନା ନେଇ ଚିକିତ୍ସା କରାଇଥିଲେ। କିନ୍ତୁ ସ୍ୱାସ୍ଥ୍ୟବସ୍ଥାରେ କୌଣସି ସୁଧାର ନ ଆସିବାରୁ ତାଙ୍କୁ ବିଶାଖାପାଟଣାର ଏକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏହାମଧ୍ୟରେ ବିଭିନ୍ନ ପରୀକ୍ଷାରୁ ସେ କ୍ୟାନସର ଆକ୍ରାନ୍ତ ଜଣାପଡିଥିଲା । ସେଠାରେ ଡାକ୍ତର ତାଙ୍କ ପେଟରେ ଅପରେଶନ କରିଥିବା ବେଳେ କିଛି ଦିନ ରହି ଚିକିତ୍ସିତ ହୋଇଥିଲେ । କିନ୍ତୁ ଅର୍ଥ ଅଭାବରୁ ପରିବାର ଲୋକେ ପୁଅକୁ ଘରକୁ ନେଇ ଆସିଥିଲେ। ହେଲେ ଗରିବ ଶ୍ରେଣୀର ହୋଇଥିବାରୁ ପରବର୍ତ୍ତୀ

### ଜୀବନ ସହ ସଂଗ୍ରାମ କରୁଛନ୍ତି ସୋମକାର

ସମୟରେ ଆବଶ୍ୟକ ଔଷଧ ଦେବା ଓ ଅନ୍ୟାନ୍ୟ ଆନୁସଙ୍ଗିକ ଖର୍ଚ୍ଚ ତୁଲାଇବା ସମ୍ଭବ ହେଉନାହିଁ। ଫଳରେ ସୋମକାର ଘରେ ରହି ଜୀବନ ସହ ସଂଗ୍ରାମ କରୁଛି। ଉପଯୁକ୍ତ ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ। ସୋମକାରଙ୍କ ବାପା ମନୋଜ କୁମାର ମେହେରଙ୍କ ସମେତ ଗାଁର ବିଶ୍ୱ ରଞ୍ଜନ ବାରିକ, ଗୋକୁଳ ମେହେର,ପ୍ରିୟବ୍ରତ ପଣ୍ଡା, ସରୋଜ ମେହେର ପ୍ରମୁଖ ନିକଟରେ ପାଟଣାଗଡ ଉପଜିଲାପାଳ ସୁନୀଲ ମେହେରଙ୍କୁ ଭେଟି ଚିକିତ୍ସା ପାଇଁ ସରକାରୀ ସହାୟତା ଯୋଗାଇ ଦେବାକୁ ଲିଖିତ ଭାବରେ ଜଣାଇଥିଲେ। ଉପଜିଲାପାଳ ମେହେର ୧୦ ହଜାର ଟଙ୍କା ରେଡକ୍ରସ ପାଣ୍ଠିରୁ ଯୋଗାଇ ଦେବା ସହ ସରକାରୀ ସହାୟତା ପାଇଁ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବେ ବୋଲି ପରିବାର ବର୍ଗଙ୍କୁ ପ୍ରତଶ୍ରୁତି ଦେଇଥିବା ଜଣାଯାଇଛି।

### ବେଆଇନ ବାଲି ବୋଝେଇ ହାଇୱା ଜବତ

ଲୋଇସିଂହା,୯।୨(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ତହସିଲ ନଅଗାଁ (କ)ନିକଟ ଦେଇ ବହି ଯାଇଥିବା ଅଙ୍ଗ ନଦୀ ପଠାରୁ ବାଲି ବେଆଇନ ଭାବେ ବିଭିନ୍ନ ସ୍ଥାନକୁ ଚାଲାଣ ହେଉଥିବା ଅଭିଯୋଗ ହୋଇଆସୁଛି । ଏହି ଖବର ପାଇବା ପରେ ବଲାଙ୍ଗୀର ଜିଲା ଖଣି ବିଭାଗ ଅଧିକାରୀ ଚନ୍ଦ୍ରକାନ୍ତ ମହନ୍ତ, ଆଗଲପୁର ପୋଲିସ ଅଧିକାରୀ ବାସୁଦେବ ଭୋଇଙ୍କ ନେତୃତ୍ୱରେ ଏକ ଟିମ୍ ଚଢାଉ କରିଥିଲା । ଚଢ଼ାଉ ସମୟରେ ଚାଲାଣ ହେବା ପାଇଁ ରଖା ଯାଇଥିବା ଏକ ବାଲି ଭର୍ତ୍ତି ହାଇୱା ଓ ବାଲି ଲୋଡ କରୁଥିବା ଏକ ବଡ଼ ଚେନ ମେଶିନକୁ ଜବତ କରାଯାଇଥିବା ଜଣାପଡିଛି। ଶନିବାର ରାତିରେ ଏକ ଚେନ ମେଶିନ ଦ୍ୱାରା ବାଲି ଚୋରାଚାଲାଣ ହେଉଥିବା ଜଣାପଡିଥିଲା। ପ୍ରତିଦିନ ଉକ୍ତ ଅଞ୍ଚଳରୁ ହାଇୱା ଯୋଗେ ଶହ ଶହ ଟ୍ରିପ ବାଲି ଚୋରା ଚାଲାଣ ହେଉଥିବା ଅଭିଯୋଗ ହେଉଛି। ତେବେ କିଏ ଏହି ବାଲି ଚାଲାଣ କରୁଛି ତାହା ସ୍ପଷ୍ଟ ହୋଇ ନ ଥିବା ବେଳେ ଗାଇସିଲେଟ ତହସିଲରେ ବାଲିଘାଟ ଠିକା ନେଇଥିବା ଠିକାଦାର ସ୍ଥାନୀୟ ଅଞ୍ଚଳର କେତେଜଣ ବ୍ୟକ୍ତିଙ୍କୁ ହାତ କରି ଏହି କାରବାର ଚଳାଇଥିବା କୁହାଯାଉଛି। ଏହି ବାଲି ଜିଲା ତଥା ରାଜ୍ୟ ବାହାରକୁ ଚାଲାଣ ହେଉଥିବା ଅଭିଯୋଗ ହେଉଛି। ତେବେ ବେଆଇନ ଚାଲାଣକାରୀମାନେ ସ୍ଥାନୀୟ ବିଧାୟକଙ୍କ ଅନୁଗତଙ୍କୁ ଧରି ମାମଲା ରଫାଦଫା କରିବାକୁ ଖଣି ବିଭାଗ ଉପରେ ଚାପ ପକାଇଥିବା କୁହାଯାଉଛି।

# ସାମ୍ବାଦିକଙ୍କ ସୁରକ୍ଷା ଓ ସମ୍ମାନ ନିତାନ୍ତ ଜରୁରୀ


ବାର୍ଷିକ ଉତ୍ସବ ଅବସରରେ ଅତିଥିବୃନ୍ଦ।

କଣ୍ଟାବାଞ୍ଜି,୯।୨(ଗୁରୁ ଦୟାଲ ହଂସ)

ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ରବିବାର ଦିନ ବଙ୍ଗୋମୁଣ୍ଡା ସାମ୍ବାଦିକ ସଂଘର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଥମେ ବଙ୍ଗୋମୁଣ୍ଡା ଗାଁର ଅଧିଷ୍ଠାତ୍ରୀ ଦେବୀ ମା' ଦ୍ୱାରସେନୀଙ୍କ ପୂଜାର୍ଚ୍ଚନା କରାଯିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ସଂଘ ସଭାପତି ରଶ୍ମିରଞ୍ଜନ ପୁଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବଙ୍ଗୋମୁଣ୍ଡା ବ୍ଲକ ସରପଞ୍ଚ ସଂଘ ସଭାପତି ଅଜିତ କୁମାର ଯୋଶୀ, ମୁଖ୍ୟବକ୍ତା ଭାବେ ସ୍ତମ୍ଭକାର ରାଜୀବ ସଗରିଆ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ କେଶବ ନାରାୟଣ ଜୈନ, ସାମାଜିକ କର୍ମୀ ସୁରଥ ବେହେରା,ସଂଘର ସାଧାରଣ ସମ୍ପାଦକ ହୁଲେଶ୍ୱର ହଂସ, ଲୋକଶକ୍ତି ଅନୁଷ୍ଠାନର ନିର୍ଦ୍ଦେଶକ ଅଜିତ ପ୍ରଧାନ,ସାମ୍ବାଦିକ ସଂଘର ଉପଦେଷ୍ଟା ଅର୍ଦ୍ଧେନ୍ଦୁ ଯାଦବ, ସଂଘର ଉପସଭାପତି ସୁଶାନ୍ତ ବେହେରା,ଅନିଲ ତ୍ରିପାଠୀ, ସାମ୍ବାଦିକ ପୁଷ୍ପକେତୁ ବେହେରା,ଉଦ୍ଧବ ବେହେରା ଯୋଗ ଦେଇଥିଲେ । ଅତିଥିମାନେ ବଙ୍ଗୋମୁଣ୍ଡା ଅଞ୍ଚଳର ସମସ୍ୟାକୁ

### ବଙ୍ଗୋମୁଣ୍ଡା ସାମ୍ବାଦିକ ସଂଘର ବାର୍ଷିକ ଉତ୍ସବ

ଲୋକଲୋଚନକୁ ଆଣିବାରେ ସାମ୍ବାଦିକଙ୍କର ନିରନ୍ତର ପ୍ରୟାସକୁ ପ୍ରଶଂସା କରିଥିଲେ। ସାମ୍ବାଦିକମାନଙ୍କ ସୁରକ୍ଷା, ସମ୍ମାନ ଓ ପେନସନ ପ୍ରଦାନ ପାଇଁ ଅତିଥିମାନେ ଦାବି କରିଥିଲେ। ସାମ୍ବାଦିକମାନେ ଗ୍ରାଉଣ୍ଡ ଜିରୋକୁ ଯାଇ ସାଧାରଣ ଲୋକଙ୍କ ସମସ୍ୟାକୁ ପ୍ରଶାସନ ଓ ସରକାରଙ୍କ ନିକଟରେ ଖବର ମାଧ୍ୟମରେ ପହଞ୍ଚାଇବା ପାଇଁ ଅତିଥିମାନେ ଆହ୍ୱାନ କରିଥିଲେ। ସଂଘର ସାଧାରଣ ସମ୍ପାଦକ ହୁଲେଶ୍ୱର ହଂସ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ସଂଘ ପକ୍ଷରୁ ଅତିଥିମାନଙ୍କୁ ସ୍ମୃତିଫଳକ ଓ ଚାରା ପ୍ରଦାନ କରାଯାଇଥିଲା। କାର୍ଯ୍ୟକାରୀ ସଭାପତି ଅଶୋକ ନାରାୟଣ ଭୋଇ ସଭା ସଂଯୋଜନା କରିଥିବା ବେଳେ ଉପସଭାପତି ସୁଶାନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଉପଦେଷ୍ଟା ଅଶୋକ ଖମାରୀ, ସହ ସମ୍ପାଦକ ଦିନେଶ ଜୈନ, ସୁଶାନ୍ତ ଥନାପତି, ସ୍ୱେଚ୍ଛାସେବୀ ଭକ୍ତବନ୍ଧୁ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଏଥିରେ ବିଭିନ୍ନ ସଂଗଠନର କର୍ମକର୍ତ୍ତାମାନେ ସାମିଲ ହୋଇଥିଲେ।

# ତୁଷୁରାରେ ଜବରଦଖଲ ଉଚ୍ଛେଦ

ଗୁଡଭେଲା,୯।୨(ମନୋଜ କୁମାର ଜୈନ)


ଜବରଦଖଲ ଉଚ୍ଛେଦ କରାଯାଉଛି।

ବଲାଙ୍ଗୀର ଜିଲା ତୁଷୁରା ଏନଏସି ସହର ସ୍ଥିତ ବିହାରୀପଡାଠାରୁ ତୁଷୁରା ଅଗ୍ରସେନ ଭବନ ପର୍ଯ୍ୟନ୍ତ ଜବରଦଖଲ ଉଚ୍ଛେଦ କରାଯାଇଛି। ରାସ୍ତା ପ୍ରଶସ୍ତିକରଣ ଓ ଡ୍ରେନ ନିର୍ମାଣ ପାଇଁ ଏହି ପଦକ୍ଷେପ ନିଆଯାଇଛି। ତୁଷୁରା ତହସିଲଦାର ତଥା ଅତିରିକ୍ତ ଦାୟିତ୍ୱରେ ଥିବା ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଆର୍ତ୍ତତ୍ରାଣ ଥାର୍ଟି, ତୁଷୁରା ଥାନାଧିକାରୀ ମନୋଜ ପ୍ରଧାନ ଓ ଏନଏସି କର୍ମଚାରୀ ଉପସ୍ଥିତ ରହି ଉଚ୍ଛେଦ କାର୍ଯ୍ୟ କରିଥିଲେ।

### ମାହେଶ୍ୱରୀ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ବଲାଙ୍ଗୀର,୯।୨(ବୀରେନ୍ଦ୍ର କୁମାର ଝାଙ୍କର)

ସ୍ୱେଚ୍ଛାସେବୀ ସଙ୍ଗଠନ ମାହେଶ୍ୱରୀ ପକ୍ଷରୁ ରବିବାର ୱାର୍ଡ ନମ୍ବର ୧ସ୍ଥିତ ଚମାରପଡାଠାରେ କିଶୋରୀ ଓ ମହିଳାମାନଙ୍କ ପାଇଁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ କିଶୋରୀ ତଥା ମହିଳା ଉପସ୍ଥିତ ଥିଲେ। ଋତୁସ୍ରାବଜନିତ ସମସ୍ୟା ଯୋଗୁ ମହିଳାମାନେ କିଭଳି ରୋଗାକ୍ରାନ୍ତ ଓ ଅନ୍ୟାନ୍ୟ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଆଲୋଚନା ହୋଇଥିଲା। ଏ ସଂକ୍ରାନ୍ତରେ ବିଭିନ୍ନ ପ୍ରକାର ଅନ୍ଧବିଶ୍ୱାସର ମଧ୍ୟ ବଶବର୍ତ୍ତୀ ହୋଇଥାନ୍ତି ବୋଲି କୁହାଯାଇଥିଲା। ସ୍ୱଚ୍ଛତା ଓ ସଂଯମତା ବିଷୟରେ ପ୍ରଶିକ୍ଷିକା ସୁଶ୍ରିତା ଠାକୁର କିଶୋରୀମାନଙ୍କୁ ଫଟୋ ଓ ଭିଡିଓ ମାଧ୍ୟମରେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବିଷୟ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଅଞ୍ଜଳି ବାଗ ସହଯୋଗ କରିଥିଲେ । ମାହେଶ୍ୱରୀ ସଙ୍ଗଠନର ସଦସ୍ୟ ଆଶୁତୋଷ ବାଗ ଓ ଜ୍ୟୋତି ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆଗାମୀ ଦିନରେ ବଲାଙ୍ଗୀରର ଅନ୍ୟ ୱାର୍ଡରେ ଏଭଳି କାର୍ଯ୍ୟକ୍ରମ କରାଯିବ ବୋଲି ଅନୁଷ୍ଠାନ ପରିଚାଳନା ନିର୍ଦ୍ଦେଶକ ଅଙ୍କୁଶ କୁମାର ପାଣ୍ଡିଆ ସୂଚନା ଦେଇଥିଲେ।

# ଆମ୍ବଚାରା ଲଗାଇ ଚାଷୀ ହଟହଟା

ଲାଠୋର,୯।୨(ଭୁବନେଶ୍ୱର ବାରିକ)


ନିଜ ଚାଷ ଜମିରେ ଆମ୍ବ ଚାରା ରୋପଣ କରିଥିବା ଜଣେ ଚାଷୀ।

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କରୁଆଁଝର ପଞ୍ଚାୟତ ସାନଗୁର୍ଜିଭଟା ଗ୍ରାମର ଚାଷୀ ବିଦେଶୀ ଛତ୍ରିଆ, ଜଗବନ୍ଧୁ ଛତ୍ରିଆ ଓ ସୁରେଶ କୁମୁରା ନିଜ ନିଜ ଚାଷ ଜମିରେ ଉନ୍ନତମାନର ଆମ୍ବ ଚାରା ଲଗାଇଛନ୍ତି । କିନ୍ତୁ ଉଦ୍ୟାନ ବିଭାଗ ପକ୍ଷରୁ ଏ ବାବଦ ପ୍ରାପ୍ୟ ପାଇବାରେ ବିଳମ୍ବ ଯୋଗୁ ନାନା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ୨୦୨୪ ଅଗଷ୍ଟରେ ଉପରୋକ୍ତ ୩ ଜଣ ଚାଷୀଙ୍କୁ ଉଦ୍ୟାନ ବିଭାଗ ପକ୍ଷରୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ସାମିଲ କରାଯାଇ ୪ ଲକ୍ଷ ୭୬ ହଜାର ୭ ଶହ ଟଙ୍କା ବ୍ୟୟରେ ୨ ଶହ ଲେଖାଏ ଉନ୍ନତମାନର ଆମ୍ବ ଚାରା ଲଗାଇବା ପାଇଁ ନିର୍ଦ୍ଦେଶ ଦିଆଗଲା। ତଦନୁଯାୟୀ ଚାଷୀମାନେ ଚାରା ଲଗାଇ ଥିଲେ । ବର୍ତ୍ତମାନ ଆମ୍ବ ଚାରା ବଢି ପ୍ରାୟ ୩ ଫୁଟ ଲେଖାଏ ହେଲାଣି। ହେଲେ ଚାଷୀମାନଙ୍କୁ ମାତ୍ର ୨୫ ହଜାର ଲେଖାଏ ଟଙ୍କା ବର୍ତ୍ତମାନ ପର୍ଯ୍ୟନ୍ତ ଦିଆଯାଇଛି । ବାକି ବଳକା ଟଙ୍କା ଦେବାରେ ବିଳମ୍ବ କରାଯାଉଛି। ଚାଷୀମାନେ ଟଙ୍କା ପ୍ରଦାନ ପାଇଁ ଗତ ଡିସେମ୍ବର ମାସରୁ ଡିମାଣ୍ଡ ଦେଇଥିଲେ ମଧ୍ୟ ବର୍ତ୍ତମାନ ଯାଏ ଟଙ୍କା ମିଳିନାହିଁ । ଉଦ୍ୟାନ ସାଥୀଙ୍କୁ ବାରମ୍ବାର ସାକ୍ଷାତ କରି ଅନୁରୋଧ କରୁଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ।

### ଟଙ୍କା ମିଳିବାରେ ବିଳମ୍ବ

ଫଳରେ ଚାଷୀମାନଙ୍କୁ ନାନା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି । ଚାରା ବଞ୍ଚାଇ ରଖିବା ପାଇଁ ବିଭିନ୍ନ ଖର୍ଚ୍ଚ ବାବଦକୁ ସେମାନେ ଟଙ୍କା ଦେବା କଷ୍ଟକର ହେଉଛି । ଏନେଇ ଖପ୍ରାଖୋଲ ଉଦ୍ୟାନ ବିଭାଗ ସହ ଅଧିକାରୀ ଜିନିତା ବରୁଆଙ୍କୁ ପଚାରିବାରେ ବର୍ତ୍ତମାନ ପର୍ଯ୍ୟନ୍ତ ଆମ ବିଭାଗର ଆଇଡି ପାସୱାର୍ଡ ଆସି ନ ଥିବାରୁ ସମସ୍ୟା ଉପୁଜିଛି ବୋଲି କହିଥିଲେ । ଅପରପକ୍ଷରେ କେବେ ଆଇଡି ପାସୱାର୍ଡ ଆସିବ ଏବଂ ଟଙ୍କା ପ୍ରଦାନ କରାଯିବ ତାହା ଜଣାପଡୁନାହିଁ ବୋଲି ଚାଷୀମାନେ କହିଛନ୍ତି । ଯଥାଶୀଘ୍ର ଚାଷୀମାନଙ୍କୁ ଟଙ୍କା ପ୍ରଦାନ ନ କଲେ ଆଗାମୀ ଦିନରେ ସେମାନେ ଆମ୍ବ ଚାରା ବଞ୍ଚାଇ ରଖିବା କଷ୍ଟକର ହୋଇପଡିବ ବୋଲି ପ୍ରକାଶ କରିଛନ୍ତି ।


## ଜାତୀୟ ରାଜଧାନୀ କ୍ଷେତ୍ର ଯୋଜନା ପରିଷଦ

(ଆବାସ ଏବଂ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଅଧୀନରେ ଏକ ବୈଧାନିକ ନିକାୟ)
୧ମ ମହଲା, କୋର୍-୪ବି, ଇଣ୍ଡିଆ ହାବିଟାଟ୍ ସେଣ୍ଟର, ଲୋଧି ରୋଡ୍, ନୂଆଦିଲ୍ଲୀ - ୧୧୦୦୦୩

ଫାଇଲ୍ ନଂ. ୯୧୮୯୫୧
ଜାତୀୟ ରାଜଧାନୀ କ୍ଷେତ୍ର ଯୋଜନା ପରିଷଦରେ ନିମ୍ନଲିଖିତ ପଦବୀ ନିମନ୍ତେ ନିମ୍ନପ୍ରଦତ୍ତ ବିବରଣୀ ଅନୁଯାୟୀ ଇଚ୍ଛୁକ ଏବଂ ଯୋଗ୍ୟ ପ୍ରାର୍ଥୀମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି:-

| ପଦବୀର ନାମ | ନିଯୁକ୍ତିର ପଦ୍ଧତି | ବେତନ ହାର |
|---|---|---|
| ଷ୍ଟେନୋଗ୍ରାଫର୍ ଗ୍ରେଡ୍ ସି | ପ୍ରତ୍ୟକ୍ଷ ନିଯୁକ୍ତି ଦ୍ୱାରା | ସ୍ତର-୭ (₹୪୪,୯୦୦-୧,୪୨,୪୦୦) ପେ' ମାଟ୍ରିକ୍ସରେ । |
| ଷ୍ଟେନୋଗ୍ରାଫର୍ ଗ୍ରେଡ୍ ଡି | ପ୍ରତ୍ୟକ୍ଷ ନିଯୁକ୍ତି ଦ୍ୱାରା | ସ୍ତର-୪ (₹୨୫,୫୦୦-୮୧,୧୦୦) ପେ' ମାଟ୍ରିକ୍ସରେ । |
| ମଲ୍ଟି-ଟାସ୍କିଂ ଷ୍ଟାଫ୍ (ଏମ୍‌ଟିଏସ୍) | ପ୍ରତ୍ୟକ୍ଷ ନିଯୁକ୍ତି ଦ୍ୱାରା | ସ୍ତର-୧ (₹୧୮,୦୦୦-୫୬,୯୦୦) ପେ' ମାଟ୍ରିକ୍ସରେ । |

ସବୁ ଦୃଷ୍ଟିରୁ ବିଧିବଦ୍ଧ ଭାବେ ସମ୍ପୂର୍ଣ୍ଣ ଏବଂ ପ୍ରାର୍ଥୀଙ୍କ ଦ୍ୱାରା ସ୍ୱାକ୍ଷରିତ ନିର୍ଦ୍ଧାରିତ ଫର୍ମାଟ୍‌ରେ ଦରଖାସ୍ତ ସହିତ କାଗଜପତ୍ର ଇତ୍ୟାଦିର ସେଲ୍‌ଫ-ଆଟେଷ୍ଟେଡ୍ ପ୍ରତିଲିପି ସମେତ ଦରଖାସ୍ତ ଦେୟ ବାବଦରେ ଏନ୍‌ସିଆର୍ ଯୋଜନା ପରିଷଦ ସପକ୍ଷରେ ନୂଆଦିଲ୍ଲୀଠାରେ ପୈଠଯୋଗ୍ୟ ₹୧୦୦ର ଆଇପିଓ/ଡିମାଣ୍ଡ ଡ୍ରାଫ୍ଟ (ଅଣ-ଫେରସ୍ତଯୋଗ୍ୟ) ସଭ୍ୟ ସଚିବ, ଏନ୍‌ସିଆର୍ ଯୋଜନା ପରିଷଦ, ୧ମ ମହଲା, କୋର୍-୪ବି, ଇଣ୍ଡିଆ ହାବିଟାଟ୍ ସେଣ୍ଟର, ଲୋଧି ରୋଡ୍, ନୂଆଦିଲ୍ଲୀ-୧୧୦୦୦୩ଙ୍କ ନିକଟରେ ପହଞ୍ଚିବା ଆବଶ୍ୟକ ।
ଦରଖାସ୍ତ ଦେୟ ଅନ୍‌ଲାଇନ୍‌ରେ ମଧ୍ୟ ପୈଠ କରାଯାଇପାରିବ ।
ପଦବୀଗୁଡ଼ିକର ସଂଖ୍ୟା, ଯୋଗ୍ୟତା ମାନଦଣ୍ଡ, ଶିକ୍ଷାଗତ ଯୋଗ୍ୟତା, ସଂରକ୍ଷଣ, ବୟସ, ଦରଖାସ୍ତ ଫର୍ମର ଫର୍ମାଟ୍, ଅନ୍‌ଲାଇନ୍ ଦେୟ ପରିଶୋଧର ବିବରଣୀ ଏବଂ ଦରଖାସ୍ତ ପ୍ରାପ୍ତିର ଶେଷ ତାରିଖ ଆଦି ବିବରଣୀ ଆମର ୱେବ୍‌ସାଇଟ୍ https://ncrpb.nic.inରେ ଉପଲବ୍ଧ ।
କୌଣସି କାରଣ ନ ଦର୍ଶାଇ ଉପରୋକ୍ତ ପଦବୀଗୁଡ଼ିକୁ ପୂରଣ ନ କରିବାର ଅଧିକାର ପରିଷଦ ନିକଟରେ ସଂରକ୍ଷିତ ।
CBC 44103/12/0010/2425 ସ୍ୱା./- (ସଭ୍ୟ ସଚିବ)

# ଭୀମଭୋଇଙ୍କ ସାହିତ୍ୟ ଭକ୍ତି ଯୁଗର ଶ୍ରେଷ୍ଠ କୃତି

ସୋନପୁର,୯।୨(ମୃତ୍ୟୁଞ୍ଜୟ ଶତପଥୀ)

ମହିମା ଧର୍ମ ଶୂନ୍ୟବାଦର ଦର୍ଶନ ଉପରେ ଆଧାରିତ। ଏହା ଓଡ଼ିଶାରେ ନିର୍ଗୁଣ ଭକ୍ତି ପରମ୍ପରାର ବଳିଷ୍ଠ ଉଦାହରଣ। ମହିମା ଧର୍ମ ଓ ଭୀମଭୋଇଙ୍କ ସାହିତ୍ୟ ଭକ୍ତି ଯୁଗର ଶ୍ରେଷ୍ଠ କୃତି। ଭୀମ ଭୋଇ ଓ ମହିମା ଧର୍ମ ଉପରେ ଆୟୋଜିତ ଏକ ଆଲୋଚନାଚକ୍ର ମାଘମେଳି-୨୦୨୫ରେ ଗବେଷକ, କବି ଓ ବିଶିଷ୍ଟ ବ୍ୟକ୍ତିମାନେ ଏହି ମତପ୍ରକାଶ କରିଛନ୍ତି।

ସୁବର୍ଣ୍ଣପୁର ଜିଲା ସଂସ୍କୃତି ଭବନ ପରିସରରେ ମୂଳନିବାସୀ ସାହିତ୍ୟିକ ଆଖଡା ପକ୍ଷରୁ ରବିବାର ଏହି ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ଭୀମଭୋଇଙ୍କ ଭଜନ ଗାନ ଓ ଆରତୀ ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପ୍ରଥମ ଅଧିବେଶନରେ ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱ ବିଦ୍ୟାଳୟ ଭୀମ ଭୋଇ ଚେୟାର ଅଧ୍ୟକ୍ଷ ଡ ପ୍ରଦୀପ କୁମାର ପଣ୍ଡା ଯୋଗଦାନ କରି ମହିମା ଧର୍ମ କେମିତି ଆନୁଷ୍ଠାନିକ ଧର୍ମ କବଳିତ ସେ ସମ୍ପର୍କରେ ଆଲୋଚନା କରିଥିଲେ। ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଭିନ୍ନ ସମୟରେ ଆଲୋଚନାଚକ୍ର ଜରିଆରେ



ମାଘମେଳି-୨୦୨୫ରେ ଅତିଥି ଓ ଗବେଷକ।

ଭୀମଭୋଇଙ୍କ ଜୀବନ, ଦର୍ଶନ ଓ ସାହିତ୍ୟ ଚର୍ଚ୍ଚା ସମ୍ପର୍କରେ ସୂଚନା ଦେଇଥିଲେ। କବି ତଥା କଥାକାର ମିୟୋଗ ପାତ୍ର ମହିମା ଧର୍ମର ଦର୍ଶନ ତଥା ଶୂନ୍ୟବାଦର ମହତ୍ତ୍ୱ ଉପରେ ବୁଝାଇଥିଲେ। କବି ଓ ଗବେଷିକା ସୁଜାତା ସାହାଣି ଓଡ଼ିଆ ସାହିତ୍ୟରେ ଭୀମ ଭୋଇ କିଭଳି ପ୍ରଚଳିତ ବ୍ୟବସ୍ଥା ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ

**ଭୀମଭୋଇ ଓ ମହିମା ଧର୍ମ ଉପରେ ଆଲୋଚନାଚକ୍ର**

ସେ ଉପରେ ବର୍ଣ୍ଣନା କରିଥିଲେ। ମହିମା ଧର୍ମର ଗବେଷକ ରମାକାନ୍ତ ନାଏକ ନିଜ ପରିବାରରେ ମହିମା ଧର୍ମକୁ କିଭଳି ପାଳନ କାରାଯାଏ ଓ ସେ ସମ୍ପର୍କରେ ଲୋକଗୀତକୁ ନେଇ ବିସ୍ତୃତ ଆଲୋଚନା କରିଥିଲେ।

ଦ୍ୱିତୀୟ ଅଧିବେଶନରେ ଐତିହାସିକ ତଥା ଗବେଷକ ଫନିନ୍ଦ୍ରମ ଦେଓ ଭୀମଭୋଇଙ୍କ ଐତିହାସିକ ଉଦୟ ଉପରେ ଅନେକ ତଥ୍ୟ ପ୍ରଦାନ କରିଥିଲେ। ରେଣ୍ଡୋ ମାଝୀଙ୍କ କନ୍ଧ ମେଳି ସହ କନ୍ଧ ଆନ୍ଦୋଳନ ଓ ଭୀମ ଭୋଇଙ୍କ ସମ୍ପର୍କରେ ସେ ଆଲୋଚନା କରିଥିଲେ। କବି ଓ ଗବେଷକ ବାସୁଦେବ ସୁନାନି ଓଡ଼ିଆ ସାହିତ୍ୟରେ ଭୀମଭୋଇଙ୍କ ଭୂମିକା ଓ ପ୍ରାସଙ୍ଗିକତା ଉପରେ ଆଲୋଚନା କରିଥିଲେ। ନବ କିଶୋର ଦୀପ ଭୀମଭୋଇଙ୍କ ଜନ୍ମ ବୃତ୍ତାନ୍ତକୁ ବର୍ଣ୍ଣନା କରିବା ସହ ଅନେକ ଐତିହାସିକ ତଥ୍ୟ ଉପସ୍ଥାପନା କରିଥିଲେ। ଅଧ୍ୟାପକ ସିଦ୍ଧାର୍ଥ ପ୍ରଧାନ ଭୀମଭୋଇ ଏକାଧାରରେ ଜାତିବାଦ ବିରୋଧି, ପୁଞ୍ଜିବାଦ ବିରୋଧୀ, ରାଜତନ୍ତ୍ର ବିରୋଧୀ, ନାରୀବାଦୀ ଓ ପରିବେଶବାଦୀ ଥିଲେ ବୋଲି ତଥ୍ୟ ଉପସ୍ଥାପନା କରିଥିଲେ। ସର୍ବେଶ୍ୱର ବେହେରା ମହିମା ଧର୍ମ ଉପରେ ଏକ ଗୀତ ଗାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୂଳନିବାସୀ ସାହିତ୍ୟ ଆଖଡାର ସଭ୍ୟ ଚନ୍ଦନ ନାଗ, ମୁକେଶ ସୁନା, ଅଶ୍ୱିନୀ ବାଗ, ପ୍ରଜ୍ଞା କୁଅଁର, ସୁବ୍ରତ ବାରିକ୍ ଓ ହେମନ୍ତ ଦଳପତି ସହଯୋଗ କରିଥିଲେ। ଗାଳ୍ପିକ ଆଦିତେଶ୍ୱର ମିଶ୍ର, ନରେନ୍ଦ୍ର ଭୋଇ, ଅବକାଶ ପ୍ରଧାନ, କବି ଆଶିଷ ମିଶ୍ର, ବେଣୁଧର ପ୍ରଧାନ ଓ ରଞ୍ଜିତା ପଣ୍ଡା ସ୍ୱତନ୍ତ୍ର ନିମନ୍ତ୍ରିତ ଭାବେ ଯୋଗଦାନ କରିଥିଲେ।

# ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ବିଦାୟକାଳୀନ ସମ୍ବର୍ଦ୍ଧନା


ଅଚଣ୍ଡା ହାଇସ୍କୁଲରେ ଅତିଥି,ଶିକ୍ଷକ ଓ ଛାତ୍ରୀଛାତ୍ର।

ଅମରପାଲି,୯।୨(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କେନଝିରିଆପାଲି ପଞ୍ଚାୟତ ଅଚଣ୍ଡା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରୀ ଛାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ସମ୍ବର୍ଦ୍ଧନା ସଭାରେ ବିଦ୍ୟାଳୟ ପ୍ରଧାନଶିକ୍ଷକ ଦଣ୍ଡଧର ପାତ୍ର ଅଧ୍ୟକ୍ଷତା କରିଥିଲେ। ଅନୁଷ୍ଠିତ ସଭାରେ ଶିକ୍ଷକ କ୍ଷୀରୋଦ ପଧାନ, ରାମଚନ୍ଦ୍ର ମହାପାତ୍ର, ଲାଲବାହାଦୁର ମିଶ୍ର, ନାରାୟଣ ନନ୍ଦ ଅତିଥିଭାବେ ମଞ୍ଚାସୀନ ଥିଲେ । ଶିକ୍ଷକ ନାରାୟଣ ନନ୍ଦ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଦଶମ ଶ୍ରେଣୀର ଛାତ୍ରୀଛାତ୍ର ଅଜିତ ପଧାନ, ମୋନାଲିସା ପଧାନ, ରାଜା ପଟନିଆଁ, ପୂଜା କୁମ୍ଭାର, ପ୍ରକାଶ ନାଏକ, ଶୁଭ୍ରାଂଶୁ ବଡ଼ମାଳି, ବାସୁଦେବ ନାଏକ ସ୍କୁଲ ସମୟର ଅନୁଭୂତି ସ୍ମୃତିଚାରଣ କରିଥିଲେ। ଏହାସହିତ ପରୀକ୍ଷାର୍ଥୀଙ୍କୁ ଆଗାମୀ ପରୀକ୍ଷା କିଭଳି ସେମାନଙ୍କୁ ସହଜ ହେବ ସେନେଇ ଶିକ୍ଷକମାନେ ଟିପ୍ସ ପ୍ରଦାନ କରିଥିଲେ। ମନୀଷା ମଞ୍ଜରି ଶାସନି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ।

# ୩୯ ୟୁନିଟ ରକ୍ତ ସଂଗ୍ରହ

ବରପାଲି, ୯।୨(ଚିତ୍ତରଞ୍ଜନ ସାହୁ)

ବରପାଲିର ଆର୍ଟ ଅଫ ଲିଭିଙ୍ଗ ଓ ବରଗଡ଼ର ନିଷ୍ଠା ଅନୁଷ୍ଠାନର ମିଳିତ ସହଯୋଗରେ ତଥା ବରଗଡ଼ ବ୍ଲଡ ବ୍ୟାଙ୍କର ସହାୟତାରେ ବରପାଲିରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ବରପାଲିର ଗଙ୍ଗାଧର ମେହେର କ୍ଲବରେ ଅନୁଷ୍ଠିତ ଏହି ଶିବିରକୁ ବରପାଲି ଫାର୍ମାସୀ କଲେଜ ଅଧ୍ୟକ୍ଷ ତଥା ଗଙ୍ଗାଧର ମେହେର କ୍ଲବ ସଭାପତି ନରେନ୍ଦ୍ର କୁମାର ହୋତା, କ୍ଲବର ସମ୍ପାଦକ ବାଲ କିଶୋର ଖାଡ଼ଙ୍ଗା, ଉପସଭାପତି ପଦ୍ମଲୋଚନ ସାହୁ ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ମୋଟ ୩୯ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଏହି ଶିବିରକୁ ସତ୍ୟନାରାୟଣ ପ୍ରଧାନ, ଉପଗୁପ୍ତ ତ୍ରିପାଠୀ, ଅର୍ଜ୍ଜୁନ ସାହୁ, ସୁବ୍ରତ ଦାଶ, ସୁଦାମ ପ୍ରଧାନ, ନିବୃତ୍ତ ପଣ୍ଡା, ବାସୁଦେବ ପ୍ରଧାନ, ଲକ୍ଷ୍ମୀ ପ୍ରସାଦ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ବାଉଁଶୁଣୀ ଲୋକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା


ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ମଞ୍ଚାସୀନ ଅତିଥି।

ବାଉଁଶୁଣୀ,୯।୨(ଦେବାଶିଷ ନେପାକ)

ବୌଦ୍ଧ ଜିଲା ବାଉଁଶୁଣୀ ଖେଳପଡ଼ିଆ ଠାରେ ଚାଲିଥିବା ଚତୁର୍ଥ ବାଉଁଶୁଣୀ ଲୋକ ମହୋତ୍ସବର ରବିବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ବାଉଁଶୁଣୀ ସାଂସ୍କୃତିକ ପରିଷଦ ସଭାପତି ଉମାଶଙ୍କର ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପୂର୍ବତନ ବିଧାୟକ ମହିଧର ରଣା ମୁଖ୍ୟ ଅତିଥି, କୁଳମଣି ମେହେର ମୁଖ୍ୟବକ୍ତା ଓ ବୌଦ୍ଧ ଏନ୍‌ଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ଅଁଳାପାଲି ସରପଞ୍ଚ ଅଜିତ କୁମାର ମେହେର, ଖଲିଆପାଲି ସରପଞ୍ଚ ସଂଯୁକ୍ତା ମେହେର ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ମକର ମହାରଣା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶ୍ରୀନିବାସ ମେହେର, ଛବିଳ ମେହେର ଓ ତନିଶା ଅଗ୍ରୱାଲ ସାଂସ୍କୃତିକ ମଞ୍ଚ ପରିଚାଳନା କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଦିବ୍ୟରୂପା ବରଗଡ, ଘୁଙ୍ଗୁରୁ କଳା ପରିଷଦ ବାଉଁଶୁଣୀ, ଶ୍ରୀ ଦଶାବତାର ନାଟ୍ୟଶାଳା ଖୋର୍ଦ୍ଧା ଓ ସ୍ଥାନୀୟ ବିଦ୍ୟାଳୟର କଳାକାର ଏବଂ ଦଣ୍ଡ କଳାକାରମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ ହୋଇଥିଲା।

# ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ହରଭଙ୍ଗା,୯।୨(ନରେନ୍ଦ୍ର କୁମାର ସାହୁ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଅନ୍ତର୍ଗତ କରଞ୍ଜକଟା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଧାକର ଜେଠୀ ଅବସର ଗ୍ରହଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ ବାଣୀଭୂଷଣପୁର କ୍ଲଷ୍ଟର ତରଫରୁ ଚାରିଛକ ଏମ୍‌ଇ ସ୍କୁଲ ପ୍ରଧାନଶିକ୍ଷକ ନିର୍ମଳ କୁମାର ରଣାଙ୍କ ସଭାପତିତ୍ୱରେ ରବିବାର ଏକ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ମାନିତ ଅତିଥି ଭାବେ ସିଆରସିସି ହରମୋହନ ଦାନାୟକ, ଲୋକପଡା ୟୁପି ସ୍କୁଲ ପ୍ରଧାନ ଶିକ୍ଷକ ସୁଶୀଲ ଭୋଇ, କରଞ୍ଜକଟା ହାଇସ୍କୁଲ ପ୍ରଧାନଶିକ୍ଷକ ରଞ୍ଜିତ ବେହେରା ପ୍ରମୁଖ ଉପସ୍ଥିତ ରହି ବିଦାୟୀ ପ୍ରଧାନ ଶିକ୍ଷକଙ୍କ ଗୁଣଗାନ କରିଥିଲେ। ପରେ ବିଦାୟୀ ପ୍ରଧାନ ଶିକ୍ଷକ ଜେଠୀଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ବୃନ୍ଦାବନ ସାହୁ, ସତ୍ୟଭାମା ସାହୁ, ରମ୍ୟାରେଖା ବେହେରା, ଲିଙ୍ଗରାଜ କହଁର ଏବଂ ସରିତା ବିଶୋଇ ପ୍ରମୁଖ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

# ସୁବଳୟା କଲେଜରେ ଜାତୀୟ ଯୁବ ଦିବସ


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ଅମରପାଲି,୯।୨(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ସୁବଳୟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ରେଡ଼କ୍ରସ ଆନୁକୂଲ୍ୟରେ ରବିବାର ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ରମାକାନ୍ତ ପୁରୋହିତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ସଭାରେ ପ୍ରାକ୍ତନ ଅଧ୍ୟକ୍ଷ ଭୋଳାନାଥ କର୍ମୀ ମୁଖ୍ୟ ଅତିଥି ଓ ସାମାଜିକ କର୍ମୀ ରାଜୀବ କୁମାର ନାୟକ ମୁଖ୍ୟବକ୍ତା ଭାବେ ଯୋଗଦାନ କରି ସନ୍ଥ ବିବେକାନନ୍ଦଙ୍କ ସ୍ମୃତି ତଥା ତାଙ୍କ ବ୍ରହ୍ମଚର୍ଯ୍ୟ ଜୀବନ ଉପରେ ଆଲୋଚନା କରିଥିଲେ। ଏହି କ୍ରମରେ ସେ ସ୍ୱାମୀଜୀଙ୍କ ବାଣୀ ଉଦ୍ଧାର କରି ଶ୍ରଦ୍ଧାବାନ ହୁଅ, ବୀର୍ଯ୍ୟବାନ ହୁଅ ବୋଲି ଛାତ୍ରୀଛାତ୍ରମାନଙ୍କୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଯୁବ ରେଡକ୍ରସର କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଦେବାଶିଷ ପଧାନ ସ୍ୱାଗତ ଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ।

# କଠିନ ପରିଶ୍ରମ ସଫଳତା ଆଣେ

ବରଗଡ଼,୯।୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ପୌର ପରିଷଦ ଅଧୀନ ଅମ୍ବାପାଲିସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଦଶମ ଶ୍ରେଣୀ(ମାଟ୍ରିକ)ର ମେଧାବୀ ଛାତ୍ରୀଛାତ୍ରଙ୍କ ପାଇଁ ଉଦ୍ଦିଷ୍ଟ କାର୍ଯ୍ୟକ୍ରମ ଇଗ୍ନାଇଟେଡ୍-୫୦ ଉଦ୍‌ଯାପିତ ହୋଇଛି। ପ୍ରଧାନ ଶିକ୍ଷକ ସର୍ବେଶ୍ୱର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁ ମୁଖ୍ୟଅତିଥିଭାବେ ଯୋଗଦାନ କରିଥିଲେ। ନିରନ୍ତର ଅଭ୍ୟାସ, କଠିନ ପରିଶ୍ରମ ମାଧ୍ୟମରେ ହିଁ ସଫଳତା ମିଳେ ବୋଲି ସେ ନିଜ ବକ୍ତବ୍ୟରେ କହିଥିଲେ। ଏହା

**କାର୍ଯ୍ୟକ୍ରମ ଇଗ୍ନାଇଟେଡ୍-୫୦ ଉଦ୍‌ଯାପିତ**

ସହିତ ଆସନ୍ତା ମାଟ୍ରିକ ପରୀକ୍ଷାରେ ଭଲ ପରୀକ୍ଷାଫଳ ପ୍ରଦର୍ଶନ ପାଇଁ ଏଭଳି କାର୍ଯ୍ୟକ୍ରମ ଆୟୋଜନକୁ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ସାହୁ ପ୍ରଶଂସା କରିଥିଲେ। ବରଗଡ଼ ବ୍ଲକ ଶିକ୍ଷା ଅଧିକାରୀ ଡ. ସୁରେନ୍ଦ୍ର କୁମାର ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇ ଉକ୍ତ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ସନ୍ଦେହ ମୋଚନ ପାଇଁ ଶିକ୍ଷାଦାନ କରିଥିବା ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କୁ ଧନ୍ୟବାଦ ଜଣାଇଥିଲେ। ବରଗଡ଼ ଟାଉନ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନମୋହନ ତ୍ରିପାଠୀ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତି ସୁନା, ଗାଇସୀମା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିବଶଙ୍କର ଦାଶ, ଅଡଗାଁ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଯୁଧିଷ୍ଠିର ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ। ଇଗ୍ନାଇଟେଡ୍-୫୦ ଭଳି କାର୍ଯ୍ୟକ୍ରମ ଏକ ଅଭିନବ ପ୍ରୟାସ ଏବଂ ଏହାଦ୍ୱାରା ଛାତ୍ରୀଛାତ୍ରଙ୍କ ପରୀକ୍ଷାଫଳ ଅଧିକ ଉତ୍କୃଷ୍ଟ ହେବ ଏବଂ ଅଧିକାଂଶ ଛାତ୍ରୀଛାତ୍ର ଏ-୧ ଗ୍ରେଡ୍ ହାସଲରେ ସଫଳତା ଅର୍ଜନ କରି ଗୌରବ ଆଣିବେ ବୋଲି ସେମାନେ ମତପ୍ରକାଶ କରିଥିଲେ। ସାଧନକର୍ମୀ ମାନିନୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ଡିଜିଟାଲ ବ୍ୟବହାର ଉପରେ ପ୍ରଶିକ୍ଷଣ

ବରଗଡ଼,୯।୨(ପ୍ରେମାନନ୍ଦ ଖମାରୀ)

ବରଗଡ ବ୍ରହ୍ମାକୁମାରୀ ଆଇଟି ଶାଖା ପକ୍ଷରୁ ସ୍ଥାନୀୟ ରାଣାପ୍ରତାପ ସ୍କୁଲର ଛାତ୍ରୀଛାତ୍ରଙ୍କ ପାଇଁ ଡିଜିଟାଲ ସଚେତନତା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମ କୁମାରୀ ଈଶ୍ୱରୀୟ ବିଦ୍ୟାଳୟ, ମାଉଣ୍ଟଆବୁରୁ ଆସିଥିବା ଇଂ ହିମାଂଶୁ ଶେଖର ସାମଲ ସ୍ମାର୍ଟଫୋନ ଏବଂ ବିଭିନ୍ନ ସୋସିଆଲ ମିଡ଼ିଆର ବହୁଳ ବ୍ୟବହାରର କୁପରିଣାମ ଉପରେ ଛାତ୍ରୀଛାତ୍ରଙ୍କୁ ସଚେତନ କରାଇଥିଲେ। ଡିଜିଟାଲ ଉପକରଣ ବ୍ୟବହାର ଉପରେ ଦୈନିକ ସମୟ ନିର୍ଦ୍ଧାରଣ, ସୋସିଆଲ ମିଡ଼ିଆର ପ୍ରଭାବ ଉପରେ ଚିନ୍ତା କରିବା, ସକାରାତ୍ମକ ସାମଗ୍ରୀ ସେୟାର କରିବା, ମୁହାଁମୁହିଁ କାର୍ଯ୍ୟକଳାପକୁ ପ୍ରାଥମିକତା ଦେବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏହା ସହିତ ଏକାଗ୍ରତା ବୃଦ୍ଧି ପାଇଁ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପ୍ରଶିକ୍ଷଣ ଦେଇଥିଲେ।

# ସ୍ୱପ୍ନ ସାକାର ପାଇଁ କଠୋର ପରିଶ୍ରମ କର

ଅମରପାଲି,୯।୨(ପୀତାମ୍ବର ସାହୁ)

ଉଚ୍ଚାଭିଳାଷୀ ଓ କାର୍ଯ୍ୟରେ ସଫଳତା ପାଇବା ପାଇଁ ସ୍ୱପ୍ନ ଦେଖିବା ଜରୁରୀ। ଯିଏ ନିଜେ ଦେଖିଥିବା ସ୍ୱପ୍ନକୁ ସଫଳ କରିପାରେ ସେ ପ୍ରତି କାର୍ଯ୍ୟରେ ସଫଳତା ପାଇଥାଏ। ତେଣୁ ଛାତ୍ରୀଛାତ୍ରମାନେ ସଫଳ ହେବା ପାଇଁ ସ୍ୱପ୍ନ ଦେଖନ୍ତୁ। ନିଜ ସ୍ୱପ୍ନକୁ ସଫଳ ସାକାର କରିବା ପାଇଁ ଛାତ୍ରୀଛାତ୍ରମାନେ ଏକାଗ୍ରତା ସହିତ କଠୋର ପରିଶ୍ରମ କରନ୍ତୁ। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରରେ ବ୍ଲକ ଖଣ୍ଡହତା ପଞ୍ଚାୟତର ଅଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ରବିବାର ସନ୍ଧ୍ୟା ୫ଟାରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ମଞ୍ଚାସିନ ଅତିଥିମାନେ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି।

ସ୍କୁଲର ପ୍ରଧାନଶିକ୍ଷକ ଗୋପୀନାଥ ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବାର୍ଷିକ ଉତ୍ସବ ସଭାରେ ଖଣ୍ଡହତା ପଞ୍ଚାୟତ ସରପଞ୍ଚ ଜୟଶ୍ରୀ ଦେହୁରୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ସ୍କୁଲର ବିଭିନ୍ନ ସମସ୍ୟାର ସମାଧାନ କରିବା ଦିଗରେ ଦୃଷ୍ଟି ଦେବେ ବୋଲି ମତବ୍ୟକ୍ତ କରିଥିଲେ। ଖଣ୍ଡହତା ରବୀନ୍ଦ୍ର ନାଥ ହାୟର ସେକେଣ୍ଡାରୀ ସ୍କୁଲ ଅଧ୍ୟକ୍ଷ ଜଗବନ୍ଧୁ ବରିହା ମୁଖ୍ୟବକ୍ତା



ଅଡାଲ ୟୁପି ସ୍କୁଲର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

**ଅଡ଼ାଲ ୟୁପି ସ୍କୁଲର ବାର୍ଷିକ ଉତ୍ସବ**

ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ କଠିନ ଅଧ୍ୟୟନ କରିବାକୁ ପରାମର୍ଶ ଦେଇଥିଲେ। ଏହା ସହିତ ନିଜ ଶିକ୍ଷୟିତ୍ରୀ, ଶିକ୍ଷକ, ମା', ବାପା ଓ ବଡ଼ମାନଙ୍କ ଉପଦେଶ ମାନିବାକୁ କହିଥିଲେ। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଡିଙ୍ଗିର ସାହୁ, ବୁଡୀପଦର କ୍ଲଷ୍ଟର ସିଆରସିସି ନୃପଲାଲ ମେହେର ସମ୍ମାନିତ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ। ଶିକ୍ଷକ ଗିରିଜା ଶଙ୍କର ପଣ୍ଡା ସଭା ସଂଯୋଜନା କରିଥିବା ବେଳେ ଦୁର୍ଯ୍ୟୋଧନ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷକ ପ୍ରଧାନ ସ୍କୁଲର ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଶିକ୍ଷକ ଶିଶୁପାଳ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଗତ ବାର୍ଷିକ କ୍ରୀଡାର କୃତି ପ୍ରତିଯୋଗୀଙ୍କ ସହିତ ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ମାନପତ୍ର ପ୍ରଦାନ କରି ପୁରସ୍କୃତ କରାଯାଇଥିଲା। ଛାତ୍ରୀ ଶିଳ୍ପା ପ୍ରଧାନଙ୍କୁ ସ୍କୁଲର ଶ୍ରେଷ୍ଠ ଛାତ୍ରୀ ଓ ଅମିତ କୁମାର ପ୍ରଧାନଙ୍କୁ ଶ୍ରେଷ୍ଠ ଛାତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ବାର୍ଷିକ କ୍ରୀଡାରେ ସବଜୁନିୟର ବର୍ଗ ବାଳିକା ବିଭାଗରେ ଜେଶିକା ବାଘ ଓ ବାଳକ ବିଭାଗରେ ଶିବୁ ସାହୁ , ଜୁନିୟର ବର୍ଗ ବାଳିକା ବିଭାଗରେ ପ୍ରିୟା ବାଦୀ ଓ ବାଳକ ବିଭାଗରେ ବିଶ୍ୱଜିତ ନନ୍ଦ ଏବଂ ସିନିୟର ବର୍ଗ ବାଳିକା ବିଭାଗ ପାଇଁ ପ୍ରାଚୀ ଦେହୁରୀ ଓ ବାଳକ ବିଭାଗ ପାଇଁ ଜଗା ବାଦୀଙ୍କୁ ଚାମ୍ପିୟନ ଭାବେ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଅରବିନ୍ଦ ରଣାଙ୍କ ସଂଯୋଜନାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ସ୍କୁଲର ଛାତ୍ରୀଛାତ୍ରମାନେ ସମ୍ବଲପୁରୀ, ଆଧୁନିକ, ହିନ୍ଦୀ ଓ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ।

**ଜାତୀୟ ରାଜଧାନୀ କ୍ଷେତ୍ର ଯୋଜନା ପରିଷଦ**

(ଆବାସ ଏବଂ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଅଧୀନରେ ଏକ ବୈଧାନିକ ନିକାୟ)

୧ମ ମହଲା, କୋର୍-୪ବି, ଇଣ୍ଡିଆ ହାବିଟାଟ୍ ସେଣ୍ଟର, ଲୋଧି ରୋଡ୍, ନୂଆଦିଲ୍ଲୀ - ୧୧୦୦୦୩

ଫାଇଲ୍ ନଂ. ୯୧୮୯୫୧

ଜାତୀୟ ରାଜଧାନୀ କ୍ଷେତ୍ର ଯୋଜନା ପରିଷଦରେ ନିମ୍ନଲିଖିତ ପଦବୀ ନିମନ୍ତେ ନିମ୍ନପ୍ରଦତ୍ତ ବିବରଣୀ ଅନୁଯାୟୀ ଇଚ୍ଛୁକ ଏବଂ ଯୋଗ୍ୟ ପ୍ରାର୍ଥୀମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି:-

| ପଦବୀର ନାମ | ନିଯୁକ୍ତିର ପଦ୍ଧତି | ବେତନ ହାର |
|---|---|---|
| ଷ୍ଟେନୋଗ୍ରାଫର୍ ଗ୍ରେଡ୍ ସି | ପ୍ରତ୍ୟକ୍ଷ ନିଯୁକ୍ତି ଦ୍ୱାରା | ସ୍ତର-୭ (₹୪୪,୯୦୦-୧,୪୨,୪୦୦) ପେ' ମାଟ୍ରିକ୍ସରେ । |
| ଷ୍ଟେନୋଗ୍ରାଫର୍ ଗ୍ରେଡ୍ ଡି | ପ୍ରତ୍ୟକ୍ଷ ନିଯୁକ୍ତି ଦ୍ୱାରା | ସ୍ତର-୪ (₹୨୫,୫୦୦-୮୧,୧୦୦) ପେ' ମାଟ୍ରିକ୍ସରେ । |
| ମଲ୍ଟି-ଟାସ୍କିଂ ଷ୍ଟାଫ୍ (ଏମ୍‌ଟିଏସ୍) | ପ୍ରତ୍ୟକ୍ଷ ନିଯୁକ୍ତି ଦ୍ୱାରା | ସ୍ତର-୧ (₹୧୮,୦୦୦-୫୬,୯୦୦) ପେ' ମାଟ୍ରିକ୍ସରେ । |

ସବୁ ଦୃଷ୍ଟିରୁ ବିଧିବଦ୍ଧ ଭାବେ ସମ୍ପୂର୍ଣ୍ଣ ଏବଂ ପ୍ରାର୍ଥୀଙ୍କ ଦ୍ୱାରା ସ୍ୱାକ୍ଷରିତ ନିର୍ଦ୍ଧାରିତ ଫର୍ମାଟ୍‌ରେ ଦରଖାସ୍ତ ସହିତ କାଗଜପତ୍ର ଇତ୍ୟାଦିର ସେଲ୍‌ଫ-ଆଟେଷ୍ଟେଡ୍ ପ୍ରତିଲିପି ସମେତ ଦରଖାସ୍ତ ଦେୟ ବାବଦରେ ଏନ୍‌ସିଆର୍ ଯୋଜନା ପରିଷଦ ସପକ୍ଷରେ ନୂଆଦିଲ୍ଲୀଠାରେ ପୈଠଯୋଗ୍ୟ ₹୧୦୦ର ଆଇପିଓ/ଡିମାଣ୍ଡ ଡ୍ରାଫ୍ଟ (ଅଣ-ଫେରସ୍ତଯୋଗ୍ୟ) ସଭ୍ୟ ସଚିବ, ଏନ୍‌ସିଆର୍ ଯୋଜନା ପରିଷଦ, ୧ମ ମହଲା, କୋର୍-୪ବି, ଇଣ୍ଡିଆ ହାବିଟାଟ୍ ସେଣ୍ଟର, ଲୋଧି ରୋଡ୍, ନୂଆଦିଲ୍ଲୀ-୧୧୦୦୦୩ଙ୍କ ନିକଟରେ ପହଞ୍ଚିବା ଆବଶ୍ୟକ । ଦରଖାସ୍ତ ଦେୟ ଅନ୍‌ଲାଇନ୍‌ରେ ମଧ୍ୟ ପୈଠ କରାଯାଇପାରିବ ।

ପଦବୀଗୁଡ଼ିକର ସଂଖ୍ୟା, ଯୋଗ୍ୟତା ମାନଦଣ୍ଡ, ଶିକ୍ଷାଗତ ଯୋଗ୍ୟତା, ସଂରକ୍ଷଣ, ବୟସ, ଦରଖାସ୍ତ ଫର୍ମର ଫର୍ମାଟ୍, ଅନ୍‌ଲାଇନ୍ ଦେୟ ପରିଶୋଧର ବିବରଣୀ ଏବଂ ଦରଖାସ୍ତ ପ୍ରାପ୍ତିର ଶେଷ ତାରିଖ ଆଦି ବିବରଣୀ ଆମର ୱେବ୍‌ସାଇଟ୍ https://ncrpb.nic.inରେ ଉପଲବ୍ଧ ।

କୌଣସି କାରଣ ନ ଦର୍ଶାଇ ଉପରୋକ୍ତ ପଦବୀଗୁଡ଼ିକୁ ପୂରଣ ନ କରିବାର ଅଧିକାର ପରିଷଦ ନିକଟରେ ସଂରକ୍ଷିତ ।

CBC 44103/12/0010/2425 ସ୍ୱା./- (ସଭ୍ୟ ସଚିବ)

**ଜଳୁଛି ଜଙ୍ଗଲ**
କୁଆଁରମୁଣ୍ଡା,(ମହେନ୍ଦ୍ର କୁମାର ସାହୁ): ଗ୍ରୀଷ୍ମଋତୁ ଅବ୍ୟବହିତ ପୂର୍ବରୁ କୁଆଁରମୁଣ୍ଡା ବନ ରେଞ୍ଜରେ ନିଆଁ ଲାଗିଲାଣି। ବୁଧବାର କୁଆଁରମୁଣ୍ଡା ଚାର୍ଡି ସଂରକ୍ଷିତ ଜଙ୍ଗଲରେ ମଧ୍ୟାହ୍ନରେ ନିଆଁ ଲାଗିଛି। ନିଆଁ ହୁତୁହୁତୁ ହୋଇ ଜଳୁଥିଲା ବେଳେ ଜଙ୍ଗଲରେ ଥିବା ବନ୍ୟପ୍ରାଣୀମାନଙ୍କ ଜୀବନ ବିପଦରେ ପଡ଼ିଛି। ଖବର ପାଇ କୁଆଁରମୁଣ୍ଡା ବନ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଉଛନ୍ତି।

## ବାବା ଆଖଣ୍ଡଳମଣି ମନ୍ଦିରର ବାର୍ଷିକ ଉତ୍ସବ

**ଲହୁଣୀପଡ଼ା,୯।୨(ଦାଶରଥି ପଣ୍ଡା)**

ଲହୁଣୀପଡ଼ା ବ୍ଲକ କଲୋନୀ ସ୍ଥିତ ବାବା ଆଖଣ୍ଡଳମଣି ମନ୍ଦିରର ୨୩ତମ ଜନ୍ମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ସନ୍ଧ୍ୟାରେ ଘଟ ଉତ୍ତୋଳନ ଅଧିବାସ ଯଜ୍ଞ କରାଯାଇଥିଲା। ଶନିବାର ସକାଳୁ ପୂଜାର୍ଚ୍ଚନା କରିବା ସହିତ ରୁଦ୍ରଯଜ୍ଞ, ଅଖଣ୍ଡ ଯଜ୍ଞ, ରୁଦ୍ରାଭିଷେକ, ଦଶଭୁଜା ଦୁର୍ଗାଦେବୀ ଓ ରାମଲାଲା, ମା' ତାରିଣୀ, ଜଗନ୍ନାଥ, ଶନିଦେବଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ପୁରନ୍ଦର ବେହେରା ଓ ତାଙ୍କ ସହ ଧର୍ମିଣୀ ଚପଳା ବେହେରା କର୍ତ୍ତା ଦାୟିତ୍ୱ ତୁଲାଇଥିବା ବେଳେ ପଣ୍ଡିତ ଗୁଣନିଧି ମିଶ୍ର, ପିଣ୍ଟୁ ନନ୍ଦ, ବିରେନ୍ଦ୍ର ପତି, ସିପୁନ ପତି ଯଜ୍ଞ ସଞ୍ଚାଳନ କରିଥିଲେ। ନାମଯଜ୍ଞରେ କେନାପଲି, ଥେଣ୍ଟେଇପୋଷ, କପଣ୍ଡ, ଲହୁଣୀପଡ଼ା, ଦର୍ଜାଂ ଗ୍ରାମର କୀର୍ତ୍ତନ ମଣ୍ଡଳୀ ଯୋଗଦେଇ ନାମ ସଂକୀର୍ତ୍ତନ କରିଥିଲେ। ସନ୍ଧ୍ୟାରେ ପୂର୍ଣ୍ଣାହୁତି ଯଜ୍ଞ ଓ ନଗର ପରିକ୍ରମା ଅନୁଷ୍ଠିତ ହୋଇଥିଲା। ବିମଳେନ୍ଦୁ ଦଳ ବେହେରା, ସନ୍ତୋଷ ଭୂୟାଁ, ବିଜୟ କୁମାର ମହାପାତ୍ର, ବିନୋଦ ସା, ଦୁର୍ଯ୍ୟୋଧନ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜଙ୍ଗଲକୁ ନିଆଁରୁ ବଞ୍ଚାଇବା ଚିନ୍ତା



କାର୍ଯ୍ୟକ୍ରମରେ ବନବିଭାଗ କର୍ମଚାରୀଙ୍କ ସହ ଗ୍ରାମବାସୀ।

### ଆରମ୍ଭ ହେଲା ଜନସଚେତନତା ଅଭିଯାନ

**ବନ୍ଧମୁଣ୍ଡା,୯।୨(ସୁବ୍ରତ ଦେ)**

ଗ୍ରୀଷ୍ମ ଋତୁରେ ଜଙ୍ଗଲରେ ନିଆଁକୁ ରୋକିବା ପାଇଁ ବିଶ୍ରା ବନ ବିଭାଗ ପକ୍ଷରୁ ରବିବାର ଜନ ସଚେତନତା ଅଭିଯାନ ଆରମ୍ଭ କରାଯାଇଛି। ବିଶ୍ରା ବ୍ଲକର ବରସୁଆଁ, ସାନ ରାମଲୋଇ, ମହିପାଣି, ଯୋଡାବନ୍ଧ ଗ୍ରାମରେ ବନ ବିଭାଗର ରେଞ୍ଜର ଅସିତ ପଟ୍ଟନାୟକଙ୍କ ନେତୃତ୍ୱରେ ଜଙ୍ଗଲକୁ ନିଆଁରୁ ରକ୍ଷା କରିବା ପାଇଁ ଲଘୁ ନାଟକ ମାଧ୍ୟମରେ ଗ୍ରାମବାସୀଙ୍କ ପାଇଁ ଏକ ସଚେତନତା ଅଭିଯାନ ଆରମ୍ଭ କରାଯାଇଛି। କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ରେଞ୍ଜର ପଟ୍ଟନାୟକ କହିଥିଲେ ଯେ, ଗ୍ରୀଷ୍ମ ଋତୁରେ ଜଙ୍ଗଲରେ ନିଆଁ ଲାଗିବା ପ୍ରାୟତଃ ଦେଖାଯାଏ। ଏହି ଅଗ୍ନିକାଣ୍ଡ ବନ୍ୟପ୍ରାଣୀ ଏବଂ ପରିବେଶ ପ୍ରତି ବିପଦକୁ ବୃଦ୍ଧି କରୁଛି। ନିଆଁରୁ ରକ୍ଷା ପାଇବା ପାଇଁ ବନ୍ୟ ପ୍ରାଣୀମାନେ ଗାଁ ଆଡ଼କୁ ଦୌଡ଼ି ପଳାନ୍ତି, ଯାହା ଫଳରେ ଗ୍ରାମବାସୀଙ୍କ ଜୀବନ ଏବଂ ସମ୍ପତ୍ତି ବିପଦରେ ପଡ଼ିଥାଏ। ତେଣୁ ଜଙ୍ଗଲକୁ ଜଳିବାରୁ ରକ୍ଷା କରିବା ଆମ ସମସ୍ତଙ୍କର କର୍ତ୍ତବ୍ୟ। କାର୍ଯ୍ୟକ୍ରମ ସମୟରେ ବନ ବିଭାଗ ଗ୍ରାମବାସୀମାନଙ୍କୁ କହିଥିଲେ, ଯଦି ଜଙ୍ଗଲରେ କୌଣସି ଅଗ୍ନିକାଣ୍ଡ ଦେଖାଯାଏ ତେବେ ତୁରନ୍ତ ବନ ବିଭାଗକୁ ସୂଚନା ଦେବା ଉଚିତ।

## କୁଆଁରମୁଣ୍ଡା ଏମ୍‌ଆର୍‌ଏଫ୍ ୟୁନିଟ୍ ନିକଟରେ ଅଗ୍ନିକାଣ୍ଡ



ଏମ୍‌ଆର୍‌ଏଫ୍ ୟୁନିଟ ବର୍ଜ୍ୟବସ୍ତୁରେ ନିଆଁ ଲାଗିଛି।

**କୁଆଁରମୁଣ୍ଡା,୯।୨(ମହେନ୍ଦ୍ର କୁମାର ସାହୁ)**

କୁଆଁରମୁଣ୍ଡା ଏମ୍‌ଆର୍‌ଏଫ୍ ୟୁନିଟ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁରେ ରବିବାର ଅପରାହ୍ନ ପ୍ରାୟ ୨ଟାରୁ ନିଆଁ ଲାଗିଛି। ଘଟଣାସ୍ଥଳରେ କୁଆଁରମୁଣ୍ଡା ଫାଣ୍ଡି ପୋଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ପ୍ରଚେଷ୍ଟା ଜାରି ରଖିଛନ୍ତି। ପ୍ରାୟ ୩ ଘଣ୍ଟା ଧରି ନିଆଁ ହୁତୁହୁତୁ ହୋଇ ଜଳୁଥିଲେ ମଧ୍ୟ ନିଆଁ ଆୟତ୍ତ ହୋଇପାରିନାହିଁ। ବିଦ୍ୟୁତ୍ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଏମ୍‌ଆର୍‌ଏଫ୍ ୟୁନିଟ ଭିତରେ ବିଦ୍ୟୁତ ଶର୍ଟସର୍କିଟ ପାଇଁ ସରବରାହ ବିଚ୍ଛିନ୍ନ କରିଛନ୍ତି। କୁଆଁରମୁଣ୍ଡା ଏବିଡିଓ ପ୍ରଶାନ୍ତ ଜେନା, ଫାଣ୍ଡି ଅଧିକାରୀ ଅଭୟ ମହାପାତ୍ର, କୁଆଁରମୁଣ୍ଡା ସରପଞ୍ଚ ରାଜେଶ ହାଁସଦା ଘଟଣାସ୍ଥଳରେ ଉପସ୍ଥିତ ଅଛନ୍ତି। ଏହି ଖବର ପାଇ କୁଆଁରମୁଣ୍ଡା ବିଡିଓ ଜଗଦୀଶ ଚନ୍ଦ୍ର ମହାନନ୍ଦ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବା ପାଇଁ ଦକ୍ଷ ଅଗ୍ନିଶମ କର୍ମଚାରୀମାନଙ୍କୁ ନିଆଁ ଲିଭା କାର୍ଯ୍ୟରେ ଲଗାଇଛନ୍ତି। ପ୍ରାୟ ୪ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବର୍ଜ୍ୟ ପ୍ଲାଷ୍ଟିକ ନଷ୍ଟ ହୋଇଥିବା ସୂଚନା ମିଳିଛି। ନିଆଁ ଲାଗିବାର କାରଣ ସ୍ପଷ୍ଟ ହୋଇନାହିଁ।

## ଟେନ୍‌ସା ଫାଣ୍ଡି ଅଧିକାରୀଙ୍କ ଗାଡ଼ିକୁ ଆକ୍ରମଣ

**ଟେନସା,୯।୨(ସମୀର କୁମାର ପାଢ଼ୀ)**

### ବର୍ତ୍ତିଲେ ଫାଣ୍ଡି ଅଧିକାରୀ, କର୍ମଚାରୀ

ସୁନ୍ଦରଗଡ଼ ଜିଲା ଟେନସା ଫାଣ୍ଡି ନିକଟ ବରସୁଆଁ ରାସ୍ତାରେ ରବିବାର ଏକ ଗୋରୁ ବୋଝେଇ ଗାଡିକୁ ଅଟକାଇଲା ବେଳେ ପୋଲିସ ଗାଡ଼ି ଉପରକୁ ଆକ୍ରମଣ ହୋଇଥିବା ଜଣାପଡିଛି। ସୂଚନା ଅନୁଯାୟୀ, ରବିବାର ପୂର୍ବାହ୍ନ ୧୧ଟାରେ ଟେନସା ପଟୁ ବରସୁଆଁ ଅଭିମୁଖେ ଯାଉଥିବା ୨ଟି ଗୋରୁ ବୋଝେଇ ପିକଅପ ଭ୍ୟାନକୁ ଟେନସା ନିକଟରେ ପୋଲିସ ଅଟକାଇ ଥିଲା। ହେଲେ ଗାଡି ଗୁଡିକ ନ ଅଟକିବାରୁ ଫାଣ୍ଡି ପୋଲିସ ପକ୍ଷରୁ ଗାଡିକୁ ପିଛା କରାଯାଇଥିଲା। ଗାଡ଼ି ଗୁଡ଼ିକ ବରସୁଆଁ ପଟକୁ ଦୃତ ଗତିରେ ଯାଉଥିଲା। ଅଧ ବାଟରେ ଗାଡ଼ି ଗୁଡ଼ିକୁ ପୋଲିସ ଅଟକାଇବାକୁ ପ୍ରୟାସ କରିଥିଲେ ହେଁ ଉକ୍ତ ପିକଅପରେ ଥିବା ବ୍ୟକ୍ତିମାନେ ପୋଲିସ ଗାଡ଼ିକୁ ଧକ୍କା ମାରି ଘାଟି ତଳକୁ ଠେଲି ଦେବାକୁ ପ୍ରୟାସ କରିଥିଲେ। ପୋଲିସ ଗାଡି ଅଳ୍ପକେ ରକ୍ଷା ପାଇଯାଇଛି। ବରସୁଆଁ ରେଳ ଫାଟକ ବନ୍ଦ ଥିବାରୁ ଗୋଟିଏ ଗାଡ଼ି ଉକ୍ତ ଫାଟକକୁ ମାରି ଅଟକି ଯାଇଥିବା ବେଳେ ଆଉ ଏକ ଗାଡ଼ି ଉକ୍ତ ଫାଟକ ଅଞ୍ଚଳରୁ ଫେରାର ମାରିବାରେ ସକ୍ଷମ ହୋଇଛି। ତେବେ ଲହୁଣୀପଡ଼ା ଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଗୋଟିଏ ପିକଅପ (ଓଡି୧୫ସି୫୧୨୦)କୁ ଜବତ କରିବା ସହିତ ସେଥିରେ ବୋଝେଇ ହୋଇଥିବା ଗୋରୁଙ୍କୁ ଉଦ୍ଧାର କରି ଅଧିକ ତଦନ୍ତ ଚଳାଇଛନ୍ତି।

## ଆଞ୍ଚଳିକ ସହଯୋଗ ଡିଗ୍ରୀ କଲେଜର ବାର୍ଷିକ ଉତ୍ସବ




ବାର୍ଷିକ ଉତ୍ସବରେ ବିଧାୟକଙ୍କ ସହ ଅନ୍ୟ ଅତିଥିମାନେ।

**ସବଡେଗା,୯।୨(ଅନନ୍ତ ପଟେଲ)**

ସୁନ୍ଦରଗଡ ଜିଲାର ସବ୍‌ଡେଗା ଆଞ୍ଚଳିକ ସହଯୋଗ କଲେଜର ୨୯ତମ ବାର୍ଷିକ ଉତ୍ସବ ରବିବାର ପାଳିତ ହୋଇଯାଇଛି। କଲେଜ ଅଧକ୍ଷା ସଂଘମିତ୍ରା ସାହୁଙ୍କ ସଭାପତିତ୍ୱରେ ଆୟୋଜନ ଏହି ଉତ୍ସବରେ ତଳସରା ନିର୍ବାଚନ ମଣ୍ଡଳୀର ବିଧାୟକ ତଥା ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟର ଆସିଷ୍ଟାଣ୍ଟ ପ୍ରଫେସର ନୂତନ ଖମାରି, ରଞ୍ଜିତ ଭିତ୍ରିଆ, ହରିହର ସାହୁ ପ୍ରମୁଖ ଯୋଗଦେଇଥିଲେ। ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## କୁସମେଲ ଆଶ୍ରମ ସ୍କୁଲର ବାର୍ଷିକ ଉତ୍ସବ

**ହେମଗିର,୯।୨(ଚୈତନ୍ୟ ପଟେଲ)**

ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ କୁସମେଲ ଆଶ୍ରମ ସ୍କୁଲର ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ପ୍ରଧାନ ଶିକ୍ଷକ ଶ୍ରବଣ ବାରିକଙ୍କ ସଭାପତିତ୍ୱରେ ଏକ ସଭାର ଆୟୋଜନ ହୋଇଥିଲା। ଏହି ସଭାରେ ମୁଖ୍ୟ ଅତିଥିଭାବେ ଡିଡବ୍ଲ୍ୟୁଓ ସୁନ୍ଦରଗଡର ଭାଗୀରଥି ପଟେଲ, ମୁଖ୍ୟବକ୍ତା ମାଣିକେଶରୀ ମହାବିଦ୍ୟାଳୟ ଓଡ଼ିଆ ଅଧ୍ୟାପକ ଅକ୍ଷୟ ସାହୁ, ଡବ୍ଲ୍ୟୁଓ ହେମଗିରର କାଳିଦାସ ମାରାଣ୍ଡି, ପୂର୍ବତନ ପ୍ରଧାନ ଶିକ୍ଷକ ଯଜ୍ଞ କୁମାର ପଟେଲ, ରାଜ୍ୟ ଆଦିବାସୀ ଉନ୍ନୟନ ବିଭାଗ ଶିକ୍ଷକ ସଂଘର ସଭାପତି ଚନ୍ଦ୍ରମଣି ତାଜନ, ସୁନ୍ଦରଗଡ଼ ଜିଲା ସମ୍ପାଦକ ଶେଷଦେବ ନନ୍ଦ, ଏସ୍‌ଏମ୍‌ସି ସଭାପତି ଅଲେଖ ସେଠ, ହେମଗିର ଶିକ୍ଷକ ସଂଘର ସଭାପତି ରାମଲାଲ ପଟେଲ, ଖଜୁର ବଣିଆ ବାଳିକା ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ମହିମାଭକ୍ତି ବେସନ, ବେହେରାମୁଣ୍ଡା ସେବାଆଶ୍ରମ ସ୍କୁଲର ଉଦେକର ନାଏକ, ରାଇଚୁଆଁ ଆଶ୍ରମ ସ୍କୁଲର ପ୍ରଧାନ ଶିକ୍ଷକ ଦୟାନିଧି ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ସୁନୀତା ନାଏକ ଓ କମଲେଶ ପଟେଲ ମଞ୍ଚ ପରିଚାଳନା କରିଥିବା ବେଳେ ଶିବଶଙ୍କର ବାଗ, ମଧୁଲିତା ଭୋଇ ପ୍ରମୁଖ ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ବରିଷ୍ଠ ତୀର୍ଥଯାତ୍ରୀଙ୍କ ପ୍ରୟାଗରାଜ ଯାତ୍ରା

**ସୁନ୍ଦରଗଡ଼,୯।୨(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ସଦର ବ୍ଲକ ଅନ୍ତର୍ଗତ କିରେଇ ମା' କାଳୀ ମନ୍ଦିର ପରିସରରୁ ରବିବାର ୧୦୮ ଜଣ ଶ୍ରଦ୍ଧାଳୁ ପ୍ରୟାଗରାଜ ଠାରେ ଚାଲିଥିବା ମହାକୁମ୍ଭ ମେଳାରେ ଯୋଗଦେବା ପାଇଁ ଗସ୍ତ କରିଛନ୍ତି। ଏଥିରେ ସଦର ବ୍ଲକର ବିଭିନ୍ନ ପଞ୍ଚାୟତର ୭୮ଜଣ ମହିଳା ଥିବା ବେଳେ ୩୦ଜଣ ପୁରୁଷ ରହିଛନ୍ତି। ରବିବାର ଅପରାହ୍ନରେ ମନ୍ଦିରରେ ଭକ୍ତମାନେ ପ୍ରସାଦ ସେବନ କରିବା ପରେ ପୂର୍ବତନ ବିଧାୟିକା କୁସୁମ ଟେଟେ ୨ଟି ବସକୁ ପତାକା ଦେଖାଇ ଏହି ଯାତ୍ରାର ଶୁଭାରମ୍ଭ କରିଥିଲେ। ପରେ ବସ ପ୍ରୟାଗରାଜ ଅଭିମୁଖେ ଯାତ୍ରା କରିଥିଲା। ଏହି ଯାତ୍ରାର ଶୁଭାରମ୍ଭ ବେଳେ କିରେଇ ମଣ୍ଡଳ ସଭାପତି ସଂଗ୍ରାମ ଚୌଧୁରୀ, ଭାଜପା ନେତା ସୁଖଲାଲ ମୁଣ୍ଡା, ଶୈଳେଶ କାରିଆ, ଗୁଡିରାଣୀ ପଟେଲ ପ୍ରମୁଖ ସମସ୍ତ ଭକ୍ତଙ୍କୁ ଉପଢୌକନ ଦେଇ ଯାତ୍ରାର ମଙ୍ଗଳ କାମନା କରିଥିଲେ।




ଅତିଥିମାନେ ପତାକା ଦେଖାଇ ତୀର୍ଥଯାତ୍ରାର ଶୁଭାରମ୍ଭ କରୁଛନ୍ତି।

## ରଉତିଆ ସମାଜ ପକ୍ଷରୁ ବଡ଼ପାହାରି ପୂଜା



ରଉତିଆ ସମାଜର କର୍ମକର୍ତ୍ତା।

**କୁତ୍ରା,୯।୨(ଦେବାଶିଷ ସାହୁ)**

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ନୂଆଗାଁ ଦାରଙ୍ଗପଡାଠାରେ ରବିବାର ଅପରାହ୍ନ ୨ଟାରେ ରଉତିଆ ସମାଜ ପକ୍ଷରୁ ବଡପାହାରି ପୂଜା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗ୍ରାମର ଭର୍ତ୍ତୁ ସିଂ, ପ୍ରଶାନ୍ତ ସିଂ, ଶୁକ୍ରା ସିଂ, ଶିବ ସିଂ, ଚନ୍ଦ୍ରପାଲ ସିଂ, ସୁଧନ ସିଂ କର୍ତ୍ତା ଭାବେ ଦାୟିତ୍ୱ ତୁଲାଇ ଥିଲେ। ଗ୍ରାମ ଦେବତା ଓ ନିଜ ଇଷ୍ଟ ଦେବତାଙ୍କ ପୂଜାର୍ଚ୍ଚନା କରିଥିଲେ। ଏହି ପୂଜାର ଉଦ୍ଦେଶ୍ୟ ହେଉଛି ପରିବାର ସମସ୍ତ ସଦସ୍ୟ ତଥା ଗ୍ରାମବାସୀ ଯେମିତି ସୁଖ ଶାନ୍ତିର ସହିତ ଜୀବନ ଯାପନ କରିବେ। କିଛି ବର୍ଷ ବ୍ୟବଧାନରେ ଗ୍ରାମର ଯେଉଁ ଯେଉଁ ପରିବାର ପାଳି ପଡିଥାଏ ସେହି ପରିବାର ଏଥିରେ କର୍ତ୍ତା ଦାୟିତ୍ୱ ତୁଲାଇଥାନ୍ତି। ଏଥିରେ ଗ୍ରାମ ତଥା ଅନ୍ୟାନ୍ୟ ଗ୍ରାମରୁ ଶତାଧିକ ଲୋକ ଯୋଗଦେଇଥିଲେ। ଏହି ପୂଜାର ବିଧି ଓ ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରାଯାଇଥିଲା। ପ୍ରଫୁଲ ସିଂ, ପଦ୍ମନ ସିଂ, ଜଗତପାଲ ସିଂ, ପୁରନ ସିଂ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## କିକ୍ ବକ୍ସିଂ ପଦକ ବିଜେତାଙ୍କୁ ସ୍ୱାଗତ

**ବନ୍ଧମୁଣ୍ଡା,୯।୨(ସୁବ୍ରତ ଦେ)**

ଦିଲ୍ଲୀର କେଡି ଯାଧବ ଇଣ୍ଡୋର ଷ୍ଟାଡିୟମର ଇନ୍ଦିରା ଗାନ୍ଧୀ ସ୍ପୋର୍ଟସ କମ୍ପ୍ଲେକ୍ସରେ ଫେବୃଆରୀ ୧ ରୁ ୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଥିବା ୱାକୋ ଇଣ୍ଡିଆ ଇଣ୍ଟରନ୍ୟାଶନାଲ କିକ୍ ବକ୍ସିଂ ଚାମ୍ପିୟନଶିପ ଟୁର୍ଣ୍ଣାମେଣ୍ଟରେ ଉତ୍କୃଷ୍ଟ ପ୍ରଦର୍ଶନ କରି ପଦକ ଜିତିଥିବା ଖେଳାଳିଙ୍କୁ ରବିବାର ବନ୍ଧମୁଣ୍ଡାର ସ୍ଥାନୀୟ ଭଗତ ସିଂ କ୍ଲବର ସଦସ୍ୟଙ୍କ ପକ୍ଷରୁ ସ୍ୱାଗତ କରାଯାଇଛି। ସୁନ୍ଦରଗଡ଼ କିକ୍ ବକ୍ସିଂ ଦଳର ଖେଳାଳି ତଥା ବନ୍ଧମୁଣ୍ଡା ଡି ସେକ୍ଟରର ବାସିନ୍ଦା କେ. ମୁକେଶ ପଦକ ଜିତି ଫେରିବା ପରେ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଛି। ଏହି ସ୍ୱାଗତ ଉତ୍ସବରେ କିକ୍ ବକ୍ସିଂ ପ୍ରଶିକ୍ଷକ ରବୀନ୍ଦ୍ର କୁମାର ସିଂହ, ଏସ ରାମାଣ୍ୟାୟ, ବିଷ୍ଣୁ ତରାଇ, ପ୍ରବଲ ଦେ, ଏଲ ରାମକୃଷ୍ଣ, ଚନ୍ଦନ ତରାଇ, ସନ୍ତୋଷ ରାଓ, ମନୋଜ ସିଂହ, ଆଶିତ ଦାସ, ଡି. ରୋହିତ, ରିଶବ ଘୋଷ, ସୁପ୍ରିୟା ତନ୍ତୀ, ଏସ ଲକ୍ଷ୍ମୀ, ପୂର୍ଣ୍ଣିମା ସେନ, ଗୌରୀ ଗୋପ, ନୀତିଶ ମୁଖୀ, ପଦ୍ମା ରାଓ, ମେରୀ ଟପ୍ପୋ, ଲକ୍ଷ୍ମୀ ମହାନ୍ତି, ଅରୁଣା ପ୍ରମୁଖ ଉପସ୍ଥିତ ଥିଲେ। ଖେଳାଳି ମୁକେଶ ତାଙ୍କ ବିଜୟର ଶ୍ରେୟ ଦଳର ସମସ୍ତ ପ୍ରଶିକ୍ଷକ ଏବଂ ତାଙ୍କ ପରିବାର ସଦସ୍ୟଙ୍କୁ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ମୁକେଶ (-୪୨) କିଲୋଗ୍ରାମ ଇଭେଣ୍ଟରେ ନିଜର ଶକ୍ତି ପ୍ରଦର୍ଶନ କରି ୨ଟି ରୌପ୍ୟ ଏବଂ ଗୋଟିଏ କାଂସ୍ୟ ପଦକ ଜିତିଛନ୍ତି।



କିକ ବକ୍ସିଂରେ ପଦକ ଜିତିଥିବା ଖେଳାଳିଙ୍କ ସହ ଅନ୍ୟମାନେ।

## ସବୁଜ ବାହିନୀ ପ୍ରକୃତି ଶିବିରରେ ଯୋଗଦେଲେ ୫୪ ଛାତ୍ରୀଛାତ୍ର

**କୁତ୍ରା,୯।୨(ଦେବାଶିଷ ସାହୁ)**

କୁତ୍ରା ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟର ସବୁଜ ବାହିନୀ ଛାତ୍ରୀଛାତ୍ରଙ୍କୁ ନେଇ ରବିବାର ପରିବେଶ ଅଧ୍ୟୟନ କେନ୍ଦ୍ର ଜଙ୍ଗଲ ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ଆନୁକୂଲ୍ୟରେ ଏକ ପ୍ରାକୃତିକ ଶିବିର ମନ୍ଦିରା ଡ୍ୟାମ ସଂରକ୍ଷିତ ଜଙ୍ଗଲରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସବୁଜ ବାହିନୀର ୫୪ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ପ୍ରଥମେ ମନ୍ଦିରା ଡ୍ୟାମର ଚର୍ତୁପାର୍ଶ୍ୱରେ ଥିବା ଜୈବବିବିଧତା ଓ ସବୁଜ ଜଙ୍ଗଲ ଭିତରକୁ ଯାଇ ଗଢିଉଠିଥିବା ବିଭିନ୍ନ ପ୍ରକାରର ଗଛଲତା, ଗୁଳ୍ମ, ଔଷଧୀୟ ବୃକ୍ଷ, ବିଭିନ୍ନ ପ୍ରଜାତିର ପଶୁ ପକ୍ଷୀଙ୍କ ଗତିବିଧି ଅନୁଧ୍ୟାନ କରିଥିଲେ। ପରେ ଏହାର ଚର୍ତୁପାର୍ଶ୍ୱଃକୁ ଏକ ପ୍ଲାଷ୍ଟିକ ମୁକ୍ତ କରିବା ପାଇଁ ଶୋଭାଯାତ୍ରା ବାହାରି ପ୍ଲାଷ୍ଟିକ ମୁକ୍ତ ନାରାଦେଇ ଉପସ୍ଥିତ ପର୍ଯ୍ୟଟକଙ୍କୁ ସଚେତନ କରିବାକୁ ଚେଷ୍ଟା କରିଥିଲେ।

ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରାକୃତିକ ଶିବିରର ଏକ ପ୍ରବନ୍ଧ ଲିଖନ ପ୍ରତିଯୋଗିତା କରାଯାଇଥିଲା। ଏଥିରେ ଶେଲମୋନା ଲୁଗୁନ ପ୍ରଥମ, ଦୀପାଞ୍ଜଳୀ ବାର୍ଲା ଦ୍ୱିତୀୟ ଓ ପାର୍ବତୀ ବାରୁ ତୃତୀୟ ସ୍ଥାନ ହାସଲ କରିଥିଲେ। ଏହି ଅବସରରେ ସବୁଜ ବାହିନୀ ଛାତ୍ରୀଛାତ୍ର ଅଭିନବ ଉପାୟରେ ଲୋକଙ୍କୁ ସଚେତନ କରିବା ପାଇଁ ପର୍ଯ୍ୟଟକଙ୍କ ପାଇଁ ଏକ ପଥ ପ୍ରାନ୍ତ ନାଟକ ଓ ନୃତ୍ୟ ମାଧ୍ୟମରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ଏହି ଶିବିରରେ ଯୋଗ ଦେଇଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ସାର୍ଟିଫିକେଟ ଓ କୃତୀ ପ୍ରତିଯୋଗିଙ୍କୁ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା।

ଏହି କାର୍ଯ୍ୟକ୍ରମ ପରିବେଶ ପ୍ରଶିକ୍ଷଣ ପ୍ରଶିକ୍ଷକ ଡ.ବିଭୀଷଣ ବାରିକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିବା ବେଳେ ପରିବେଶ ପ୍ରେମୀ ଦୀପିକା କେର୍କେଟା, ଅବିନାଶ କର ଯୋଗଦେଇ ପରିବେଶ ସୁରକ୍ଷାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ସେହିପରି ଦିଲୀପ ବେହେରା, ସୁନିଲ ସେଠୀ, ଜଗନ୍ନାଥ କିଶାନ ପ୍ରମୁଖ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ।



ଶିବିରରେ ଉପସ୍ଥିତ ଛାତ୍ରୀଛାତ୍ର।


## ଜାତୀୟ ରାଜଧାନୀ କ୍ଷେତ୍ର ଯୋଜନା ପରିଷଦ

(ଆବାସ ଏବଂ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଅଧୀନରେ ଏକ ବୈଧାନିକ ନିକାୟ)
୧ମ ମହଲା, କୋର୍-୪ବି, ଇଣ୍ଡିଆ ହାବିଟାଟ୍ ସେଣ୍ଟର, ଲୋଧି ରୋଡ୍, ନୂଆଦିଲ୍ଲୀ - ୧୧୦୦୦୩

ଫାଇଲ୍ ନଂ. ୯୧୮୯୫୧
ଜାତୀୟ ରାଜଧାନୀ କ୍ଷେତ୍ର ଯୋଜନା ପରିଷଦରେ ନିମ୍ନଲିଖିତ ପଦବୀ ନିମନ୍ତେ ନିମ୍ନପ୍ରଦତ୍ତ ବିବରଣୀ ଅନୁଯାୟୀ ଇଚ୍ଛୁକ ଏବଂ ଯୋଗ୍ୟ ପ୍ରାର୍ଥୀମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି:-

| ପଦବୀର ନାମ | ନିଯୁକ୍ତିର ପଦ୍ଧତି | ବେତନ ହାର |
|---|---|---|
| ଷ୍ଟେନୋଗ୍ରାଫର୍ ଗ୍ରେଡ୍ ସି | ପ୍ରତ୍ୟକ୍ଷ ନିଯୁକ୍ତି ଦ୍ୱାରା | ସ୍ତର-୭ (₹୪୪,୯୦୦-୧,୪୨,୪୦୦) ପେ' ମାଟ୍ରିକ୍ସରେ । |
| ଷ୍ଟେନୋଗ୍ରାଫର୍ ଗ୍ରେଡ୍ ଡି | ପ୍ରତ୍ୟକ୍ଷ ନିଯୁକ୍ତି ଦ୍ୱାରା | ସ୍ତର-୪ (₹୨୫,୫୦୦-୮୧,୧୦୦) ପେ' ମାଟ୍ରିକ୍ସରେ । |
| ମଲ୍ଟି-ଟାସ୍କିଂ ଷ୍ଟାଫ୍ (ଏମ୍‌ଟିଏସ୍) | ପ୍ରତ୍ୟକ୍ଷ ନିଯୁକ୍ତି ଦ୍ୱାରା | ସ୍ତର-୧ (₹୧୮,୦୦୦-୫୬,୯୦୦) ପେ' ମାଟ୍ରିକ୍ସରେ । |

ସବୁ ଦୃଷ୍ଟିରୁ ବିଧିବଦ୍ଧ ଭାବେ ସମ୍ପୂର୍ଣ୍ଣ ଏବଂ ପ୍ରାର୍ଥୀଙ୍କ ଦ୍ୱାରା ସ୍ୱାକ୍ଷରିତ ନିର୍ଦ୍ଧାରିତ ଫର୍ମାଟ୍‌ରେ ଦରଖାସ୍ତ ସହିତ କାଗଜପତ୍ର ଇତ୍ୟାଦିର ସେଲ୍ଫ-ଆଟେଷ୍ଟେଡ୍ ପ୍ରତିଲିପି ସମେତ ଦରଖାସ୍ତ ଦେୟ ବାବଦରେ ଏନ୍‌ସିଆର୍ ଯୋଜନା ପରିଷଦ ସପକ୍ଷରେ ନୂଆଦିଲ୍ଲୀଠାରେ ପୈଠଯୋଗ୍ୟ ₹୧୦୦ର ଆଇପିଓ/ଡିମାଣ୍ଡ ଡ୍ରାଫ୍ଟ (ଅଣ-ଫେରସ୍ତଯୋଗ୍ୟ) ସଭ୍ୟ ସଚିବ, ଏନ୍‌ସିଆର୍ ଯୋଜନା ପରିଷଦ, ୧ମ ମହଲା, କୋର୍-୪ବି, ଇଣ୍ଡିଆ ହାବିଟାଟ୍ ସେଣ୍ଟର, ଲୋଧି ରୋଡ୍, ନୂଆଦିଲ୍ଲୀ-୧୧୦୦୦୩ଙ୍କ ନିକଟରେ ପହଞ୍ଚିବା ଆବଶ୍ୟକ ।
ଦରଖାସ୍ତ ଦେୟ ଅନ୍‌ଲାଇନ୍‌ରେ ମଧ୍ୟ ପୈଠ କରାଯାଇପାରିବ ।
ପଦବୀଗୁଡ଼ିକର ସଂଖ୍ୟା, ଯୋଗ୍ୟତା ମାନଦଣ୍ଡ, ଶିକ୍ଷାଗତ ଯୋଗ୍ୟତା, ସଂରକ୍ଷଣ, ବୟସ, ଦରଖାସ୍ତ ଫର୍ମର ଫର୍ମାଟ୍, ଅନ୍‌ଲାଇନ୍ ଦେୟ ପରିଶୋଧର ବିବରଣୀ ଏବଂ ଦରଖାସ୍ତ ପ୍ରାପ୍ତିର ଶେଷ ତାରିଖ ଆଦି ବିବରଣୀ ଆମର ୱେବ୍‌ସାଇଟ୍ https://ncrpb.nic.inରେ ଉପଲବ୍ଧ ।
କୌଣସି କାରଣ ନ ଦର୍ଶାଇ ଉପରୋକ୍ତ ପଦବୀଗୁଡ଼ିକୁ ପୂରଣ ନ କରିବାର ଅଧିକାର ପରିଷଦ ନିକଟରେ ସଂରକ୍ଷିତ ।

CBC 44103/12/0010/2425 ସ୍ୱା./- (ସଭ୍ୟ ସଚିବ)

## ବେଲପାହାଡ଼ ଲିଓ କପ୍ କ୍ରିକେଟ୍ ଉଦ୍‌ଯାପିତ

# ସୁନ୍ଦରଗଡ଼ ଡିଏଏକୁ ଟାଇଟଲ

ଝାରସୁଗୁଡ଼ା,୯।୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ବେଲପାହାଡ଼ ଲିଓ ୟୁଥ୍ ଆସୋସିଏଶନ୍ ପକ୍ଷରୁ ସ୍ଥାନୀୟ ରତନ ଟାଟା ଷ୍ଟାଡ଼ିୟମରେ ଚାଲିଥିବା ୧୯ ବର୍ଷରୁ କମ୍ ରାଜ୍ୟସ୍ତରୀୟ ବେଲପାହାଡ଼ ଲିଓ କପ୍ କ୍ରିକେଟ୍ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍‌ରେ ଝାରସୁଗୁଡ଼ା ପ୍ରୋଗ୍ରେସିଭକୁ ହରାଇ ସୁନ୍ଦରଗଡ଼ ଡିଏଏ ଦଳ ଚାମ୍ପିୟନ ହୋଇଛି। ଗତ ୩୧ ତାରିଖ ଆରମ୍ଭ ହୋଇ ୯ ତାରିଖ ଉଦଯାପିତ ହୋଇଥିଲା। ଏଥିରେ ମୋଟ ୧୦ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ୍ ଖେଳ ଝାରସୁଗୁଡ଼ା ପ୍ରୋଗ୍ରେଶିଭ ଦଳ ଓ ସୁନ୍ଦରଗଡ଼ ଡିଏଏ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସୁନ୍ଦରଗଡ଼ ଡିଏଏ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ ଗ୍ରହଣ କରି ୩୫ ଓଭରରେ ୯ ଉଇକେଟ୍ ବିନିମୟରେ ୧୭୩ ରନ ହାସଲ କରିଥିଲା। ଜବାବରେ ଝାରସୁଗୁଡ଼ା ପ୍ରୋଗ୍ରେଶିଭ ଦଳ ୩୨ ଓଭରରେ ସମସ୍ତ ଉଇକେଟ୍ ବିନିମୟରେ ମାତ୍ର ୧୩୦ ରନ ହାସଲ କରି ପରାଜିତ



ଅତିଥିଙ୍କ ସହ ଚାମ୍ପିୟନ ଦଳର ଖେଳାଳିମାନେ।

ହୋଇଥିଲା। ଚାମ୍ପିୟନ୍ ସୁନ୍ଦରଗଡ଼ ଦଳକୁ ୧୫ ହଜାର ନଗଦ ଓ ଉପବିଜେତା ଝାରସୁଗୁଡ଼ା ଦଳକୁ ୧୦ ହଜାର ନଗଦ ଟଙ୍କା ସହିତ ଉଭୟ ଦଳକୁ ଟ୍ରଫି ପୁରସ୍କୃତ କରାଯାଇଥିଲା। ଖେଳାଳିଙ୍କ ମଧ୍ୟରୁ ଆଦିତ୍ୟ ଆନନ୍ଦ ଶ୍ରେଷ୍ଠ ବ୍ୟାଟ୍ସ ମ୍ୟାନ ସହ ମ୍ୟାନ୍ ଅଫ ଦି ସିରିଜ, ଧୀରଜ ମାଝି ମ୍ୟାନ୍ ଅଫ ଦି ମ୍ୟାଚ, ସଚିନ ଯାଦବ ଶ୍ରେଷ୍ଠ ବୋଲର, ସୋନି ସା ଶ୍ରେଷ୍ଠ ଫିଲ୍ଡର ଭାବେ ପୁରସ୍କୃତ ହୋଇଥିଲେ। ଏହି ଅବସରରେ ନାଟ୍ୟ କଳା କ୍ଷେତ୍ରରେ ଡ. ସୁବାସ ଚନ୍ଦ୍ର ପ୍ରଧାନ ଓ ଯୋଗ ଗୁରୁ ତଥା ଜିଲା ଜୁନିୟର ରେଡକ୍ରସ୍ ଅଧିକାରୀ ବବନ ସିଂଙ୍କୁ ସମ୍ମାନିତ କରାଯାଇଥିଲ। ଅମ୍ପାୟର ଭାବେ ପ୍ରଜ୍ଜ୍ୱଳ ପଟେଲ ଓ ଅନିରୁଦ୍ଧ କେୱଟ ଖେଳ ପରିଚାଳନା କରିଥିଲେ। ଏମଡି ସାବନ ସ୍କୋରିଂ କରିଥିବା ବେଳେ ଏମଡି ଶାହା ଅର୍ମାନ୍ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ବେଲପାହାଡ଼ ପୌର ନଗରପାଳ ତଥା ଲିଓ ୟୁଥ୍ ଆସୋସିଏଶନ ସଭାପତି ନିମାଇଁ ଚରଣ ପଣ୍ଡା (ବୁଲୁ), ସମ୍ମାନିତ ଅତିଥି ଭାବେ ଟିଆରଏଲ କ୍ରୋସାକି କମ୍ପାନୀର ବରିଷ୍ଠ ପିଆର୍ ଓ ସିଏସଆର ଅଧିକାରୀ ଡ. ସନ୍ତୋଷ ମିଶ୍ର, ଦୀପକ ସାହୁ, ବେଦାନ୍ତର ବରିଷ୍ଠ ସିଏସଆର ଅଧିକାରୀ ସଙ୍ଗୀତା ସାହୁ, ଭାଜପାର ବରିଷ୍ଠ ନେତା ପ୍ରମୋଦ ସେନାପତି, ଜିଲା କ୍ରିକେଟ ସଂଘ ସଭାପତି ପ୍ରଜ୍ଜ୍ୱଳ ପଟେଲ, ମା' ସମଲେଶ୍ୱରୀ ଟ୍ରକ ମାଲିକ ସଂଘର ସଭାପତି ଅଖିଳ ସ୍ୱାଇଁ, ସମ୍ପାଦକ ସନ୍ତୋଷ ମହାନ୍ତି, କ୍ରୀଡ଼ା ଶିକ୍ଷକ ହମିଦ ମହାପାତ୍ର, ପୌର କାଉନସିଲର ଦୀପକ ଭଇଁଶାଳ, ବିଜୟ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଆୟୋଜକ ଲିଓ ୟୁଥ୍ ଆସୋସିଏଶନ ସାଧାରଣ ସମ୍ପାଦକ ଦିଲୀପ ପଟ୍ଟନାୟକ, କୋଷାଧ୍ୟକ୍ଷ କମଳେଶ ଶର୍ମା, ଉପସଭାପତି ନୀତେଶ ଅଗ୍ରୱାଲଙ୍କ ସମେତ ସଞ୍ଜୟ ମିଶ୍ର, ସାଗର ରାଉତ, ଏମଡି ଶାହା ଅର୍ମାନ, ସୁବ୍ରତ ପାଣ୍ଡେ, କିରଣ ସାହୁ, ଧୀରଜ ମହାରାଜ ସନି ସା, ଶୁଭମ ପ୍ରସାଦ, ଚକ୍ରଧର ବାଗ, ପବନ ଯାଦବ, ପ୍ରିୟାଂଶୁ ଯାଦବ, ଏମଡି ଶାହା ଅବଗାନ ପ୍ରମୁଖ ଖେଳ ଆୟୋଜନରେ ସହଯୋଗ କରିଥିଲେ।

## ଅଗ୍ନିକାଣ୍ଡରେ ଜଳି ଗଲା ଘର



ଘର ପୋଡ଼ି ଯାଇଛି।

ଦେବଗଡ଼,୯।୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟ ବ୍ଲକ ଦଣ୍ଡସିଂହା ଗ୍ରାମପଞ୍ଚାୟତ ବାଲୋରୋଇ ଗ୍ରାମରେ ହଠାତ ନିଆଁ ଲାଗିବା ସହ ଗୋଟିଏ ଘର ସମ୍ପୂର୍ଣ୍ଣ ଭାବେ ପୋଡି ପାଉଁଶ ହୋଇଯାଇଛି। ସୂଚନା ଅନୁଯାୟୀ ରବିବାର ସକାଳ ପ୍ରାୟ ୮ଟାରେ ବାଲୋରୋଇ ଗ୍ରାମର ଗିରିଧାରୀ ସାହୁଙ୍କ ଟାଇଲ ଛପର ଘରେ ହଠାତ ନିଆଁ ଲାଗିଯାଇଥିଲା। ପରିବାର ଲୋକେ ପଡିଶା ଲୋକଙ୍କୁ ଡାକ ପକାଇବା ସହ ପାଣି ଢାଳି ନିଆଁକୁ ଆୟତ କରିବାକୁ ଉଦ୍ୟମ କରିଥିଲେ ହେଁ ଏହା ସମ୍ଭବ ହୋଇ ନ ଥିଲା। ଫଳରେ ସେମାନେ ଅଗ୍ନିଶମ ବାହିନୀର ସହାୟତା ଲୋଡ଼ିଥିଲେ। ମାତ୍ର ଅଗ୍ନିଶମ ବାହିନୀ ସେଠାରେ ପହଞ୍ଚିବା ପୂର୍ବରୁ ଘରେ ଥିବା ସମସ୍ତ ଧାନ ଓ ଚାଉଳ ଆଦି ଖାଦ୍ୟ ଶସ୍ୟ ସମେତ ସମସ୍ତ ଅସବାବ ପତ୍ର ଓ ବଳଦ ବିକ୍ରୀ କରି ରଖିଥିବା ଟଙ୍କା ମଧ୍ୟ ପୋଡ଼ି ନଷ୍ଟ ହୋଇଯାଇଥିଲା। ଅଗ୍ନିକାଣ୍ଡର ପ୍ରକୃତ କାରଣ ବର୍ତ୍ତମାନ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ନ ଥିଲେ ହେଁ ବିଦ୍ୟୁତ୍ ସର୍ଟ ସର୍କିଟ ଯୋଗୁ ଏଭଳି ଅଘଟଣ ଘଟିଥିବା ଅନୁମାନ କରାଯାଉଛି। ଖବର ପାଇ ରାଜସ୍ୱ ନିରୀକ୍ଷକ ସେଠାରେ ପହଞ୍ଚି କ୍ଷୟକ୍ଷତି ଆକଳନ କରି ଫେରିଥିବା ଜଣାପଡିଛି।

## କଠିନ ପରିଶ୍ରମ ସଫଳତା ଆଣେ

### କାର୍ଯ୍ୟକ୍ରମ ଇଗ୍ନାଇଟେଡ୍-୫୦ ଉଦ୍‌ଯାପିତ

ବରଗଡ଼,୯।୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ପୌର ପରିଷଦ ଅଧୀନ ଅମ୍ବାପାଲିସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଦଶମ ଶ୍ରେଣୀ(ମାଟ୍ରିକ)ର ମେଧାବୀ ଛାତ୍ରୀଛାତ୍ରଙ୍କ ପାଇଁ ଉଦ୍ଦିଷ୍ଟ କାର୍ଯ୍ୟକ୍ରମ ଇଗ୍ନାଇଟେଡ୍-୫୦ ଉଦ୍‌ଯାପିତ ହୋଇଛି। ପ୍ରଧାନ ଶିକ୍ଷକ ସର୍ବେଶ୍ୱର ରଥଙ୍କ ଅଧ୍ୟକ୍ଷତାରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁ ମୁଖ୍ୟଅତିଥିଭାବେ ଯୋଗଦାନ କରିଥିଲେ। ନିରନ୍ତର ଅଭ୍ୟାସ, କଠିନ ପରିଶ୍ରମ ମାଧ୍ୟମରେ ହିଁ ସଫଳତା ମିଳେ ବୋଲି ସେ ନିଜ ବକ୍ତବ୍ୟରେ କହିଥିଲେ। ଏହା ସହିତ ଆସନ୍ତା ମାଟ୍ରିକ ପରୀକ୍ଷାରେ ଭଲ ପରୀକ୍ଷାଫଳ ପ୍ରଦର୍ଶନ ପାଇଁ ଏଭଳି କାର୍ଯ୍ୟକ୍ରମ ଆୟୋଜନକୁ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ସାହୁ ପ୍ରଶଂସା କରିଥିଲେ। ବରଗଡ଼ ବ୍ଲକ ଶିକ୍ଷା ଅଧିକାରୀ ଡ. ସୁରେନ୍ଦ୍ର କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉକ୍ତ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ସନ୍ଦେହ ମୋଚନ ପାଇଁ ଶିକ୍ଷାଦାନ କରିଥିବା ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କୁ ଧନ୍ୟବାଦ ଜଣାଇଥିଲେ। ବରଗଡ଼ ଟାଉନ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନମୋହନ ତ୍ରିପାଠୀ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତି ସୁନା, ଗାଇସୀମା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିବଶଙ୍କର ଦାଶ, ଅତଗାଁ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଯୁଧିଷ୍ଠିର ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ। ଇଗ୍ନାଇଟେଡ୍-୫୦ ଭଳି କାର୍ଯ୍ୟକ୍ରମ ଏକ ଅଭିନବ ପ୍ରୟାସ ଏବଂ ଏହାଦ୍ୱାରା ଛାତ୍ରୀଛାତ୍ରଙ୍କ ପରୀକ୍ଷାଫଳ ଅଧିକ ଉତ୍କୃଷ୍ଟ ହେବ ଏବଂ ଅଧିକାଂଶ ଛାତ୍ରୀଛାତ୍ର ଏ-୧ ଗ୍ରେଡ୍ ହାସଲରେ ସଫଳତା ଅର୍ଜନ କରି ଗୌରବ ଆଣିବେ ବୋଲି ସେମାନେ ମତପ୍ରକାଶ କରିଥିଲେ।

## ଝାରସୁଗୁଡ଼ା କପ୍ କ୍ରିକେଟ: ବଇମୁଣ୍ଡା ଚାମ୍ପିୟନ

ଝାରସୁଗୁଡ଼ା,୯।୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସହରସ୍ଥିତ ମନମୋହନ ଖେଳ ପଡ଼ିଆଠାରେ ରବିବାର ଅପରାହ୍ନ ୩ଟାରେ ଝାରସୁଗୁଡ଼ା କପ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ବଇମୁଣ୍ଡା ଦଳ ଚାମ୍ପିୟନ ହୋଇଛି। ପାଞ୍ଚ ଦିନିଆ ଟୁର୍ନାମେଣ୍ଟରେ ଝାରସୁଗୁଡ଼ାର ବଇମୁଣ୍ଡା ଓ ଅରୁଣ ଇଲେଭେନ ଦଳ ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳା ଯାଇଥିଲା। ଟସ ଜିତି ଅରୁଣ ଇଲେଭେନ ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୧୦୫ ରନ କରିଥିଲା। ୧୦୬ରନର ପିଛା କରି ରଖି ବଇମୁଣ୍ଡା ଦଳ ମାତ୍ର ୮ ଓଭରରେ ଲକ୍ଷ୍ୟ ପୁରଣ କରି ଝାରସୁଗୁଡ଼ା କପ ଚାମ୍ପିୟନ ହୋଇଥିଲା। ଟୁର୍ନାମେଣ୍ଟରେ ରାଜ ଶଙ୍କରଙ୍କ ସର୍ବଶ୍ରେଷ୍ଠ ପ୍ରଦର୍ଶନ କାରଣରୁ ମ୍ୟାନ୍ ଅଫ ଦି ସିରିଜ




ଅତିଥିଙ୍କ ଗହଣରେ ଖେଳାଳିମାନେ।

ପ୍ରଦାନ କରାଯାଇଥିଲା। ଫାଇନାଲ ମ୍ୟାଚ୍‌ରେ ମୁଖ୍ୟଅତିଥି ଭାବେ ଝାରସୁଗୁଡ଼ା ଜିଲାର ଯୁବ ସଙ୍ଗଠକ ତଥା ସାମାଜିକ କର୍ମୀ ପୁରୁଷୋତ୍ତମ ମହାନ୍ତି ଯୋଗଦେଇଥିବା ବେଳେ ଏମବି ଲାୟନସ ଟୁର୍ନାମେଣ୍ଟର ସମସ୍ତ ଆୟୋଜନ କରିଥିଲା।

## ଗାଡ଼ି ଧକ୍କାରେ ବାଇକ୍ ଆରୋହୀ ମୃତ

ଝାରସୁଗୁଡ଼ା,୯।୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ଅନ୍ତର୍ଗତ ରେଙ୍ଗାଲି ଥାନା ଭିକମପାଲି ନିକଟସ୍ଥ ୪୯ ନମ୍ବର ଜାତୀୟ ରାଜପଥରେ ଏକ ଅଜଣା ଗାଡ଼ି ଧକ୍କାରେ ମୋଟରସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ଛତିଶଗଡ଼ ଚାମ୍ପା ଜିଲାର ନାୱାଲ ମାହେଶ୍ୱରୀ (୪୯)। ସେ ଜେଏସଡବ୍ଲ୍ୟୁ କାରଖାନାରେ ହେଲପର ଭାବେ କାମ କରୁଥିବା ଜଣାପଡ଼ିଛି। ରବିବାର ଭୋର ୪ଟାରେ ଭିକମପାଲି ଘାଟି ତଳୁ ମୃତଦେହ ଜବତ ହୋଇଛି। ଏ ନେଇ ରେଙ୍ଗାଲି ଥାନାରେ ପୋଲିସ ଏକ ମାମଲା (ନଂ.୩୨/୨୫) ରୁଜୁ କରି ଦୁର୍ଘଟଣାଗ୍ରସ୍ତ ମୋଟର ସାଇକେଲ ଜବତ କରିଛି। ମୃତଦେହ ବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରିଛି। ମୃତଦେହ ଭିକମପାଲି ଘାଟିର ପ୍ରାୟ ୨୦ ଫୁଟ ତଳକୁ ପଡି ଥିବା ବେଳେ ମୃତଦେହ ପଚି ଯାଇଥିବା ଜଣାପଡ଼ିଛି। ନାୱାଲ ଗତ ୩୧ ତାରିଖ ସିଜି ୧୧ ଡିଏଚ ୫୮୧୨ ନମ୍ବର ମୋଟରସାଇକେଲରେ ଘରୁ ବାହାରି ତାର ଡିଉଟି କରିବା ପାଇଁ ଆସିଥିଲେ। ପରିବାର ପକ୍ଷରୁ ତାଙ୍କ ମୋବାଇଲକୁ ବାରମ୍ବାର ଯୋଗାଯୋଗ କରିଥିଲେ ମଧ୍ୟ କୌଣସି ଉତ୍ତର ମିଳିଲା ନାହିଁ। ପରେ ପରିବାର ପକ୍ଷରୁ ଛତିଶଗଡ଼ ଡୋୱାରି ଥାନାରେ ନିଖୋଜ ନେଇ ଅଭିଯୋଗ କରିଥିଲେ। ସେଠାରେ ଏକ ନିଖୋଜ ମାମଲା ରୁଜୁ କରିଥିଲା।

## ଦିଲ୍ଲୀ ନିର୍ବାଚନ: ଦେବଗଡ଼ ଭାଜପାର ବିଜୟ ଉତ୍ସବ



ଭାଜପା କର୍ମୀମାନେ ବିଜୟ ଉତ୍ସବ ପାଳନ କରୁଛନ୍ତି।

ଦେବଗଡ଼,୯।୨(ଶଶାଙ୍କ ଶେଖର ଝାଙ୍କର)

ଦିଲ୍ଲୀ ବିଧାନସଭା ସାଧାରଣ ନିର୍ବାଚନରେ ଭାଜପା ବିଜୟ ହୋଇଛି। ଏହି ପରିପ୍ରେକ୍ଷୀରେ ଦେବଗଡ଼ ଜିଲା ଭାଜପା ପକ୍ଷରୁ ଶନିବାର ସନ୍ଧ୍ୟାରେ ବିଜୟ ଉତ୍ସବ ପାଳନ କରାଯାଇଛି। ସନ୍ଧ୍ୟାରେ ଭାଜପା ଦେବଗଡ଼ ଜିଲା ସଭାପତି ଅରୁଣ କୁମାର ସାହୁ ଓ ପୂର୍ବତନ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀଙ୍କ ନେତୃତ୍ୱରେ ଦେବଗଡ଼ ପୌର ପରିଷଦର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଜିତ କୁମାର ଭୋଜ, ଭାଜପା ଦେବଗଡ଼ ନଗର ମଣ୍ଡଳ ସଭାପତି ରାଜେନ୍ଦ୍ର କୁମାର ଆଚାର୍ଯ୍ୟ, କାଉନସିଲର ଇତିଶ୍ରୀ ମିଶ୍ର, ଭାଜପା ପୂର୍ବତନ ଜିଲା ସଭାପତି ସୁଶାନ୍ତ କୁମାର ଦେହୁରୀ, ମୋତିଲାଲ ଶର୍ମା, ସରୋଜ କୁମାର ପାଢୀ, ଗଜା ବେହେରା, ଜଗନ୍ନାଥ ବେହେରା, ସୁଧୀର କୁମାର ପାତ୍ର, ଚନ୍ଦ୍ରଶେଖର ମହାପାତ୍ର, ଅନନ୍ତ ଦାଶ, ସୌରଭ ଗୋଏଲ, ପିଣ୍ଟୁ ପାଣି, ଧିରେନ ସାହୁ ଓ ଭୋଳା ବେହେରାଙ୍କ ସମେତ ବହୁ ନେତା, ନେତ୍ରୀ ଓ କର୍ମୀ ଢୋଲ ବାଜାର ତାଳେ ତାଳେ ସ୍ଥାନୀୟ ଗୋପବନ୍ଧୁ ଛକରୁ ବିଭିନ୍ନ ସ୍ଲୋଗାନ ସହ ଏକ ଶୋଭାଯାତ୍ରାରେ ଆସି ପୁରୁଣା ପୋଷ୍ଟ ଅଫିସ ଛକରେ ପହଞ୍ଚିଥିଲେ। ସେଠାରେ ବାଣ ଓ ଫଟକା ଫୁଟାଇବା ସହ ମିଷ୍ଟାନ୍ନ ବିତରଣ କରି ବିଜୟ ଉତ୍ସବ ପାଳନ କରିଥିଲେ।

## ଶିକ୍ଷକଙ୍କ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ

ଝାରସୁଗୁଡ଼ା,୯।୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସହରସ୍ଥିତ ସ୍ୱରୂପ ଗାର୍ଡେନ ରବିବାର ପୂର୍ବାହ୍ନ ୧୦ଟାରେ ପଶ୍ଚିମାଞ୍ଚଳ ପ୍ରାଥମିକ ଶିକ୍ଷକ ଫୋରମ୍ ଆନୁକୁଲ୍ୟରେ ପ୍ରାଥମିକ ଶିକ୍ଷକମାନଙ୍କ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଓଡ଼ିଶାର ଡବ୍ଲ୍ୟୁଓପିଟିଏଫ୍, ଓବେଟା, ଲେଭେଲ ଭିଏ, ଏମ୍‌ଏଲ୍‌ଇ, ଏକ୍ସକ୍ୟାଡର ସଙ୍ଗଠନ ସଭାପତି, ସମ୍ପାଦକ ତଥା ପ୍ରଥମ ଧାଡି କାର୍ଯ୍ୟକର୍ତ୍ତାମାନଙ୍କୁ ନେଇ ସରକାରଙ୍କୁ ଗ୍ରେଡ୍ ପେ, ୪୨୦୦ ଜିପି ସହିତ ଠିକାପ୍ରଥା ଉଚ୍ଛେଦ ସହ ୬ବର୍ଷ ଗଣନା ସହ ୬ଟି ନ୍ୟାଶନାଲ ଇନକ୍ରିମେଣ୍ଟ ପ୍ରଦାନ କରିବା ପାଇଁ ଦାବି କରାଗଲା। ଯଦି ଏହି ଦାବି ଆସନ୍ତା ୧୭।୦୨।୨୦୨୫ ମଧ୍ୟରେ ପୂରଣ କରା ନ ଗଲେ ୧୮।୦୨।୨୦୨୫ରୁ ଅନିର୍ଦ୍ଦିଷ୍ଟକାଳ




କାର୍ଯ୍ୟକାରିଣୀ ବୈଠକରେ ଉପସ୍ଥିତ ଶିକ୍ଷକମାନେ।

ପର୍ଯ୍ୟନ୍ତ ଲୋୟାର ପିଏମ୍‌ଜିଠାରେ ଧାରଣାରେ ଲକ୍ଷାଧିକ ଶିକ୍ଷକ ବସି ରହିବେ। ଏହାକୁ ଡବ୍ଲ୍ୟୁଓପିଟିଏଫ୍‌ର ଆବାହକ ରାମଲାଲ ପଟେଲ ତତ୍ତ୍ୱାବଧାନ କରିଥିଲେ। ଲିଙ୍ଗରାଜ ବେହେରା ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଏହି ସଭାରେ ଝାରସୁଗୁଡ଼ା ଜିଲା ପକ୍ଷରୁ ଅଶୋକ ସାହୁ, ଲର୍କିନ୍ଦ୍ର ଗୋଖରା, ବାସୁଦେବ ପଟେଲ, ଅକ୍ଷୟ କୁମାର ନାଏକ, କିରଣ ସାହୁ, ଅଶ୍ୱିନୀ ପଟେଲ, ଅକ୍ଷୟ କୁମାର ପଟେଲ, ବଲ୍ଲଭ ପଟେଲ, ପୁଣ୍ୟପ୍ରଭା ଜେନା, ସ୍ନିଗ୍ଧା ପଟେଲ, ସୁସ୍ମିତା ନାଏକ, ପୂଜାରାଣୀ ବେହେରା, ନମିତା ପତି ପ୍ରମୁଖ ସହଯୋଗ କରିଥିଲେ।

## ଭାଜପାର ନୂତନ ପଦାଧିକାରୀଙ୍କୁ ସମ୍ବର୍ଦ୍ଧନା

ଦେବଗଡ଼,୯।୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ଭାଜପା କାର୍ଯ୍ୟାଳୟରେ ଦଳର ନବ ନିର୍ବାଚିତ ପଦାଧିକାରୀମାନଙ୍କୁ ରବିବାର ଅପରାହ୍ନରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଉପଲକ୍ଷେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ପୂର୍ବତନ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ୮ ନମ୍ବର ୱାର୍ଡର କାଉନସିଲର ମଧୁସୂଦନ ବାଘ, ୯ ନମ୍ବର ୱାର୍ଡର କାଉନସିଲର ସରୋଜିନୀ ମୁଣ୍ଡା, ୧୦ ନମ୍ବର ୱାର୍ଡର କାଉନସିଲର ଇତିଶ୍ରୀ ମିଶ୍ର ଓ ଯୁବନେତା ଦୟାଶଙ୍କର ଦ୍ୱିବେଦୀ ମଞ୍ଚାସୀନ




କାର୍ଯ୍ୟକ୍ରମରେ ଉପସ୍ଥିତ ଭାଜପା ନେତୃମଣ୍ଡଳୀ।

ରହି ନବ ନିର୍ବାଚିତ ଜିଲା ଭାଜପା ସଭାପତି ଅରୁଣ କୁମାର ସାହୁ ଓ ଭାଜପା ନଗର ମଣ୍ଡଳ ସଭାପତି ରାଜେନ୍ଦ୍ର ଆଚାର୍ଯ୍ୟ (ରାଜୁ)ଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁଶୀଳ କୁମାର ଭୋଇ, ବିରେନ କୁମାର ନାୟକ, ସରୋଜ କୁମାର ପାଢୀ, ଭୋଳା ବେହେରା, ସୌରଭ ଗୋଏଲ ଓ ବିଶେଶ୍ୱର ଦ୍ୱିବେଦୀଙ୍କ ସମେତ ବହୁ ବରିଷ୍ଠ ଓ ଯୁବ ଭାଜପା ନେତା ଉପସ୍ଥିତ ଥିଲେ।

# ଷଷ୍ଠ ଦିନରେ ଭିପିଆର୍ କର୍ମଚାରୀଙ୍କ ଧାରଣା

- ଜିଲା ପ୍ରଶାସନ ନିଦାବିଷ୍ଟୁ
- ମୁଖ୍ୟମନ୍ତ୍ରୀଙ୍କୁ ଜଣାଇବା ପାଇଁ ନିଷ୍ପତ୍ତି

ଝାରସୁଗୁଡ଼ା,୯।୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲାସ୍ଥିତ ଏମ୍‌ସିଏଲ୍ ଲଖନପୁର କୋଇଲା ଖଣିରେ କାର୍ଯ୍ୟରତ ଠିକା କମ୍ପାନୀ କଳିଙ୍ଗ କମରସିଆଲ କର୍ପୋରେସନରେ ଚାକିରି ପାଇଁ ପୁରାତନ ଭିପିଆର୍ କର୍ମଚାରୀମାନଙ୍କ ଧାରଣା ରବିବାର ଷଷ୍ଠ ଦିନରେ ପହଞ୍ଚିଛି। ହେଲେ ଜିଲା ପ୍ରଶାସନ ନିଦାବିଷ୍ଟୁ ସାଜିଥିବାରୁ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଅଫିସକୁ ମେଲ କିମ୍ବା ଚିଠି ମାଧ୍ୟମରେ ଜଣାଇବା ପାଇଁ କର୍ମଚାରୀଙ୍କ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏମ୍‌ସିଏଲ୍‌ର କିଛି ଅଫିସର ଭିତିରିଆ ଏହି କର୍ମଚାରୀମାନଙ୍କୁ ଭୁଲେଇବାକୁ ପ୍ରୟାସ କରିଥିବା ବେଳେ ଗୁରୁବାର ତୃତୀୟ ଦିନରେ ଉପଜିଲାପାଳ ସବ୍ୟସାଚୀ ପଣ୍ଡା ଧାରଣା ବନ୍ଦ କରି କୌଣସି ସମାଧାନର ସୂତ୍ର ବାହାର କରିବା ପାଇଁ କହିବା ପରେ ରବିବାର ଷଷ୍ଠ ଦିନ ଧାରଣା ହୋଇଥିଲେ ମଧ୍ୟ ନା ଜିଲାପାଳ କିଛି ନିଷ୍ପତ୍ତି ନେଉଛନ୍ତି ନା ଏମ୍‌ସିଏଲ୍ କିଛି ଉପାୟ ବାହାର କରୁଛି, କେବଳ ପ୍ରତିଦିନ ଡାକ୍ତରୀ ଦଳ ଆସି ଧାରଣାକାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଚାଲି ଯାଉଛନ୍ତି। ତେଣୁ ଧାରଣାରେ ଥିବା ନେତ୍ରାନନ୍ଦ ସାହୁ, ପ୍ରଦୀପ ଗୁଆଲ, ଲୁକେସ ଛତ୍ରିଆ, ବିଶ୍ୱଜିତ ସାହୁ, କ୍ଷେତ୍ରମୋହନ ସାହୁ, କୃପା ସାଗର ଭୁଏ, ରମଣି ବାଗକିରୀ ଜିଲା



ଧାରଣାରେ ବସିଥିବା କର୍ମଚାରୀଙ୍କ ସ୍ୱାସ୍ଥ୍ୟାବସ୍ଥା ପରୀକ୍ଷା କରାଯାଉଛି।

ପ୍ରଶାସନର ଅବହେଳା ଯୋଗୁ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଅଫିସକୁ ମେଲ କିମ୍ବା ସିମିଓ ଟୋଲ ଫ୍ରି ନମ୍ବରରେ ଯୋଗାଯୋଗ କରିବୁ ଏବଂ ମରିଗଲେ ମଧ୍ୟ ଏହାର ସମାଧାନ ନ କରିବା ପର୍ଯ୍ୟନ୍ତ ଧାରଣାରୁ ଉଠିବୁ ନାହିଁ ବୋଲି ସମସ୍ତେ କହିଛନ୍ତି। ଗତ ତିନି ବର୍ଷରେ ଏହି ଶ୍ରମିକମାନେ ୪ ଥର ଆମରଣ ଅନଶନ ଏବଂ ଗୋଟିଏ ଥର ଧାରଣା ଦେଇଥିଲେ। ଏଥିରେ ଜିଲା ପ୍ରଶାସନ, ଏମ୍‌ସିଏଲ୍ ଏବଂ କମ୍ପାନୀ ୩ଥର ଚୁକ୍ତିନାମା କରିଥିବା ବେଳେ ଗତ ଡିସେମ୍ବରରେ ଗୋଟିଏ ଚୁକ୍ତିନାମା କରିଛନ୍ତି। ୨୦ ଶ୍ରମିକ ମଧ୍ୟରୁ କଳିଙ୍ଗ ୭ଜଣ ଶ୍ରମିକଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ଏବେ ବାକି ୧୩ଜଣ ଶ୍ରମିକଙ୍କୁ ୩ ମାସ ହେଲା ନିଯୁକ୍ତି ଦେଇ ନ ଥିବା ଜଣା ପଡ଼ିଛି। ଝାରସୁଗୁଡ଼ା ଜିଲାର ଅନେକ ସମୟରେ ଶ୍ରମିକମାନଙ୍କୁ ଶୋଷଣ କରାଯାଉଥିବା ଦେଖିବାକୁ ମିଳିଥାଏ। ଏମ୍‌ସିଏଲ୍‌ରେ କାମ କରୁଥିବା ଠିକା ସଂସ୍ଥା ଶ୍ରମିକମାନଙ୍କୁ ୧୨ ଘଣ୍ଟା ଧରି କାମ କରାଉଥିବା ଏବଂ ଏଚ୍‌ପିସି ଦରମା ଦେଉ ନ ଥିବା ବେଳେ ଏହାର ସମାଧାନ ପାଇଁ ଜିଲା ପ୍ରଶାସନ କିମ୍ବା ଏମ୍‌ସିଏଲ୍ ମୁହଁ ଖୋଲୁ ନ ଥିବା ଦେଖିବାକୁ ମିଳୁଛି।

## ଜାତୀୟ ରାଜଧାନୀ କ୍ଷେତ୍ର ଯୋଜନା ପରିଷଦ

(ଆବାସ ଏବଂ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଅଧୀନରେ ଏକ ବୈଧାନିକ ନିକାୟ)

୧ମ ମହଲା, କୋର୍-୪ବି, ଇଣ୍ଡିଆ ହାବିଟାଟ୍ ସେଣ୍ଟର, ଲୋଧି ରୋଡ୍, ନୂଆଦିଲ୍ଲୀ - ୧୧୦୦୦୩

ଫାଇଲ୍ ନଂ. ୯୧୮୮୯୫୧

ଜାତୀୟ ରାଜଧାନୀ କ୍ଷେତ୍ର ଯୋଜନା ପରିଷଦରେ ନିମ୍ନଲିଖିତ ପଦବୀ ନିମନ୍ତେ ନିମ୍ନପ୍ରଦତ୍ତ ବିବରଣୀ ଅନୁଯାୟୀ ଇଚ୍ଛୁକ ଏବଂ ଯୋଗ୍ୟ ପ୍ରାର୍ଥୀମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି:-

| ପଦବୀର ନାମ | ନିଯୁକ୍ତିର ପଦ୍ଧତି | ବେତନ ହାର |
|---|---|---|
| ଷ୍ଟେନୋଗ୍ରାଫର୍ ଗ୍ରେଡ୍ ସି | ପ୍ରତ୍ୟକ୍ଷ ନିଯୁକ୍ତି ଦ୍ୱାରା | ସ୍ତର-୭ (₹୪୪,୯୦୦-୧,୪୨,୪୦୦) ପେ' ମାଟ୍ରିକ୍ସରେ । |
| ଷ୍ଟେନୋଗ୍ରାଫର୍ ଗ୍ରେଡ୍ ଡି | ପ୍ରତ୍ୟକ୍ଷ ନିଯୁକ୍ତି ଦ୍ୱାରା | ସ୍ତର-୪ (₹୨୫,୫୦୦-୮୧,୧୦୦) ପେ' ମାଟ୍ରିକ୍ସରେ । |
| ମଲ୍ଟି-ଟାସ୍କିଂ ଷ୍ଟାଫ୍ (ଏମ୍‌ଟିଏସ୍) | ପ୍ରତ୍ୟକ୍ଷ ନିଯୁକ୍ତି ଦ୍ୱାରା | ସ୍ତର-୧ (₹୧୮,୦୦୦-୫୬,୯୦୦) ପେ' ମାଟ୍ରିକ୍ସରେ । |

ସବୁ ଦୃଷ୍ଟିରୁ ବିଧିବଦ୍ଧ ଭାବେ ସମ୍ପୂର୍ଣ୍ଣ ଏବଂ ପ୍ରାର୍ଥୀଙ୍କ ଦ୍ୱାରା ସ୍ୱାକ୍ଷରିତ ନିର୍ଦ୍ଧାରିତ ଫର୍ମାଟ୍‌ରେ ଦରଖାସ୍ତ ସହିତ କାଗଜପତ୍ର ଇତ୍ୟାଦିର ସେଲ୍‌ଫ-ଆଟେଷ୍ଟେଡ୍ ପ୍ରତିଲିପି ସମେତ ଦରଖାସ୍ତ ଦେୟ ବାବଦରେ ଏନ୍‌ସିଆର୍ ଯୋଜନା ପରିଷଦ ସପକ୍ଷରେ ନୂଆଦିଲ୍ଲୀଠାରେ ପୈଠଯୋଗ୍ୟ ₹୧୦୦ର ଆଇପିଓ/ଡିମାଣ୍ଡ ଡ୍ରାଫ୍ଟ (ଅଣ-ଫେରସ୍ତଯୋଗ୍ୟ) ସଭ୍ୟ ସଚିବ, ଏନ୍‌ସିଆର୍ ଯୋଜନା ପରିଷଦ, ୧ମ ମହଲା, କୋର୍-୪ବି, ଇଣ୍ଡିଆ ହାବିଟାଟ୍ ସେଣ୍ଟର, ଲୋଧି ରୋଡ୍, ନୂଆଦିଲ୍ଲୀ-୧୧୦୦୦୩ଙ୍କ ନିକଟରେ ପହଞ୍ଚିବା ଆବଶ୍ୟକ । ଦରଖାସ୍ତ ଦେୟ ଅନ୍‌ଲାଇନ୍‌ରେ ମଧ୍ୟ ପୈଠ କରାଯାଇପାରିବ ।

ପଦବୀଗୁଡ଼ିକର ସଂଖ୍ୟା, ଯୋଗ୍ୟତା ମାନଦଣ୍ଡ, ଶିକ୍ଷାଗତ ଯୋଗ୍ୟତା, ସଂରକ୍ଷଣ, ବୟସ, ଦରଖାସ୍ତ ଫର୍ମର ଫର୍ମାଟ୍, ଅନ୍‌ଲାଇନ୍ ଦେୟ ପରିଶୋଧର ବିବରଣୀ ଏବଂ ଦରଖାସ୍ତ ପ୍ରାପ୍ତିର ଶେଷ ତାରିଖ ଆଦି ବିବରଣୀ ଆମର ୱେବ୍‌ସାଇଟ୍ https://ncrpb.nic.inରେ ଉପଲବ୍ଧ ।

କୌଣସି କାରଣ ନ ଦର୍ଶାଇ ଉପରୋକ୍ତ ପଦବୀଗୁଡ଼ିକୁ ପୂରଣ ନ କରିବାର ଅଧିକାର ପରିଷଦ ନିକଟରେ ସଂରକ୍ଷିତ ।

CBC 44103/12/0010/2425

ସ୍ୱା./- (ସଭ୍ୟ ସଚିବ)

# ପଣବନ୍ଦୀ ମୁକ୍ତି ଖୁସି ରହିଲାନି



ସ୍ତ୍ରୀ ଓ ୨ ଝିଅଙ୍କ ସହ ଏଲି ଶାରାବୀ।



ଶନିବାର ହମାସ୍ ପକ୍ଷରୁ ଶାରାବୀଙ୍କୁ ମୁକ୍ତ କରାଯାଉଛି।

ଜେରୁଜେଲମ, ୯।୨

ଗାଜାର ସଶସ୍ତ୍ର ଶାସକ ହମାସ୍ ପକ୍ଷରୁ ଶନିବାର ୩ ଇସ୍ରାଏଲୀ ପଣବନ୍ଦୀଙ୍କୁ ମୁକ୍ତ କରାଯାଇଥିଲା। ସେଥିରେ ୫୨ ବର୍ଷୀୟ ଏଲି ଶାରାବୀ ମଧ୍ୟ ସାମିଲ ଥିଲେ। ହମାସ୍ କବଳରେ ୪୯୧ ଦିନ ଧରି ପଣବନ୍ଦୀ ଭାବେ ରହିବା ପରେ ତାଙ୍କୁ ମୁକ୍ତ କରାଯାଇଥିଲା। ଏହି ସମୟରେ ସେ ଖୁବ୍ ଭାବବିହ୍ୱଳ ଥିଲେ। ମୁକ୍ତ ହେବା ପରେ ସେ ଇସ୍ରାଏଲୀ ସୈନିକଙ୍କୁ କହିଥିଲେ, ଦୀର୍ଘଦିନର ବ୍ୟବଧାନ

## ସ୍ତ୍ରୀ, ୨ ଝିଅଙ୍କ ହତ୍ୟା ଖବର ପାଇ ସ୍ତବ୍ଧ ହୋଇଗଲେ

ପରେ ନିଜ ସ୍ତ୍ରୀ ଓ ୨ ଝିଅଙ୍କୁ ଭେଟିବା ପାଇଁ ଉତ୍ସାହିତ ଅଛି। ତେବେ ତାଙ୍କ ବ୍ରିଟିଶ ବଂଶୋଦ୍ଭବ ସ୍ତ୍ରୀ ଲିଆନ୍ ଏବଂ ୨ ଝିଅ ନୋୟା (୧୬) ଏବଂ ୟହଲ (୧୩)ଙ୍କୁ ୨୦୨୩ ଅକ୍ଟୋବର ୭ରେ ହମାସ୍ ହତ୍ୟା କରିଦେଇଥିବା ନେଇ ସେତେବେଳ ସୁଦ୍ଧା ସେ ଜାଣି ନ ଥିଲେ। ୨୦୨୩ ଅକ୍ଟୋବର ୭ରେ ହମାସ୍ ଇସ୍ରାଏଲ ଉପରକୁ ଆକ୍ରମଣ କରିଥିଲା। ହମାସ୍‌ର ଆତଙ୍କବାଦୀମାନେ ଇସ୍ରାଏଲର ନୋଭା ମ୍ୟୁଜିକ୍ ଫେଷ୍ଟିଭାଲରେ ଆକ୍ରମଣ କରିଥିଲେ। ଏହି ସମୟରେ ସେମାନେ ଶାରାବୀଙ୍କୁ ଅପହରଣ କରି ଗାଜା ଆଣିଥିଲେ ଏବଂ ତାଙ୍କୁ ପଣବନ୍ଦୀ କରି ରଖିଥିଲେ। ଉକ୍ତ ଆକ୍ରମଣରେ ଶାରାବୀଙ୍କ ସ୍ତ୍ରୀ ଓ ତାଙ୍କ ୨ ଝିଅଙ୍କର ମଧ୍ୟ ହତ୍ୟା ହୋଇଥିଲା। ତେବେ ଏନେଇ ଶାରାବୀ ଜାଣି ନ ଥିଲେ। ମୁକ୍ତ ହେବା ପରେ ହମାସ୍ ଶାରାବୀଙ୍କୁ ତାଙ୍କ ଭାଇ ୟୋସିଙ୍କ ମୃତ୍ୟୁ ସମ୍ପର୍କରେ ଜଣାଇଥିଲା। ୟୋସିଙ୍କୁ ମଧ୍ୟ ହମାସ୍ ପଣବନ୍ଦୀ କରି ରଖିଥିଲା। ହମାସ୍ ପକ୍ଷରୁ ଶାରାବୀଙ୍କୁ ଗାଜା ସୀମାରେ ରେଡ୍‌କ୍ରସ୍‌କୁ ହସ୍ତାନ୍ତର କରାଯାଇଥିଲା। ଏହାପରେ ସେ ସେଠାରେ ତାଙ୍କ ଭାଇ ଓ ଭଉଣୀଙ୍କୁ ଭେଟିଥିଲେ। ସ୍ତ୍ରୀ ଓ ୨ ଝିଅଙ୍କର ହତ୍ୟା ହୋଇସାରିଥିବା ନେଇ ସେତେବେଳେ ଶାରାବୀ ଜାଣିବାକୁ ପାଇଥିଲେ। ଦୀର୍ଘବର୍ଷ ପରେ ସ୍ତ୍ରୀ ଓ ୨ ଝିଅଙ୍କ ହତ୍ୟା ଖବର ତାଙ୍କୁ ସ୍ତବ୍ଧ କରିଦେଇଥିଲା। ଶାରାବୀଙ୍କ ଭିଣୋଇ ଷ୍ଟିଭ୍ ବ୍ରିସ୍‌ଲେ କହିଛନ୍ତି, ଏତେଦିନ ପରେ ଶାରାବୀ ମୁକୁଳି ଥିବାରୁ ତାଙ୍କ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପଡ଼ିଛି। ଶନିବାର ପ୍ରଥମେ ସେ ପରିବାରକୁ ଭେଟିବେ ବୋଲି ଖୁସି ଥିଲେ। ପରେ ସେମାନଙ୍କର ମୃତ୍ୟୁ ହୋଇଯାଇଥିବା ଜାଣି ସେ ସ୍ତବ୍ଧ ହୋଇଯାଇଥିଲେ। ଏହି ଖବର ତାଙ୍କୁ ଗଭୀର ଆଘାତ ଦେଇଥିବା ବ୍ରିସ୍‌ଲେ କହିଛନ୍ତି। ପ୍ରକାଶ ଯେ, ଇସ୍ରାଏଲ ଓ ହମାସ୍ ମଧ୍ୟରେ ହୋଇଥିବା ଅସ୍ତ୍ରବିରତି ଚୁକ୍ତି ଅନୁଯାୟୀ, ଶନିବାର ଇସ୍ରାଏଲ ୧୮୩ ଜଣ ପାଲେଷ୍ଟିନୀୟ ବନ୍ଦୀଙ୍କୁ ମୁକ୍ତ କରିଥିଲା।

## ଗାଜାରୁ ଇସ୍ରାଏଲୀ ସେନା ପ୍ରତ୍ୟାହାର ଆରମ୍ଭ

ମୁଗରାକା (ଗାଜା ଷ୍ଟ୍ରିପ୍), ୯।୨

ହମାସ୍ ସହ ଯୁଦ୍ଧବିରତି ଚୁକ୍ତିନାମା ଅନୁଯାୟୀ, ଇସ୍ରାଏଲ୍ ଏହାର ପ୍ରତିଶ୍ରୁତିର ଅଂଶ ସ୍ୱରୂପ ରବିବାର ଗାଜାର ଏକ ମୁଖ୍ୟ କରିଡରରୁ ସୈନ୍ୟ ପ୍ରତ୍ୟାହାର ଆରମ୍ଭ କରିଛି। ତେବେ ଯୁଦ୍ଧବିରତିର ପରବର୍ତ୍ତୀ ଯୋଜନା କାର୍ଯ୍ୟକାରୀ କରିବାରେ ଉଭୟ ପକ୍ଷ ବଡ଼ ପରୀକ୍ଷାର ସମ୍ମୁଖୀନ ହୋଇଛନ୍ତି। ଚୁକ୍ତିନାମା ଅନୁଯାୟୀ ଇସ୍ରାଏଲ୍ ୬ କିଲୋମିଟର ନେଟ୍‌ଜାରିମ୍ କରିଡରରୁ ସୈନ୍ୟ ପ୍ରତ୍ୟାହାର କରିନେବାକୁ ରାଜି ହୋଇଥିଲା। ୧୫ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଇସ୍ରାଏଲ୍ ଓ ହମାସ୍ ମଧ୍ୟରେ ଯୁଦ୍ଧ ଲାଗି ରହିବା ପରେ ଗତ ମାସରେ ଅସ୍ତ୍ରବିରତି ଆରମ୍ଭ ହୋଇଥିଲା। ଇତିମଧ୍ୟରେ ହମାସ୍ ବିଭିନ୍ନ ପର୍ଯ୍ୟାୟରେ ୧୮ ଜଣ ପଣବନ୍ଦୀଙ୍କୁ ମୁକ୍ତ କଲାଣି। ସେହିପରି ଇସ୍ରାଏଲ୍ ମଧ୍ୟ ବହୁସଂଖ୍ୟାରେ ପାଲେଷ୍ଟିନୀୟ ବନ୍ଦୀଙ୍କୁ ମୁକ୍ତକରି ସେମାନଙ୍କୁ ନେଟ୍‌ଜାରିମ୍ ଅତିକ୍ରମ କରି ଗାଜା ଫେରିଯିବାକୁ ଅନୁମତି ଦେଇଛି। ସୈନ୍ୟ ପ୍ରତ୍ୟାହାର ସହ ଇସ୍ରାଏଲ୍ ଚୁକ୍ତିନାମାର ଆଉ ଏକ ପ୍ରତିଶ୍ରୁତି ପାଳନ କରିଛି। ଚୁକ୍ତିନାମାର ଦ୍ୱିତୀୟ ପର୍ଯ୍ୟାୟ ପାଇଁ ବୁଝାମଣା ଜାରି ରହିଥିଲେ ମଧ୍ୟ ବିଶେଷ ଅଗ୍ରଗତି ହୋଇନାହିଁ।

## ପ୍ରିନ୍ସ ହ୍ୟାରିଙ୍କୁ ନିର୍ବାସିତ କରିବାର ଯୋଜନା ନାହିଁ: ଟ୍ରମ୍ପ



ୱାଶିଂଟନ, ୯।୨

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାଙ୍କ ଦ୍ୱିତୀୟ ପାଳିରେ ଦେଶରେ ବେଆଇନ ଭାବେ ରହୁଥିବା ପ୍ରବାସୀଙ୍କୁ ନିର୍ବାସିତ କରିବାରେ ସକ୍ରିୟ ଅଛନ୍ତି। ତେବେ ଶନିବାର ଟ୍ରମ୍ପ ନ୍ୟୁୟର୍କ ପୋଷ୍ଟକୁ ଏକ ସାକ୍ଷାତ୍‌କାର ଦେଇ ବ୍ରିଟେନ୍‌ସ୍ଥିତ ୱେଲ୍ସ ରାଜପରିବାରର ପ୍ରିନ୍ସ ହ୍ୟାରିଙ୍କୁ ଆମେରିକାରୁ ନିର୍ବାସିତ କରାଯିବ ନାହିଁ ବୋଲି କହିଛନ୍ତି। ଭିଜା ବିବାଦକୁ ନେଇ ପ୍ରିନ୍ସ ହ୍ୟାରି ଆଇନଗତ ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଥିବାବେଳେ ଟ୍ରମ୍ପଙ୍କର ଏହି ବୟାନ ସାମ୍ନାକୁ ଆସିଛି। ଟ୍ରମ୍ପ କହିଛନ୍ତି, ପ୍ରିନ୍ସ ହ୍ୟାରିଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯିବ ନାହିଁ। ତାଙ୍କୁ ଆମେରିକାରୁ ନିର୍ବାସିତ କରିବାକୁ ସେ ଚାହୁଁନାହାନ୍ତି। ସ୍ତ୍ରୀ ମେଘାନ ମର୍କେଲଙ୍କ ସହ ତାଙ୍କର ବହୁ ସମସ୍ୟା ଲାଗିରହିଛି। ତେଣୁ ସେ ହ୍ୟାରିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବେ ନାହିଁ ଏବଂ ତାଙ୍କୁ ଏକା ଛାଡ଼ିଦେବେ ବୋଲି ଟ୍ରମ୍ପ କହିଛନ୍ତି। ଏହି ଅବସରରେ ସେ ୱେଲ୍ସ ଯୁବରାଜ ୱିଲିୟମଙ୍କର ପ୍ରଶଂସା କରିଛନ୍ତି। ପ୍ରକାଶ ଯେ, ୱାଶିଂଟନ ଡିସିରେ ପ୍ରିନ୍ସ ହ୍ୟାରିଙ୍କ ଭିଜାକୁ ନେଇ ଆଇନଗତ ମାମଲା ଜାରି ରହିଛି। ପ୍ରିନ୍ସ ହ୍ୟାରି ଅତୀତରେ ବେଆଇନ ଡ୍ରଗ୍ସ ବ୍ୟବହାର ସମ୍ବନ୍ଧିତ ସୂଚନାକୁ ଲୁଚାଇଛନ୍ତି, ଯେଉଁଥିପାଇଁ ସେ ଆମେରିକାର ଭିଜା ପାଇବାକୁ ଅଯୋଗ୍ୟ ବୋଲି ହେରିଟେଜ୍ ଫାଉଣ୍ଡେଶନ ନାମକ ଏକ ସଂସ୍ଥା ପକ୍ଷରୁ ଅଭିଯୋଗ କରାଯାଇଛି। ହେରିଟେଜ୍ ଫାଉଣ୍ଡେଶନ ନିଜ ଅଭିଯୋଗରେ ପ୍ରିନ୍ସ ହ୍ୟାରିଙ୍କ ଆତ୍ମଜୀବନୀ 'ସ୍ପେୟାର'ର ଉଲ୍ଲେଖ କରିଛି, ଯେଉଁଥିରେ ସେ କାନ୍‌ବିସ୍ ଓ କୋକେନ୍ ଭଳି ଡ୍ରଗ୍ସ ବ୍ୟବହାର କରୁଥିବାର ସ୍ୱୀକାର କରିଛନ୍ତି।

## ସଂକ୍ଷେପରେ

### ମହାକୁମ୍ଭରେ ୪ର୍ଥ ନିଆଁ

ମହାକୁମ୍ଭ ନଗର, ୯।୨

ପ୍ରୟାଗରାଜର ମହାକୁମ୍ଭ ମେଳା ସ୍ଥଳରେ ରବିବାର ପୁଣିଥରେ ଅଗ୍ନିକାଣ୍ଡ ଘଟିଛି। ଗ୍ୟାସ୍ ସିଲିଣ୍ଡରରେ ଲିକ୍ ଯୋଗୁ ସେକ୍ଟର ୧୯ସ୍ଥିତ କଳ୍ପବାସୀ ଶିବିରରେ ନିଆଁ ଲାଗିଥିଲା। ଅଗ୍ନିଶମ କର୍ମଚାରୀମାନେ ତୁରନ୍ତ ଉକ୍ତ ନିଆଁକୁ ଆୟତ୍ତ କରିଥିବାବେଳେ କେହି ମୃତାହତ ହୋଇନାହାନ୍ତି। ଓମ୍‌ପ୍ରକାଶ ପାଣ୍ଡେ ସେବା ସଂସ୍ଥାନ ପକ୍ଷରୁ ଏହି ଟେଣ୍ଟ ପକାଯାଇଥିଲା। ମହାକୁମ୍ଭ ନଗରରେ ଏହା ଚତୁର୍ଥ ଅଗ୍ନିକାଣ୍ଡ। ପୂର୍ବରୁ ଜାନୁଆରୀ ୧୯, ୨୫ ଏବଂ ଫେବୃଆରୀ ୭ରେ ସେଠାରେ ନିଆଁ ଲାଗି ବହୁସଂଖ୍ୟାରେ ଟେଣ୍ଟ ଜଳିଯାଇଥିଲେ ମଧ୍ୟ କେହି ମୃତାହତ ହୋଇ ନ ଥିଲେ।

### କୋଲକାତା ବସ୍ତିରେ ନିଆଁ: ଜଣେ ମୃତ



କୋଲକାତା, ୯।୨

କୋଲକାତା ମହାନଗର ଅନ୍ତର୍ଗତ ନାରକେଲଡାଙ୍ଗା ଅଞ୍ଚଳରେ ଥିବା ଝୁମ୍ପୁଡ଼ି ବସ୍ତିରେ ନିଆଁ ଲାଗିଯାଇଛି। ଏହି ଅଗ୍ନିକାଣ୍ଡରେ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଅନ୍ୟୁନ ୩୦ଟି ଝୁମ୍ପୁଡ଼ି ଜଳିଯାଇଛି। ଶନିବାର ବିଳମ୍ବିତ ରାତିରେ ଏହି ଅଗ୍ନିକାଣ୍ଡ ଘଟିଥିବାବେଳେ ନିଆଁକୁ ଆୟତ୍ତ କରିବା ପାଇଁ ୧୭ଟି ଦମକଳକୁ ନିୟୋଜିତ କରାଯାଇଥିଲା। ଅଗ୍ନିକାଣ୍ଡ ଯୋଗୁ ପ୍ରାୟ ୨୦୦ ଲୋକ ବାସହରା ହୋଇଥିବାବେଳେ ସେମାନଙ୍କୁ ଅସ୍ଥାୟୀ ଆଶ୍ରୟ ଯୋଗାଇଦିଆଯାଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। ମୃତକ ଜଣକ ହବିବୁଲ୍ଲା ମୋଲ୍ଲା(୬୫) ବୋଲି ଜଣାପଡ଼ିଛି। ରବିବାର ପଶ୍ଚିମବଙ୍ଗ ପୌରାଞ୍ଚଳ ବ୍ୟାପାର ମନ୍ତ୍ରୀ ଓ କୋଲକାତା ମେୟର ଫିର୍‌ହାଦ ହାକିମ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି।

## ସବୁ ଭାରତୀୟ ମିଶନର ସୁରକ୍ଷା ଆକଳନ କରାଯାଉ

### ବହିର୍ବ୍ୟାପାର ମନ୍ତ୍ରଣାଳୟକୁ ସଂସଦୀୟ କମିଟିର ସୁପାରିସ

ନୂଆଦିଲ୍ଲୀ, ୯।୨

ବହିର୍ବ୍ୟାପାର ମନ୍ତ୍ରଣାଳୟ ଭାରତୀୟମାନେ ରହୁଥିବା ଅନ୍ୟ ଦେଶଗୁଡ଼ିକର ଭୂରାଜନୈତିକ ସ୍ଥିତି, ସମ୍ଭାବ୍ୟ ବିପଦ ଏବଂ ଦୁର୍ବଳ ସ୍ଥିତିକୁ ଦୃଷ୍ଟିରେ ରଖି ସମସ୍ତ ଭାରତୀୟ ମିଶନ ଓ ପଦବୀଗୁଡ଼ିକର ବିସ୍ତୃତ ସୁରକ୍ଷା ଆକଳନ କରିବା ଉଚିତ ବୋଲି ସଂସଦୀୟ କମିଟି ସୁପାରିସ କରିଛି। ୪୨ଟି ଦେଶରେ ସମ୍ପ୍ରତି ଭାରତର ଆବାସିକ ମିଶନ ନ ଥିବା ବହିର୍ବ୍ୟାପାର ସମ୍ପର୍କିତ ସଂସଦୀୟ କମିଟି ରିପୋର୍ଟରେ ଦର୍ଶାଯାଇଛି। ନୂଆ ମିଶନ ପ୍ରତିଷ୍ଠା କରିବାରେ ସମ୍ମୁଖୀନ ହେବାକୁ ପଡୁଥିବା ଆହ୍ୱାନଗୁଡ଼ିକୁ କମିଟି ସ୍ୱୀକାର କରିଛି। ଭାରତର ଉଲ୍ଲେଖନୀୟ ଅର୍ଥନୈତିକ କିମ୍ବା ରଣନୀତିକ ସ୍ୱାର୍ଥ ଥିବା ଅଥବା ଅଧିକ ପ୍ରବାସୀ ଭାରତୀୟ ରହୁଥିବା ଦେଶଗୁଡ଼ିକରେ ଏହି ସମସ୍ୟା କମାଇବା ଦିଗରେ ଉଦ୍ୟମ ବଢ଼ାଇବାକୁ କମିଟି ସୁପାରିସ କରିଛି। କଂଗ୍ରେସ ଏମ୍‌ପି ଶଶୀ ଥରୁରଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ଗତ ସପ୍ତାହରେ ପାର୍ଲାମେଣ୍ଟରେ ଅନୁଦାନ ଦାବି (୨୦୨୪-୨୫) ରିପୋର୍ଟ ଦାଖଲ କରିଥିଲା।

## କଏଦୀଙ୍କୁ ଖସାଇ ନେବାକୁ ରାଷ୍ଟ୍ରପତିଙ୍କ ନାଁରେ ଜାଲ୍ ଚିଠି

### ମାମଲା ରୁଜୁ କଲା ପୋଲିସ

ଶାହାରନପୁର, ୯।୨

ଉତ୍ତରପ୍ରଦେଶର ଶାହରନପୁର ଜିଲା କାରାଗାରରେ ଜଣେ ବିଚାରାଧୀନ ହତ୍ୟା ଅଭିଯୁକ୍ତଙ୍କୁ ମୁକୁଳାଇବା ପାଇଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ନାମରେ ଏକ ନକଲି ନିର୍ଦ୍ଦେଶ ହସ୍ତଗତ ହୋଇଛି। ସ୍ଥାନୀୟ ଜନକପୁରୀ ଥାନା ପୋଲିସ ଘଟଣାକୁ ନେଇ ମାମଲା ରୁଜୁ କରିବା ସହ ତଦନ୍ତ ଆରମ୍ଭ କରିଛି। ଶନିବାର ରାଷ୍ଟ୍ରପତିଙ୍କ ନାମରେ ଉକ୍ତ ନିର୍ଦ୍ଦେଶ ଏକ ଚିଠି ମାଧ୍ୟମରେ ଶାହରନପୁର ଜିଲା କାରାଗାରର ବରିଷ୍ଠ ଜେଲ ଅଧୀକ୍ଷକ ସତ୍ୟପ୍ରକାଶଙ୍କୁ ମିଳିଥିଲା। ସନ୍ଦେହ ବଢ଼ିବାରୁ ସତ୍ୟପ୍ରକାଶ ଉକ୍ତ ଚିଠିର ତଦନ୍ତ କରାଇଥିଲେ, ଯାହା ନକଲି ବୋଲି ଜଣାପଡ଼ିଥିଲା।




'ବିଜ୍ଞାନରେ ମହିଳା ଓ ବାଳିକା ଅନ୍ତର୍ଜାତୀୟ ଦିବସ' ପାଳନ ଅବ୍ୟବହିତ ପୂର୍ବରୁ ରବିବାର ଜବଲପୁରରେ 'ଶାଢ଼ି ୱାକାଥନ୍' ସଚେତନତା କାର୍ଯ୍ୟକ୍ରମରେ ମହିଳାମାନେ ଭାଗ ନେଇଛନ୍ତି।

## ଦିଲ୍ଲୀ ମୁଖ୍ୟମନ୍ତ୍ରୀ ପଦରୁ ଆତିଶୀଙ୍କ ଇସ୍ତଫା

### ମୋଦି ଆମେରିକାରୁ ଫେରିଲେ ନୂଆ ମୁଖ୍ୟମନ୍ତ୍ରୀଙ୍କ ଶପଥ

ନୂଆଦିଲ୍ଲୀ, ୯।୨ (ପି.ଟି.)

ଦିଲ୍ଲୀ ବିଧାନସଭା ନିର୍ବାଚନରେ ଆମ୍ ଆଦ୍‌ମୀ ପାର୍ଟି (ଆପ୍) ଶୋଚନୀୟ ପରାଜିତ ହେବାର ଦିନକ ପରେ ମୁଖ୍ୟମନ୍ତ୍ରୀ ପଦରୁ ଆତିଶୀ ଇସ୍ତଫା ଦେଇଛନ୍ତି। କାଲ୍‌କାଜି ଆସନରୁ ଜିତିଥିବା ଆତିଶୀ ରବିବାର ଉପରାଜ୍ୟପାଳ ଭି.କେ. ସାକ୍ସେନାଙ୍କୁ ଭେଟି ଇସ୍ତଫାପତ୍ର ପ୍ରଦାନ କରିଛନ୍ତି। ନୂଆ ସରକାର ଗଢ଼ାହେବା ପର୍ଯ୍ୟନ୍ତ ବିଦାୟୀ ମୁଖ୍ୟମନ୍ତ୍ରୀଙ୍କୁ ଉକ୍ତ ପଦରେ ରହିବାକୁ ସାକ୍ସେନା କହିଥିବା ତାଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା



ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଆତିଶୀ ଉପରାଜ୍ୟପାଳ ଭି.କେ. ସାକ୍ସେନାଙ୍କୁ ଇସ୍ତଫାପତ୍ର ଦେଉଛନ୍ତି।

ଦିଆଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମେରିକା ଗସ୍ତରୁ ଫେରିବା ପରେ ଆସନ୍ତା ସପ୍ତାହରେ ଭାଜପା ସରକାର ଗଠନ ପାଇଁ ଦାବି ଉପସ୍ଥାପନ କରିବ ବୋଲି ଆଶା କରାଯାଉଛି। ଶନିବାର ନିର୍ବାଚନ ଫଳ ପ୍ରକାଶ ପାଇବା ପରେ ଉପରାଜ୍ୟପାଳ ଦିଲ୍ଲୀ ବିଧାନସଭା ଭଙ୍ଗ କରିଥିଲେ।

ଗତ ୫ ତାରିଖରେ ଅନୁଷ୍ଠିତ ୭୦ ଆସନ ବିଶିଷ୍ଟ ଦିଲ୍ଲୀ ବିଧାନସଭା ନିର୍ବାଚନରେ ଭାଜପା ୪୮ ଆସନରେ ବିଜୟୀ ହୋଇ ୨୬ ବର୍ଷରୁ ଊର୍ଦ୍ଧ୍ୱ ସମୟ ବ୍ୟବଧାନରେ ଦିଲ୍ଲୀରେ କ୍ଷମତାକୁ ଫେରିଛି। ଅନ୍ୟପକ୍ଷରେ ଶାସକ ଆପ୍ ୨୨ ଆସନରେ ସୀମିତ ରହିଥିବାବେଳେ କଂଗ୍ରେସ କ୍ରମାଗତ ତୃତୀୟ ଥର ପାଇଁ ଖାତା ଖୋଲିପାରି ନାହିଁ। ଅବକାରୀ ଦୁର୍ନୀତି ମାମଲାରେ ଜେଲ୍ ଯିବା ପରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ନିଜ ପଦରୁ ଇସ୍ତଫା ଦେବାରୁ ଗତବର୍ଷ ସେପ୍ଟେମ୍ବରରେ ଆତିଶୀ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ। ଦିଲ୍ଲୀରେ ଆପ୍ ଏକ ଗଠନମୂଳକ ବିରୋଧୀ ଦଳର ଭୂମିକା ନିର୍ବାହ କରିବ ବୋଲି ଦଳୀୟ ମୁଖପାତ୍ର ପ୍ରିୟଙ୍କା କକ୍କର କହିଛନ୍ତି। ୨୬ ବର୍ଷ ପରେ ଭାଜପା ଦିଲ୍ଲୀରେ କ୍ଷମତାକୁ ଫେରିଥିବାରୁ ନୂଆ ସରକାରଙ୍କ ଶପଥ ଗ୍ରହଣ ଉତ୍ସବ ବହୁ ଆଡ଼ମ୍ବର ସହିତ ଆୟୋଜନ ହେବାକୁ ଯାଉଛି। ପ୍ରଧାନମନ୍ତ୍ରୀ ଆମେରିକାରୁ ଫେରିବା ପରେ ଏହି ଉତ୍ସବ ଅନୁଷ୍ଠିତ ହେବ ବୋଲି ଭାଜପା ସୂତ୍ରରୁ ଜଣାପଡ଼ିଛି।

## ଫୁରସତ୍

### ପ୍ରୟାଗରାଜରେ ବାବାଙ୍କ କ୍ରିକେଟ ଖେଳ

ପ୍ରୟାଗରାଜ



ମହାକୁମ୍ଭ ୨୦୨୫ରେ ଅନେକ ବାବା ନିଜର ନିଆରା ଅନ୍ଦାଜ କାରଣରୁ ଚର୍ଚ୍ଚାକୁ ଆସି ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି। ସେମାନଙ୍କର ବ୍ୟକ୍ତିତ୍ୱ ଏବଂ ଜୀବନଶୈଳୀ ଲୋକଙ୍କୁ ପ୍ରଭାବିତ କରିପାରିଛି। ତେବେ ମହାକୁମ୍ଭ ମେଳାରେ ଯୋଗ ଦେଇଥିବା ସାଧୁ, ସନ୍ଥ ଏବଂ ବାବାମାନେ କ୍ରିକେଟ ଖେଳୁଥିବାର ଏକ ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି। ଜିତେନ୍ଦ୍ର କୁମାର ସିଂ ନାମକ ଜଣେ ଏକ୍ସ' ୟୁଜର୍ସ ଏହି ଭିଡିଓ ଶେୟାର କରିଛନ୍ତି। ଭିଡିଓରେ ବିଭିନ୍ନ ବାବା ଚୌକା, ଛକା ମାରିବା ସହ କ୍ରିକେଟ ଖେଳର ଭରପୂର ଆନନ୍ଦ ଉଠାଉଥିବାର ନଜରକୁ ଆସିଛନ୍ତି। ଏହି କ୍ରିକେଟ ଖେଳ ଚାଲିଥିବା ବେଳେ ପଡ଼ିଆରେ ଉପସ୍ଥିତ ଦର୍ଶକ କରତାଳି ଦେଇ ବାବାମାନଙ୍କୁ ଉତ୍ସାହିତ କରୁଥିବା ଦେଖିବାକୁ ମିଳିଛି। ଜିତେନ୍ଦ୍ର ଭିଡିଓର କ୍ୟାପ୍‌ଶନ୍‌ରେ ଲେଖିଛନ୍ତି, ମହାକୁମ୍ଭରେ କ୍ରିକେଟ ଖେଳ ପ୍ରତି ବାବାମାନଙ୍କ ପ୍ରେମ। ଏହି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଥିବାବେଳେ ଅନେକ ୟୁଜର୍ସ ଏଥିରେ ବିଭିନ୍ନ ମଜାଳିଆ କମେଣ୍ଟ ଦେଉଛନ୍ତି।

### ମହାକୁମ୍ଭ ଯିବାକୁ ଡରୁଛନ୍ତି ଭାରତୀ



ଭାରତୀ ସିଂ

ମୁମ୍ବାଇ

ଉତ୍ତରପ୍ରଦେଶର ପ୍ରୟାଗରାଜରେ ବିଶ୍ୱର ସର୍ବବୃହତ ଧାର୍ମିକ ମହୋତ୍ସବ ମହାକୁମ୍ଭ ମେଳା ଚାଲିଥିବାବେଳେ ଅନେକ ବଲିଉଡ୍ ସେଲିବ୍ରିଟି ଏଥିରେ ଯୋଗଦେଇ ପବିତ୍ର ତ୍ରିବେଣୀ ସଙ୍ଗମରେ ବୁଡ଼ ପକାଉଛନ୍ତି। ଅଭିନେତା ସୋନୁ ସୁଦ୍, ରାଜକୁମାର ରାଓ, ଅନୁପମ ଖେର, ମିଲିନ୍ଦ ସୋମନ ଏବଂ ଅଭିନେତ୍ରୀ ହେମା ମାଳିନୀ, ଇଶା ଗୁପ୍ତା ପ୍ରମୁଖ ବହୁ ତାରକା ବର୍ତ୍ତମାନ ସୁଦ୍ଧା ମହାକୁମ୍ଭରେ ପହଞ୍ଚି ପବିତ୍ର ସ୍ନାନ କରିସାରିଲେଣି। ତେବେ ରବିବାର ଏକ ସାକ୍ଷାତ୍‌କାରରେ ହାସ୍ୟ ଅଭିନେତ୍ରୀ ଭାରତୀ ସିଂ ମହାକୁମ୍ଭକୁ ଯିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। କିଛିଦିନ ତଳେ ମହାକୁମ୍ଭରେ ଦଳାଚକଟା ଘଟି ଏକାଧିକ ଲୋକଙ୍କର ମୃତ୍ୟୁ ଘଟିଥିଲା। ଏହାପରଠାରୁ ସେ ମହାକୁମ୍ଭ ମେଳାକୁ ଯିବା ପାଇଁ ଭୟ କରୁଥିବା ଭାରତୀ କହିଛନ୍ତି। ଭାରତୀ କହିଛନ୍ତି, ମହାକୁମ୍ଭକୁ ଯିବାକୁ ବହୁ ଇଚ୍ଛା ଥିଲେ ସୁଦ୍ଧା ସେ ଯିବେନାହିଁ। ମହାକୁମ୍ଭରେ ଯେଉଁ ଭଳି ଭାବେ ଶ୍ରଦ୍ଧାଳୁଙ୍କ ସମାଗମ ଘଟୁଛି, ଏପରି ସ୍ଥଳେ ସେଠାକୁ ନ ଯିବା ହିଁ ଠିକ୍ ହେବ। ମହାକୁମ୍ଭ ଗଲେ ବିଭିନ୍ନ ଅଘଟଣ ଘଟିବାର ସମ୍ଭାବନା ରହିଛି। ଏତେ ଲୋକଙ୍କ ଭିଡ଼ ଭିତରେ ସେ ଚେତାଶୂନ୍ୟ ହୋଇଯାଇ ପାରନ୍ତି କିମ୍ବା ତାଙ୍କ ପୁଅ ଓ ସେ ଅଲଗା ହୋଇଯାଇ ପାରନ୍ତି। ପ୍ରତିଦିନ ମହାକୁମ୍ଭରୁ କିଛି ନା କିଛି ଦୁଃଖଦ ଖବର ଶୁଣିବାକୁ ମିଳୁଛି। ନିଜ ପୁଅଙ୍କୁ ଧରି ସେଠାକୁ ଯିବାକୁ ସେ ଭାବି ମଧ୍ୟ ପାରୁନାହାନ୍ତି ବୋଲି ଭାରତୀ କହିଛନ୍ତି।

ତେବେ ଭାରତୀଙ୍କର ଏହି ପ୍ରତିକ୍ରିୟାକୁ ନେଇ ସୋସିଆଲ ମିଡିଆରେ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଭାରତୀ ଠିକ୍ କହୁଛନ୍ତି ବୋଲି କିଛି ୟୁଜର୍ସ କହୁଛନ୍ତି। ସେହିପରି ଭାରତୀ ଅଯଥା ମହାକୁମ୍ଭ ମେଳାକୁ ବଦନାମ କରୁଥିବା କହି ଆଉ କିଛି ୟୁଜର୍ସ ତାଙ୍କୁ ସମାଲୋଚନା କରିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୨୦୪୭ ସୁଦ୍ଧା ୩୫୦ ବିଲିୟନ ଡଲାର ଫାର୍ମାସ୍ୟୁଟିକାଲ ରପ୍ତାନି ଆକଳନ

**ଭୁବନେଶ୍ୱର,୯।୨(ଅନୁରାଧା ମହାରଣା)**

୨୦୨୩ରେ ଭାରତର ଫାର୍ମାସ୍ୟୁଟିକାଲ ରପ୍ତାନି ପରିମାଣ ପ୍ରାୟ ୨୭ ବିଲିୟନ ଡଲାର ଥିବାବେଳେ ୨୦୩୦ ସୁଦ୍ଧା ଏହା ୬୫ ବିଲିୟନ ଡଲାରରେ ବୃଦ୍ଧି ପାଇବ। ୨୦୪୭ ସୁଦ୍ଧା ୩୫୦ ବିଲିୟନ ଡଲାରରେ ପହଞ୍ଚିପାରେ ବୋଲି ଆକଳନ କରାଯାଇଛି। ସର୍ବଭାରତୀୟ ସ୍ତରରେ ଜେନେରିକ ମେଡିସିନ୍ ଯୋଗାଣକାରୀ ଭାବେ ଭାରତ ପରିଚିତ। ବିଶ୍ୱସ୍ତରରେ ବିକ୍ରି ହେଉଥିବା ପ୍ରତି ପାଞ୍ଚଟି ଜେନେରିକ ମେଡିସିନ୍ ମଧ୍ୟରୁ ଗୋଟିଏ ଭାରତରେ ଉତ୍ପାଦିତ ହୁଏ। ରପ୍ତାନି



ମୂଲ୍ୟ ଦୃଷ୍ଟିରୁ ଭାରତ ବର୍ତ୍ତମାନ ଏକାଦଶ ସ୍ଥାନରେ ରହିଛି। ଇଣ୍ଡିଆନ ଫାର୍ମାସ୍ୟୁଟିକାଲ ଆଲାଏନ୍ସ (ଆଇପିଏ), ଇଣ୍ଡିଆନ ଡ୍ରଗ ଉତ୍ପାଦକ ସଂଘ (ଆଇଡିଏମ୍ଏ) ଏବଂ ଫାର୍ମାକ୍ସିଲ ସହଯୋଗରେ ପ୍ରସ୍ତୁତ ହୋଇଥିବା ରିପୋର୍ଟରେ ଦର୍ଶାଯାଇଛି ଯେ, ରପ୍ତାନି ମୂଲ୍ୟରେ ୨୦୪୭ ସୁଦ୍ଧା ଭାରତ କିପରି ରପ୍ତାନି କ୍ଷେତ୍ରରେ ନୂତନତା ସୃଷ୍ଟି କରିପାରିବ ଏବଂ ବିଶେଷତଃ ଜେନେରିକ, ବାୟୋସିମିଲାର ଏବଂ ଅଭିନବ ଉତ୍ପାଦକୁ ଅନ୍ତର୍ଭୁକ୍ତ କରିବ। କେନ୍ଦ୍ର ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ କହିଛନ୍ତି, ଭାରତ ଦୀର୍ଘ ଦିନ ଧରି ବିଶ୍ୱର ଫାର୍ମାସି ଭାବେ ଉଭା ହୋଇଛି। ବର୍ତ୍ତମାନ ଆମେ ଭାରତ ପାଇଁ ଭାରତର ଏହି ପରିଚୟକୁ 'ବିଶ୍ୱର ସ୍ୱାସ୍ଥ୍ୟ ସୁରକ୍ଷା ସଂରକ୍ଷକ' ଭାବେ ପ୍ରସ୍ତୁତ କରିବାକୁ ଚାହୁଁଛୁ। ଉଦ୍ଭାବନ ଓ ଅନୁସନ୍ଧାନକୁ ପ୍ରୋତ୍ସାହିତ କରି ନିରନ୍ତର ଲକ୍ଷ୍ୟ ହାସଲ କରିବାକୁ ସରକାର ଏହି ପ୍ରତିଶ୍ରୁତିବଦ୍ଧ। କେନ୍ଦ୍ରମନ୍ତ୍ରୀ ଆହୁରି କହିଛନ୍ତି, ଏକାଡେମୀ , ଶିଳ୍ପ ଏବଂ ସରକାରଙ୍କ ମଧ୍ୟରେ ସହଯୋଗକୁ ମଜଭୁତ କରି ଆମେ ଏକ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ କ୍ଷେତ୍ର ଗଠନ କରିବା ଜାରି ରଖିବୁ, ଯାହା ସମଗ୍ର ବିଶ୍ୱରେ ସ୍ୱାସ୍ଥ୍ୟସେବାରେ ଯୋଗଦାନ କରିବ। ୨୦୪୭ ସୁଦ୍ଧା ଭାରତର ଏପିଆଇ ରପ୍ତାନି ବଜାର ବର୍ତ୍ତମାନ ୫ ବିଲିୟନ ଡଲାରରୁ ୮୦-୯୦ ବିଲିୟନ ଡଲାରକୁ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି। ବିଶ୍ୱର ବାୟୋସିମିଲାର୍ ବଜାରରେ ଭାରତୀୟ କମ୍ପାନୀଗୁଡିକର ୫%ରୁ କମ୍ ଅଂଶ ଅଛି । ଅନୁସନ୍ଧାନରେ ନିବେଶ ବୃଦ୍ଧି, ୪୦ରୁ ଅଧିକ ଉତ୍ପାଦର ବିସ୍ତାରିତ ପାଇପଲାଇନ ଏବଂ ପରବର୍ତ୍ତୀ ୩-୪ ବର୍ଷ ମଧ୍ୟରେ ଯୋଜନାବଦ୍ଧ କ୍ଷମତା ଯୋଗ ହେତୁ ଏହା ଅଗ୍ରଗତି ଦେଖାଉଛି। ରିପୋର୍ଟରେ ଦର୍ଶାଯାଇଛି ଯେ, ଭାରତୀୟ ବାୟୋସିମିଲାର ରପ୍ତାନି ବର୍ତ୍ତମାନ ୦.୮ ବିଲିୟନ ଡଲାରରେ ରହିଛି। ୨୦୩୦ ସୁଦ୍ଧା ଏହା ୫ ଗୁଣ ବୃଦ୍ଧି ହୋଇ ୪.୨ ବିଲିୟନ ଡଲାରରେ ପହଞ୍ଚିବ ଏବଂ ୨୦୪୭ ସୁଦ୍ଧା ରପ୍ତାନି ୩୦-୩୫ ବିଲିୟନ ଡଲାରରେ ପହଞ୍ଚିପାରେ।

# ନିବେଶର କେନ୍ଦ୍ରବିନ୍ଦୁ ହେବ ସୁନା: ସଞ୍ଜୟ

**ଭୁବନେଶ୍ୱର,୯।୨**

ବର୍ତ୍ତମାନ ସମୟରେ ସୁନା ଦର ଓ ବଜାରକୁ ନେଇ ସବୁଆଡେ ଚର୍ଚ୍ଚା ହେଉଥିଲାବେଳେ ସୁନା ନିବେଶର ମୁଖ୍ୟ କେନ୍ଦ୍ରବିନ୍ଦୁ ହେବ ବୋଲି ଲାଲ୍‌ଚନ୍ଦ ଜୁଏଲର୍ସର ପ୍ରତିଷ୍ଠାତା ସଞ୍ଜୟ ହଂସ ଆକଳନ କରିଛନ୍ତି। ଅପରପକ୍ଷରେ ଟ୍ରମ୍ପଙ୍କ ଆକ୍ରମଣାତ୍ମକ ବାଣିଜ୍ୟ ନୀତି ଓ ତାଙ୍କ ଦ୍ୱାରା ଟାର୍ଗେଟ୍ କରାଯାଇଥିବା ଦେଶଗୁଡ଼ିକଠାରୁ ପ୍ରତିଶୋଧର ଭୟ ସୁନାର ମୂଲ୍ୟକୁ ବୃଦ୍ଧି କରିଛି। ତଥାପି ସୁନା ବଜାର ଉପରେ ଅଭିଜ୍ଞ ସଞ୍ଜୟ ହଂସ ବିଶ୍ୱାସ କରନ୍ତି, ସୁନା ବର୍ତ୍ତମାନ ବି ଏକ ସୁରକ୍ଷିତ ନିବେଶ। ଯେତେବେଳେ ଆର୍ଥିକ ଏବଂ ଭୂ-ରାଜନୈତିକ ଅସ୍ଥିରତା ଥାଏ, ସେତେବେଳେ ଏହାକୁ ନିରାପଦ ଭାବେ ବିବେଚନା କରାଯାଏ ବୋଲି ସେ କହିଛନ୍ତି। ସେହିଭଳି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଚାଇନା,ମେକ୍ସିକୋ ଏବଂ କାନାଡ଼ା ଭଳି ଦେଶଗୁଡ଼ିକ



ସଞ୍ଜୟ ହଂସ

ଉପରେ ଶାସ୍ତିମୂଳକ ଶୁଳ୍କ ଲାଗୁ କରିବା ପଦକ୍ଷେପ ଯୋଗୁ ବିଶ୍ୱରେ ବାଣିଜ୍ୟ ଯୁଦ୍ଧର ଆଶଙ୍କା ସୃଷ୍ଟି ହୋଇଛି। ଏହା ସହିତ ଟଙ୍କା ଦୁର୍ବଳ ହେବା କାରଣରୁ ସୁନା ମୂଲ୍ୟ ରେକର୍ଡ ସ୍ତରରେ ପହଞ୍ଚିଯାଇଛି। ବର୍ତ୍ତମାନର ବଜାର ଅସ୍ଥିରତା ମୁଖ୍ୟତଃ ଆମେରିକା ଦ୍ୱାରା ଚାଇନା, ମେକ୍ସିକୋ ଏବଂ କାନାଡ଼ା ଉପରେ ଶୁଳ୍କ ଲାଗୁ କରାଯିବା ଯୋଗୁ ହୋଇଛି ଏବଂ ଫଳସ୍ୱରୂପ ପ୍ରତିଶୋଧମୂଳକ ପଦକ୍ଷେପ ବିଶ୍ୱବଜାରକୁ ଅସ୍ଥିର କରିଛି। ୨୦୨୫ରେ ସୁନା ମୂଲ୍ୟ ପ୍ରାୟ ୧୦% ବୃଦ୍ଧି ପାଇଛି।

# ମାର୍ଚ୍ଚ ୪ରେ ୩ଏ ସିରିଜ୍‌ର ଅନାବରଣ

**ନୂଆଦିଲ୍ଲୀ,୯।୨**

ନଥିଙ୍ଗର ସଦ୍ୟତମ କମ୍ୟୁନିଟି କ୍ୱାର୍ଟର୍ଲି ଅପଡେଟ ଭିଡିଓ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ୨୦୨୫ ମାର୍ଚ୍ଚ ୪ ଅପରାହ୍ନ ୩ ଟା ୩୦ ମିନିଟରେ ବ୍ରାଣ୍ଡର ନୂତନ ଫୋନ୍ (୩ଏ) ସିରିଜ୍‌ର ଅନାବରଣ (ଉନ୍ମୋଚନ) ହେବ। ଏ ସମ୍ପର୍କରେ ନଥିଙ୍ଗର ସହ-ପ୍ରତିଷ୍ଠାତା ଏକିସ ଏଭାଲେଡିସ୍ କହିଛନ୍ତି, ଏ ସିରିଜ ପାଇଁ ଆମର ଭିନ୍ନ ସେଟ୍‌ର ୟୁଜର୍ ରହିଛନ୍ତି। ଏପରିକି ଲୋକମାନେ ସ୍ମାର୍ଟଫୋନ୍ କିଣିବା ସମୟରେ କିଛି ଲୋକ ସବୁଠୁ ଶ୍ରେଷ୍ଠ ବିଶିଷ୍ଟତା ଦେଖିଥାନ୍ତି, ସେମାନେ ନୂଆ ଇନୋଭେଶନ୍ ଏବଂ ପ୍ରୋସେସର୍ ଚାହିଁଥାନ୍ତି। ତଥାପି ଆହୁରି କିଛି ୟୁଜର୍ ରହିଛନ୍ତି,ଯେଉଁମାନେ ଟେକ୍‌କୁ ନେଇ ଆଗ୍ରହୀ ଥିଲେ ମଧ୍ୟ ଭଲ ୟୁଜର୍ ଅନୁଭୂତିକୁ ନେଇ ଖୁସି ହୋଇଥାନ୍ତି। ଏମାନଙ୍କ ପାଇଁ ହିଁ (ଏ) ସିରିଜ୍ ଉଦ୍ଦିଷ୍ଟ ରହିଛି।

ସେହିଭଳି କ୍ୟାମେରା, ସ୍କ୍ରିନ୍, ପ୍ରୋସେସର୍ ଏବଂ ନିଶ୍ଚିତ ଭାବେ ଡିଜାଇନ୍ ଆଦି ଉପରେ ଗୁରୁତ୍ୱ ଦେଇ ଆମେ ୟୁଜର୍‌ଙ୍କ ଆବଶ୍ୟକତା ଉପରେ ଧ୍ୟାନ କେନ୍ଦ୍ରିତ କରିଛୁ।

# ଆୟୁର୍ବେଦର ପ୍ରଚାରପ୍ରସାର ଉପରେ ପତଞ୍ଜଳିର ଗୁରୁତ୍ୱ



**ଭୁବନେଶ୍ୱର,୯।୨**

ଶିକ୍ଷା ମନ୍ତ୍ରଣାଳୟ ଅଧୀନ ରାଷ୍ଟ୍ରୀୟ ପୁସ୍ତକ ନ୍ୟାସ ତତ୍ତ୍ୱାବଧାନରେ ନୂଆଦିଲ୍ଲୀ ପ୍ରଗତି ମଇଦାନସ୍ଥିତ ଭାରତ ମଣ୍ଡପରେ ୱାର୍ଲ୍ଡ ବୁକ୍ ଫେୟାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ପତଞ୍ଜଳି ଯୋଗପୀଠର ମହାମନ୍ତ୍ରୀ ଆଚାର୍ଯ୍ୟ ବାଲକ୍ରିଷ୍ଣା ଯୋଗଦେଇଥିଲେ। ଏ ଅବସରରେ ସେ କହିଥିଲେ, ସମଗ୍ର ବିଶ୍ୱରେ 'ଯୋଗ' ଏପରି ଏକ ଶବ୍ଦ ଯାହାକୁ ସମସ୍ତ ଭାଷାଭାଷୀ ଲୋକ ସେହି ସମାନ ଅର୍ଥରେ ବୁଝିପାରନ୍ତି। ବ୍ରିଦିଙ୍ଗ ଏକ୍ସରସାଇଜ୍, ଫିଜିକାଲ ଏକ୍ସରସାଇଜ୍, ଆସନ ଓ ପ୍ରାଣାୟମ ବିଷୟରେ ଅଧିକାଂଶ ଲୋକ ଜାଣନ୍ତି। ଏହାସହ ଆୟୁର୍ବେଦ ପ୍ରଚାର ପ୍ରସାର ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ପତଞ୍ଜଳି ପକ୍ଷରୁ ୱାର୍ଲ୍ଡ ଇନ୍‌ସାଇକ୍ଲୋପିଡିଆ ନାମରେ ପ୍ରକାଶିତ ଏକ ମହାଗ୍ରନ୍ଥରେ ୩୨ ହଜାର ଔଷଧୀୟ ବୃକ୍ଷର ସଚିତ୍ର ବର୍ଣ୍ଣନା କରାଯାଇଥିବା ଆଚାର୍ଯ୍ୟ ସୂଚନା ଦେଇଛନ୍ତି। ଏହା ବ୍ୟତୀତ ଆୟୁର୍ବେଦ ଆଧାରିତ ପୁସ୍ତକ 'ସୌମିତ୍ରେୟନିଦାନମ୍' ପ୍ରକାଶ ପାଇଛି। ସେ ଆହୁରି ମଧ୍ୟ କହିଲେ, ପତଞ୍ଜଳି ମାଧ୍ୟମରେ ଯୋଗ, ଆୟୁର୍ବେଦ ଶିକ୍ଷା, ଚିକିତ୍ସା, ଅନୁସନ୍ଧାନ, ପ୍ରାଚୀନ ପାଣ୍ଡୁଲିପି ଆଧାରିତ ଗ୍ରନ୍ଥ ତଥା ପ୍ରେରଣାଦାୟକ ଆଧ୍ୟାତ୍ମିକ ପୁସ୍ତକର ପ୍ରକାଶନ କରାଯାଇଛି। ଭାରତୀୟ ଶିକ୍ଷା ବୋର୍ଡ ଅନ୍ତର୍ଗତ ସ୍ୱଦେଶୀ ଶିକ୍ଷା ବ୍ୟବସ୍ଥାରେ ପ୍ରଥମରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟକ୍ରମ ପ୍ରକାଶ କରାଯାଉଛି।

# ଡିୟୁରେ ଖୋଲିବ ନୂତନ ପାଠ୍ୟକ୍ରମ

**ଭୁବନେଶ୍ୱର,୯।୨ (ଅଭୟ ଦାଶ)**

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା ଡ୍ରିମ୍ସ ୟୁନିଭର୍ସିଟି (ଡିୟୁ) ବୋର୍ଡ ଅଫ୍ ଗଭର୍ନର୍ସର ତୃତୀୟ ବୈଠକ ଶୁକ୍ରବାର ବିଶ୍ୱବିଦ୍ୟାଳୟର ମୁଖ୍ୟ ପ୍ରଶାସନିକ ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥଙ୍କ ପୌରୋହିତ୍ୟରେ ଏହି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକ ପ୍ରାରମ୍ଭରେ ଶିକ୍ଷାନୁଷ୍ଠାନର ସ୍ୱପ୍ନଦ୍ରଷ୍ଟା କର୍ମଯୋଗୀ ଧନେଶ୍ୱର ରଥଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ସେହିଭଳି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା ଗତ ନଭେମ୍ବରରେ ଅନୁଷ୍ଠିତ ୨ୟ ବୈଠକର ବିବରଣୀ ଉପସ୍ଥାପନ ସହ ବିଶ୍ୱବିଦ୍ୟାଳୟର ପ୍ରଥମ ସମାବର୍ତ୍ତନ ଉତ୍ସବର ସଫଳ ଆୟୋଜନ ନିମନ୍ତେ ବୋର୍ଡର ସମସ୍ତ ସହଯୋଗ ପାଇଁ କୃତଜ୍ଞତା ଓ ସାଧୁବାଦ ଜଣାଇଥିଲେ। ଏଥିସହ ବିଗତ ଏକାଡେମିକ୍ କାଉନସିଲ, ଫି ଷ୍ଟ୍ରକ୍ଚର କମିଟି, ଫାଇନାନ୍ସ କମିଟି ଓ ବୋର୍ଡ ଅଫ୍ ଗଭର୍ନର୍ସ ବୈଠକରେ ଗୃହୀତ ବିଭିନ୍ନ ପ୍ରସ୍ତାବ ଆଲୋଚନାରେ ଅନୁମୋଦନ ଲାଭ କରିଥିଲା। ସେହିପରି ଜାତୀୟ ଶିକ୍ଷାନୀତିକୁ ଗୁରୁତ୍ୱ ଦେଇ ନିଯୁକ୍ତି ସୁଯୋଗ ଥିବା ବିଭିନ୍ନ ସ୍ୱଳ୍ପ ଅବଧିଭିତ୍ତିକ ନୂତନ ପାଠ୍ୟକ୍ରମ ଖୋଲିବାକୁ ବୈଠକରେ ନୀତିଗତ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।

ଏହି ଅବସରରେ ବିଧାୟକ ଛବି ମଲ୍ଲିକଙ୍କ ସମେତ ସହ ଅଧ୍ୟକ୍ଷ ଇଂ ଦୁର୍ଗାପ୍ରସାଦ ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ନିର୍ଦ୍ଦେଶକ ପ୍ରଫୁଲ୍ଲ କୁମାର ଷଡ଼ଙ୍ଗୀ, ପ୍ରଫେସର ଡା. ବିରଞ୍ଚି ନାରାୟଣ ମହାପାତ୍ର, ପ୍ରଫେସର ଡା. ଶକ୍ତିପ୍ରସାଦ ଦାସ, ଇଂ ଡ. ପ୍ରଭାକର ସ୍ୱାଇଁ, ପ୍ରଫେସର ସୁଶାନ୍ତ କୁମାର ଦାସ, ଇଂ ଅଶୋକ କୁମାର ବାସା, ପ୍ରଫେସର ଡ. ବିଜୟାନନ୍ଦ ସିଂହ ପ୍ରମୁଖ ବୋର୍ଡର ସଦସ୍ୟ ଏବଂ ଡେପୁଟି ରେଜିଷ୍ଟ୍ରାର ଇଂ ଶିଶିର କୁମାର ସାହୁ, ଡିନ୍ ଡ. ନୟନ ରଞ୍ଜନ ସାମଲ ବିଭିନ୍ନ ପ୍ରସଙ୍ଗରେ ଗଠନମୂଳକ ଅଭିମତ ଦେଇଥିଲେ। ପରିଶେଷରେ ରେଜିଷ୍ଟ୍ରାର ଡ. ଭକ୍ତ ଚରଣ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।


# Classified Everyday
**0674-2580101, 9692975378**



**REAL ESTATE**

**SALE**

Duplex at Retang Medical, Station near C.V. Raman, 4BHK Apartment near Sum Hospital, Kalinganagar, DAV, KV, Bhubaneswar-7008459987. D-76232

BDA & ORERA approved 3BHK Luxurious Apartments, At- Budha Nagar, Kalpana Square, Bhubaneswar. 2BHK Apartments At- Kantilo, Sundarpada, Bhubaneswar nearing completion & ready to possess 2/3BHK flats near Badagada Canal Road, Mouza- Meherpalli for sale. Bank Finance available. Contact: 9861467987, 9861336178. D-2828

Indivisual Re-Sale Plot sale Sundarpada, Hi-Tech Plaza @ 1400/- Nakhara- 1700/. 9776866520. D-76235

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



**CONSTRUCTION**

Free Accommodation for Senior Citizens, Mentally ill person & Drug addicted Person with all facilities. Contact: 9337160036, 7325991853, 9439928693. D-2819





Modern 2BHK with covered car parking in Sector-9, CDA @ Rs.- 15000/-. Contact: 8249311472. D-2831

Ground floor single room 200sqft with attached toilet at VSS Nagar-7873657633. D-2864

**2Acre (87000 sqft) NH facing plot near Chandanpur, Puri for any commercial purposes Rent/Lease. 9438400633** D-76236

Two floor vacant in Second floor-8000 is 1000 sqft. & Third Floor-9000 is 1200 sqft. with Balcony. 7978141625. D-2862

For Rent/Lease: Commercial space at Keshura, Puri Bypass Road, ideal for Office, Bank or Showroom. Ground Floor: 3000sqft, 1st & 2nd Floor: 4800sqft each. Contact: 9437468247/ 9437035347. D-2839

For Rent/Lease: Commercial space at Palasuni, behind Bhubaneswar Water Works, 6000sqft Godown & 1500sqft Office. Contact: 9437468247/ 9437035347. D-2838





Positively Health benefited spa by expert female therapist, Bapujinagar. 8018429809. D-76194

Positively Health benefited spa by expert female therapist, Nayapalli. 7846814019. D-76195

Herbal full body massage by smart/ expert therapist. 8327740003, 7205178829. D-76413

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**AFFIDAVIT**

By virtue of an affidavit sworn before Executive Magistrate, BBSR, on dated 17th January 2025, I GEETHA RANI NAYAK, Village- Hamirpur, Post.- Malanda, P.S.- Tirtol, Dist.- Jagatsinghpur, PIN- 754136, declare that I have changed my name from Gitarani Nayak to GEETHA RANI NAYAK. Henceforth, I shall be known as GEETHA RANI NAYAK for all purposes.
GEETHA RANI NAYAK D-2861

By virtue of an affidavit sworn before Executive Magistrate, Bhadrak, dtd 06.02.2025, I Ajay Kumar Rout, Vill- Khanpur, P.O.- Panichhatra, P.S.- Khaira, Dist.- Balasore, declare that my daughter's actual name is Rajashree Rout. But wrongly mentioned in her Aadhaar Card Pramita Rout instead of Rajashree Rout but I want to change her name from Pramita Rout to Rajashree Rout in her Aadhaar Card. Henceforth, she will be known as Rajashree Rout for all purposes. D-2866

By virtue of an affidavit sworn before Executive Magistrate, Chandabali, dated 04.01.2025, I, Dharanidhar Bal (42), Address- Vill- Haripur, P.O.- Goudunipokhari, P.S.- Bansada, Dist.- Bhadrak, declare that I have changed my daughter's name from Chitralekha Bal to Donarani Bal. Henceforth, she shall be known as Donarani Bal for all purposes. D-2871

**LEGAL NOTICE**

**IN THE COURT OF THE JUDGE, FAMILY COURT, BHUBNAESWAR.**
**C.P. No.- 868/2023**
**Kamalinee Ghadai .....Petitioner**
**-Versus-**
**Padmanav Parida .....Respondent**

**To**
**Padmanav Parida, aged 24 years, S/o- Sri Prasanna Parida, Permanent resident of Vill- Bhimpur Samantarapur Sasan, P.O.-Bhimpur, P.S.-Banapur, Dist.- Khurda-752031.**

**NOTICE UNDER ORDER 5 RULE 20 OF C.P.C.**

**Whereas the above named Petitioner has instituted this Civil Proceeding against you U/s.27 (1) (d) of the Special Marriage Act, 1954 seeking relief for dissolution of marriage. Summons were issued to you for your appearance but it was returned back un-served as you are avoiding to receive the summon. You are hereby summoned to appear in this Court in person on the 10th day of March, 2025 at 10.30 A.M. to answer all material questions relating to the case.**

**Take Notice that in default of your appearance on the date fixed the case will be heard and determined in your absence ex-parte.**

**Given under my hand and seal of the Court this 6th day of Feb. 2025**

**Sd./- JUDGE**
**FAMILY COURT, BHUBANESWAR**
D-2869

ଜିଲ୍ଲା ଖାଉଟି ବିବାଦ ସମାଧାନ ଆୟୋଗ, ପୁରୀ, ଓଡ଼ିଶା ଡିଗ୍ରୀଜାରି ମୋକଦ୍ଦମା ନଂ.୪୭/୨୯୨୪ମର (ମୂଳ ମୋକଦ୍ଦମା ସି.ସି.ନଂ.୮୫/୨୦୨୧ମରରୁ ଉଦ୍ଧୃତ)

ସଂଯୁକ୍ତା ସାହୁ ବ୬୪ର୍ଷ, ସ୍ୱାମୀ: ୰ଅରକ୍ଷିତ ସାହୁ, ବ୍ରହ୍ମଗିରି, ପୁରୀ ...ଡିଗ୍ରୀଦାର

ବନାମ

୧. ମ୍ୟାନେଜର, ରିଲିୟାନ୍ସ କମର୍ସିଆଲ ଫାଇନାନ୍ସ ଲିଃ. ଭୁବନେଶ୍ୱର, ୨. ରିଜିଓନାଲ ମ୍ୟାନେଜର, ରିଲାଏସ୍‌ସ କମର୍ସିଆଲ ଫାଇନାନ୍ସ ଲିଃ. କୋଲକତା, ୩. ଚିଫ୍ ମ୍ୟାନେଜର, ରିଲାଏସ୍‌ସ କମର୍ସିଆଲ୍ ଫାଇନାନ୍ସ ଲିଃ. ମୁମ୍ବାଇ ... ଦେଣାଦାରମାନେ

ଦେୱାନୀ କାର୍ଯ୍ୟବିଧି ଆଇନର ଅର୍ଡର-୫, ରୁଲ-୨୦ (ଏ) ମତେ ନୋଟିସ୍

ଏ ତ ଦ୍ୱ ା ର ।

ଜଣାଇଦିଆଯାଉଛି ଯେ, ଉପରୋକ୍ତ ଆୟୋଗର ଉକ୍ତ ଡିଗ୍ରୀଜାରି ମୋକଦ୍ଦମାରେ ଦେଣାଦାରଙ୍କୁ ବାରମ୍ବାର ନୋଟିସ୍ ପଠାଇବା ସତ୍ତ୍ୱେ ଦେଣାଦାରଙ୍କ ଉପରେ ତାହା ଜାରି ହୋଇପାରୁନାହିଁ। ଏଣୁ ଦେଣାଦାରଙ୍କୁ ନୋଟିସ୍ ଦ୍ୱାରା ଜଣେଇଦିଆଯାଉଛି ଯେ, ଉକ୍ତ ଆୟୋଗରେ ତା ୨୫.୦୨.୨୦୨୫ରିଖ ଦିବା ଘ. ୧୦.୩୦ ମି. ସମୟେ ଆପଣ କିମ୍ବା ଆପଣଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ହାଜର ହୋଇ ଆପତ୍ତି ଜଣାଇବେ । ନଚେତ୍ ଆପଣଙ୍କ ଅନୁପସ୍ଥିତିରେ ମୋକଦ୍ଦମା ଆଇନ ଅନୁସାରେ ଫଇସଲା କରାଯିବ ।

Sd./- ସଭାପତି
ଜିଲ୍ଲା ଖାଉଟି ବିବାଦ ସମାଧାନ ଆୟୋଗ ପୁରୀ, ଓଡ଼ିଶା
ଧ-୨୮୭୦

**ମନେ ପଡ଼ନ୍ତି**

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰କମଳା ସାହୁ**
ମାଣିଆବନ୍ଧ, ବଡ଼ମ୍ବା, କଟକ
ଆବିର୍ଭାବ: ୧୯୬୦
ତିରୋଧାନ: ୨୦୨୩

ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ମା' ଭଟ୍ଟାରିକାଙ୍କ କୃପାରୁ ଯେଉଁଠି ଅଛ ଭଲରେ ଥାଅ ଏବଂ ଆଶୀର୍ବାଦ ପ୍ରଦାନ କରୁଥାଅ ।

–ଆଶୀର୍ବାଦକାଂକ୍ଷୀ–
ଧର୍ମପତି, ପୁତ୍ରବଧୂ, ପୁତ୍ର, ନାତୁଣୀ, ନାତି ଏବଂ ବନ୍ଧୁ ଓ ପରିବାରବର୍ଗ ।
ଧ-୨୮୬୭

**ଧରିତ୍ରୀ DHARITRI**
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

# ଲଦାଖ: ମଙ୍ଗଳ ଗ୍ରହର ଅନୁରୂପ



ପ୍ର. ରମେଶ ଚନ୍ଦ୍ର ପରିଡ଼ା

''ବର୍ତ୍ତମାନ ସୁଦ୍ଧା ଲଦାଖଠାରେ 'ଦ ୟୁରୋପିଆନ୍ ସ୍ପେଶ ଏଜେନ୍ସି'ର 'ଏକ୍ସୋ ମାର୍ସ ମିଶନ' ଦ୍ୱାରା କେତେକ ପରୀକ୍ଷା ହୋଇସାରିଛି। ଏହା ବାୟୁମଣ୍ଡଳରେ ଜଳଚକ୍ର ଏବଂ ମୃତ୍ତିକା ଲବଣ ମଧ୍ୟରେ ଅନ୍ତର୍କ୍ରିୟା ଅଧ୍ୟୟନ କରିଛି। ପୁନଶ୍ଚ ସ୍ଥାନଟିର ବିବିଧ ସୂକ୍ଷ୍ମ ବିଜ୍ଞାନଭିତ୍ତିକ ଅନୁଧ୍ୟାନରୁ ସୂକ୍ଷ୍ମ ଜୀବାଣୁ ସଂଗ୍ରହାଳୟ ସ୍ଥାପନ କରିବା ସମ୍ଭବ ହେଲାବେଳେ ଏହାର ଭୌଗୋଳିକ ମାନଚିତ୍ର ପ୍ରସ୍ତୁତି, ପୃଷ୍ଠ ଦେଶ ଉପରସ୍ଥ 'ପରମା ଫ୍ରୋଷ୍ଟ' ବା ସ୍ଥାୟୀ ତୁଷାର ବ୍ୟବସ୍ଥା ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଲୋକଲୋଚନକୁ ଆଣିପାରିଛି। ଏହି ଆବିଷ୍କାରଗୁଡିକ ତଥା ସେହିଭଳି ଅନ୍ୟ କେତୋଟି ଲଦାଖରେ ଏକ ସ୍ଥାୟୀ ପ୍ରତିରୂପ ମହାକାଶ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ଲାଗି ମତ ଦେବାରେ ସାହାଯ୍ୟ କରିଛି।''





ଭାରତ ବର୍ତ୍ତମାନ ବିଶ୍ୱର ଅନ୍ୟତମ ଅଗ୍ରଣୀ ଶକ୍ତି। ଚନ୍ଦ୍ର ବିଜୟର ଅଭୂତପୂର୍ବ ସଫଳତା ସହିତ ମଙ୍ଗଳ ଅଭିଯାନ, ସୂର୍ଯ୍ୟ ପର୍ଯ୍ୟବେକ୍ଷଣ ଆଦିର ସଫଳ ସମ୍ପାଦନ ଏହାର କ୍ଷେତ୍ରରେ କୃତିତ୍ୱର ବାର୍ତ୍ତା ବହନ କରିଥାଏ। ପୁନଶ୍ଚ ନିକଟରେ କାର୍ଯ୍ୟକାରୀ ହେବାକୁ ଯାଉଛି ଚନ୍ଦ୍ରଯାନ-୪, ଗଗନାୟନ ଆଦି କାର୍ଯ୍ୟକ୍ରମ। ତେବେ ଏସବୁଠାରୁ ଏହାର ଅଧିକ ଉଚ୍ଚାକାଂକ୍ଷା ରହିଛି ପ୍ରଥମେ ଏକ ସ୍ଥାୟୀ ମହାକାଶ ଗବେଷଣାଗାର ପ୍ରତିଷ୍ଠା (୨୦୩୫ ମସିହା) ଏବଂ ତତ୍ପରେ ଚନ୍ଦ୍ରକୁ (୨୦୪୦ ମସିହା) ଏବଂ ମଙ୍ଗଳକୁ ବ୍ୟୋମଚାରୀଙ୍କ ସହିତ ମହାକାଶଯାନ ପ୍ରେରଣ ଏଥିପାଇଁ ଏବେ ପ୍ରାଥମିକ କାର୍ଯ୍ୟକ୍ରମମାନ ଆରମ୍ଭ ହୋଇଗଲାଣି। ଲଦାଖରେ 'ପୃଥିବୀ ପୃଷ୍ଠରେ ମଙ୍ଗଳ ଅନୁରୂପ ସ୍ଥାପନ ତନ୍ମଧ୍ୟରୁ ଅନ୍ୟତମ।

ସମୁଦ୍ର ପତ୍ତନଠାରୁ ୩୫୦୦ରୁ ୫୭୦୦ ମିଟର ଉର୍ଦ୍ଧ୍ୱରେ ହିମାଳୟ ପର୍ବତମାଳାରେ ଅବସ୍ଥିତ ଏହି ମରୁମୟ ସ୍ଥାନଟିର ପ୍ରାୟ ଦୁଇ ବିଲିୟନ (ହଜାର ନିୟୁତ) ବର୍ଷ ପୂର୍ବେ ବର୍ତ୍ତମାନଠାରୁ ଅଧିକ ଉଷ୍ମ ଏବଂ ଆର୍ଦ୍ର ହୋଇଥିବା ମଙ୍ଗଳପୃଷ୍ଠର ଆନୁମାନିକ ଅବସ୍ଥା ତୁଲ୍ୟ ହୋଇଥିବାର ମନେ କରାଯାଏ। ଏଠାରେ ବାୟୁରେ ରହିଛି ୪୦ ଶତାଂଶ କମ୍ ଅମ୍ଳଜାନ ଏବଂ ଏହାର ତାପମାତ୍ରା ୧୫ ଡିଗ୍ରୀ ସେଲସିୟସରୁ -୧୦ ଡିଗ୍ରୀ ସେଲସିୟସ ମଧ୍ୟରେ ପରିବର୍ତ୍ତିତ ହେଉଥାଏ। ପୁନଶ୍ଚ ଏହି ସ୍ଥାନଟିରେ ରହିଛି ହ୍ରାସ ପାଉଥିବା ହିମବାହ, ଅତ୍ୟଧିକ ଲବଣାକ୍ତ ହ୍ରଦ, ଚିର ତୁଷାରାଚ୍ଛନ୍ନ ଭୂମି ଏବଂ ଉଷ୍ମ ଝରଣା ଇତ୍ୟାଦି। ଏହାବ୍ୟତୀତ ଏଠାରେ ପତିତ ହୁଏ ଅଧିକ ମାତ୍ରାରେ ବିବିଧ ରଶ୍ମି। ଏହା ଉପରେ ଗବେଷଣା ଚଳାଇଥିବା ଅନ୍ୟତମ ବୈଜ୍ଞାନିକ ସିଦ୍ଧାର୍ଥ ପାଣ୍ଡେଙ୍କ ମତରେ ସାଧାରଣତଃ ଏହିଭଳି କଠୋର ପରିବେଶର ସମ୍ମୁଖୀନ ହେବାକୁ ପଡିବ ବ୍ୟୋମଚାରୀମାନଙ୍କୁ ମଙ୍ଗଳ ଗ୍ରହ ପୃଷ୍ଠରେ। ଏଣୁ ସେମାନଙ୍କୁ ଏଠାରେ ରହି ସେହିସବୁ ଅବସ୍ଥା ସହ ପରଚିତ ହେବା ଲାଗି ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ବିଗତ ନଭେମ୍ବର ୨୦୨୪ରେ ଆରମ୍ଭ କରିଛି ଦେଶର ପ୍ରଥମ 'ଅନୁରୂପ ମହାକାଶ ମିଶନ'। ଏ କାର୍ଯ୍ୟକ୍ରମରେ ସହଭାଗିତା ଅଛନ୍ତି ଏହାର 'ହ୍ୟୁମାନ ସ୍ପେଶ ଫ୍ଲାଇଟ୍ କେନ୍ଦ୍ର', 'ଆକା ସ୍ପେଶ ଷ୍ଟେଶନ', 'ଲଦାଖ ବିଶ୍ୱବିଦ୍ୟାଳୟ' ଏବଂ ମୁମ୍ବାଇର 'ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ ଟେକ୍ନୋଲୋଜି'। ଆଗରୁ ଏଭଳି ୩୦ଟି କେନ୍ଦ୍ର ପ୍ରତିଷ୍ଠା କରିସାରିଲେଣି ଆମେରିକା, ରୁଷିଆ, ଚାଇନା ଏବଂ ପୋଲାଣ୍ଡ ଆଦି ଦେଶ।

ବାଙ୍ଗାଲୋରସ୍ଥିତ ମହାକାଶ ଗବେଷଣା ସଂସ୍ଥା 'ପ୍ରୋଟୋ ପ୍ଲାନେଟ୍' ଏବଂ ଇସ୍ରୋର ହ୍ୟୁମାନ ସ୍ପେଶ ଫ୍ଲାଇଟ୍ ସେଣ୍ଟର ମିଳିତ ଭାବେ ଲାଦାଖର ଲେହଠାରେ ବ୍ୟୋମଚାରୀଙ୍କ ପାଇଁ ବାସସ୍ଥଳୀ ଡିଜାଇନ୍, ସୂକ୍ଷ୍ମ ମାଧ୍ୟାକର୍ଷଣ, ଖଗୋଳ ଜୀବବିଜ୍ଞାନ ଆଦିର ଗବେଷଣା ଲାଗି ଚଳିତ ବର୍ଷ ସୁଦ୍ଧା 'ସ୍ପେଶୱାର୍ଡ ବାଉଣ୍ଡ ଇଣ୍ଡିଆ-୨୦୨୫' କାର୍ଯ୍ୟକ୍ରମ ଆରମ୍ଭ କରିବା ଲାଗି ନିର୍ଣ୍ଣୟ କରିଛନ୍ତି। ଏହି କାର୍ଯ୍ୟକ୍ରମ ପ୍ରାୟ ୧୨ଦିନ ଧରି ଚାଲିବ ଏବଂ ଏହାର ଲକ୍ଷ୍ୟ ରହିବ ମହାକାଶ ଅନୁସନ୍ଧାନ ଗବେଷଣାକୁ ଅଗ୍ରଗାମୀ କରିବା ସହିତ ଆଗାମୀ ପିଢ଼ିର ମହାକାଶ ବିଜ୍ଞାନୀମାନଙ୍କୁ ପ୍ରଶିକ୍ଷଣ ଦେବା।

ବର୍ତ୍ତମାନ ସୁଦ୍ଧା ଲଦାଖଠାରେ 'ଦ ୟୁରୋପିଆନ୍ ସ୍ପେଶ ଏଜେନ୍ସି'ର 'ଏକ୍ସୋ ମାର୍ସ ମିଶନ' ଦ୍ୱାରା କେତେକ ପରୀକ୍ଷା ହୋଇସାରିଛି। ଏହା ବାୟୁମଣ୍ଡଳରେ ଜଳଚକ୍ର ଏବଂ ମୃତ୍ତିକା ଲବଣ ମଧ୍ୟରେ ଅନ୍ତର୍କ୍ରିୟା ଅଧ୍ୟୟନ କରିଛି। ପୁନଶ୍ଚ ସ୍ଥାନଟିର ବିବିଧ ସୂକ୍ଷ୍ମ ବିଜ୍ଞାନଭିତ୍ତିକ ଅନୁଧ୍ୟାନରୁ ସୂକ୍ଷ୍ମ ଜୀବାଣୁ ସଂଗ୍ରହାଳୟ ସ୍ଥାପନ କରିବା ସମ୍ଭବ ହେଲାବେଳେ ଏହାର ଭୌଗୋଳିକ ମାନଚିତ୍ର ପ୍ରସ୍ତୁତି, ପୃଷ୍ଠ ଦେଶ ଉପରସ୍ଥ 'ପରମା ଫ୍ରୋଷ୍ଟ' ବା ସ୍ଥାୟୀ ତୁଷାର ବ୍ୟବସ୍ଥା ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଲୋକଲୋଚନକୁ ଆଣିପାରିଛି। ଏହି ଆବିଷ୍କାରଗୁଡିକ ତଥା ସେହିଭଳି ଅନ୍ୟ କେତୋଟି ଲଦାଖରେ ଏକ ସ୍ଥାୟୀ ପ୍ରତିରୂପ ମହାକାଶ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ଲାଗି ମତ ଦେବାରେ ସାହାଯ୍ୟ କରିଛି।

ଏହି କେନ୍ଦ୍ର ପୃଥିବୀ ପୃଷ୍ଠର ପ୍ରାଥମିକ ଜୀବନ ସମ୍ପର୍କରେ ଅନ୍ୱେଷଣ କରିବା ସହିତ ଭବିଷ୍ୟତରେ ମଙ୍ଗଳ ବା ଚନ୍ଦ୍ରରେ ବୈଜ୍ଞାନିକ ତଥା ବୈଷୟିକ କ୍ରିୟାକଳାପକୁ ଦିଗଦର୍ଶନ ଦେବ। ପୁଣେସ୍ଥିତ 'ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ ଅଫ ସାଇନ୍ସ ଆଣ୍ଡ ଏଜୁକେଶନ ରିସର୍ଚ୍ଚ'ର କେମିକାଲ ଅରିଜିନ୍ସ ଅଫ୍ ଲାଇଫ୍ ବିଜ୍ଞାନଗାରରେ କାର୍ଯ୍ୟରତ ପ୍ରଫେସର ସୁଧା ରାଜମଣିଙ୍କ ମତରେ ଲଦାଖରେ ଅନେକ ଭୂରାସାୟନିକ ଏବଂ ଭୌଗୋଳିକ ରୂପରେଖ ମଙ୍ଗଳ ଗ୍ରହ ସହିତ ଖାପ୍ ଖାଇଥାଏ। ଏଣୁ ତାହାର ପ୍ରତିରୂପଟି ସ୍ଥାପନ କରି ସେଥି ସମ୍ପର୍କରେ ବିବିଧ ଅଧ୍ୟୟନ ଓ ଗବେଷଣା କରିବା ପାଇଁ ଏହା ଉତ୍କୃଷ୍ଟ ସ୍ଥାନ

ଲଦାଖର ବିଭିନ୍ନ ଚରମ ଅବସ୍ଥାର ସମାହାର ଏହାକୁ ନିର୍ଦ୍ଦିଷ୍ଟ ରୂପେ ବୈଜ୍ଞାନିକମାନଙ୍କ ପାଇଁ ଆକର୍ଷଣୀୟ କରିଛି। କାରଣ ଏହାର ପୃଷ୍ଠଦେଶରେ ଚାଲିଥିବା ପ୍ରକ୍ରିୟାଗୁଡିକ ମଙ୍ଗଳ ଗ୍ରହ ସହ କିଛି ମାତ୍ରାରେ ସମାନ ହୋଇପାରେ ବୋଲି ସେମାନେ ମତ ରଖନ୍ତି। ଏଣୁ ଏଠାରେ ତାହାର ଏକ ଅନୁରୂପ ପ୍ରତିଷ୍ଠା କରି ଭାବି ବ୍ୟୋମଚାରୀମାନଙ୍କୁ ପ୍ରଶିକ୍ଷଣ ଦେବା ସପକ୍ଷରେ ସେମାନେ ମତ ଦିଅନ୍ତି।

ଅବଶ୍ୟ ଏହାର ପ୍ରତିଷ୍ଠା ଏବଂ ତାହାକୁ ଚଳାଇ ରଖିବା ପାଇଁ ଆବଶ୍ୟକ ଅଜସ୍ର ଅର୍ଥ ଏବଂ ମାନବ ସମ୍ବଳ। ତେବେ ଏଥିରୁ ଯଥେଷ୍ଟ ପ୍ରତିଦାନ ମିଳିବାର ସମ୍ଭାବନା ମଧ୍ୟ ଖୁବ୍ ଉଜ୍ଜ୍ୱଳ। କାରଣ ଏହାର ଅନେକ ପୃଥିବୀଭିତ୍ତିକ ବ୍ୟବହାର ରହିଛି। ଉଦାହରଣସ୍ୱରୂପ ସେଗୁଡିକର ଅନ୍ତର୍ଭୁକ୍ତ ହେଲା ଚରମ ପରିବେଶ ମଧ୍ୟରେ ସୂକ୍ଷ୍ମ ଜୀବାଣୁମାନଙ୍କ ଉପରେ ଅଧ୍ୟୟନ, ଯାହାକି ଜୈବପ୍ରଯୁକ୍ତି କ୍ଷେତ୍ରରେ ନୂତନ ତଥା ଗୁରୁତ୍ୱପୂର୍ଣ୍ଣ ଦିଗ୍‌ଦର୍ଶନ ଦେଇପାରେ।

-ଉଷା ନିବାସ, ୧୨୪/୨୪୪୫,
ଖଣ୍ଡଗିରି ବିହାର, ଭୁବନେଶ୍ୱର
ମୋ : ୯୯୩୭୩୦୧୪୬୦

# ଥାଲାସିମିଆ: କିଛି କଥା



ଥାଲାସିମିଆ ହେଉଛି ଏକ ବଂଶଗତ ରୋଗ। ଏହା ଏକ ଜିନ୍ ରୋଗ ହୋଇଥିବାରୁ ପରିବାରର ଏକାଧିକ ବ୍ୟକ୍ତି ଏଥିରେ ଆକ୍ରାନ୍ତ ହେବାର ଆଶଙ୍କା ରହିଛି। ପୁରୁଷଙ୍କ ଗୋଟିଏ ମାତ୍ର ଜିନ୍‌ରେ ଦୋଷ ଥିଲେ ସେ ଜିନ୍‌ର ବାହକ ଥାଲାସିମିଆ ଟ୍ରେଟ୍। ସେହିପରି ମହିଳାମାନଙ୍କର ଗୋଟିଏ ମାତ୍ର ଜିନ୍‌ରେ ଦୋଷ ଥିଲେ ସେ ମଧ୍ୟ ଥାଲାସିମିଆ ଜିନ୍‌ର ବାହକ ସାଜିଥାଏ। ଥାଲାସିମିଆ ଟ୍ରେଟ୍ ପୁରୁଷ କି ଥାଲାସିମିଆ ଟ୍ରେଟ୍ ମହିଳା ଥାଲାସିମିଆ ରୋଗୀ ନୁହନ୍ତି। ଥାଲାସିମିଆକୁ ସାଧାରଣତଃ ତିନି ଭାଗରେ ବିଭକ୍ତ କରାଯାଇଛି। ତାହା ହେଉଛି- ଥାଲାସିମିଆ ମେଜର, ଥାଲାସିମିଆ ମାଇନର ଏବଂ ଥାଲାସିମିଆ ଇଣ୍ଟରମେଡିଆ। ଥାଲାସିମିଆ ରୋଗୀଠାରେ ହେମୋଗ୍ଲୋବିନ୍‌ର ମାତ୍ରା ଓ ଲୋହିତ ରକ୍ତକୋଷିକାଗୁଡିକର ସଂଖ୍ୟା କମିଯାଇଥାଏ। ଲୋହିତ ରକ୍ତକୋଷିକାଗୁଡିକ ଛୋଟଛୋଟ ହୋଇଯାଆନ୍ତି। ଥାଲାସିମିଆ ମେଜର ବା ବିଟା ଥାଲାସିମିଆ ରୋଗୀଙ୍କୁ ବାରମ୍ବାର ରକ୍ତ ଦେବାକୁ ପଡେ।

# ନିୟମିତ ଧୂମପାନ କରୁଥିଲେ...



ନିୟମିତ ଧୂମପାନ କଲେ ହୃଦ୍‌ରୋଗ, ଫୁସ୍‌ଫୁସ୍‌ଜନିତ ରୋଗ ସହିତ ଅନ୍ଧତ୍ୱ, ଟାଇପ-୨ ଡାଇବେଟିସ୍, ଉଚ୍ଚ ରକ୍ତଚାପ, ଯୌନ ଅକ୍ଷମତା, ଅସ୍ଥିର ଦୁର୍ବଳତା ଏପରି କି ଜନ୍ମିତ ଶିଶୁର ବିକଳାଙ୍ଗତା ଇତ୍ୟାଦି ହୋଇଥାଏ। ଧୂମପାନ ଫୁସଫୁସକୁ କ୍ଷତି ପହଞ୍ଚାଇବା ସହିତ ସ୍ୱାସ୍ଥ୍ୟାବସ୍ଥାକୁ ଅଧିକ ମାତ୍ରାରେ କ୍ଷତି କରିଥାଏ। ତମାଖୁର ସୂକ୍ଷ୍ମ କଣିକା ଶରୀର ମଧ୍ୟକୁ ଯାଇ ନିମୋନିଆ,ଏମଫିସିମା, ହୃଦ୍‌ରୋଗ, ଉଚ୍ଚ ରକ୍ତଚାପ ଓ କ୍ୟାନ୍‌ସର ପରି ଜୀବନନାଶକ ରୋଗ ସୃଷ୍ଟି କରିଥାଏ। ପ୍ରକାର ଭେଦରେ ତମାଖୁ ଧୂମବିହୀନ ଏବଂ ଧୂମଯୁକ୍ତ-ଏହି ଦୁଇ ପ୍ରକାରର ଅଟେ। ଧୂମବିହୀନ ତମାଖୁ ମଧ୍ୟ ଅତ୍ୟନ୍ତ କ୍ଷତିକାରକ। ଧୂମପାନ ତ୍ୟାଗ ଅତ୍ୟନ୍ତ ଉପକାରୀ ହୋଇଥାଏ। ଧୂମପାନ ତ୍ୟାଗର ମାତ୍ର କେଇ ମାସ ମଧ୍ୟରେ ଅନେକ ଉନ୍ନତି ମିଳିଥାଏ। ଏହାଦ୍ୱାରା ଉଚ୍ଚ ରକ୍ତଚାପ ହ୍ରାସ, କଫ ଓ କାଶରେ କମ୍ ଏବଂ ନିଃଶ୍ୱାସ ନେବାରେ କ୍ଷମତା ବଢ଼ିଥାଏ। ପ୍ରଥମ ପ୍ରକାର ଧୂମ ହେଲା ଯାହା ଧୂମପାୟୀ ବ୍ୟକ୍ତିର ଶରୀରକୁ ଯାଏ। ଦ୍ୱିତୀୟ ପ୍ରକାର ଧୂମ ହେଲା ଯାହା ଧୂମପାୟୀ ବ୍ୟକ୍ତି ବାହାରକୁ ଛାଡ଼ିଥାଏ ଏବଂ ସେ ବ୍ୟବହାର କରୁଥିବା ଜଳନ୍ତା ସିଗାରେଟ୍ କିମ୍ବା ବିଡିର ଅଂଶରୁ ବାହାରୁଥିବା ଧୂଆଁ। ପରିସଂଖ୍ୟାନ ତଥ୍ୟାନୁଯାୟୀ ଗୋଟିଏ ମାତ୍ର ସିଗାରେଟ୍ ପାନ କଲେ ଆମ ଜୀବନରୁ ୧୧ ମିନିଟ୍ କ୍ଷୟ ହୋଇଥାଏ। ସମସ୍ତ ପ୍ରକାର ହୃଦ୍‌ରୋଗଜନିତ ରୋଗର ୨୦ ପ୍ରତିଶତ ଧୂମପାନ ଯୋଗୁ ହୋଇଥାଏ।

# ପ୍ଲାଷ୍ଟିକ ପ୍ରଦୂଷଣ ଓ ଜଳବାୟୁ ପରିବର୍ତ୍ତନ



ପ୍ଲାଷ୍ଟିକ ପ୍ରଦୂଷଣ ଯୋଗୁ ସ୍ଥଳଭାଗରେ ମଧ୍ୟ ବର୍ଷକୁ ପ୍ରାୟ ଏକ ଲକ୍ଷ ଜୀବଙ୍କର ମୃତ୍ୟୁ ଘଟୁଛି ବୋଲି ଏକ ସର୍ଭେରୁ ଜଣାପଡିଛି। ଅଶୋଧିତ ପେଟ୍ରୋଲିୟମ୍‌ରୁ ପ୍ଲାଷ୍ଟିକ ଉତ୍ପାଦନ କରିବାକୁ ହେଲେ ଯେଉଁ ରାସାୟନିକ ପଦ୍ଧତି ଅବଲମ୍ବନ କରାଯାଏ ସେଥିରୁ ଅନେକ ବିଷାକ୍ତ ଓ ସବୁଜଘର ଗ୍ୟାସ୍ ଉତ୍ପନ୍ନ ହୋଇ ପରିବେଶକୁ ନିର୍ଗମନ ଘଟେ। ପୁଣି, ପ୍ଲାଷ୍ଟିକ ପଦାର୍ଥକୁ ଭସ୍ମୀକରଣ ପ୍ରକ୍ରିୟାରେ ପୋଡି ନଷ୍ଟ କରାଯିବା ଦ୍ୱାରା ମଧ୍ୟ ଅନେକ ସବୁଜଘର ଗ୍ୟାସ ବାୟୁମଣ୍ଡଳକୁ ନିର୍ଗତ ହୁଏ। ଗତ ୨୦୧୯ ମସିହାରେ ପ୍ରକାଶିତ ଏକ ରିପୋର୍ଟରୁ ଜଣାଯାଏ ଯେ, ପ୍ଲାଷ୍ଟିକ ଉତ୍ପାଦନ ଓ ଭସ୍ମୀକରଣ ପ୍ରକ୍ରିୟା ଯୋଗୁ ବାୟୁମଣ୍ଡଳକୁ ସମୁଦାୟ ୮୫୦ ମିଲିୟନ ଟନ୍ ସବୁଜଘର ଗ୍ୟାସ ଉତ୍ସର୍ଜିତ ହୋଇଛି। ଆଗାମୀ ୨୦୫୦ ମସିହା ବେଳକୁ ଏହା ଆଶାତୀତ ବୃଦ୍ଧି ପାଇ କେବଳ ପ୍ଲାଷ୍ଟିକ ଯୋଗୁ ଉତ୍ସର୍ଜିତ ସବୁଜଘର ଗ୍ୟାସର ପରିମାଣ ସମୁଦାୟ ବିଶ୍ୱ ଉତ୍ସର୍ଜନର ୧୪% ମାତ୍ରାରେ ପହଞ୍ଚିବ ବୋଲି ଆଶଙ୍କା ରହିଛି। ଏହା ନିଶ୍ଚୟ ଏକ ଉଦ୍‌ବେଗଜନକ ବିଷୟ। ଏହି ବିପୁଳ ସବୁଜଘର ଗ୍ୟାସ୍ ଯେ ଭବିଷ୍ୟତରେ ବିଶ୍ୱତାପନ ପ୍ରକ୍ରିୟାରେ ସହାୟକ ହୋଇ ବିଶ୍ୱ ଜଳବାୟୁ ପରିବର୍ତ୍ତନର ଧାରାକୁ ଘୋର ପ୍ରଭାବିତ କରିବ ଏଥିରେ ସନ୍ଦେହ ନାହିଁ।

# ଜାଣି ରଖନ୍ତୁ

- ପ୍ରତିଦିନ ସକାଳୁ କିଛି ସମୟ ଷ୍ଟ୍ରେଚିଙ୍ଗ୍ ଏକ୍ସରସାଇଜ୍ କରନ୍ତୁ। ଏହା ଆମ ଶରୀରରେ ହେଉଥିବା ପାଚନ ପ୍ରକ୍ରିୟାକୁ ଆହୁରି ସକ୍ରିୟ କରିବା ସହ ଅଣ୍ଟାଜନିତ ବ୍ୟଥାରୁ ମଧ୍ୟ କେତେକାଂଶରେ ଉପଶମ ଦେଇଥାଏ।
- ଦିନତମାମ ଖାଉଥିବା ଖାଦ୍ୟ ମଧ୍ୟରେ ଅଧିକ ବ୍ୟବଧାନ ରଖିବା ଠିକ୍ ନୁହେଁ। ଏକାଥରେ ଆବଶ୍ୟକତାଠାରୁ ଅଧିକ ଖାଦ୍ୟ ଖାଇବା ଅଭ୍ୟାସ ବଦଳାନ୍ତୁ। ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଅଳ୍ପ ଅଳ୍ପ କରି ଖାଦ୍ୟ ଖାଆନ୍ତୁ।
- ବୟସ୍କ ବ୍ୟକ୍ତିମାନେ ସବୁବେଳେ ନିଜକୁ ଚିନ୍ତାଠାରୁ ଦୂରେଇ ରଖିବାକୁ ଚେଷ୍ଟା କରନ୍ତୁ।
- ଖାଇ ସାରିବା ପରେ ଚା', କଫି କିମ୍ବା କୋଲ୍ଡ ଡ୍ରିଙ୍କ୍ସ ଆଦୌ ପିଅନ୍ତୁ ନାହିଁ। କାରଣ ଏହାର ପ୍ରଭାବ ରକ୍ତ ସଞ୍ଚାଳନ ଉପରେ ପଡ଼ିବାର ଆଶଙ୍କା ରହିଛି।
- ମଧୁମେହ କିମ୍ବା ଡାଇବେଟିସ୍ ରୋଗୀମାନେ ଖାଇ ସାରିବା ପରେ ସାଙ୍ଗେ ସାଙ୍ଗେ ପାଣି ପିଇବା ଠିକ୍ ନୁହେଁ। ଏହାଦ୍ୱାରା ଓଜନ ବୃଦ୍ଧି ପାଇଥାଏ।

# ଉପକାରୀ ସନ୍ତୁଳିତ ଖାଦ୍ୟ



ସ୍ୱାସ୍ଥ୍ୟର ବିକାଶ ପାଇଁ ଆବଶ୍ୟକ ପରିମାଣର ଭିଟାମିନ୍ ଓ ଖଣିଜ ଲବଣ ଗ୍ରହଣ କରିବା ନିହାତି ଆବଶ୍ୟକ। ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକୁ ଶକ୍ତ ରଖିବାରେ ଏମାନେ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି। ତେଣୁ ଏଗୁଡ଼ିକୁ ଶକ୍ତ ଓ ମଜଭୁତ ରଖିବା ପାଇଁ ହେଲେ ଆମକୁ ସୁଷମ ଖାଦ୍ୟ ଖାଇବାକୁ ପଡ଼ିବ। ଏଥିରୁ ମିଳୁଥିବା ଭିଟାମିନ୍ସ ପାଚନ ପ୍ରକ୍ରିୟା ସାହାଯ୍ୟରେ ରକ୍ତ ପାଖରେ ପହଞ୍ଚେ ଏବଂ ଶରୀରରେ ବିଶୁଦ୍ଧ ବାୟୁ ଚଳାଚଳ କରିବାରେ ସାହାଯ୍ୟ କରେ। ଏହା ସହ ଶରୀରରେ ହେଉଥିବା ରାସାୟନିକ ପ୍ରତିକ୍ରିୟାକୁ ମଧ୍ୟ ସନ୍ତୁଳିତ ରଖି ଶରୀରର ସର୍ବାଙ୍ଗୀଣ ବିକାଶରେ ସାହାଯ୍ୟ କରେ। ହାଡ଼, ଅସ୍ଥି ଓ ମଜାଗୁଡ଼ିକୁ ମଜଭୁତ୍ ରଖିବା ପାଇଁ ଅତି କମ୍‌ରେ ୩୦ ପ୍ରକାରର ଭିଟାମିନ୍, ଖଣିଜ ଲବଣ ଏବଂ ଡାଏଟାରୀ କମ୍ପୋନେଟ୍ ଦରକାର ଯାହା ହାଡ଼ ଗଠନ କରିବା ସହିତ କ୍ଷତ ସ୍ଥାନ ପୂରଣ କରି ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ। ଏତଦ୍‌ବ୍ୟତୀତ ଉପଯୁକ୍ତ ଉତ୍ତମ ଖାଦ୍ୟ ଖାଇବା ଦ୍ୱାରା ସ୍ମରଣ ଶକ୍ତି ବୃଦ୍ଧି ପାଇଥାଏ।

# ସ୍ୱାସ୍ଥ୍ୟ ସୂଚନା

- କୌଣସି ରୋଗ ବିଷୟରେ ଯଦି ନିଜର ଅଭିଜ୍ଞତା ନାହିଁ ତେବେ ଅନ୍ୟମାନଙ୍କୁ ସେ ନେଇ ଟିପ୍ସ ଦିଅନ୍ତୁ ନାହିଁ।
- ଏବେ ତ ଖରାଦିନ ଆରମ୍ଭ ହୋଇଗଲାଣି। ତେଣୁ ସନ୍ତୁଳିତ ଖାଦ୍ୟ ଖାଇବା ସହ ପ୍ରଚୁର ପାଣି ପିଅନ୍ତୁ।
- ଅଣ୍ଟାଜନିତ କିଛି ସମସ୍ୟା ଥିଲେ ବସିବା ଉଠିବା ସମୟରେ ସାବଧାନତା ଅବଲମ୍ବନ କରନ୍ତୁ। କୌଣସି ସ୍ଥାନରେ ବସିଥିଲେ ହଠାତ୍ ଉଠନ୍ତୁ ନାହିଁ। କୌଣସି ଜିନିଷ ନେବା ଆଣିବା କରିବା ସମୟରେ ସତର୍କତା ଅବଲମ୍ବନ କରନ୍ତୁ।
- ମହୁ ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ। ବିଶେଷ କରି ଏହା ଥଣ୍ଡାରୁ ଆମକୁ ଉପଶମ ଦେଇଥାଏ। ଏହାକୁ ପ୍ରତିଦିନ ସକାଳୁ ଉଷୁମ ପାଣି ସହ ମିଶାଇ ପିଅନ୍ତୁ।
- ଯଦି ଆପଣଙ୍କର କିଛି ସ୍ୱାସ୍ଥ୍ୟଜନିତ ସମସ୍ୟା ରହିଛି, ତେବେ ଖାଦ୍ୟପେୟ ଓ ଜୀବନଶୈଳୀ ପ୍ରତି ଦୃଷ୍ଟି ଦିଅନ୍ତୁ। ଅଭିଜ୍ଞ ଡାକ୍ତରଙ୍କ ସହ ମଧ୍ୟ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ।
- ପ୍ରତିଦିନ ଦାନ୍ତକୁ ଭଲ ଭାବେ ଘଷନ୍ତୁ। ଦିନକୁ ଅତି କମ୍‌ରେ ଦୁଇ ଥର-ସକାଳେ ରାତିରେ ଘଷନ୍ତୁ। ମନେରଖନ୍ତୁ ଘଷିବାର ଅବଧି ୨ମିନିଟ୍‌ରୁ କେବେ ବି କମ୍ କରନ୍ତୁ ନାହିଁ।
- ନିଜ ଓଜନକୁ ସବୁବେଳେ ନିୟନ୍ତ୍ରଣରେ ରଖିବାକୁ ଚେଷ୍ଟା କରନ୍ତୁ। ଯଦି ଏହା ଦୀର୍ଘ ବର୍ଷ ଧରି ଅସନ୍ତୁଳିତ ରହିଲା, ତେବେ ତାହା ପରୋକ୍ଷରେ କେତେକ ରୋଗର କାରଣ ସାଜିଥାଏ।
- ମନର ଭାବନାକୁ ସବୁବେଳେ ସକାରାତ୍ମକ ରଖନ୍ତୁ। କାରଣ ଏହାଦ୍ୱାରା ଆପଣ ଚିନ୍ତାଗ୍ରସ୍ତ ହେବାର ଆଶଙ୍କା କମ୍ ରହିବ।



# ବୋଷ-ଆଇନଷ୍ଟାଇନ ଘନୀଭବନ ତତ୍ତ୍ୱ



ଇଂ. ମାୟାଧର ସ୍ୱାଇଁ

ଚଳିତ ବର୍ଷ ବୋଷ-ଆଇନଷ୍ଟାଇନ ଘନୀଭବନ ତତ୍ତ୍ୱର ଏକଶତ ବର୍ଷ ପୂରଣ ହୋଇଛି। ସେ ସମ୍ପର୍କରେ ଆଲୋକପାତ...

ଚଳିତ ବର୍ଷ ସମଗ୍ର ପୃଥିବୀରେ ବୋଷ-ଆଇନଷ୍ଟାଇନ୍ ଘନୀଭବନ ତତ୍ତ୍ୱର ଏକଶତ ବର୍ଷ ପାଳନ କରାଯାଇଛି। ଏହି ତତ୍ତ୍ୱର ସ୍ରଷ୍ଟା ହେଉଛନ୍ତି ଭାରତର ସତ୍ୟେନ୍ଦ୍ର ନାଥ ବୋଷ (୧୮୯୪-୧୯୭୪) ଏବଂ ଜର୍ମାନୀର ଆଲବର୍ଟ ଆଇନଷ୍ଟାଇନ (୧୮୭୯-୧୯୫୫)। ଜର୍ମାନୀ ବୈଜ୍ଞାନିକ ମାକ୍ସ ପ୍ଲାଙ୍କ (୧୮୫୮-୧୯୪୭) ୧୯୦୦ ମସିହାରେ ପ୍ରକାଶ କଲେ ଯେ, ଗୋଟିଏ କୃଷ୍ଣ ବସ୍ତୁରୁ ତାହାର ଶକ୍ତି ବିକିରଣ ଅନବରତ ଭାବେ ନ ହୋଇ କ୍ୱାଣ୍ଟା ଆକାରରେ ଆସିଥାଏ। ଏଥିରୁ କ୍ୱାଣ୍ଟମ ବିଜ୍ଞାନର ଉଦ୍ଭବ ହେଲା। ଏଥିପାଇଁ ପ୍ଲାଙ୍କ ଗୋଟିଏ ସମୀକରଣ ପ୍ରକାଶ କରିଥିଲେ। ମାତ୍ର ସେହି ସମୀକରଣ ଗଠନ ପଦ୍ଧତିରେ କେତେକ ଯୁକ୍ତିଯୁକ୍ତ ଅସଙ୍ଗତି ଥିଲା। ସେତେବେଳେ ଢାକା ବିଶ୍ୱବିଦ୍ୟାଳୟର ୩୦ ବର୍ଷ ବୟସ୍କ ପଦାର୍ଥ ବିଜ୍ଞାନ ଅଧ୍ୟାପକ ସତ୍ୟେନ୍ଦ୍ର ନାଥ ବୋଷ ଏହାର ଏକ ସାମଞ୍ଜସ୍ୟପୂର୍ଣ୍ଣ ପଦ୍ଧତି ପାଇଲେ। ସେ ୧୯୨୪ ମସିହାରେ ପ୍ଲାଙ୍କଙ୍କ କ୍ୱାଣ୍ଟମ ତତ୍ତ୍ୱ ଉପରେ ଏକ ନିବନ୍ଧ ଲେଖିଲେ। ଏହାର ନାମ ହେଉଛି 'ପ୍ଲାଙ୍କଙ୍କ ନିୟମ ଏବଂ ଆଲୋକ କ୍ୱାଣ୍ଟମ ତଥ୍ୟ'। ସେ ଏହି ପ୍ରବନ୍ଧକୁ ପ୍ରକାଶ କରିବା ପାଇଁ ଲଣ୍ଡନର ଫିଲୋସୋଫିକାଲ ମାଗାଜିନକୁ ପଠାଇଲେ। ମାତ୍ର ଏହା ପ୍ରକାଶ ପାଇଲା ନାହିଁ। ସେ ଏହାପରେ ଏହାକୁ ଆଇନଷ୍ଟାଇନଙ୍କ ନିକଟକୁ ପଠାଇଲେ ଏବଂ ଏଥିରେ ଟିପ୍ପଣୀ ଦେବାକୁ ଅନୁରୋଧ କଲେ।

କ୍ୱାଣ୍ଟମ ପରିସଂଖ୍ୟାନରୁ ପ୍ଲାଙ୍କଙ୍କ ବିକିରଣ ସୂତ୍ରକୁ ବ୍ୟୁତ୍ପତ୍ତି ଦେବାବେଳେ ସତ୍ୟେନ୍ଦ୍ର ବୋଷ ଫୋଟନ୍ କ୍ୱାଣ୍ଟମକୁ କଣିକା ଭାବରେ ନେଇଥିଲେ। ଆଇନଷ୍ଟାଇନ ବୋଷଙ୍କ ମତକୁ ଠିକ୍ ମନେ କଲେ ଏବଂ ଏହାକୁ ଜର୍ମାନୀ ଭାଷାରେ ଅନୁବାଦ କରି ବିଜ୍ଞାନ ପତ୍ରିକା 'ଜାଇଟଶ୍ରିଫଟ ଫ୍ୟୁର ଫିସିକ'ରେ ପ୍ରକାଶ କଲେ। ନିବନ୍ଧ ଶେଷରେ ନିଜର ମତ ଲେଖିଥିଲେ। ''ମୋ ମତରେ ବୋଷ ପ୍ରବର୍ତ୍ତିତ ପଦ୍ଧତି ଏକ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତିର ସୂଚନା ଦେଉଛି ଏବଂ ଏହି ପଦ୍ଧତି ବ୍ୟବହାର କରି ଆଦର୍ଶ ଗ୍ୟାସ୍‌ର କ୍ୱାଣ୍ଟମ ତତ୍ତ୍ୱ ମିଳିବା ସମ୍ଭବ।'' ଏହା ବୋଷକୁ ବିଜ୍ଞାନ ଜଗତରେ ଖ୍ୟାତି ଆଣି ଦେଇଥିଲା।

ବୋଷ ଆଲୋକ କଣିକା ଫୋଟନର ପରିସଂଖ୍ୟାନୀୟ ବିତରଣ ପାଇଁ ଏହି ନୂତନ ସୂତ୍ର ପ୍ରତିପାଦନ କରିଥିଲେ। ଆଇନଷ୍ଟାଇନ ଏହା ଉପରେ ଅଧିକ ଗବେଷଣା କରି ଜାଣିପାରିଲେ ଯେ, ବୋଷଙ୍କ ପରିସଂଖ୍ୟାନ କେବଳ ଆଲୋକକଣିକା ପାଇଁ ମଧ୍ୟ ଏହା ପ୍ରଯୁଜ୍ୟ। ସେ ଏହିସବୁ କଣିକାର ଗୋଟିଏ ତାଲିକା ପ୍ରସ୍ତୁତ କଲେ। ଏହା 'ବୋଷ-ଆଇନଷ୍ଟାଇନ ପରିସଂଖ୍ୟାନ' ନାମରେ ଜଣା ଏବଂ ଏହାକୁ ପଦାର୍ଥ ବିଜ୍ଞାନର ଏକ ମହତ୍ତ୍ୱପୂର୍ଣ୍ଣ ସିଦ୍ଧାନ୍ତ ଭାବରେ ବିଚାର କରାଯାଏ। ଯେଉଁ କଣିକାଗୁଡିକ ଏହି ନିୟମକୁ ମାନନ୍ତି, ସେଗୁଡିକୁ ବୋଷଙ୍କ ନାମାନୁସାରେ 'ବୋଷନ' କୁହାଯାଏ। ପଦାର୍ଥ ବିଜ୍ଞାନରେ କଣିକାଗୁଡିକର ଘୂର୍ଣ୍ଣନକୁ ନେଇ ସେଗୁଡିକୁ ଦୁଇ ଭାଗରେ ବିଭକ୍ତ କରାଯାଏ। ଗୋଟିଏ ହେଉଛି ବୋଷୋନ ଓ ଅନ୍ୟଟି ହେଉଛି 'ଫର୍ମିୟନ' (ଇଟାଲୀର ପ୍ରସିଦ୍ଧ ପଦାର୍ଥ ବିଜ୍ଞାନୀ ଏନରିକୋ ଫର୍ମିଙ୍କର ନାମାନୁସାରେ ନାମିତ ହୋଇଛି)। ବୋଷୋନ କଣିକାଗୁଡିକ ଘୂର୍ଣ୍ଣନ ଏକ ପୂର୍ଣ୍ଣ ସଂଖ୍ୟା ହୋଇଥିବା ବେଳେ ଫର୍ମିୟନଗୁଡିକ ଅର୍ଦ୍ଧ-ପୂର୍ଣ୍ଣସଂଖ୍ୟାରେ ଘୂର୍ଣ୍ଣନ କରିଥାଆନ୍ତି।

ଅତି କମ୍ ତାପମାତ୍ରାରେ ଫର୍ମିୟନଗୁଡିକ ପରସ୍ପରକୁ ବିକର୍ଷଣ କରନ୍ତି ଏବଂ ବୋଷୋନଗୁଡ଼ିକ ପରସ୍ପରକୁ ଆକର୍ଷଣ କରି ଏକାଠି ରହନ୍ତି। ଏହି ଅବସ୍ଥାରେ ବୋଷନଗୁଡିକ ନିଜ ନିଜର ଅସ୍ତିତ୍ୱ ହରାଇ ଗୋଟିଏ ବିଶାଳ ପରମାଣୁରେ ପରିଣତ ହୁଅନ୍ତି, ଯାହାର ବୈଶିଷ୍ଟ୍ୟ ଯେକୌଣସି ପରିଚିତ ପଦାର୍ଥଠାରୁ ଅଲଗା। (କ୍ରମଶଃ..)

-୭୦, ଲକ୍ଷ୍ମୀବିହାର, ଫେଜ୍ ୧,
ଭୁବନେଶ୍ୱର-୧୮
ମୋ: ୯୪୩୮୬୯୩୭୨୪



ଧରିତ୍ରୀ
DHARITRI
51 Years
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ଫେବୃଆରୀ ୧୦/୨୦୨୫ Bhubaneswar, Monday, February 10/ 2025





ରବିବାର ବାରବାଟୀରେ ଭାରତ-ଇଂଲଣ୍ଡ କ୍ରିକେଟ ମ୍ୟାଚ୍‌କୁ ଉପଭୋଗ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଓ ଅନ୍ୟ ଅତିଥିମାନେ। ଲିଜେଣ୍ଡସ ଲାଉଞ୍ଜରେ ମ୍ୟାଚ୍ ଉପଭୋଗ କରୁଛନ୍ତି ଅତିଥିଗଣ। (ଫଟୋ: ରାଜକିଶୋର ମହାନ୍ତି)

# | ବାରବାଟୀ ବାଉନ୍ସର |

## ଦର୍ଶକ ଉତ୍କଣ୍ଠା

**କଟକ, ୯।୨ (ତପନ ସ୍ୱାଇଁ):** ଦୀର୍ଘ ୫ବର୍ଷ ପରେ ବାରବାଟୀକୁ ଫେରିଛି ଦିନିକିଆ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ୍। ଏଥିପାଇଁ ଦର୍ଶକ ମହଲରେ ନାହିଁ ନ ଥିବା ଉତ୍କଣ୍ଠା ପରିଲକ୍ଷିତ ହୋଇଛି। ପୂର୍ବାହ୍ନ ୧୧ଟାରେ ଷ୍ଟାଡିୟମ ଗେଟ୍ ଖୋଲିବାର ଥିଲେ ହେଁ ସକାଳ ୮ଟାରୁ ଦର୍ଶକମାନେ ଆସି ଲାଇନ୍ ଲଗାଇଥିଲେ। ତାପମାତ୍ରା ପାଖାପାଖି ୩୦ ଡିଗ୍ରୀ ଥିଲେ ମଧ୍ୟ ଖରାକୁ ଖାତିର କରି ନ ଥିଲେ କ୍ରିକେଟପ୍ରେମୀ। ମ୍ୟାଚ୍ ଆରମ୍ଭ ହେବାର ବହୁ ପୂର୍ବରୁ ଦର୍ଶକରେ ଷ୍ଟାଡିୟମ ଗ୍ୟାଲେରି ଭରି ଯାଇଥିଲା। ରାଜ୍ୟ ଏବଂ ଦେଶ ବିଦେଶର ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ବାରବାଟୀରେ ମ୍ୟାଚ ଉପଭୋଗ କରିଥିଲେ। ଶୃଙ୍ଖଳିତଭାବେ ମ୍ୟାଚ ସାରିବା ପାଇଁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା।

## ରଙ୍ଗିନ ପରିବେଶ

ଭାରତ-ଇଂଲଣ୍ଡ ମ୍ୟାଚ୍‌କୁ ନିଜ ନିଜ ଖୁସି ମୁତାବକ ଉପଭୋଗ କରିଥିଲେ ଦର୍ଶକ। ଲମ୍ବା ଲାଇନ୍‌ରେ ଷ୍ଟାଡିୟମରେ ପ୍ରବେଶ ଅବସରରେ ଅନେକ ଦର୍ଶକ ମୁହଁରେ ତ୍ରିରଙ୍ଗା ଏବଂ ସେମାନଙ୍କ ପ୍ରିୟ ଖେଳାଳିଙ୍କ ନାଁ ଚିତ୍ରିତ କରିଥିଲେ। ଅନେକ ଦର୍ଶକ ସେମାନଙ୍କ ପ୍ରିୟ ଖେଳାଳିଙ୍କ ନାମ ଲେଖା ଯାଇଥିବା ଜର୍ସି ପରିଧାନ କରିଥିଲେ। ଫଳରେ ପ୍ରତି ଷ୍ଟାଡିୟମ ଗ୍ୟାଲେରି ପୂରା ରଙ୍ଗିନ ଦେଖାଯାଉଥିଲା। ଛକା ଚୌକା ଓ ଉଇକେଟ ପତନ ସମୟରେ ମ୍ୟୁଜିକ୍‌କୁ ମଧ୍ୟ ଦର୍ଶକ ମନଭରି ଉପଭୋଗ କରିଥିଲେ। ବିଭିନ୍ନ ଦିଗକୁ ସ୍ପାଇଡର କ୍ୟାମେରା ତୀବ୍ର ବେଗରେ ଗତି କରୁଥିବା ମଧ୍ୟ ଦର୍ଶକଙ୍କୁ ଆନନ୍ଦ ଦେଇଥିଲା।

## ମ୍ୟାଚ ଉପଭୋଗ କଲେ ଲିଜେଣ୍ଡ୍ସ

ରାଜ୍ୟର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତିମାନଙ୍କ ମ୍ୟାଚ ଉପଭୋଗ ଲାଗି ଏଥର ଓଡ଼ିଶା କ୍ରିକେଟ ଆସୋସିଏଶନ ପକ୍ଷରୁ ଲିଜେଣ୍ଡ୍‌ସ ଲାଉଞ୍ଜର ବ୍ୟବସ୍ଥା କରାଯାଇଥିଲା। ଏଥିରେ ପଦ୍ମ ବିଭୂଷଣ, ପଦ୍ମଶ୍ରୀ, ଅର୍ଜୁନ ପୁରସ୍କାରପ୍ରାପ୍ତ ବ୍ୟକ୍ତିବିଶେଷଙ୍କ ସହ ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ଓ ଅଧିନାୟକ, ବିଭିନ୍ନ ଗଣମାଧ୍ୟମର ସମ୍ପାଦକ ଓ ପ୍ରତିଷ୍ଠାତା, ଚଳଚ୍ଚିତ୍ର ଜଗତର ବିଶିଷ୍ଟ ବ୍ୟକ୍ତି ପ୍ରମୁଖ ମ୍ୟାଚ ଉପଭୋଗ କରିଥିଲେ। ସେମାନଙ୍କ ମଧ୍ୟରୁ ସିୱାଇଏସ୍‌ଡି ଓଡ଼ିଶାର ସହ ପ୍ରତିଷ୍ଠାତା ଜଗଦାନନ୍ଦ, ପଦ୍ମ ବିଭୂଷଣ ସୁଦର୍ଶନ ସାହୁ, ଭାସ୍କର୍ଯ୍ୟ ଶିଳ୍ପୀ ଅଦ୍ୱୈତ ଚରଣ ଗଡ଼ନାୟକ, ଧରିତ୍ରୀ ଓ ଓଡ଼ିଶା ପୋଷ୍ଟର ସମ୍ପାଦକ ତଥାଗତ ସତପଥୀ, ଚଳଚ୍ଚିତ୍ର ନିର୍ଦ୍ଦେଶକ ପ୍ରଶାନ୍ତ ନନ୍ଦ ପ୍ରମୁଖ ଅନ୍ୟତମ।

## ରୁଟ୍‌ଙ୍କ ରେକର୍ଡ

ବାରବାଟୀ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ଭାରତ ବିପକ୍ଷ ଦିନିକିଆ କ୍ରିକେଟ ମ୍ୟାଚରେ ଅର୍ଦ୍ଧଶତକ ହାସଲ କରିଥିଲେ ରୁଟ୍। ସେ ୭୨ଟି ବଲ୍‌ର ସମ୍ମୁଖୀନ ହୋଇ ୬ ଚୌକା ସହାୟତାରେ ୬୯ ରନ କରିଥିଲେ। ଏଥିସହ ଦିନିକିଆ ଅନ୍ତର୍ଜାତୀୟ କ୍ରିକେଟରେ ଇଂଲଣ୍ଡ ପକ୍ଷରୁ ସର୍ବାଧିକ ଅର୍ଦ୍ଧଶତକ ହାସଲର ଅଧିକାରୀ ହୋଇଥିଲେ ରୁଟ୍। ଏହାଥିଲା ରୁଟ୍‌ଙ୍କ ୫୬ତମ ଦିନିକିଆ ଅର୍ଦ୍ଧଶତକ।



ଦର୍ଶକରେ ଭରପୂର ବାରବାଟୀ ଷ୍ଟାଡିୟମ।

# ବରୁଣଙ୍କ ପାଇଁ ସ୍ମରଣୀୟ

**କଟକ, ୯।୨ (ତପନ ସ୍ୱାଇଁ)**

ଭାରତର ତାରକା ସ୍ପିନର ବରୁଣ ଚକ୍ରବର୍ତ୍ତୀଙ୍କ ପାଇଁ କଟକର ବାରବାଟୀ ଷ୍ଟାଡିୟମ ସ୍ମରଣୀୟ ହୋଇଛି। କାରଣ ଏଠାରେ ନିଜର ଦିନିକିଆ ଅନ୍ତର୍ଜାତୀୟ ଡେବ୍ୟୁ କରିଛନ୍ତି ବରୁଣ। ଇଂଲଣ୍ଡ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେବାପରେ ଅଧିନାୟକ ରୋହିତ ଶର୍ମା ଭାରତୀୟ ଦଳରେ ୨ଟି ପରିବର୍ତ୍ତନ ହୋଇଥିବା ସମ୍ପର୍କରେ ସୂଚନା ଦେଇଥିଲେ। ଏଥିରେ ଯୁବ ଓପନର ଯଶସ୍ୱୀ ଜୟସ୍ୱାଲଙ୍କ ସ୍ଥାନରେ ବିରାଟ କୋହଲି ଓ କୁଲଦୀପ ଯାଦବଙ୍କ ସ୍ଥାନରେ ବରୁଣ ଚକ୍ରବର୍ତ୍ତୀ ଚୂଡ଼ାନ୍ତ ଏକାଦଶରେ ସାମିଲ ହୋଇଥିବା ସେ ପ୍ରକାଶ କରିଥିଲେ। ତେବେ ଭାରତ ପକ୍ଷରୁ ବୟସ୍କ ଖେଳାଳିଭାବେ ଦିନିକିଆ ଡେବ୍ୟୁ କରିବାରେ ଦ୍ୱିତୀୟ ସ୍ଥାନରେ ରହିଥିଲେ ବରୁଣ ଏବଂ ୧୯୭୪ ପରେ ପ୍ରଥମ। ବରୁଣ ୩୩ ବର୍ଷ ୧୬୪ ଦିନରେ ନିଜ କ୍ୟାରିୟରର ପ୍ରଥମ ଦିନିକିଆ ଅନ୍ତର୍ଜାତୀୟ ଖେଳିଛନ୍ତି।

# ଭାରତ-ଇଂଲଣ୍ଡ ଦିନିକିଆ ସ୍କୋର ବୋର୍ଡ

**ଇଂଲଣ୍ଡ ଇନିଂସ**

ଫିଲିପ୍ ସଲ୍ଟ-କ-ବୋ-ବରୁଣ-୨୬
ବେନ୍ ଡକେଟ୍-କ-ହାର୍ଦ୍ଦିକ-ବୋ-ଜାଡେଜା-୬୫
ଜୋ ରୁଟ୍-କ-କୋହଲି-ବୋ-ଜାଡେଜା-୬୯
ହ୍ୟାରୀ ବ୍ରୁକ୍-କ-ଶୁବମନ-ବୋ- ହର୍ଷିତ-୩୧
ଜୋସ୍ ବଟଲର-କ-ଶୁବମନ-ବୋ-ହାର୍ଦ୍ଦିକ-୩୪
ଲିଆମ ଲିଭିଂଷ୍ଟୋନ୍-ରନଆଉଟ- ୪୧
ଜେମି ଓଭରଟନ-କ-ଶୁବମନ-ବୋ-ଜାଡେଜା-୬
ଗସ୍ ଆଟକିନସନ-କ-କୋହଲି-ବୋ-ଶାମି-୩
ଆଡିଲ ରଶିଦ-ରନଆଉଟ-୧୪
ମାର୍କ ଉଡ୍-ରନ ଆଉଟ-୦
ସକିବ ମେହେମୁଦ-ନଟଆଉଟ-୦
ଅତିରିକ୍ତ-୧୫
**ମୋଟ:** (୪୯.୫ ଓଭର/ଅଲଆଉଟ) ୩୦୪।
**ଉଇକେଟ ପତନ :** ୧/୮୧ (ସଲ୍ଟ), ୨/୧୦୨ (ଡକେଟ), ୩/୧୬୮ (ହ୍ୟାରି ବ୍ରୁକ୍), ୪/୨୧୯ (ବଟଲର), ୫/୨୪୮ (ରୁଟ୍), ୬/୨୫୮ (ଜେମି ଓଭରଟନ), ୭/୨୭୨ (ଆଟକିନସନ), ୮/୨୯୭ (ଆଡିଲ ରଶିଦ), ୯/୩୦୪ (ଲିଭିଂଷ୍ଟୋନ୍), ୧୦/୩୦୪ (ମାର୍କ ଉଡ୍)।

**ବୋଲିଂ (ଭାରତ)**

ମହମ୍ମଦ ଶାମି ୭.୫-୦-୬୬-୧
ହର୍ଷିତ ରାଣା ୬-୦-୬୨-୧
ହାର୍ଦ୍ଦିକ ପାଣ୍ଡ୍ୟା ୭-୦-୫୩-୧
ବରୁଣ ଚକ୍ରବର୍ତ୍ତୀ ୧୦-୦-୫୪-୧
ରବୀନ୍ଦ୍ର ଜାଡେଜା ୧୦-୧-୩୫-୩
ଅକ୍ଷର ପଟେଲ ୬-୦-୩୨-୦

**ଭାରତ ଇନିଂସ**

ରୋହିତ ଶର୍ମା-କ-ଆଦିଲ ରଶିଦ-ବା-ଲିଭିଂଷ୍ଟୋନ-୧୧୯
ଶୁବମନ ଗିଲ୍-ବୋ-ଜେମି ଓଭରଟନ-୬୦
ବିରାଟ କୋହଲି-କ-ସଲ୍ଟ-ବୋ-ଆଦିଲ ରଶିଦ-୫
ଶ୍ରେୟସ ଆୟର-ରନ ଆଉଟ-୪୪
ଅକ୍ଷର ପଟେଲ-ନଟ୍ ଆଉଟ-୪୧
କେ.ଏଲ. ରାହୁଲ-କ-ସଲ୍ଟ-ବୋ-ଜେମି ଓଭରଟନ-୧୦
ହାର୍ଦ୍ଦିକ ପାଣ୍ଡ୍ୟା-କ-ଓଭରଟନ-ବୋ-ଆଟକିନସନ-୧୦
ରବୀନ୍ଦ୍ର ଜାଡେଜା- ନଟଆଉଟ-୧୧
**ଅତିରିକ୍ତ:**-୮
**ମୋଟ:** (୪୪.୩ ଓଭର/୬ ଉଇକେଟ) ୩୦୮।
**ଉଇକେଟ ପତନ:** ୧/୧୩୬ (ଗିଲ୍),୨/୧୫୦ (କୋହଲି), ୩/୨୨୦ (ରୋହିତ), ୪/୨୫୮ (ଶ୍ରେୟସ), ୫/୨୭୫ (ରାହୁଲ), ୬/୨୮୬ (ପାଣ୍ଡ୍ୟା)।

**ବୋଲିଂ (ଭାରତ)**

ସକିବ ମେହେମୁଦ ୬-୦-୩୬-୦
ଗସ୍ ଆଟକିନସନ ୭-୦-୫୬-୧
ମାର୍କ ଉଡ୍ ୮-୦-୫୭-୦
ଆଦିଲ ରଶିଦ ୧୦-୦-୭୮-୧
ଜେମି ଓଭରଟନ ୫-୦-୨୭-୨
ଲିଆମ ଲିଭିଂଷ୍ଟୋନ ୭-୦-୨୯-୧
ଜୋ ରୁଟ୍ ୧.୩-୦-୧୫-୦।

# ଧାମନେଙ୍କୁ ପ୍ରଥମ ପ୍ରୋ-ଆଇଟିଏଫ୍ ସିଙ୍ଗଲ୍ସ ଟାଇଟଲ

**ନୂଆଦିଲ୍ଲୀ, ୯।୨ (ପି.ଟି.)**

ଭାରତର ଉଦୀୟମାନ ୟଙ୍ଗଷ୍ଟର ମାନସ ଧାମନେ ତାଙ୍କର ପ୍ରଥମ ଆଇଟିଏଫ୍ ସିଙ୍ଗଲ୍ସ ଟାଇଟଲ ହାସଲ କରିଛନ୍ତି। ଟ୍ୟୁନିସିଆର ମୋନାଷ୍ଟିରଠାରେ ଅନୁଷ୍ଠିତ ଏମ୍୧୫ ଟୁର୍ନାମେଣ୍ଟର ଫାଇନାଲରେ ଦୃଢ଼ ପ୍ରତ୍ୟାବର୍ତ୍ତନ ସହ ସେ ଇଟାଲୀର ଲୋରେଞ୍ଜୋ କାରବୋନୀଙ୍କୁ ୨-୬, ୬-୦, ୬-୨ରେ ପରାସ୍ତ କରିଛି। ସୂଚନାଯୋଗ୍ୟ, କାର୍ବୋନୀ ହେଉଛନ୍ତି ଗତବର୍ଷର ଜୁନିୟର ଫ୍ରେଞ୍ଚ ଓପନ ସେମିଫାଇନାଲିଷ୍ଟ। ଇଟାଲୀରେ ବିଶିଷ୍ଟ କୋଚ୍ ରିକାର୍ଡୋ ପିଆଟିଙ୍କ ଅଧୀନରେ ଟ୍ରେନିଂ ନେଉଥିବା ୧୭ ବର୍ଷୀୟ ଧାମନେ ଜଣେ କ୍ୱାଲିଫାୟର ଭାବେ ମୁଖ୍ୟ ଡ୍ର’ରେ ପ୍ରବେଶ କରିଥିଲେ। ସେ ସମାନ ଦିନରେ କ୍ରମାଗତ ୮ଟି ମ୍ୟାଚରେ ବିଜୟ ଲାଭ କରିଥିଲେ। କୌତୂହଳର କଥା ସେ ତାଙ୍କର ପ୍ରଥମ ପୁରୁଷ ଫ୍ୟୁଚର ଇଭେଣ୍ଟ ୨୦୨୨ ଜୁନ୍‌ରେ ମୋନାଷ୍ଟରରେ ଖେଳିଥିଲେ। ସେହିବର୍ଷ ସେ ପ୍ରଫେଶନାଲ ହୋଇଥିଲେ। ଏହା ଥିଲା ତାଙ୍କୁ ଚତୁର୍ଥ ସିଧାସଳଖ ଏମ୍ ୧୫ ଟୁର୍ନାମେଣ୍ଟ। ଏଥିରେ ସେ ମୁଖ୍ୟ ଡ୍ର ପାଇଁ କ୍ୱାଲିଫାଏ କରିଥିଲେ। ଧାମନେ ୨୦୨୩ ଟାଟା ଓପନ ମହାରାଷ୍ଟ୍ରରେ ତାଙ୍କର ପ୍ରତିଭା ଦେଖାଇଛନ୍ତି।




Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ